# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୨/୨୦୨୧ (୧୨ ପୃଷ୍ଠା) | Bhubaneswar, Thursday, April 22/2021 | ★★★★★★

୪୭ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ବେୟାରଷ୍ଟୋଙ୍କ ମ୍ୟାଚ ବିଜୟୀ ଇନିଂସ**

ଜନି ବେୟାରଷ୍ଟୋଙ୍କ ମ୍ୟାଚ ବିଜୟୀ ଇନିଂସ ସହାୟତାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଚଳିତ ଆଇପିଏଲ୍‌ରେ ବୁଧବାର ପ୍ରଥମ ବିଜୟ ସ୍ୱାଦ ଚାଖିଛି। ୧୨

୧୧ **ହୁମାଙ୍କ ସ୍ୱପ୍ନ ସତ ହେଲା**

ହଲିଉଡ୍ ଫିଲ୍ମରେ ଅଭିନୟ କରିବା ପାଇଁ ଦେଖିଥିବା ସ୍ୱପ୍ନ ସତ ହୋଇଥିବା କହିଛନ୍ତି ଅଭିନେତ୍ରୀ ହୁମା କ୍ୟୁରେସି।



# ଅକ୍ସିଜେନ୍ ଯୋଗାଣ ବନ୍ଦ କରିଦେଲେ: ୨୪ ମୃତ

**ନାସିକ/ମୁମ୍ବାଇ,୨୧।୪**

ସର୍ବାଧିକ କରୋନା ପ୍ରଭାବିତ ମହାରାଷ୍ଟ୍ରରେ ଘୋର ଅକ୍ସିଜେନ ସଙ୍କଟ ଦେଖାଦେଇଥିବାବେଳେ ବୁଧବାର ନାସିକର ଏକ ହସ୍ପିଟାଲରେ ଅମ୍ଳଜାନ ଭର୍ତ୍ତି ଟ୍ୟାଙ୍କର ଲିକ୍ ହୋଇଛି। କିନ୍ତୁ ଏହାକୁ ଠିକ୍ ଭାବେ ପରିଚାଳନା କରି ନ ପାରି ଅକ୍ସିଜେନ ଯୋଗାଣ ବନ୍ଦ କରିଦେବାରୁ ଅଣନିଃଶ୍ୱାସୀ ହୋଇ ୨୪ ଚିକିତ୍ସାଧୀନ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ମୃତକମାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବା ପାଇଁ ଘୋଷଣା କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ଭାଜପା ଶାସିତ ନାଶିକ ମହାନଗର ନିଗମ (ଏନ୍‌ଏମ୍‌ସି) ଦ୍ୱାରା ପରିଚାଳିତ ତଥା ଦ୍ୱାରକା ଅଞ୍ଚଳସ୍ଥିତ ଡକ୍ଟର ଜାକିର ହୁସେନ୍ ହସ୍ପିଟାଲରେ ୧୫୦ କୋଭିଡ୍ ରୋଗୀ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୩ ଜଣଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ଅନ୍ୟ ସମସ୍ତେ ଅକ୍ସିଜେନ ସର୍ପୋଟରେ ଥିଲେ। ଅପରାହ୍ନ ୧୨ଟା ୩୦ରେ ମୁଖ୍ୟ ଷ୍ଟୋରେଜ୍ ପ୍ଲାଣ୍ଟରେ ହଠାତ୍ ଅକ୍ସିଜେନ ଲିକ୍ ହେବାରୁ ପ୍ରାୟ ☞ପୃଷ୍ଠା-୪



ନାସିକର ଜାକିର ହୁସେନ ହସ୍ପିଟାଲସ୍ଥିତ ଏକ ଷ୍ଟୋରେଜ ୟୁନିଟରେ ମେଡିକାଲ ଅକ୍ସିଜେନ ଲିକ୍ ହେବା ପରେ କୋଭିଡ୍-୧୯ ରୋଗୀଙ୍କୁ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଭୟରେ ଯିଏ ଯୁଆଡ଼େ ଧାଇଁବାରେ ଲାଗିଥିଲେ।

**ନାସିକ ହସ୍ପିଟାଲରେ ଅଘଟଣ**

- ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ
- ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

## ଡେରେକ୍ ଚଉଭିନ୍ ଦୋଷୀ

**ଜର୍ଜ ଫ୍ଲୟଡ୍ ହତ୍ୟା ମାମଲା**



ଡେରେକ୍ ଚଉଭିନ୍

**ୱାଶିଂଟନ୍, ୨୧।୪**

ଆମେରିକାର କୃଷ୍ଣକାୟ ଜର୍ଜ ଫ୍ଲୟଡ୍‌ଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ମିନିଆପଲିସ୍‌ର ପୂର୍ବତନ ପୋଲିସ ଅଫିସର ଡେରେକ୍ ଚଉଭିନ୍(୪୫)ଙ୍କୁ ହେନେପିନ୍ କାଉଣ୍ଟି କୋର୍ଟ ମଙ୍ଗଳବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରାୟ ୧୦ ଘଣ୍ଟା ଧରି ବିଚାର ଚାଲିବା ପରେ କୋର୍ଟ ତାଙ୍କୁ ୩ଟି ମାମଲାରେ ଦୋଷୀ ବୋଲି ରାୟ ଦେଇଥିଲେ। ୬ ଜଣ ଶ୍ୱେତାଙ୍ଗ, ୬ ଅଣଶ୍ୱେତାଙ୍ଗ ବିଚାରପତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପରିବେଶଗତ ଶିକ୍ଷା ଆବଶ୍ୟକ**

## ଦଶମ ପରୀକ୍ଷା ବାତିଲ, ଯୁକ୍ତ୨ ସ୍ଥଗିତ

- ମାଟ୍ରିକ ମାର୍କ ନିର୍ଦ୍ଧାରଣ କରିବ ବୋର୍ଡ
- ଜୁନ୍ ପ୍ରଥମ ସପ୍ତାହରେ ନିଷ୍ପତ୍ତି ନେବ ସିଏଚ୍‌ଏସ୍‌ଇ
- ନବମ ଓ ଏକାଦଶ ଛାତ୍ରୀଛାତ୍ରଙ୍କୁ ପ୍ରମୋଶନ

**ଭୁବନେଶ୍ୱର, ୨୧।୪(ବ୍ୟୁରୋ)**

ମାଟ୍ରିକ ପରୀକ୍ଷା ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି ରାଜ୍ୟ ସରକାର। ସିବିଏସ୍‌ଇ ଓ ଆଇସିଏସ୍‌ଇ ଦଶମ ପରୀକ୍ଷା ବାତିଲ ପରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ବନ୍ଦ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ବୁଧବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଏବେ ରାଜ୍ୟରେ କରୋନା ମହାମାରୀ ପିକ୍‌ରେ ଥିବାବେଳେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆସନ୍ତା ମାସ ୩ ତାରିଖରେ ହେବାକୁ ଥିବା ଦଶମ ପରୀକ୍ଷା ବାତିଲ କରାଯାଇଛି। ଗ୍ରେଡେଶନ ବା ମାର୍କ କିପରି ହେବ ତାହା ବୋର୍ଡ ନିର୍ଦ୍ଧାରଣ କରିବ। ସେହିଭଳି ମେ' ୧୮ରୁ ହେବାକୁ ଥିବା ଓଡ଼ିଶା ରାଜ୍ୟ ମଦ୍ରାସା ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ପରୀକ୍ଷାଗୁଡ଼ିକୁ ମଧ୍ୟ ବାତିଲ କରାଯାଇଛି। ସମ୍ପୃକ୍ତ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ପ୍ରକାଶିତ ହେବ। ଏସବୁ ପରୀକ୍ଷାଫଳକୁ ନେଇ ଯେଉଁ ଛାତ୍ରୀଛାତ୍ର ଅସମ୍ମତି ପ୍ରକାଶ କରିବେ ସେମାନଙ୍କୁ କୋଭିଡ୍ ପରବର୍ତ୍ତୀ ସମୟରେ ନିର୍ଦ୍ଧାରିତ ଦିବସରେ ପରୀକ୍ଷା ଦେବାର ସୁଯୋଗ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ପରୀକ୍ଷା ବାତିଲ ଦାବିରେ ମଙ୍ଗଳବାର ପ୍ରଥମଥର ପାଇଁ ମାଟ୍ରିକ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଥିଲେ। ନବୀନ ନିବାସ ଆଡକୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଫରେଷ୍ଟ ପାର୍କ ସମ୍ମୁଖରେ ଧାରଣା ଦେଇଥିଲେ। ବୁଧବାର ମଧ୍ୟ ମୟୂରଭଞ୍ଜ ଜିଲାପାଳଙ୍କ ବାସଭବନ ଆଗରେ ଦଶମ ଛାତ୍ରୀଛାତ୍ର ଧାରଣା ଦେବା ସହ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ବିଭିନ୍ନ ଆଡୁ ପ୍ରତିବାଦ ଜୋର୍ ଧରିବା ପରେ ବୁଧବାର ପରୀକ୍ଷା ☞ପୃଷ୍ଠା-୪





Authorised Dealers: Bhubaneswar: Hindustan Wheels - 9776048108, 9937020816 | Bapuji Nagar Branch - 8984285868, 9437142215 | K2K Auto-Motives - 7008987916, 7008987917 | Ravi Talkies Branch - 7008987923 | Venus Automotives - 9776012326, 9438295134 | CRPF Square Branch - 8908010001 | Cuttack: AMP Motors - 9692200590 / 591 | PMG Motors - 7854912003, 7854912006 | Jajpur Road: Birendra Motors - 8114371861, 8114371865 | Puri: Satyabadi Automobiles - 8917467272, 8917475550
Yamaha Bike Corner: Adaspur: Omm Sai Motors - 9438344646 | Balipatna: Sanvy Motors - 9777744900 | Banki: Annapurna Motors - 9937993700 | Binjharpur: Nilanchal Automobiles - 9778266966 | Balichandrapur: D B Automobiles - 7978609768 Balugaon: Sai Motors - 8018731318 | Bhuban: Sweta Automobiles - 8249158563 | Choudwar: Bhoomi Automobiles - 7008233872 | Duburi: Nirmala Motors - 8093869659 | Jajpur Town: Sai Vinayak Motors - 9777022033 | Jatni: Bhoomi Automobiles 9040261435, 06742490435, 8984822313 | Kakatapur: Bilkis Automobiles - 8328870483 | Kendrapara: Dev Automobiles - 9132230000 | Mangalapur: OMM Motors - 9937726644 | Narsinghpur: Shivani Motor - 9348917733 | Niali: Karishma Automobile - 7377401859 | Nimapara: Shreekhetra Motors - 9776604707 | Nischitakoili: Shivam Motors - 7382061017 | Paradeep: M & B Enterprises - 8895513620 | Pipili: Omm Shree Auto - 9937681634 | Pattamundai: Dream Motors - 9937076915 | Rahama: Das Auto - 9439064788 | Salepur: Omm Motors - 9337115957 | Singhpur: Damayanti Motors - 7008382026 | Tangi Chandapur: Robin Automobiles - 9040002090. FOR DEALERSHIP ENQUIRIES, PLEASE CONTACT - 9900053959 & 7381022238.



କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ବୁଧବାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ସେ ଟୁଇଟ୍ କରି ଜଣାଇଛନ୍ତି। ନିକଟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ନିଜର କୋଭିଡ୍ ଟେଷ୍ଟ କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଔଷଧ ସେବନ କରୁଥିବା କହିଛନ୍ତି। ସମସ୍ତ ସୁରକ୍ଷା ପଦକ୍ଷେପ ନିଆଯାଇ ମନ୍ତ୍ରଣାଳୟ କାର୍ଯ୍ୟ ସ୍ୱାଭାବିକ ରହିବ ବୋଲି ପୋଖରିୟାଲ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ମାଓବାଦୀଙ୍କ ଦ୍ୱାରା ଏଏସ୍ଆଇ ଅପହୃତ



**ରାୟପୁର, ୨୧।୪:** ଛତିଶଗଡ଼ର ବିଜାପୁର ଜିଲାରୁ ଜଣେ ପୋଲିସ ଏଏସ୍ଆଇକୁ ମାଓବାଦୀମାନେ ବୁଧବାର ଅପହରଣ କରିନେଇଛନ୍ତି। ଜଗଦଳପୁର ଥାନାରେ ଏଏସ୍ଆଇଥିବା ମୁରଲୀ ତାଟି ଛୁଟିରେ ପଲନର ଅଞ୍ଚଳରେ ଥିବା ନିଜ ଘରକୁ ଯାଇଥିବାବେଳେ ମାଓବାଦୀ ତାଙ୍କୁ ଅପହରଣ କରିନେଇଥିବା ବିଜାପୁର ଏସ୍ପି କହିଛନ୍ତି। ଖବର ଅନୁଯାୟୀ ମୁରଲୀ ବୁଧବାର ଅପରାହ୍ନ ୪ଟାରେ ପଲନରରେ ହେଉଥିବା ଏକ ମେଳା ଦେଖିବାକୁ ଯାଇଥିବାବେଳେ ମାଓବାଦୀମାନେ ସେଠାରୁ ତାଙ୍କୁ ଉଠାଇ ନେଇଥିଲେ।

### ପରଲୋକରେ ଶଙ୍ଖ ଘୋଷ



**କୋଲକାତା,୨୧।୪:** ବିଶିଷ୍ଟ ବଙ୍ଗଳା କବି ପଦ୍ମଭୂଷଣ ଶଙ୍ଖ ଘୋଷଙ୍କ ବୁଧବାର ପରଲୋକ ହୋଇଛି। ତାଙ୍କୁ ୮୯ ବର୍ଷ ହେଉଥିଲା। ୧୯୩୨ ଫେବୃୟାରୀ ୫ରେ ବାଂଲାଦେଶର ଚାନ୍ଦପୁର ଜିଲାରେ ଜନ୍ମିତ ଶଙ୍ଖ ଘୋଷ ଏକାଧିକ ରୋଗରେ ପୀଡ଼ିତ ଥିଲେ। ଏପ୍ରିଲ ୨୪ରେ ସେ କୋଭିଡ୍ ପଜିଟିଭ ଚିହ୍ନଟ ହୋଇ କୋଲକାତାସ୍ଥିତ ନିଜ ଘରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗ ପରେ ବଙ୍ଗଳା ସାହିତ୍ୟର ଏକ ଯୁଗ ଶେଷ ହୋଇଛି। ୧୯୫୦ ଦଶକରୁ ଅଦ୍ୟାବଧି ସେ ଅନେକ କାବ୍ୟ ରଚନା କରିଛନ୍ତି। ନିହିତୋ ପଟଳ ସାୟା, ପାଜୋର ଦରେର ଶବ୍ଦୋ, ଧୁମ୍ ଲଗେଚେ ରିଥ୍ କାମୋଲେ, କବୀର ଅଭିପ୍ରାୟ ଆଦି ତାଙ୍କର ଅନବଦ୍ୟ କୃତି। ଶଙ୍ଖଙ୍କୁ ୨୦୧୧ରେ ପଦ୍ମଭୂଷଣ, ୨୦୧୬ରେ ଜ୍ଞାନପୀଠ ଓ ୧୯୭୭ରେ ସାହିତ୍ୟ ଏକାଡେମୀ ପୁରସ୍କାର ଦିଆଯାଇଥିଲା।

### ୧୫ ଆତଙ୍କବାଦୀ ନିହତ

**କାବୁଲ, ୨୧।୪:** ଆଫଗାନିସ୍ତାନର ଦକ୍ଷିଣ କାନ୍ଦାହାର ପ୍ରଦେଶରେ ସେନାର ଏୟାର ଷ୍ଟ୍ରାଇକ ଯୋଗୁ ୧୫ ତାଲିବାନ ଆତଙ୍କବାଦୀ ନିହତ ହୋଇଛନ୍ତି। ଏ ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଆହୁରି ୫ ଆତଙ୍କବାଦୀ ଆହତ ହୋଇଛନ୍ତି। ସେନା ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଆଫଗାନିସ୍ତାନ କହିଛି।

### ଆଷ୍ଟ୍ରାଜେନିକା ନେଇ ୩ ମୃତ

**କଲମ୍ବୋ, ୨୧।୪:** ଅକ୍ସଫୋର୍ଡ-ଆଷ୍ଟ୍ରାଜେନିକାର କରୋନା ଟିକା କୋଭିଶିଲ୍ଡ ନେଇଥିବା ୩ ଶ୍ରୀଲଙ୍କା ନାଗରିକଙ୍କ ରକ୍ତ ଜମାଟ ସମସ୍ୟା ଯୋଗୁ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଶ୍ରୀଲଙ୍କା ସ୍ୱାସ୍ଥ୍ୟମନ୍ତ୍ରୀ ବୁଧବାର ପାର୍ଲାମେଣ୍ଟରେ ସୂଚନା ଦେଇଛନ୍ତି। ଏହି ଭାକ୍ସିନ ନେଇଥିବା ୬ ଜଣଙ୍କଠାରେ ରକ୍ତ ଜମାଟ ସମସ୍ୟା ଦେଖାଦେଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। କୋଭିଶିଲ୍ଡ ନେଇଥିବା ଲୋକଙ୍କ ମଧ୍ୟରେ ରକ୍ତଜମାଟ ବାନ୍ଧିବା ଘଟଣା ବହୁତ କମ୍ ଏବଂ ଏହି ଟିକା ସୁରକ୍ଷିତ ବୋଲି ଚଳିତ ମାସରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଥିଲା।

### 'ଗୁଡ୍ ମର୍ଣ୍ଣିଂ' ପୋଷ୍ଟ ପରେ କରୋନାରେ ଡାକ୍ତରଙ୍କ ମୃତ୍ୟୁ

**ମୁମ୍ବାଇ, ୨୧।୪:** କରୋନାରେ ଆକ୍ରାନ୍ତ ହୋଇଥିବା ମୁମ୍ବାଇର ଜଣେ ଡାକ୍ତର ଫେସ୍‌ବୁକ୍‌ରେ ଗୁଡ୍ ମର୍ଣ୍ଣିଂ ପୋଷ୍ଟ ସହ ମହାମାରୀ ଯୋଗୁ ଲୋକଙ୍କ ଦୁରାବସ୍ଥାକୁ ନେଇ ଦୁଃଖ ପ୍ରକାଶ କରିବାର ୩୬ ଘଣ୍ଟା ପରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ୫୧ ବର୍ଷୀୟା ଟିବି ସ୍ପେସିଆଲିଷ୍ଟ ମନିଷା ଯାଦବ ତାଙ୍କ ପୋଷ୍ଟରେ 'ଏହା ଶେଷ ଗୁଡ୍ ମର୍ଣ୍ଣିଂ ହୋଇପାରେ' ବୋଲି ଲେଖିଥିଲେ।

## ଟାଇଟଲ ଛାଡ଼ିଲେ କାରୋଲିନ୍



ଶ୍ରୀଲଙ୍କାର ଏକ ବିୟୁଟି ପ୍ରତିଯୋଗିତା ମଞ୍ଚ ଉପରେ ଅଶୋଭନୀୟ ଆଚରଣ ସହ ଆପରାଧିକ ମାମଲାରେ ଜଡ଼ିତ ମିସେସ୍ ୱାର୍ଲ୍ଡ ବିଜେତା କାରୋଲିନ୍ ଜୁରି ତାଙ୍କ ଟାଇଟଲ ତ୍ୟାଗ କରିଛନ୍ତି। ୪ ଏପ୍ରିଲରେ ଶ୍ରୀଲଙ୍କା ରାଜଧାନୀ କଲମ୍ବୋ ଥିଏଟରରେ ମିସେସ୍ ୱାର୍ଲ୍ଡର ସ୍ଥାନୀୟ ପ୍ରତିଯୋଗିତା ଚାଲିଥିବାବେଳେ କାରୋଲିନ ବିଜେତା ପୁଷ୍ପିକା ଡି ସିଲ୍‌ଭାଙ୍କ ମୁଣ୍ଡରୁ ମୁକୁଟ ଛଡ଼ାଇ ଆଣିଥିଲେ। ଏଥିରେ ପୁଷ୍ପିକା ଆହତ ହୋଇଥିଲେ। ପୁଷ୍ପିକାଙ୍କ ଛାଡ଼ପତ୍ର ହୋଇସାରିଥିବାରୁ ସେ ଏହି ଟାଇଟଲ ପାଇଁ ଯୋଗ୍ୟ ନ ଥିବା କହି କାରୋଲିନ୍ ଏପରି କରିଥିଲେ। ପରେ ପୋଲିସ କାରୋଲିନ୍‌ଙ୍କୁ ଗିରଫ କରିଥିଲା। ୨୦୨୦ରେ ସେ ଆମେରିକାର ଲାସ୍ ଭେଗାସ୍‌ଠାରେ ମିସେସ୍ ୱାର୍ଲ୍ଡ ମୁକୁଟ ପିନ୍ଧିଥିଲେ।

## ଜନ୍ମଦିନରେ ମନେପଡ଼ିଲେ ଫିଲିପ୍



ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ

ପ୍ରିନ୍ସ ଫିଲିପ୍‌ଙ୍କୁ ବୁଧବାର ନିଜ ୯୫ତମ ଜନ୍ମଦିନରେ ମନେପକାଇଛନ୍ତି ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ। ଫିଲିପ୍ ଅଗଣିତ ଲୋକଙ୍କ ହୃଦୟରେ ରହିଥିଲେ ଏବଂ ସେ ସର୍ବଦା ମନେପଡ଼ିବେ ବୋଲି ଏଲିଜାବେଥ୍ କହିଛନ୍ତି। ଫିଲିପ୍‌ଙ୍କ ଦେହାନ୍ତ ପରେ ତାଙ୍କ ପ୍ରତି ଲୋକଙ୍କ ବିପୁଳ ସମର୍ଥନ ଓ ସ୍ନେହ ପାଇଁ ସେ ବେଶ ପ୍ରଭାବିତ ବୋଲି ମହାରାଣୀ ଭାବବିହ୍ୱଳ ହୋଇ କହିଛନ୍ତି। ଏପ୍ରିଲ ୯ରେ ଡ୍ୟୁକ୍ ଅଫ୍ ଏଡିନବର୍ଗଙ୍କ ପରଲୋକ ଘଟିଥିବାବେଳେ ରବିବାର ତାଙ୍କ ସ୍ମୃତିରେ ଜାତୀୟ ଶୋକ ପାଳନ ଶେଷ ହୋଇଥିଲା।

# ୩ ଲକ୍ଷ ଟପିଲା ସଂକ୍ରମଣ



**୨୪ ଘଣ୍ଟାରେ ୨,୧୦୨ ମୃତ**
**୭୬% ନୂଆ ମାମଲା ୧୦ ରାଜ୍ୟରେ**

ନୂଆଦିଲ୍ଲୀ, ୨୧।୪(ପି.ଟି.)

ଭାରତରେ କରୋନା ଦୈନିକ ସଂକ୍ରମଣ ୩ ଲକ୍ଷ ଟପିଛି। ବୁଧବାର ରାତି ୧୨ଟା ସୁଦ୍ଧା ୩,୧୫,୭୨୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ୨୧୦୨ ଜଣଙ୍କ ମୃତ୍ୟୁ ଘଟିଛି, ଯାହାକି ସର୍ବକାଳୀନ ରେକର୍ଡ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ମଙ୍ଗଳବାର ମୋଟ ସଂକ୍ରମିତଙ୍କ ମଧ୍ୟରୁ ୭୬% କେବଳ ୧୦ ରାଜ୍ୟର। ମହାରାଷ୍ଟ୍ରରେ ଦିନକରେ ସର୍ବାଧିକ ୬୨,୦୯୭ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଉତ୍ତରପ୍ରଦେଶରେ ୨୯,୫୭୬ ଏବଂ ଦିଲ୍ଲୀରେ ୨୮,୩୯୫ ନୂଆ ମାମଲା ସାମ୍ନାକୁ ଆସିଛି। ସର୍ବାଧିକ ସଂକ୍ରମିତ ଅନ୍ୟ ରାଜ୍ୟଗୁଡ଼ିକ ହେଲେ କର୍ଣ୍ଣାଟକ, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼, କେରଳ ଏବଂ ତାମିଲନାଡୁ। ବୁଧବାର ସୁଦ୍ଧା ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୫୬,୧୬,୧୩୦ରେ ପହଞ୍ଚିଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୧,୮୨,୫୫୩ ହେଲାଣି। ଗତ ୨୪ ଘଣ୍ଟାରେ କରୋନା ୨,୦୨୩ ଜଣଙ୍କ ଜୀବନ ନେଇଛି। କ୍ରମାଗତ ୪୨ ଦିନ ଧରି ସଂକ୍ରମଣ ଦ୍ରୁତ ବେଗରେ ବଢ଼ିଚାଲିବା ଫଳରେ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୨୧,୫୭,୫୩୮ରେ ପହଞ୍ଚିଛି, ଯାହା କି ମୋଟ ସଂକ୍ରମଣର ୧୩.୮୨ ପ୍ରତିଶତ।

## ଚିନ୍ତା ବଢ଼ାଇଲା ଟ୍ରିପଲ ମ୍ୟୁଟାଣ୍ଟ



ନୂଆଦିଲ୍ଲୀ, ୨୧।୪

**ମୁକାବିଲା ପାଇଁ ଦ୍ରୁତ ଟିକାକରଣ, ସର୍ଭିଲାନ୍ସକୁ ଗୁରୁତ୍ୱ**

ଭାରତରେ ଦୈନିକ ସଂକ୍ରମଣ ୩ ଲକ୍ଷ ମୁହାଁ ହୋଇଥିବାବେଳେ କରୋନା ଭୂତାଣୁର ନୂଆ ରୂପ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଡବଲ ମ୍ୟୁଟେଶନ ପରେ ଏବେ ଦେଶର କେତେକ ଭାଗରେ ଟ୍ରିପଲ ମ୍ୟୁଟେଶନ ଅର୍ଥାତ୍ ତିନୋଟି କୋଭିଡ୍ ଷ୍ଟ୍ରେନ୍‌ର ଏକ ମିଳିତ ଭାରିଆଣ୍ଟ ଚିହ୍ନଟ ହୋଇଛି। ଏହି ଟ୍ରିପଲ୍ ମ୍ୟୁଟାଣ୍ଟ ଯୋଗୁ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ଦ୍ରୁତ ବେଗରେ ବଢ଼ିଚାଲିଥିବା ବେଳେ ଚିନ୍ତାର କାରଣ ପାଲଟିଛି। ମହାରାଷ୍ଟ୍ର, ଦିଲ୍ଲୀ, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗରେ ଟ୍ରିପଲ୍ ମ୍ୟୁଟାଣ୍ଟ ଯୋଗୁ ସଂକ୍ରମଣ ବୃଦ୍ଧି ପାଉଥିବା ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି। ଏହା ଶୀଘ୍ର ବହୁସଂଖ୍ୟାରେ ଲୋକଙ୍କୁ ସଂକ୍ରମିତ କରୁଥିବା ମାକ୍‌ଗିଲ୍ ୟୁନିଭର୍ସିଟିର ଏପିଡେମିଓଲୋଜି ପ୍ରଫେସର ମଧୁକର ପାଇ କହିଛନ୍ତି। ଏହାର ମୁକାବିଲା ଲାଗି ଗଣଟିକାକରଣକୁ ଦ୍ରୁତତର କରାଇବା ସହ ଭୂତାଣୁ ଉପରେ ନଜର ରଖିବା ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ବି୧୬୧୭ ଭାରିଆଣ୍ଟ ପ୍ରଥମେ ମହାରାଷ୍ଟ୍ରରେ ଚିହ୍ନଟ ହୋଇଥିଲା। ଏହା ଭୂତାଣୁର ଦୁଇଟି ରୂପ ଇ୪୮୪କ୍ୟୁ ଏବଂ ଏଲ୍୪୫୨ଆର୍‌ର ମିଶ୍ରଣ। ଏହି ଡବଲ ମ୍ୟୁଟେଶନରୁ ତୃତୀୟ ମ୍ୟୁଟେଶନ ସୃଷ୍ଟି ହେବା ପରେ ତିନୋଟି ଯାକ ଏକତ୍ର ହୋଇ ଏକ ନୂଆ ଭାରିଆଣ୍ଟ ସୃଷ୍ଟି କରିଥିବା କୁହାଯାଉଛି। ନୂଆ ନୂଆ ରୂପ ନେବା ସହ ଦ୍ରୁତ ବେଗରେ ବ୍ୟାପିବା କ୍ଷମତା ଆର୍‌ଏନ୍ଏ ଭୂତାଣୁର ରହିଛି। ବ୍ୟାପିବା ସାଙ୍ଗକୁ ଏହା ନୂଆ ରୂପ ପ୍ରାପ୍ତ ହୋଇଥାଏ। ଭୂତାଣୁ ଜୀବନଚକ୍ରର ଏହା ଏକ ପ୍ରାକୃତିକ ସ୍ୱରୂପ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେ ଏହି ପରିବର୍ତ୍ତନକୁ ଚିହ୍ନଟ କରିପାରିବା ସହ ଏହା ସହ ଜଡ଼ିତ ଗୁଣକୁ ଜାଣି ପାରିଛୁ ବୋଲି କୋଚି ଅମ୍ରିତ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ୍‌ର କ୍ଲିନିକାଲ ଭାଇରୋଲୋଜି ଲାବରେଟୋରି ମୁଖ୍ୟ ଡ. ବୀଣା ପି. ମେନନ କହିଛନ୍ତି।

## କୋଭାକ୍ସିନ ୭୮% ଫଳପ୍ରଦ

ହାଇଦ୍ରାବାଦ, ୨୧।୪

ଭାରତ ବାୟୋଟେକ୍ ପ୍ରସ୍ତୁତ 'କୋଭାକ୍ସିନ' ମୋଟାମୋଟି ଭାବେ ୭୮% ଫଳପ୍ରଦ ବୋଲି ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷାରୁ ଜଣାପଡ଼ିଛି। ତେବେ ଗୁରୁତର କୋଭିଡ୍ ରୋଗୀଙ୍କ ପାଇଁ ଏହା ୧୦୦% ଫଳପ୍ରଦ । ତୃତୀୟ ପର୍ଯ୍ୟାୟ ପରୀକ୍ଷାର ପ୍ରଥମ ବିଶ୍ଳେଷଣରୁ ଭାକ୍ସିନ ୮୧% ସଫଳ ଘୋଷଣା କରାଯାଇଥିଲା। ଦ୍ୱିତୀୟ ବିଶ୍ଳେଷଣ ବେଳେ ୮୭ରୁ ଊର୍ଦ୍ଧ୍ୱ ଲୋକଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଯାଇଥିଲା। ସାମାନ୍ୟ, ମଧ୍ୟମ ଏବଂ ଗୁରୁତର ରୋଗୀଙ୍କ କ୍ଷେତ୍ରରେ ଟିକା ୭୮% ଫଳପ୍ରଦ ସାବ୍ୟସ୍ତ ହୋଇଛି।

### ଡବଲ୍ ମ୍ୟୁଟାଣ୍ଟକୁ ନିଷ୍କ୍ରିୟ କରୁଛି




କୋଭାକ୍ସିନ କରୋନାର ଡବଲ ମ୍ୟୁଟାଣ୍ଟ ରୂପକୁ ସଫଳତାର ସହ ନିଷ୍କ୍ରିୟ କରିପାରୁଥିବା ଆଇସିଏମ୍ଆର୍ କହିଛି। ଭାରତ ବାୟୋଟେକ୍ ପ୍ରସ୍ତୁତ ଏହି ଟିକା ସାର୍ସ-କୋଭ-୨ର ବିଭିନ୍ନ ରୂପକୁ ନିଷ୍କ୍ରିୟ କରୁଥିବା ଆଇସିଏମ୍ଆର୍ ଟୁଇଟ୍ କରିଛି। ଆଇସିଏମ୍ଆର ଏବଂ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି ପକ୍ଷରୁ ଭୂତାଣୁର ବ୍ରିଟେନ ଭାରିଆଣ୍ଟ ବି.୧.୧.୭, ବ୍ରାଜିଲ ଭାରିଆଣ୍ଟ ବି.୧.୧.୨୮ ଏବଂ ଦକ୍ଷିଣ ଆଫ୍ରିକା ଭାରିଆଣ୍ଟ ବି.୧.୩୫୧ ଉପରେ ଟିକାର ପରୀକ୍ଷା କରାଯାଇଥିଲା। ବ୍ରିଟେନ ଏବଂ ବ୍ରାଜିଲ ଭାରିଆଣ୍ଟକୁ ନିଷ୍କ୍ରିୟ କରିବାରେ କୋଭାକ୍ସିନ ସଫଳ ହୋଇଛି।

### ଟିକା ଖୁଚୁରା ବିକ୍ରି ହେବନି

**ନୂଆଦିଲ୍ଲୀ, ୨୧।୪:** ମେ ୧ରୁ ୧୮ରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କୁ ଟିକା ଦିଆଯିବାକୁ ସୋମବାର କେନ୍ଦ୍ର ସରକାର ଘୋଷଣା କରିଥିଲେ ହେଁ କୌଣସି ଔଷଧ ଦୋକାନ କିମ୍ବା ବାହାରେ ଭାକ୍ସିନର ଖୁଚୁରା ବିକ୍ରି କରାଯିବନାହିଁ। କେବଳ ଟିକାକରଣ କେନ୍ଦ୍ର ଏବଂ ଡାକ୍ତରଖାନାଗୁଡ଼ିକରେ ହିଁ କରୋନା ଟିକା ଉପଲବ୍ଧ ହେବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ସମସ୍ତ ଭାକ୍ସିନେଶନ ଜାତୀୟ ଟିକାକରଣ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହେବ ଏବଂ ଏଥିପାଇଁ ସମସ୍ତ ପ୍ରୋଟକଲ ପାଳନକୁ ବାଧ୍ୟତାମୂଳକ କରାଯାଇଛି। ସମସ୍ତ ଟିକାକରଣ କେନ୍ଦ୍ରରେ ଟିକାର ଷ୍ଟକ୍ ଏବଂ ଭାକ୍ସିନ ପିଛା ମୂଲ୍ୟକୁ ଠିକ୍ ସମୟ ମଧ୍ୟରେ ରିପୋର୍ଟ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଯେମିତି ହେଉ ଅକ୍ସିଜେନ ଯୋଗାଅ

ନୂଆଦିଲ୍ଲୀ,୨୧।୪

**କେନ୍ଦ୍ରକୁ ହାଇକୋର୍ଟ ନିର୍ଦ୍ଦେଶ**

ଜାତୀୟ ରାଜଧାନୀ ଦିଲ୍ଲୀରେ କରୋନା ରୋଗୀ ଚିକିତ୍ସାଧୀନ ଥିବା ହସ୍ପିଟାଲଗୁଡ଼ିକୁ ଯେକୌଣସି ପ୍ରକାରେ ଅକ୍ସିଜେନ ଯୋଗାଇବାକୁ ବୁଧବାର କେନ୍ଦ୍ର ସରକାରଙ୍କୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ ଶିଳ୍ପଗୁଡ଼ିକୁ ଅକ୍ସିଜେନ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରି ରୋଗୀଙ୍କୁ ଯୋଗାଇବା କେନ୍ଦ୍ରର ଦାୟିତ୍ୱ ବୋଲି ଜଷ୍ଟିସ୍ ବିପିନ ସାଙ୍ଘି ଓ ରେଖା ପାଲ୍ଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ନୂଆଦିଲ୍ଲୀର ମାକ୍ସ ସମେତ କେତେକ ହସ୍ପିଟାଲରେ ଅକ୍ସିଜେନ ଅଭାବ ଥିବା ଦର୍ଶାଇ ହସ୍ପିଟାଲ ପରିଚାଳନା କରୁଥିବା ବାଲାଜୀ ମେଡିକାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଜରୁରିକାଳୀନ ଭିତ୍ତିରେ ଅକ୍ସିଜେନ ଯୋଗାଇ ନ ଦେଲେ ସଙ୍କଟାପନ୍ନ ରୋଗୀଙ୍କ ଜୀବନ ବିପଦ ଭିତରକୁ ଠେଲିହୋଇଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ଖଣ୍ଡପୀଠ ଏହାର ଜରୁରୀ ଶୁଣାଣି କରି ବୁଧବାର କହିଛନ୍ତି, ଯଦି ଟାଟା ଇସ୍ପାତ ପ୍ଲାଣ୍ଟରୁ ଅକ୍ସିଜେନ ଡାଇଭର୍ଟ କରିପାରୁଛି, ଅନ୍ୟ ଶିଳ୍ପ ସଂସ୍ଥା କାହିଁକି ପାରିବେ ନାହିଁ? ଦିଲ୍ଲୀରେ ଯଦି ଅବସ୍ଥା ଏଇୟା ତେବେ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଅନୁରୂପ ସ୍ଥିତି ଥିବ।

## ୟୁପି ପୋଲିସକୁ କ୍ଲିନ୍‌ଚିଟ୍



ବିକାଶ ଦୁବେ ଏନ୍‌କାଉଣ୍ଟର ମାମଲା

**ନୂଆଦିଲ୍ଲୀ, ୨୧।୪:** ବହୁ ଚର୍ଚ୍ଚିତ ବିକାଶ ଦୁବେ ଏନ୍‌କାଉଣ୍ଟର ମାମଲାରେ ୟୁପି ପୋଲିସକୁ କ୍ଲିନ୍‌ଚିଟ୍ ମିଳିଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି.ଏସ୍. ଚୌହାନଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଶନ ୮ ମାସ ପରେ ରାଜ୍ୟ ସରକାରଙ୍କ ପାଖରେ ରିପୋର୍ଟ ଦାଖଲ କରିଛି। ଗତବର୍ଷ ଜୁଲାଇ ୩ରେ ଗ୍ୟାଙ୍ଗଷ୍ଟର ଦୁବେ ଓ ତାଙ୍କ ସହଯୋଗୀମାନେ ଅତର୍କିତ ଆକ୍ରମଣ କରିବାରୁ ୮ ପୋଲିସ କର୍ମଚାରୀ ନିହତ ହୋଇଥିଲେ। ପୋଲିସ ଜୁଲାଇ ୧୦ରେ ବିକାଶଙ୍କୁ ଉଜ୍ଜୟିନୀରୁ ଗିରଫ କରି କାନପୁର ନେଉଥିବାବେଳେ ସେ ଖସି ପଳାଇବାକୁ ଉଦ୍ୟମ କରିବାରୁ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ। ପୋଲିସ ପ୍ରତିଶୋଧ ପରାୟଣ ହୋଇ ଏନ୍‌କାଉଣ୍ଟର କରିଥିବା ଅଭିଯୋଗ ହୋଇଥିଲା। ତେବେ ଏନେଇ କୌଣସି ସାକ୍ଷ୍ୟ ପ୍ରମାଣ ନ ମିଳିବାରୁ କମିଶନ କ୍ଲିନ୍‌ଚିଟ୍ ଦେଇଛି।

## ରାଜ୍ୟକୁ ୪୦୦ରେ କୋଭିଶିଲ୍ଡ

ନୂଆଦିଲ୍ଲୀ, ୨୧।୪

**ଘରୋଇ ହସ୍ପିଟାଲକୁ ୬୦୦ ଟଙ୍କାରେ ମିଳିବ**

କୋଭିଶିଲ୍ଡ ଟିକା ରାଜ୍ୟ ସରକାରଙ୍କୁ ୪୦୦ ଟଙ୍କାରେ ଏବଂ ଘରୋଇ ହସ୍ପିଟାଲଗୁଡ଼ିକୁ ୬୦୦ ଟଙ୍କାରେ ଯୋଗାଇ ଦିଆଯିବ ବୋଲି ସିରମ୍ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ତେବେ କେନ୍ଦ୍ର ସରକାରଙ୍କୁ ପୂର୍ବ ଭଳି ୧୫୦ ଟଙ୍କାରେ ଟିକା ଯୋଗାଣ ଜାରି ରହିବ। ମେ' ୧ରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତେ କୋଭିଡ୍ ଟିକା ନେଇପାରିବେ ବୋଲି ଦୁଇଦିନ ପୂର୍ବରୁ ସରକାର ଘୋଷଣା କରିଥିଲେ। ଏଥିପାଇଁ ଟିକା ରଣନୀତିରେ କୋହଳ କରାଯାଇଛି। ପ୍ରସ୍ତୁତକାରୀ କମ୍ପାନୀ ପ୍ରତି ମାସରେ ଉତ୍ପାଦିତ ଟିକାର ୫୦% କେନ୍ଦ୍ର ସରକାରଙ୍କୁ ଯୋଗାଇବା ପରେ ଅବଶିଷ୍ଟ ୫୦ ପ୍ରତିଶତ ରାଜ୍ୟ ସରକାର ଓ ଖୋଲା ବଜାରରେ ବିକ୍ରି କରିବାର ସ୍ୱାଧୀନତା ପାଇବେ। ଟିକା ଦାମ୍‌କୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ ପାଇଁ ସିରମ୍ କମ୍ପାନୀ ଟିକା ଦାମ୍ ବଢ଼ାଇଥିବାରୁ କଂଗ୍ରେସ ଏବଂ ବାମଦଳ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ର ଓ ରାଜ୍ୟଙ୍କ ପାଇଁ ଟିକା ଦାମ୍ ସମାନ ହେବା ଆବଶ୍ୟକ ବୋଲି ଦୁଇ ଦଳ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବନ୍ଧୁମାନଙ୍କୁ ସୁଯୋଗ ଦେବା ଲାଗି କେନ୍ଦ୍ର ଅନ୍ୟାୟ କରୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଆର୍ଥିକ ସଙ୍କଟ ମଧ୍ୟରେ ଥିବା ରାଜ୍ୟ ପାଇଁ ସରକାରଙ୍କ ନୂଆ ନୀତି ଦୁର୍ବିଷହ ହେବ ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିବା ସହ ଗୋଟିଏ ରାଷ୍ଟ୍ର ଗୋଟିଏ ମୂଲ୍ୟ ନୀତି ଆପଣାଇବାକୁ ଦାବି କରିଛନ୍ତି।

# ଜର୍ଜ ଫ୍ଲୟଡ୍‌ଙ୍କୁ ନ୍ୟାୟ

ମିନିଆପଲିସ/ୱାଶିଂଟନ,୨୧।୪




୨୦୨୦ ମେ' ୨୫ର ବିଚଳିତ କରିଦେବା ଭଳି ଏହି ଦୃଶ୍ୟ ଅନେକଙ୍କ ମନରୁ ଲିଭିପାରିନି ଏଯାଏ। ଶ୍ୱେତାଙ୍ଗ ପୋଲିସ ଦମନରେ କୃଷ୍ଣକାୟ ଜର୍ଜ ଫ୍ଲୟଡ୍‌ଙ୍କ ମୃତ୍ୟୁ ଆମେରିକା ସମେତ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏଇଠୁ ମୁଣ୍ଡ ଟେକିଥିଲା ବର୍ଣ୍ଣ ବୈଷମ୍ୟ ଓ ପୋଲିସ ବର୍ବରତା ବିରୋଧୀ ଆନ୍ଦୋଳନ, ଯାହାର ନିଆଁ ଅନେକ ଦେଶକୁ ହୁ ହୁ ହୋଇ ବ୍ୟାପିଯାଇଥିଲା। ଫ୍ଲୟଡ୍‌ଙ୍କୁ ଗିରଫ କରୁ କରୁ ତାଙ୍କ ଗଳାରେ ଆଣ୍ଠୁ ଚପାଇ ମାରିଥିବା ପୋଲିସ ଅଫିସର ଡେରେକ୍ ଚଉଭିନଙ୍କ ଫଇସଲା ହୋଇଛି। ୪୫ ସାକ୍ଷୀଙ୍କ ବୟାନ ଓ ଭିଡିଓ ଫୁଟେଜ୍‌କୁ ଆଧାର କରି ତାଙ୍କୁ ମଙ୍ଗଳବାର ଦୋଷୀ ସାବ୍ୟସ୍ତ କରାଯାଇଛି। ୩ ସପ୍ତାହ ଧରି ଚାଲିଥିବା ଶୁଣାଣି ସୋମବାର ଶେଷ ହେବା ପରେ ଖାଁ ଖାଁ ଲାଗୁଥିଲା ମିନେସୋଟାର ମଧ୍ୟପଶ୍ଚିମ ସହର ମିନିଆପଲିସର ରାସ୍ତା। ଦକ୍ଷିଣ ଭାଗରେ ଥିବା ଏକ ଛକରେ ୯ ମିନିଟ ୨୯ ସେକେଣ୍ଡ ଧରି ଜୀବନର ଭିକ ମାଗି ଶେଷରେ ଆଖି ବୁଜି ଦେଇଥିବା ଫ୍ଲୟଡ୍‌ଙ୍କୁ ପ୍ରାୟ ବର୍ଷେ ପରେ ନ୍ୟାୟ ମିଳିଛି। ସେକେଣ୍ଡ ଡିଗ୍ରୀ ଉଦ୍ଦେଶ୍ୟ ବିହୀନ ହତ୍ୟା, ଥାର୍ଡ ଡିଗ୍ରୀ ମର୍ଡର ଓ ସେକେଣ୍ଡ ଡିଗ୍ରୀ ନରହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ପୂର୍ବତନ ପୋଲିସ ଅଫିସର ଡେରେକ୍ ଚଉଭିନ। ପ୍ରାୟ ୮ ସପ୍ତାହ ପରେ ଚଉଭିନଙ୍କ ଦଣ୍ଡବିଧାନ କରାଯିବ। ତାଙ୍କୁ ୪୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ। ଚଉଭିନଙ୍କ ସମେତ ଅନ୍ୟ ୩ ପୋଲିସ ଅଫିସରଙ୍କୁ ମଧ୍ୟ ହତ୍ୟାରେ ସହଯୋଗ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି। ୭ ମହିଳା ଓ ୫ ପୁରୁଷ (୬ କୃଷ୍ଣକାୟ ଓ ୬ ଶ୍ୱେତାଙ୍ଗ) ବିଚାରପତିଙ୍କୁ ନେଇ ଗଠିତ ଫେଡେରାଲ ଗ୍ରାଣ୍ଡ ଜୁରି ପ୍ରାୟ ୧୦ ଘଣ୍ଟା ଧରି ସର୍ବସମ୍ମତ ରାୟ ଶୁଣାଇବା ପରେ ନୀରବ ପ୍ରାୟ ରାସ୍ତାଘାଟ ଉଲ୍ଲସିତ ହୋଇଯାଇଥିଲା। ଟିଭିରେ ଶୁଣାଣିର ପ୍ରସାରଣ ବେଳେ ଧୂସର ସୁଟ୍ ଓ ସର୍ଜିକାଲ ମାସ୍କ ପିନ୍ଧିଥିବା ୪୫ ବର୍ଷୀୟ ଚଉଭିନ ମନଦେଇ ଶୁଣୁଥିଲେ।

### ବିଶ୍ୱକୁ ବଦଳାଇଦେଇଛନ୍ତି ବାପା



ଜିଆନ୍ନା ଫ୍ଲୟଡ୍

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଙ୍ଗଳବାର ଜର୍ଜ ଫ୍ଲୟଡ୍‌ଙ୍କ ୭ ବର୍ଷୀୟା ଝିଅଙ୍କ ସହ କଥା ହେବା ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବାଇଡେନ୍ କହିଛନ୍ତି, ଗତବର୍ଷ ଜୁନ୍‌ରେ ଫ୍ଲୟଡ୍‌ଙ୍କ ମୃତଦେହ ସତ୍କାର ବେଳେ ଝିଅ ଜିଆନ୍ନା ଫ୍ଲୟଡ୍‌ଙ୍କୁ ସେ ଭେଟିଥିଲେ। ସେତେବେଳେ ବାଇଡେନ୍ କହିଥିଲେ, ତୁମ ବାପା ସ୍ୱର୍ଗରୁ ଦେଖି ଗର୍ବ ଅନୁଭବ କରୁଛନ୍ତି। ଉତ୍ତରରେ ଜିଆନ୍ନା କହିଥିଲେ, ବାପା ବିଶ୍ୱକୁ ବଦଳାଇଦେଇଛନ୍ତି। ରାୟ ଆସିବା ପରେ ବାଇଡେନ୍ ତାଙ୍କ ସହ ପୁଣି କଥା ହୋଇଥିଲେ। କହିଥିଲେ, ତୁମ ବାପା ସତରେ ବିଶ୍ୱକୁ ବଦଳାଇଦେଇଛନ୍ତି।

## ଫ୍ଲୟଡ୍ ଏକ ଆନ୍ଦୋଳନ



ଡେରେକ୍ ଚଉଭିନଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ପରେ ମିନିଆପଲିସର ଜର୍ଜ ଫ୍ଲୟଡ୍ ସ୍କୋୟାରରେ ଉଲ୍ଲସିତ ଲୋକଙ୍କ ଭିଡ଼।

ଆଫ୍ରିକୀୟ ଆମେରିକୀୟ ଜର୍ଜ ଫ୍ଲୟଡ୍ ୨୦ ଡଲାର ଜାଲ୍ ବିଲ୍ ପଇଠ କରିଥିବା ନେଇ ଜଣେ ଷ୍ଟୋର କ୍ଲର୍କ ଅଭିଯୋଗ କରିଥିଲେ। ତା'ପରେ ହ୍ୱାଇଟ୍ ପୋଲିସ ଅଫିସରଙ୍କ ବଳ ପ୍ରୟୋଗରେ ଫ୍ଲୟଡ୍‌ଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଆଇ କ୍ୟାଣ୍ଟ ବ୍ରେଦ୍ (ମୁଁ ଅଣନିଃଶ୍ୱାସୀ ହୋଇଯାଇଛି) ଥିଲା ତାଙ୍କ ଶେଷ ଉଚ୍ଚାରଣ। ଅନେକ ଦେଖଣାହାରୀ ଏହି ଦୃଶ୍ୟକୁ ମୋବାଇଲ କ୍ୟାମେରାରେ କଏଦ୍ କରିଥିଲେ। ବିଶେଷକରି ଜଣେ ସ୍ୱଳ୍ପବୟସ୍କା ଝିଅଙ୍କ ଭିଡିଓ ଫୁଟେଜ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀମାନେ ସେତେବେଳେ ଫ୍ଲୟଡ୍‌ଙ୍କୁ ଛାଡ଼ିଦେବାକୁ କହୁଥିଲେ। କିନ୍ତୁ ଚଉଭିନ କାହା କଥା ଶୁଣି ନ ଥିଲେ। କୃଷ୍ଣକାୟ ଫ୍ଲୟଡ୍‌ଙ୍କ ମୃତ୍ୟୁ 'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ବିକ୍ଷୋଭକୁ ଜନ୍ମ ଦେଇଥିଲା। ୧୯୬୦ ଦଶକର ସିଭିଲ ରାଇଟ୍ସ ମୁଭ୍‌ମେଣ୍ଟ ପରେ ଆମେରିକା ଏଭଳି ଆନ୍ଦୋଳନ ଦେଖି ନ ଥିଲା। ଫ୍ଲୟଡ୍‌ଙ୍କ ମୃତ୍ୟୁଜନିତ ବର୍ଣ୍ଣବୈଷମ୍ୟ ବିରୋଧୀ ନିଆଁ ନିକଟରେ ୨୦ ବର୍ଷୀୟ କୃଷ୍ଣକାୟ ଡଉଣ୍ଟେ ରାଇଟ୍‌ଙ୍କ ମୃତ୍ୟୁ ପରେ ଆହୁରି ତେଜିଉଠିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୪୧,୦୪,୮୭୧ | ୩୦,୬୪,୨୮୮ | ୧୨,୨୩,୨୬,୭୧୯ |
| ଭାରତ | ୧,୫୮,୭୮,୭୯୬ | ୧,୮୪,୧୬୩ | ୧,୩୪,୦୪,୮୬୪ |
| ଓଡ଼ିଶା | ୩,୮୨,୩୧୫ | ୧୯୫୮(+୫୩) | ୩,୫୧,୩୮୬ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ମାଟ୍ରିକ ପରୀକ୍ଷା ବାତିଲ୍ ।




# ଭୁଲ୍ ନୀତି ଯୋଗୁ ଉପୁଜିଛି ସମସ୍ୟା

## ଜାନୁୟାରୀରେ ୭ ଗୁଣ ବଢ଼ିଥିଲା ଅକ୍ସିଜେନ୍ ରପ୍ତାନି

ନୂଆଦିଲ୍ଲୀ, ୨୧।୪

କରୋନା ସଂକ୍ରମଣ ଦ୍ରୁତ ବୃଦ୍ଧି ସାଙ୍ଗକୁ ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍ ଅଭାବ ଦେଖାଦେଇଛି। କାରଣ ଦ୍ୱିତୀୟ ଲହର ସଂକ୍ରମଣରେ କରୋନା ରୋଗୀ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବାରୁ ଅକ୍ସିଜେନ୍ ଅତି ଜରୁରୀ ହୋଇପଡ଼ିଛି। ତେବେ ଅକ୍ସିଜେନ ରପ୍ତାନି ସମ୍ପର୍କିତ ସରକାରଙ୍କ ଭୁଲ୍ ନୀତି ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିବା କୁହାଯାଉଛି। ଅକ୍ସିଜେନ୍ ରପ୍ତାନିକୁ ନେଇ ମିଳିଥିବା ତଥ୍ୟ ସରକାରଙ୍କ ନୀତି ଉପରେ ନୂଆ ପ୍ରଶ୍ନଚିହ୍ନ ଲଗାଇଛି। ବାଣିଜ୍ୟ ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ ୨୦୨୦ ଏପ୍ରିଲରୁ ୨୦୨୧ ଜାନୁୟାରୀ ମଧ୍ୟରେ ବିଦେଶକୁ ୯ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ଅକ୍ସିଜେନ ରପ୍ତାନି ହୋଇଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ଭାରତ ଅକ୍ସିଜେନ ରପ୍ତାନି ଦୁଇଗୁଣ କରିଛି। ୨୦୨୦ ଆର୍ଥିକ ବର୍ଷରେ ୪,୫୦୦ ମେଟ୍ରିକ ଟନ୍ ଅକ୍ସିଜେନ ରପ୍ତାନି ହୋଇଥିଲା। ୨୦୨୦



ଜାନୁୟାରୀରେ ୩୫୨ ଟନ ଅକ୍ସିଜେନ ରପ୍ତାନି ହୋଇଥିବାବେଳେ ୨୦୨୧ ଜାନୁୟାରୀରେ ତାହା ୭୩୪ ପ୍ରତିଶତ ବୃଦ୍ଧି ପାଇଛି। ଗତ ଡିସେମ୍ବରରେ ୨,୧୯୩ ଟନ୍ ଅକ୍ସିଜେନ ରପ୍ତାନି ହୋଇଥିଲା, ଯାହା ୨୦୧୯ ଡିସେମ୍ବର ତୁଳନାରେ ୩୦୮ ପ୍ରତିଶତ ଅଧିକ। ତେବେ ଉପରୋକ୍ତ ତଥ୍ୟକୁ ସରକାର ଖଣ୍ଡନ କରିଛନ୍ତି। ମେଡିକାଲ ଅକ୍ସିଜେନ ନୁହେଁ, କେବଳ ଶିଳ୍ପ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଅକ୍ସିଜେନ୍ ରପ୍ତାନି ହୋଇଥିବା ସରକାର କହିଛନ୍ତି। ଏବେ ସଙ୍କଟ ଦେଖାଦେବାରୁ ଇଣ୍ଡଷ୍ଟ୍ରିଆଲ ଅକ୍ସିଜେନ୍‌କୁ ହସ୍ପିଟାଲ ବ୍ୟବହାର ପାଇଁ ପଠାଯାଉଛି। ସରକାରୀ ସୂତ୍ର ଅନୁଯାୟୀ ୨୦୨୦ ଏପ୍ରିଲରୁ ୨୦୨୧ ଫେବୃୟାରୀ ମଧ୍ୟରେ ୯,୮୮୪ ମେଟ୍ରିକ ଟନ୍ ଇଣ୍ଡଷ୍ଟ୍ରିଆଲ ଅକ୍ସିଜେନ ଏବଂ ୧୨ ମେଟ୍ରିକ୍ ଟନ୍ ମେଡିକାଲ ଅକ୍ସିଜେନ ରପ୍ତାନି ହୋଇଥିଲା। ଭାରତରେ ବାର୍ଷିକ ଉତ୍ପାଦନ ସାମର୍ଥ୍ୟର ଏହା ୦.୪ ପ୍ରତିଶତରୁ କମ୍ ବୋଲି କୁହାଯାଇଛି। ଗତ ଡିସେମ୍ବର-ଜାନୁୟାରୀରେ ମେଡିକାଲ ଅକ୍ସିଜେନ୍ ଆବଶ୍ୟକତା ଯଥେଷ୍ଟ କମିଯାଇଥିଲା। ସେତେବେଳେ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଅକ୍ସିଜେନ୍ ଅଧିକ ରପ୍ତାନି ହୋଇଥିଲା ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ବର୍ତ୍ତମାନ ମେଡିକାଲ ଅକ୍ସିଜେନ ସଙ୍କଟ ଦେଖାଦେଇଥିବାରୁ ଶିଳ୍ପ ସଂସ୍ଥାଗୁଡ଼ିକୁ ୨୨ ତାରିଖରୁ ଅକ୍ସିଜେନ ଯୋଗାଣ ବନ୍ଦ ହେବ ବୋଲି କେନ୍ଦ୍ର ସରକାର ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଥିଲେ। ଜୀବନ ବିପଦରେ ଥିବାବେଳେ ଆଜିଠାରୁ କାହିଁକି ଶିଳ୍ପକୁ ଅକ୍ସିଜେନ୍ ବନ୍ଦ ହେବନାହିଁ ବୋଲି ଅଦାଲତ ପ୍ରଶ୍ନ କରିଥିଲେ।

# ବାହାର ରାଜ୍ୟ ଧାନକୁ ଜଗ

**ଭୁବନେଶ୍ୱର,୨୧।୪(ବ୍ୟୁରୋ)-** ମେ ପ୍ରଥମ ସପ୍ତାହରୁ ରବିଧାନ ସଂଗ୍ରହ ହେବ। ତେଣୁ ଅନ୍ୟ ରାଜ୍ୟରୁ ଧାନ ଯେପରି ଓଡ଼ିଶାକୁ ନ ଆସିବ ସେ ନେଇ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି. ଭି. ଯାଦବ ୧୭ଟି ଜିଲାର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ସେଗୁଡ଼ିକ ହେଲା ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଏବଂ ସୋନପୁର। ଧାନ ସଂଗ୍ରହ ପୂର୍ବରୁ ସୀମାନ୍ତ ଜିଲାଗୁଡ଼ିକରେ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଜିଲାପାଳଙ୍କୁ କୁହାଯାଇଛି। ରବିଧାନ ସଂଗ୍ରହ କାର୍ଯ୍ୟରେ ୮୩୦ଟି ପ୍ରାଥମିକ ସମବାୟ ସମିତି ନିୟୋଜିତ ହୋଇଛନ୍ତି। ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ ହେବ। ଅପରାହ୍ନ ସୁଦ୍ଧା ଧାନ ମଣ୍ଡିରୁ ଉଠିବ। କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଧାନ ସଂଗ୍ରହ ପାଇଁ ଅଧିକ ଧାନ ସଂଗ୍ରହ କେନ୍ଦ୍ର ଖୋଲିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ଅସୁସ୍ଥ



**ବାରିପଦା ଅଫିସ,୨୧।୪:** ମୟୂରଭଞ୍ଜ ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ସମ୍ପାଦକ ଇଂ. ବିଶ୍ୱେଶ୍ୱର ଟୁଡୁ ଅସୁସ୍ଥ ଥିବା ଜଣାପଡ଼ିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ପ୍ରଥମେ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର ହୋଇଛନ୍ତି। ସେ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରୁ ଫେରି ମଙ୍ଗଳବାର ବାରିପଦା ତକତପୁର ସ୍ଥିତ ବାସଭବନରେ ଥିବା ବେଳେ ଅସୁସ୍ଥ ହୋଇ ପଡ଼ିଥିଲେ। ବହୁ ଦଳୀୟ ନେତା ଓ କର୍ମୀ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ୨୫ରୁ ଏମ୍ସ ଓପିଡି ବନ୍ଦ

**ଭୁବନେଶ୍ୱର,୨୧।୪(ବ୍ୟୁରୋ):** କରୋନା ପରିସ୍ଥିତି ପାଇଁ ଭୁବନେଶ୍ୱର ଏମ୍ସର ବହିର୍ବିଭାଗ (ଓପିଡି) ଆସନ୍ତା ୨୫ ତାରିଖରୁ ବନ୍ଦ ରହିବ। ମେଡିକାଲର କେତେଜଣ କର୍ମଚାରୀ ଓ ରୋଗୀ ପଜିଟିଭ ଚିହ୍ନଟ ହେବା ପରେ ଏମ୍ସ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ତେବେ ୨୫ ତାରିଖ ପୂର୍ବରୁ ଅନ୍‌ଲାଇନ୍‌ରେ ବୁକିଂ କରିଥିବା ରୋଗୀଙ୍କୁ କେବଳ ଅନୁମତି ମିଳିବ। ଟେଲି ମେଡିସିନ୍ ଭଳି କିଛି ସେବା ପୂର୍ବ ଭଳି ଚାଲୁ ରହିବ ବୋଲି କୁହାଯାଇଛି। ଗତବର୍ଷ ମଧ୍ୟ ଏହି ମହାମାରୀରେ ମେଡିକାଲର ଡାକ୍ତର ଓ କର୍ମଚାରୀ ଆକ୍ରାନ୍ତ ହେବାରୁ ଜୁଲାଇ ୧୦ରେ ଏମ୍ସ ଓପିଡିକୁ ବନ୍ଦ କରାଯାଇଥିଲା। ସଂକ୍ରମଣ କମିବା ପରେ ଏହାକୁ ଖୋଲାଯାଇ ପୁଣି ରୋଗୀ ସେବା ସ୍ୱାଭାବିକ ହୋଇଥିଲା। ଏବେ ପୁଣି ବନ୍ଦ ହୋଇଯିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ।

### ମାଲିକ, ମ୍ୟାନେଜରଙ୍କୁ ଜେଲ

**କ୍ରସର ବିସ୍ଫୋରଣ ଘଟଣା**

**ବ୍ରହ୍ମପୁର ଅଫିସ,୨୧।୪:** ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଏ.ରଘୁନାଥପୁର ନିକଟରେ ଗତ ସୋମବାର ଏବି କ୍ରସର ବିସ୍ଫୋରଣ ଘଟଣାରେ ପୋଲିସ କ୍ରସର ଓ ପଥର କ୍ୱାରୀର ମାଲିକ ସୁଶାନ୍ତ କୁମାର ରାଉତ ଓ ମ୍ୟାନେଜର ଅମିତାବଚନ ବିଷୋୟୀଙ୍କୁ ଗିରଫ କରିଛି। ବୁଧବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଜ୍ୟୋତି ପ୍ରକାଶ ବେହେରା ସୂଚନା ଦେଇଛନ୍ତି। ଏଥିସହ ଘଟଣା ଦିନ ବାରୁଦ ବୋଝେଇ ହୋଇ କ୍ରଶରକୁ ଅଣାଯାଇଥିବା ବୋଲେରୋ ପିକ୍‌ଅପ୍ କଣ୍ଟେନର (ନଂ ଓଆର ୦୮ଇ ୪୪୩୧)କୁ ପୋଲିସ ଜବତ କରିଛି। ଅନ୍ୟପଟେ କ୍ରଶରର ମାଲିକ ସୁଶାନ୍ତଙ୍କ ସ୍ତ୍ରୀ ଅନୁପମା ରାଉତ ଘଟଣା ପରଠାରୁ ଫେରାର ଥିବା ପୋଲିସ କହିଛି। କ୍ରଶର ବିସ୍ଫୋରଣରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଏବେ ବି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

# ୪ଜଣଙ୍କୁ ଦଳି ମାରିଲା ହାତୀ

## ମୃତକଙ୍କ ମଧ୍ୟରେ ଅଛନ୍ତି ବରଗଡ଼ ଜିଲାର ୩, ବଲାଙ୍ଗୀର ଜିଲାର ଜଣେ

ବରଗଡ଼ ଅଫିସ୍/ଗାଇସିଲେଟ୍/ ଲୋଇସିଂହା, ୨୧।୪(ଡି.ଏନ.ଏ.)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଓ ସୀମାନ୍ତ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅଞ୍ଚଳରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଦଏକ ହାତୀ ଆକ୍ରମଣରେ ୪ଜଣଙ୍କ ମୃତ୍ୟୁ ଘଟିଛି। ଗାଇସିଲେଟ ବ୍ଲକ ରାଇସଲପଦର ପଞ୍ଚାୟତ ଉମରାଡ଼ ଏବଂ ନାଥପାଲି ଗ୍ରାମରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଗଲପୁର ବ୍ଲକ ଅଞ୍ଚଳରେ ଅନ୍ୟ ଜଣଙ୍କ ଜୀବନ ଯାଇଛି। ଏପରି ନରସଂହାର ପରେ ହାତୀଟି ଛେଳିପାଟ ସଂରକ୍ଷିତ ଜଙ୍ଗଲକୁ ପଳାଇ ଯାଇଥିବା ବନ ବିଭାଗ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ବୁଧବାର ସକାଳେ ହାତୀଟି ଉମରାଡ଼ ଏବଂ ନାଥପାଲି ଗ୍ରାମକୁ ହଠାତ୍ ପଶି ଆସିଥିଲା। ଏହି ସମୟରେ ଗ୍ରାମବାସୀ ଶୌଚ ପାଇଁ ଯାଉଥିଲେ। ହାତୀ ଗ୍ରାମବାସୀଙ୍କୁ ଦେଖି ଗର୍ଜନ କରିବା ସହ ଆକ୍ରମଣ କରିବାକୁ ଗୋଡ଼ାଇ ଥିଲା। ଉମରାଡ଼ର ବିରଞ୍ଚି କୁମ୍ଭାର(୫୫), ମାଳ ସେଠ(୫୫) ଏବଂ ନାଥପାଲିର ଶିବ ସେଠ(୬୦) ହାତୀ ହାବୁଡ଼ରେ ପଡି ଯାଇଥିଲେ। ସେମାନଙ୍କୁ ହାତୀ ଗୋଡ଼ରେ ଦଳିଚକଟି ମାରି ଦେଇଥିଲା। ପରେ ହାତୀଟି ସୀମାନ୍ତ ବଲାଙ୍ଗୀର ଜିଲା ଲୋଇସିଂହା ପଟକୁ ଚାଲି ଯାଇଥିଲା। ସେଠାରେ ଏହି ନରହନ୍ତା ହାତୀ ଆଗଲପୁର ବ୍ଲକ ଦର୍ଲିପାଲି ଗାଁର ବିରଞ୍ଚି ସାହୁ(୬୦)ଙ୍କୁ ଦଳି ମାରି ପକାଇଥିଲା। ବୁଧବାର ସକାଳେ ବିରଞ୍ଚି ନିଜ ଆମ୍ବ ବଗିଚାରୁ ଗୋଟାଇଥିବା ଆମ୍ବକୁ ସାଇକେଲରେ ଲଦି ଫେରୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ କ୍ଷତିପୂରଣ ଦାବିକରି ହୋହଲ୍ଲା କରିଥିଲେ। ଲୋଇସିଂହା ରେଞ୍ଜ ଅଫିସର ରାଜକିଶୋର ନାଏକ, ସେକ୍ସନ ଫରେଷ୍ଟର ମଧୁସୂଦନ ଗଡ଼ୁଆ, ଆଇଆଇସି ଲଳିତା ଲାକ୍ରା ପହଞ୍ଚି ସରକାରୀ ନିୟମାନୁସାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିବ ବୋଲି କହିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଗ୍ରାମବାସୀ ଛାଡ଼ିଥିଲେ। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସେହିପରି ଗାଇସିଲେଟ ତହସିଲଦାର ପୁଷ୍ପକ ପ୍ରଧାନ, ଥାନା ଅଧିକାରୀ ଏଚ୍. ଗଡ଼ତିଆ, ବନ ଅଧିକାରୀ ହରିଶଙ୍କର ନାଏକ, ସରପଞ୍ଚ ନରେନ୍ଦ୍ର ଟଟୋଙ୍ଗୋ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ ବିଭାଗ ପକ୍ଷରୁ ପ୍ରତି ମୃତକଙ୍କ ପରିବାରକୁ ୪୦ହଜାର ଟଙ୍କା ଏବଂ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ୨ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପଠାଯାଇଥିଲା। ନରହନ୍ତା ହାତୀଟି ଗତ କିଛିଦିନ ହେଲା ଲୋଇସିଂହା ପଟୁ ବରଗଡ଼ର ଗାଇସିଲେଟ, ଘେଁସ ଅଞ୍ଚଳକୁ ପଶି ଆସିଥିଲା। ଗତ ୧୪ତାରିଖ ସକାଳେ ଘେଁସ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଖଲିଆମୁଣ୍ଡା ଗ୍ରାମରେ ମହୁଲ ଗୋଟାଉ ଥିବା ବେଳେ ସ୍ତ୍ରୀ ସମ୍ମୁଖରେ ସ୍ୱାମୀଙ୍କୁ ଦଳି ମାରି ଦେଇଥିଲା।

# ୩୦ ଯାଏ ବଢ଼ିବନି ତାତି

## ଉପକୂଳରେ ଗୁଳୁଗୁଳି

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୩୦ ତାରିଖ ଯାଏ ଗ୍ରୀଷ୍ମର ପ୍ରକୋପ ବଢ଼ିବ ନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିବା ବେଳେ ଉପକୂଳରେ ଏହାଠାରୁ କମ୍ ରହିବ। ତେବେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବାୟୁମଣ୍ଡଳର ଆର୍ଦ୍ରତା ୪୫ ପ୍ରତିଶତରୁ ଅଧିକ ରହୁଥିବାରୁ ଦିନବେଳା ଗୁଳୁଗୁଳି ଅସ୍ତବ୍ୟସ୍ତ କରିବ। ସନ୍ଧ୍ୟାରେ ସମୁଦ୍ର ଅଞ୍ଚଳରୁ ବାୟୁ ପ୍ରବାହ ଯୋଗୁ ଆଶ୍ୱସ୍ତି ମିଳିବ। ରାଜ୍ୟର ବିଭିନ୍ନ ଭାଗରେ ଘୂର୍ଣ୍ଣିଝଡ଼ ହେବାକୁ ଥିବାରୁ ପାରଦ ଅଧିକ ଉପରମୁହାଁ ହେବ ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ସପ୍ତାହେ ଯାଏ ପାଗରେ ବିଶେଷ କିଛି ପରିବର୍ତ୍ତନର ସୂଚନା ନାହିଁ।

ତେବେ ଆସନ୍ତା ୩ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ୨୨ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାରେ ଝଡ଼ବର୍ଷା ସମ୍ଭାବନା ରହିଛି। ଏଥିସହିତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋଓ୍ୱାର୍ନିଂ ଜାରି କରାଯାଇଛି।

ସେହିପରି ୨୩ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, କୋରାପୁଟ, ରାୟଗଡ଼ା ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

# ତମସା ମୁଖ୍ୟ କେନାଲରେ ଘାଇ

## ୬ ଜଣଙ୍କ ଘରେ ପଶିଲା ପାଣି



ଏମ୍‌ଭି-୨ ଗ୍ରାମରେ ପଶିଥିବା କେନାଲପାଣି।

ମାଲକାନଗିରି,୨୧।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ପୋଟେରୁ ଜଳସେଚନ ବିଭାଗର ତମସା ମୁଖ୍ୟ କେନାଲରେ ବୁଧବାର ଏକ ଘାଇ ହୋଇ ଭାଙ୍ଗିଯାଇଛି। ଫଳରେ ଅନେକ ଚାଷଜମିରେ ବାଲିଚର ମାଡ଼ିଯାଇଛି। ୬ ଜଣ ଲୋକଙ୍କ ଘରେ ପାଣି ପଶିଛି। ଖବରରୁ ଜଣାପଡ଼ିଛି ସଦର ବ୍ଲକ ଅନ୍ତର୍ଗତ ତମସା ପଞ୍ଚାୟତ ଏମ୍‌ଭି-୨ ନିକଟରେ ଥିବା ବାମ ସାଇଡ୍ ତମସା କେନାଲରେ ପ୍ରଥମେ ଏକ ଘାଇ ହେଲା। ପରେ କେନାଲରେ ପାଣି ଦ୍ରୁତ ବେଗରେ ମାଡ଼ି ଆସି ଏମ୍‌ଭି-୨ ଗ୍ରାମ ଭିତରକୁ ମାଡ଼ିଯାଇଥିଲା। ଏହି ପାଣି ୬ଜଣ ବ୍ୟକ୍ତିଙ୍କ ଘରେ ପଶି କେତେକାଂଶରେ କ୍ଷତି ଘଟାଇଛି। ଏହି କେନାଲ ବନ୍ଧ ଦୁର୍ବଳ ଥିବାନେଇ ପୂର୍ବରୁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ମରାମତି ନ କରିବାରୁ ଏବେ ଏପରି ପରିସ୍ଥିତି ସୃଷ୍ଟି ହେଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଖବର ପାଇ ପୋଟେରୁ ଜଳସେଚନ ବିଭାଗ ଯନ୍ତ୍ରୀମାନେ ଘଟଣାସ୍ଥଳରେ ପହଞ୍ଚି ବନ୍ଧ ମରାମତି କରିଛନ୍ତି। ସୁର୍ଲୁକୋଣ୍ଡା ବ୍ୟାରେଜର କେନାଲ ପାଣି ବନ୍ଦ କରାଯାଇଛି।

# ବୁଡ଼ାଜାହାଜ ସହ ୫୩ ନିଖୋଜ

ଜାକର୍ତ୍ତା, ୨୧।୪

ଇଣ୍ଡୋନେସିଆ ନୌସେନାର ଏକ ବୁଡ଼ାଜାହାଜ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ ବାଲିଦ୍ୱୀପ ନିକଟରେ ବୁଧବାର ତାହା ନିଖୋଜ ହୋଇଯାଇଛି। ସେଥିରେ ୫୩ ଜଣ ରହିଥିଲେ ବୋଲି ସେନା କହିଛି। ସେନା ମୁଖ୍ୟ ହାଦି ତାଜାଣ୍ଟୋଙ୍କ ସୂଚନା ଅନୁଯାୟୀ, କେଆର୍‌ଆଇ ନାଙ୍ଗାଲା ୪୦୨ ପ୍ରଶିକ୍ଷଣରେ ସାମିଲ ହୋଇଥିବାବେଳେ ତାହା ନିଖୋଜ ହୋଇଯାଇଥିଲା। ବାଲି ଦ୍ୱୀପର ଉତ୍ତରରେ ପ୍ରାୟ ୯୫ କିଲୋମିଟର ମଧ୍ୟରେ ଜାହାଜ କେଉଁଠାରେ ଫସିଯାଇଥାଇପାରେ ବୋଲି କୁହାଯାଉଛି। ଯୁଦ୍ଧ ବିମାନ ଯୋଗେ ସନ୍ଧାନ କାର୍ଯ୍ୟ ଜାରି ରହିଛି।

# ଡାଟା ଚୋରାଉଛି ନକଲି ଅକ୍ସିମିଟର ଆପ୍

**ରକ୍ତରେ ଅମ୍ଳଜାନ ପ୍ରବାହ ମାପିବା ଲାଗି ଅକ୍ସିମିଟର ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ। ଏବେ ଏ ସମ୍ପର୍କିତ ଆପ୍ ମଧ ବିକଶିତ ହେଲାଣି, ଯାହାକୁ ଅତି ସହଜରେ ଇଣ୍ଟରନେଟ ସହାୟତାରେ ଡାଉନଲୋଡ୍ କରାଯାଇପାରୁଛି। କରୋନା ସମୟରେ ଏହି ଆପ୍‌ର ବହୁଳ ବ୍ୟବହାର ହେଉଛି। ହେଲେ ବିନା କୌଣସି ଯାଞ୍ଚରେ ବ୍ୟବହାର କରାଯାଉଥିବା ଏଭଳି ଆପ୍ ଦ୍ୱାରା ଡାଟା ଚୋରି ଭୟ ରହିଛି। ସେହିପରି ଠିକ୍ ସୂଚନା ଦେଉ ନ ଥିବାରୁ ଏଭଳି ଆପ୍ ସଂକ୍ରମିତ ରୋଗୀଙ୍କ ଜୀବନକୁ ବିପଦରେ ପକାଇବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।**




ନୂଆଦିଲ୍ଲୀ

ଗୃହ ସଙ୍ଗରୋଧରେ ଥିବା କରୋନା ସଂକ୍ରମିତଙ୍କ ରକ୍ତରେ ଅମ୍ଳଜାନର ପ୍ରବାହ ଜାଣିବା ଲାଗି ଅକ୍ସିମିଟର ବ୍ୟବହାର କରିବାକୁ ଗୁରୁତ୍ୱ ଦେଇ ଆସୁଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ରକ୍ତରେ ଅକ୍ସିଜେନର ପରିମାଣ କମ୍ ଜଣାପଡ଼ିଲେ ସମୟ ଥାଉ ଥାଉ ଡାକ୍ତରଙ୍କ ପରାମର୍ଶ କରିବା ଏବଂ ଅଧିକ ଚିକିତ୍ସା ଯୋଗାଇ ଦେବା ସମ୍ଭବପର ହୋଇଥାଏ। ଏବେ ଖର୍ଚ୍ଚ କମାଇବା ଲାଗି ଅଧିକାଂଶ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଅକ୍ସିମିଟର ଆପ୍ ବ୍ୟବହାର କରୁଛନ୍ତି। ହେଲେ ଉପକରଣ ପରିବର୍ତ୍ତେ ଆପ୍ ବ୍ୟବହାର କରିବା ଭାରି ପଡ଼ିପାରେ ବୋଲି ସତର୍କ କରାଇଛନ୍ତି ଆଇଟି ବିଶେଷଜ୍ଞ। ଏଭଳି ଆପ୍ ଦ୍ୱାରା ବ୍ୟବହାରକାରୀଙ୍କ ସବୁ ଡାଟା ମାତ୍ର କେଇ ମିନିଟ୍ ଭିତରେ ଚୋରି ହୋଇଯିବା ଆଶଙ୍କା ରହିଛି ବୋଲି ସେମାନେ କହିଛନ୍ତି।

୨୦୨୦ରେ କରୋନା ମହାମାରୀ ବ୍ୟାପିବା ଆରମ୍ଭ କରିଥିବାବେଳେ ଅକ୍ସିମିଟର ଲୋକପ୍ରିୟ ହୋଇଥିଲା। ଜୀବନ ସଙ୍କଟରେ ପଡ଼ିଥିବାବେଳେ ଦୋକାନରୁ ବିକ୍ରି ହୋଇଥିଲା ବ୍ୟାପକ ପରିମାଣର ଅକ୍ସିମିଟର। ସମାନ୍ତରାଳ ଭାବେ ଅନେକେ ଏ ସମ୍ପର୍କିତ ମୋବାଇଲ ଆପ୍ ମଧ ଡାଉନଲୋଡ୍ କରିଥିଲେ। ଅକ୍ସିମିଟର ଆପ୍‌ର ବ୍ୟବହାରରେ ଠକେଇ ଆଶଙ୍କା ଥିବାରୁ ସରକାର ସତର୍କ କରାଇଥିଲେ। ଏ ନେଇ ମାର୍ଗଦର୍ଶିକା ମଧ୍ୟ ଜାରି କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା, ୟୁଜର୍ସ ଅଜଣା ୟୁଆର୍‌ଏଲ୍‌ରୁ ଅକ୍ସିମିଟର ଆପ୍ ଡାଉନଲୋଡ୍ କରିବା ଅନୁଚିତ। କାରଣ ଏହା ନକଲି ହୋଇଥାଇପାରେ। ଏହି ଆପ୍ ଡାଉନଲୋଡ କରିବାର କିଛି ସମୟ ମଧ୍ୟରେ ବ୍ୟବହାରକାରୀଙ୍କ ସବୁ ଡାଟା, ବାୟୋମେଟ୍ରିକ ତଥ୍ୟ ଚୋରି ହୋଇଯାଇପାରେ। ସାଇବର ସେଲ ନିକଟରେ ହେଉଥିବା ଅଭିଯୋଗ ଆଧାରରେ ଏହି ମାର୍ଗଦର୍ଶିକା ଜାରି କରାଯାଇଥିଲା।

ଅନ୍ୟପକ୍ଷରେ ଅକ୍ସିମିଟରର ଚାହିଦା ଦୃଷ୍ଟିରୁ ଭାରତୀୟ ବଜାରରେ ଏହାର ନକଲି କାରବାର ବଢ଼ିଛି। ଅବିକଳ ଦେଖାଯାଉଥିବା ନକଲି ଅକ୍ସିମିଟର ବିକ୍ରି କରି ବ୍ୟବସାୟୀମାନେ ବହୁ କୋଟି ଟଙ୍କା ଲାଭ କମାଉଛନ୍ତି। ଏହା ଜଣାପଡ଼ିବା ପରେ ଲୋକମାନଙ୍କ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ନକଲି ଜାଲରେ ପଡ଼ିବା ଭୟରେ ସେମାନେ ବିକଳ୍ପ ଭାବେ ଆପ୍ ବ୍ୟବହାର କରୁଛନ୍ତି। ହେଲେ ଏହାର ତଥ୍ୟ ତ୍ରୁଟିରହିତ ହୋଇପାରୁନାହିଁ। ତେଣୁ ରୋଗୀଙ୍କ ଜୀବନ ବିପଦରେ ପଡୁଛି। ସୂଚନାଯୋଗ୍ୟ, କରୋନା ସଂକ୍ରମିତଙ୍କ ବ୍ୟତୀତ ଜଣେ ସାଧାରଣ ରୋଗୀଙ୍କ ରକ୍ତରେ ଅକ୍ସିଜେନ ସେଚୁରେଶନ ଲେଭଲ ୯୫ରୁ ୧୦୦ ଭିତରେ ରହିଥାଏ। ଏହା ୯୫ରୁ କମ୍ ହେଲେ ଫୁସ୍‌ଫୁସ୍‌କୁ ଠିକ୍ ଭାବେ ଅମ୍ଳଜାନ ପହଞ୍ଚୁ ନାହିଁ ବୋଲି ଜଣାପଡ଼େ। ସେହିପରି ୯୪ରୁ କମିଲେ ସତର୍କ ହୋଇଯିବାକୁ ପଡ଼େ। ଅମ୍ଳଜାନ ସ୍ତର ୯୩ କିମ୍ବା ଏହା ତଳକୁ ଖସିଆସିଲେ ତୁରନ୍ତ ରୋଗୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡ଼ିଥାଏ। ଫଳରେ ରୋଗୀ ଶରୀର କୋଷ ନଷ୍ଟ ହୋଇ ନ ଥାଏ।



**ଆଜିର ମନ୍ତବ୍ୟ**
ଅକ୍ସିଜେନ ପାଇଁ ଲୋକେ ଆର୍ତ୍ତ ଚିତ୍କାର କରୁଥିବାବେଳେ ଭାଜପା ନେତାମାନେ ନିର୍ବାଚନୀ ରାଲିରେ ପରିହାସ କରୁଛନ୍ତି। -**ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସନାୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ବଉଳ ମାଛ ମଞ୍ଜି**
**ଖଟୁଆ ତୁଣ୍ଡ ନାହାକ ପାଞ୍ଜି ।**
ଆମ୍ବ ବଉଳ ଉପରେ ଭରସା ନ ଥାଏ। ମାଛ ମଞ୍ଜି ବା ବିହନ ସେମିତି ସବୁବେଳେ ମିଳି ନ ଥାଏ। ମିଛୁଆ ବ୍ୟକ୍ତିଙ୍କ କଥାରେ ଆଦୌ ସତ୍ୟତା ନ ଥାଏ। ସେହିପରି ନାହାକ ପାଞ୍ଜି ଦେଖି ଯାହା ଗଣନା କରିଥାଏ, ତାହା ମଧ୍ୟ ସମ୍ପୂର୍ଣ୍ଣ ସତ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଦର ନ ଥାଇ ଯେଉଁ ଭୋଜନ,**
**ଲବଣ ନ ଥାଇ ଯେଉଁ ତିଅଣ,**
**ଗାମୁଛା ନ ଥାଇ ଯେଉଁ ସ୍ନାହାନ ।**
ଯେଉଁଠି ଆଦର ଅଭ୍ୟର୍ଥନା ବୋଲି କିଛି ନ ଥାଏ, ସେଠି ଖାଇବା ପିଇବାରେ ସନ୍ତୋଷ ମିଳି ନ ଥାଏ। ଲୁଣ ବିନା ତରକାରି ସ୍ୱାଦଯୁକ୍ତ ହୋଇ ନ ଥାଏ। ସେହିପରି ଗାମୁଛା ବିନା ସ୍ନାନ କରିବା ସୁଖକର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଏସ୍‌ୟୁ କୁଳପତିଙ୍କ ନାଁରେ ମାମଲା


ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ସମ୍ମୁଖରେ ମୃତଦେହ ରଖି ଧାରଣା ଦିଆଯାଇଛି ।

**ଅସ୍ଥାୟୀ କର୍ମଚାରୀଙ୍କ ଆତ୍ମାହୁତି ଘଟଣା**
- ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ
- ୫ ଲକ୍ଷର ଚେକ୍ ଓ ପୁଅଙ୍କୁ ମିଳିଲା ନିଯୁକ୍ତିପତ୍ର

**ସମ୍ବଲପୁର, ୨୧।୪ (ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ର (୫୦) ଚାକିରି ସ୍ଥାୟୀ ନ ହେବାରୁ ମଙ୍ଗଳବାର ଆତ୍ମାହୁତି ଦେଇଥିଲେ। ଏହି ଘଟଣାରେ ଦୀନବନ୍ଧୁଙ୍କ ପୁଅ ଅଭିଷେକଙ୍କ ଅଭିଯୋଗ କ୍ରମେ କୁଳପତି ସଞ୍ଜୀବ ମିତ୍ତଲଙ୍କ ସମେତ ଅନ୍ୟ ଦୁଇଜଣଙ୍କ ନାମରେ ବୁର୍ଲା ଥାନାରେ ମାମଲା ରୁଜୁ ହୋଇଛି। ଆଇପିସି ଦଫା ୩୦୬ରେ ମାମଲା (ନଂ.୨୫୧/୨୧) ରୁଜୁ ହୋଇଥିବା ଥାନା ଅଧିକାରୀ ବି.ବି. ଭୋଇ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ବୁଧବାର ବିଭିନ୍ନ ଦାବି ନେଇ ପରିବାର ସଦସ୍ୟଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଦୀନବନ୍ଧୁଙ୍କ ମୃତଦେହ ରଖି ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାତି ସାଢ଼େ ୭ଟା ପରେ ଏକ ଜରୁରୀ ବୈଠକ କରାଯାଇ ଦୀନବନ୍ଧୁଙ୍କ ପରିବାରଙ୍କୁ ୫ ଲକ୍ଷ ଟଙ୍କାର ଚେକ୍, ପୁଅ ଅଭିଷେକଙ୍କୁ ଆଉଟସୋର୍ସିଂରେ ଚାକିରି କରିବାକୁ ନିଯୁକ୍ତିପତ୍ର ଦିଆଯାଇଛି। ଶୁକ୍ରବାର ସିଣ୍ଡିକେଟର ଏକ ଜରୁରୀ ବୈଠକ କରାଯାଇ ଅନ୍ୟାନ୍ୟ ଦାବି ଉପରେ ଆଲୋଚନା ପରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସ୍ଥିର କରାଯାଇଛି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର, ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ୟୁ କର୍ତ୍ତୃପକ୍ଷ ଆନ୍ଦୋଳନସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ଜଣାଇବା ପରେ ପରିବାର ବର୍ଗ ମୃତଦେହ ନେଇ ଘରକୁ ଯାଇଥିଲେ।

ଏସ୍‌ୟୁ ତୃତୀୟଶ୍ରେଣୀ କର୍ମଚାରୀ ସଂଘ ସଭାପତି ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ କହିଛନ୍ତି, ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ କୁଳପତିମାନେ ଖାମଖିଆଲି ଭାବେ ନେଉଛନ୍ତି। ରାଜ୍ୟ ସରକାର ୪୧ ପଦରେ ନିଯୁକ୍ତି ପାଇଁ ସ୍ୱୀକୃତି ଦେଇଥିଲେ। ଏହାସହ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ଥଇଥାନ କରିବା ପାଇଁ କୁହାଯାଇଥିଲା। ହେଲେ କୁଳପତିଙ୍କ ଅବହେଳା ଯୋଗୁ ଦୀନବନ୍ଧୁ ଆତ୍ମହତ୍ୟା କରିଥିଲେ। ତାଙ୍କ ଆତ୍ମହତ୍ୟା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ରେଢ଼ାଖୋଲ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ କହିଥିଲେ, କୁଳପତି ସଞ୍ଜୀବ ମିତ୍ତଲ ଇସ୍ତଫା ଦେବା ଉଚିତ। ତାଙ୍କ ଦୁର୍ବ୍ୟବହାର ଯୋଗୁ ଦୀନବନ୍ଧୁ ଆତ୍ମହତ୍ୟା କରିଛନ୍ତି। ଅନ୍ୟ ଅସ୍ଥାୟୀ କର୍ମଚାରୀଙ୍କ ଚାକିରି ସ୍ଥାୟୀ କରାଯାଉ। ଅନ୍ୟପଟେ ଦୀନବନ୍ଧୁ ଆତ୍ମହତ୍ୟା କରିବା ପୂର୍ବରୁ ରେଜିଷ୍ଟ୍ରାରଙ୍କୁ ଏକ ଅଭିଯୋଗପତ୍ର ଦେଇଥିଲେ। ଏଥିରେ ଦର୍ଶାଯାଇଛି, କୁଳପତି ସଞ୍ଜୀବ ମିତ୍ତଲ ତାଙ୍କ ଚାମ୍ବରକୁ ଡାକି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ଦୁର୍ବ୍ୟବହାର କରିଚାଲିଯିବାକୁ କହିଥିଲେ। ତେଣୁ ମୋର ଆତ୍ମହତ୍ୟା ପାଇଁ ସେମାନେ ଦାୟୀ।

ସୂଚନାଯୋଗ୍ୟ ଏସ୍‌ୟୁ ପ୍ରଶାସନିକ କୋଠା ସମ୍ମୁଖରେ ଦୀନବନ୍ଧୁ ମଙ୍ଗଳବାର ପୂର୍ବାହ୍ନରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବୁର୍ଲା ଭିମ୍‌ସାର ଓ ପରେ କଟକ ସ୍ଥାନାନ୍ତର କରାଯାଉଥିଲା। ବାଟରେ ଅନୁଗୋଳ ଜିଲା ଜରପଡା ନିକଟରେ ସଙ୍କଟାପନ୍ନ ହେବାରୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ବୋହୂ ହୋଇ ଛତିଶଗଡ଼ ଗଲେ ସୋନୀ

**ଝାରସୁଗୁଡ଼ା ଅଫିସ,୨୧।୪**

ଦୀର୍ଘ ୫ବର୍ଷ ତଳେ ଛତିଶଗଡ଼ରୁ ମହାନଦୀ ବନ୍ୟାଜଳରେ ଭାସିଆସିଥିବା ଯୁବତୀ ସୋନୀ ଯାଦବଙ୍କ ବୁଧବାର ବାହାଘର ପରେ ବଧୂ ବେଶରେ ଓଡିଶାରୁ ଛତିଶଗଡ଼ ଫେରିଯାଇଛନ୍ତି। ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ବାଦିମାଲ ପଞ୍ଚାୟତ କୁଶମେଲ୍ ଗ୍ରାମର ପାଳିତ ମା'ବାପା ଝିଅ ସୋନୀଙ୍କ ଦ୍ୱାରା ବିବାହ ସମ୍ପନ୍ନ ହୋଇଥିଲା। ଛତିଶଗଡ ରାୟଗଡ ଜିଲା ଧରମଗଡ ଗ୍ରାମର ପ୍ରେମ ସିଂ ଯାଦବଙ୍କ ପୁଅ ପୁରୁଷୋତ୍ତମଙ୍କ ସହିତ ସୋନୀଙ୍କ ବିବାହ ହୋଇଛି। ବାହାଘରରେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ଓ ତାଙ୍କ ସ୍ତ୍ରୀ ଉପସ୍ଥିତ ରହି ସୋନୀଙ୍କୁ ନିଜ ଝିଅ ଭାବେ ଗ୍ରହଣ କରି ବେଦୀରେ କନ୍ୟାଦାନ କରିଥିଲେ।

ବିଧାୟକ ମହାନ୍ତି କହିଛନ୍ତି, ଜଣେ ଅସହାୟ ଯୁବତୀଙ୍କୁ ଝିଅ କରି କନ୍ୟାଦାନ କରିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ। ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଓ


ପୁରୁଷୋତ୍ତମ ଓ ସୋନୀ

ଛତିଶଗଡ଼ ରାଜ୍ୟ ମଧ୍ୟରେ ବିବାଦ ଲାଗିରହିଛି। ହେଲେ ଛତିଶଗଡର ଜଣେ ଯୁବତୀ ମହାନଦୀ ଜଳରେ ଭାସିଆସିଥିବାବେଳେ ତାଙ୍କୁ ଓଡିଶାର ଜଣେ ମତ୍ସ୍ୟଜୀବୀ ଉଦ୍ଧାର କରି ଝିଅ ଭାବେ ଲାଳନପାଳନ କରି ପୁଣି ବଧୂ ବେଶରେ ଛତିଶଗଡ ପଠାଇବା ଏକ ମହାନ କାର୍ଯ୍ୟ। ଏହି ବାର୍ତ୍ତା ଆଗାମୀ ଦିନରେ ଉଭୟ ରାଜ୍ୟର ମହାନଦୀ ଜଳ ବିବାଦର ସମାଧାନର ସୂତ୍ର ହେବ ବୋଲି ବିଧାୟକ କହିଥିଲେ।

ସୂଚନାଯୋଗ୍ୟ ୨୦୧୬ ସେପ୍ଟେମ୍ବର ୧୪ରେ କୁଶମେଲ୍ ଗ୍ରାମର ମତ୍ସ୍ୟଜୀବୀ ସନ୍ନ୍ୟାସୀ କାଲୋ ଡଙ୍ଗାଧରି ମହାନଦୀକୁ ମାଛ ମାରିବା ପାଇଁ ଯାଇଥିଲେ। ଏହି ସମୟରେ ନଦୀରେ ଜଣେ ଯୁବତୀ ଭାସୁଥିବା ଦେଖି ସେ ତାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ଚେତା ଫେରିବା ପରେ ଯୁବତୀ ଘଟଣା ସମ୍ପର୍କରେ କହିଥିଲେ, ତାଙ୍କ ନାଁ ସୋନୀ ଯାଦବ ଓ ଘର ଛତିଶଗଡ ସାରଙ୍ଗଗଡ ଥାନା ଜୋବ୍ରା ଗ୍ରାମରେ। ତାଙ୍କ ମା'ବାପା ନ ଥିବାବେଳେ ସେ ମାଉସୀଙ୍କ ଘରେ ରହି ଜଣଙ୍କ ଘରେ କାମ କରୁଥିଲେ। ସେ ଚନ୍ଦ୍ରହାସିନୀ ମନ୍ଦିରକୁ ଦର୍ଶନ ପାଇଁ ଆସି ମହାନଦୀ କୂଳରେ ଧୋଇ ହେଉଥିବାବେଳେ ଗୋଡ ଖସିଯିବାରୁ ୫୦ କି.ମି. ଦୂର ଭାସିଆସି କୁଶମେଲ୍ ନିକଟ ମହାନଦୀ କୂଳରେ ଲାଗିଥିଲେ। ସନ୍ନ୍ୟାସୀ ସେତେବେଳେ ନିଜ ଘର ଛତିଶଗଡରେ ଛାଡିଦେବା ପାଇଁ କହିବାରୁ ଯୁବତୀ ଜଣଙ୍କ ରାଜି ହୋଇ ନ ଥିଲେ। ସନ୍ନ୍ୟାସୀଙ୍କ ଝିଅ ନ ଥିବାରୁ ଯୁବତୀଙ୍କୁ ଝିଅ କରି ରଖିଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରବି ଉଚ୍ଚଭାବରେ ରହି ରାଶ୍ୟାଧିପତି ସହ ଥିବାରୁ ଦୃଢ଼ ପଦକ୍ଷେପ ନେଇ କାମ ହାସଲର ପ୍ରେରଣା ଲାଭ କରିବେ। କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ପରିବାରରେ ପାଖରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ଅର୍ଥନୈତିକ, ସାମାଜିକ, ପ୍ରଶାସନିକ କ୍ଷେତ୍ର ବହୁତ ଭଲ ରହିବ।

**ବୃଷ**
ଆଜି ଦିନଟିରେ ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନକୁ ପ୍ରାଧାନ୍ୟ ଦେଇ କାମକୁ ଅବହେଳା କରିବେ। ଅବଶ୍ୟ କଳା, ସାହିତ୍ୟ ଓ କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି। ବ୍ୟବସାୟିକ ଦିଗରୁ ଦିନଟି ମନ୍ଦ ନୁହେଁ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସୁନାମ ମିଳିବ।

**ମିଥୁନ**
ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ କେତେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ବିରୁଦ୍ଧାତ୍ମକ କଥାବାର୍ତ୍ତା କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ ତଥାପି ସମସ୍ୟା ଲାଗି ରହିବ। ଅର୍ଥବଳ ଥିଲେ ମଧ୍ୟ ସହଯୋଗ ଅଭାବରୁ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ହୋଇ ନ ପାରେ।

**କର୍କଟ**
ଆଜି ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ଅଳ୍ପସମୟ ପରେ ଦୂରୀଭୂତ ହୋଇଯିବ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଆଶାୟୀଥିବା କୌଣସି ସକାରାତ୍ମକ ଖବର ମନକୁ ଆହ୍ଲାଦିତ କରିବ। ଜମିଜମା ସକାଶେ କୌଣସି ବ୍ୟକ୍ତିଙ୍କ ସହ ଆଲୋଚନାରୁ ସଫଳତା ମିଳିବ।

**ସିଂହ**
ଆଜି ଆପଣ ଯାହା ଚାହୁଁଛନ୍ତି ତାହା ସାମାନ୍ୟ କଷ୍ଟରେ ପାଇଯିବେ। ସରକାରୀ ସ୍ତରରେ ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯିବାର ଆଶଙ୍କା ବଳବତ୍ତର ରହିବ। ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ଅଯଥା ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପ୍ରତିଯୋଗିତା କ୍ଷେତ୍ରରେ କିମ୍ବା ମାଲିମକଦ୍ଦମାରେ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି।

**କନ୍ୟା**
ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସେମାନଙ୍କ ପ୍ରତି ରହିଥିବା ଭଲ ଧାରଣା ହ୍ରାସ ପାଇପାରେ। ହସ୍ତା ନକ୍ଷତ୍ର ପଦାଧିକାରୀଙ୍କ ଚାପରେ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବେ। ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବାର ପ୍ରଯତ୍ନ ନ କରି ଅବହେଳା କଲେ ଅନୁତାପ କରିବାକୁ ପଡ଼ିବ।

**ତୁଳା**
ନିକଟସ୍ଥ କୌଣସି ବ୍ୟକ୍ତି ସମସ୍ୟାର କାରଣ ସାଜି ପାରନ୍ତି। ଅନ୍ୟମାନେ ଶତ୍ରୁତା କଲେ ମଧ୍ୟ କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ସ୍ୱାତୀ ନକ୍ଷତ୍ର ଆକସ୍ମିକ ଆବଶ୍ୟକ ଅର୍ଥାଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଆଲୋଚନା ପରିସରରେ କିମ୍ବା ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବିଛା**
ଆଜି ଆକସ୍ମିକ ଭାବରେ ମୂଲ୍ୟବାନ ଦ୍ରବ୍ୟ ଲାଭ ସାଙ୍ଗକୁ ଅର୍ଥ ଓ ସମ୍ମାନ ପାଇବେ। ରାଜନୈତିକ ସ୍ତରରେ ଉପକୃତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ମତାନ୍ତର ଜନିତ କାରଣରୁ ଅଶାନ୍ତି ଆସିବ। ସ୍ୱାସ୍ଥ୍ୟହାନି ହେତୁ ନିରାକରଣ ପରିପ୍ରେକ୍ଷୀରେ ବାରମ୍ବାର ଧାଁ ଧଉଡ କରିବାକୁ ପଡ଼ିପାରେ।

**ଧନୁ**
ଆଜିର ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ଷଷ୍ଠଚନ୍ଦ୍ର ହେତୁ ଚେଷ୍ଟା କରୁଥିବା କାମରେ ଖର୍ଚ୍ଚାନ୍ତ ସାଙ୍ଗକୁ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଉତ୍ତରାଷାଢ଼ା ନକ୍ଷତ୍ର ଅଧିକାଂଶ କ୍ଷେତ୍ରରେ ପର ଉପରେ ନିର୍ଭର କରି ଚିନ୍ତାକୁଳ ହେବେ। କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି।

**ମକର**
ସାମାନ୍ୟ ଅସମ୍ମାନଜନକ କଥା ଓ ବ୍ୟବହାରରେ ଚିହିଁକି ଉଠି ଅନର୍ଥ ଘଟାଇ ପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ନେଇ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ କରିବେ। କର୍ମାରମ୍ଭ, ଯାନ୍ତ୍ରିକ ଜିନିଷ କ୍ରୟ, ଜମିଜମା, କଳା, ସାହିତ୍ୟ, ସାମ୍ବାଦିକତା ଏବଂ ସାମୂହିକ ଆଲୋଚନା ପାଇଁ ଦିନଟି ବହୁତ ଭଲ।

**କୁମ୍ଭ**
ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ। ଅନ୍ୟର ଯେତେ ଉପକାର କରି ଥାଆନ୍ତୁନା କାହିଁକି, ତାକୁ ଭୁଲି ନିଜର ଲୋକମାନେ ସେମାନଙ୍କର ସ୍ୱାର୍ଥସାଧନକୁ ଗୁରୁତ୍ୱ ଦେବେ। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଶତଭିଷା ନକ୍ଷତ୍ର ପିଲାଙ୍କୁ ନେଇ ଗର୍ବ ଅନୁଭବ କରିବେ।

**ମୀନ**
ବିଭିନ୍ନ ସମସ୍ୟାଜନିତ ମନକଥାକୁ ମନରେ ମାରି କାର୍ଯ୍ୟଦକ୍ଷତାର ଅସଲ ପରିଚୟ ପ୍ରଦାନ କରି ପ୍ରଶଂସିତ ହେବେ। ଆତ୍ମୀୟଙ୍କ ବିରୁଦ୍ଧାଚରଣ ସମସ୍ୟା ସୃଷ୍ଟି କରିପାରେ। ପୂର୍ବଭାଦ୍ରବ ନକ୍ଷତ୍ର ସାମାଜିକସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମାନୁଷ୍ଠାନ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ।

ଆଜି ଧରିତ୍ରୀ ଦିବସ, ଚୈତ୍ର ଶୁକ୍ଳ ଦଶମୀ, ଗୁରୁବାର, ସୁଦଶାବ୍ରତ, ଶ୍ରୀମନ୍ଦିରରେ ଯଜ୍ଞରକ୍ଷା, ଏପ୍ରିଲ ୨୨, ରାଶିନକ୍ଷତ୍ର-ସକାଳ ଘ.୦୮।୧୩ମି. ଗତେ ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୭ ଗତେ ଘ.୦୭।୦୮ ମଧ୍ୟେ, ଘ. ୧୦।୨୯ ଗତେ ଘ.୦୧।୦୦ ମଧ୍ୟେ ମାହେନ୍ଦ୍ର ବେଳା। ରାତ୍ରି ଘ.୦୨।୨୪ ଅମୃତ ବେଳା। ଅପରାହ୍ନ ଘ.୦୧।୧୯ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଡେରେକ୍ ଚଉଭିନ୍ ...

ଓ ଅନ୍ୟ ଜଜ୍ ୨ ଦିନରେ ପ୍ରାୟ ୧୦ ଘଣ୍ଟା ଏହି ମାମଲା ଉପରେ ଆଲୋଚନା କରିଥିଲେ। ପରେ ଚଉଭିନ୍‌ଙ୍କୁ କୌଣସି ଉଦ୍ଦେଶ୍ୟ ନ ଥାଇ ହତ୍ୟା (ସେକେଣ୍ଡ ଡିଗ୍ରୀ ଚାର୍ଜ), ଥାର୍ଡ ଡିଗ୍ରୀ ମର୍ଡର ଓ ସେକେଣ୍ଡ ଡିଗ୍ରୀ କାରଣ ରହିତ ହତ୍ୟା ଚାର୍ଜରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହାସହ ଚଉଭିନ୍‌ଙ୍କ ଅନ୍ୟ ୩ ସହଯୋଗୀଙ୍କୁ ମଧ୍ୟ କୋର୍ଟ ଦୋଷୀ ଅଭିହିତ କରିଛନ୍ତି। ୮ ସପ୍ତାହ ମଧ୍ୟରେ ଚଉଭିନଙ୍କୁ ଦଣ୍ଡାଦେଶ ଦିଆଯିବ ବୋଲି ଜଣାଯାଇଛି। ସୁରକ୍ଷା ଦୃଷ୍ଟିରୁ ରାୟ ଦେଇଥିବା ବିଚାରପତିଙ୍କ ନାଁ ଗୋପନ ରଖାଯାଇଛି। ଏହି ରାୟକୁ ଜୋ ବାଇଡେନ୍ ସରକାରଙ୍କ ସମେତ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ସ୍ୱାଗତ କରିଛନ୍ତି। ୨୦୨୦ ମେ ୨୫ରେ ଏକ ଦୋକାନରେ ୨୦ ଡଲାରର ନକଲି ବିଲ୍ ବ୍ୟବହାର ଅଭିଯୋଗରେ ଆମେରିକା ପୋଲିସ ଫ୍ଲୟଡ୍‌ଙ୍କୁ ଗିରଫ କରିଥିଲା। ଡେରେକ ଚଉଭିନ୍ ଫ୍ଲୟଡ୍‌ଙ୍କ ବେକକୁ ୯ ମିନିଟ୍ ୩୮ ସେକେଣ୍ଡ ଆଣ୍ଠୁରେ ଚାପି ଧରିଥିଲେ। ସାହାଯ୍ୟ ପାଇଁ ଚିତ୍କାର କରୁଥିଲେ ହେଁ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ଅଣନିଶ୍ୱାସୀ ହୋଇ ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଫ୍ଲୟଡ୍ ଜଣେ କୃଷ୍ଣକାୟ ହୋଇଥିବାରୁ ପୋଲିସ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣି ମିନିଆପଲିସ୍ ସହ ସମଗ୍ର ଆମେରିକାରେ ବିକ୍ଷୋଭ ଆରମ୍ଭ ହୋଇଥିଲା। ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ 'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ବିଶ୍ୱକୁ ବ୍ୟାପିଥିଲା। ସେହି ବର୍ଷ ଜୁଲାଇରେ ଫ୍ଲୟଡ୍‌ଙ୍କ ପରିବାର ପକ୍ଷରୁ ସହର ପ୍ରଶାସନ ବିରୋଧରେ ନାଗରିକ ଅଧିକାର ଉଲ୍ଲଂଘନ ନେଇ ମାମଲା ରୁଜୁ ହୋଇଥିଲା। ଗତ ମାର୍ଚ୍ଚ ୧୩ରେ ଫ୍ଲୟଡ୍‌ଙ୍କ ପରିବାର ସହ ବୁଝାମଣା ପାଇଁ ମିନିଆପଲିସ୍ ସିଟି କାଉନ୍‌ସିଲ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ଏହି ଚୁକ୍ତି ଅନୁସାରେ ମିନିଆପଲିସ୍ ଫ୍ଲୟଡ୍‌ଙ୍କ ପରିବାରକୁ ୨୭ ମିଲିୟନ ଡଲାର (ପ୍ରାୟ ୧୯୬.୨୬ କୋଟି ଟଙ୍କା) ଦେବ ବୋଲି ସ୍ଥିର ହୋଇଥିଲା।

## ଦଶମ ପରୀକ୍ଷା ବାତିଲ, ...

ବାତିଲ ନେଇ ଗଣଶିକ୍ଷା ମନ୍ତ୍ରୀ ଦାଶ ଘୋଷଣା କରିଥିଲେ। ଏନେଇ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ ରେଗୁଲାର, ଏକ୍ସରେଗୁଲାର, ମଧ୍ୟମା ପିଲାଙ୍କୁ ମିଶାଇ ୬ ଲକ୍ଷ ୪୭ ହଜାର ପିଲା ପରୀକ୍ଷା ଦେଇଥାନ୍ତେ। ଏଥିନିମନ୍ତେ ୩୩ଶହ କେନ୍ଦ୍ରକୁ ପ୍ରସ୍ତୁତ କରାଯାଇଥିଲା। ପିଲାମାନେ ନିଜ କେନ୍ଦ୍ରରେ ପରୀକ୍ଷା ଦେଇଥାନ୍ତେ। ତେବେ ପିଲାଙ୍କ ନିମନ୍ତେ ଜାନୁୟାରୀ ୨୮ରୁ ଏପ୍ରିଲ ୨୫ ପର୍ଯ୍ୟନ୍ତ ୧୦୦ ଦିନିଆ ପାଠପଢ଼ା ଚାଲିଥିଲା। ପରୀକ୍ଷା ନିମନ୍ତେ ପିଲାଙ୍କୁ ପ୍ରସ୍ତୁତ କରାଯାଉଥିବାବେଳେ ସେମାନେ ୮୦ମାର୍କର ପରୀକ୍ଷା ଦେଇଥାନ୍ତେ। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏ ନେଇ ମଧ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମେ' ୧୮ରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହୋଇଥାନ୍ତା। କୋଭିଡ୍ ସ୍ଥିତିରେ ସୁଧାର ଆସିବା ପରେ ପରୀକ୍ଷା ନେଇ ବିଚାର କରାଯିବ। ପରୀକ୍ଷା ସଂକ୍ରାନ୍ତରେ ଜୁନ୍ ପ୍ରଥମ ସପ୍ତାହରେ ରାଜ୍ୟ ସରକାର ଓ ସିଏଚ୍‌ଏସ୍‌ଇ ପକ୍ଷରୁ ସମୀକ୍ଷା କରାଯିବ। ଅତି କମ୍‌ରେ ପରୀକ୍ଷା ଆରମ୍ଭ ହେବାର ୧୫ଦିନ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଜଣାଇ ଦିଆଯିବ। ଏଥିସହ ନବମ ଓ ଏକାଦଶରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଦଶମ ଓ ଦ୍ୱାଦଶ ଶ୍ରେଣୀକୁ ପ୍ରମୋଶନ କରିଛି ବିଭାଗ। ଏଥିପାଇଁ ଛାତ୍ରୀଛାତ୍ରମାନେ କୌଣସି ପ୍ରମୋଶନ ପରୀକ୍ଷା ଦେବେ ନାହିଁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଅକ୍ସିଜେନ୍ ଯୋଗାଣ ବନ୍ଦ ...

ଅଧଘଣ୍ଟା ଧରି ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଭେଣ୍ଟିଲେଟରରେ ଥିବା ୨୩ ଓ ଅନ୍ୟ ଜଣେ ରୋଗୀ ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇଥିଲେ। ଅଦୃଶ୍ୟ ଗ୍ୟାସ୍ ଲିକ୍ ହେବା ପରେ ସମଗ୍ର ଅଞ୍ଚଳ ଧୂଆଁ ଭଳି ଆବରଣରେ ଆଚ୍ଛାଦିତ ହୋଇଯାଇଥିଲା। ରୋଗୀମାନେ ଛଟପଟ ହେଉଥିବାବେଳେ ହସ୍ପିଟାଲ କର୍ମଚାରୀ ଏଣେତେଣେ ଧାଇଁବାରେ ଲାଗିଥିଲେ। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଜିଲାପାଳ ସୁରଜ ମନ୍ଧାରେ କହିଛନ୍ତି, ହସ୍ପିଟାଲର ଅକ୍ସିଜେନ ରକ୍ଷଣାବେକ୍ଷଣ ଦାୟିତ୍ୱ ଏକ ଘରୋଇ କମ୍ପାନୀକୁ ଦିଆଯାଇଥିଲା। ହସ୍ପିଟାଲ ପରିସରରେ ୧୩ କିଲୋଲିଟର ବିଶିଷ୍ଟ ଏକ ଅକ୍ସିଜେନ ଟ୍ୟାଙ୍କର ରଖାଯାଇଥିଲା। ସେଥିରେ ରିଫିଲିଂ କରାଯାଉଥିବାବେଳେ ଷ୍ଟୋରେଜ ଟ୍ୟାଙ୍କରର ଏକ ସକେଟ ଭାଙ୍ଗିଯାଇ ଅକ୍ସିଜେନ ଲିକ୍ ହୋଇଯାଇଥିଲା। ହସ୍ପିଟାଲ ଷ୍ଟାଫ୍ ଏହା ଜାଣିବା ପରେ ଯୋଗାଣ ଜାରି ରଖିବା ପାଇଁ ବଡ଼ ସିଲିଣ୍ଡରର ବ୍ୟବସ୍ଥା କରିଥିଲେ। ଏହାସହ କେତେଜଣ ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରିବାରେ ଲାଗିଥିଲେ। ଟ୍ୟାଙ୍କରର ଦେଖାଶୁଣା କରୁଥିବା ଟେକ୍ନିସିଆନ୍‌ମାନେ ଅନ୍ୟ ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ଭାଲ୍‌ଭକୁ ବନ୍ଦ କରିଦେଇଥିଲେ। ଲିକ୍ ବନ୍ଦ କରିବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ଏନ୍‌ଏମ୍‌ସି କମିଶନର କୈଳାସ ଯାଦବଙ୍କ ସହ ଯୋଗାଯୋଗ କରିଥିଲେ। କମିଶନର ଏହାକୁ ଏକ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ଅଭିହିତ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ସିଜେନ୍ ଲିକ୍ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଶୋକବ୍ୟକ୍ତ କରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏଥିସହ ଏହି ଘଟଣାକୁ ନେଇ କେହି ରାଜନୀତି କରନ୍ତୁ ନାହିଁ ବୋଲି ସେ ଅନୁରୋଧ କରିଛନ୍ତି। ଅବହେଳା ଯୋଗୁ ଏପରି ଘଟିଛି କି ନାହିଁ ତା'ର ତଦନ୍ତ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ କହିଛନ୍ତି। ମହାବିକାଶ ଅଘାଡ଼ି ସରକାରରେ ପର୍ଯ୍ୟଟନ ମନ୍ତ୍ରୀ ଥିବା ଶିବସେନା ନେତା ଆଦିତ୍ୟ ଠାକ୍‌ରେ ଏହି ଦୁଃଖଦ ଘଟଣାକୁ ନେଇ ଶୋକବ୍ୟକ୍ତ କରି ତଦନ୍ତର ପ୍ରତିଶ୍ରୁତି ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଅଜିତ ପାୱାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି କହିଛନ୍ତି। କଂଗ୍ରେସର ମହାରାଷ୍ଟ୍ର ମୁଖପାତ୍ର ସଚିନ ସାୱନ୍ତ ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି। ହସ୍ପିଟାଲ ଭାଜପା ଶାସନାଧୀନ ଏନ୍‌ଏମ୍‌ସି ଦ୍ୱାରା ପରିଚାଳିତ ହେଉଥିବାରୁ ଗୈରିକ ଦଳ ଏଥିପାଇଁ ନିଜକୁ ଦାୟୀ କରିବା ଜରୁରୀ। ଭାଜପା ମେୟର ଓ ୩ ବିଧାୟକ କେଉଁଠି ଲୁଚିଛନ୍ତି ବୋଲି ସାୱନ୍ତ ପ୍ରଶ୍ନ କରିଛନ୍ତି। ଉଦ୍ଧବ ସରକାରର କ୍ୟାବିନେଟ ମନ୍ତ୍ରୀ ଛଗନ ଭୁଜବଳ ଓ ଅନ୍ୟ ବରିଷ୍ଠ ନେତାମାନେ ସ୍ଥିତି ସମୀକ୍ଷା ପାଇଁ ହସ୍ପିଟାଲ ପରିଦର୍ଶନ କରିଛନ୍ତି।


# classifieds Everyday
0674-2580101, 2549302

real estate

**SALE**

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 1km. sqft.-220/-, Niser ପାଖରେ sqft.-500/-, ତ୍ରିଶୂଳିଆ ଛକ ପାଖରେ 450/- plot ବିକ୍ରି ଚାଲୁଅଛି। 9178004547, 9348020724. D-70843

Plot for Sale Near Pipili Toll Gate, Just 16 K.M. from Bhubaneswar, Kalpana Square. Contact: 9937446498. D-70581

Shree Krishna developer 55acres township plotting project near Sum Hospital for enquiry. 8337900881. D-70582

ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952. D-70831

Schedulecaste gharabari plot sale 6k.m. from Nakhara, Brahmanjharilo mainroad side 1200sqft. 9,60,000/-, Anantapur 2k.m. from main road 1500sqft. 9,75,000/-, 9439006524. D-70840

Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254. D-70825

10Acre land for sale at Trisulia main road, Cuttack. 8018702198. D-20567

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ - 9937111658, 7381029351 (limited plots). D-70816

healthcare

Newly open Spa offer @599/-, positively health benefits, Jaydevbihar. 7846814019. D-59988

Newly open full body massage ladies and gents. 9040900385. D-69547

Swarna SPA newly open positively health benefits with expert therapist. 9556978408. D-70588

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Zen SPA positively health benefits with experts therapeutic genuinely massage. 7205084157. D-70589

Refreshing your mind body with best expert therapist. 8144219731, 7749040472. D-70590

New opening Saikrupa Panchakarma and Spa jointpain, fullbody massage, 8984068077. D-65915

**LOST**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମୁଁ ଗୀତାଞ୍ଜଳି ବେହେରା, ଖୋର୍ଦ୍ଧା ଜଣାଉଅଛି ଯେ ମୋର ଜାଗାର ମୂଳ ଦଲିଲ ନଂ.-3021/14.11.94 କେଉଁଠି ହଜିଯାଇଛି। କେହି ଏହାକୁ ପାଇଲେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ମୋବାଇଲ ନଂ. 8480615297 ସୂଚିତ କରିବାକୁ ଅନୁରୋଧ । ୪-୬୮୭୭

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆମ ପୃଥିବୀର ପୁନରୁଦ୍ଧାର



**ମାତ୍ର ୩୦୦ ବର୍ଷ ଭିତରେ ମଣିଷର ଶିଳ୍ପବିପ୍ଳବ ଧରିତ୍ରୀକୁ ମୁମୂର୍ଷୁ ଅବସ୍ଥାକୁ ନେଇଯାଇଛି । ସର୍ବଂସହା ଧରିତ୍ରୀର ନୀରବତାର ସୁଯୋଗ ନେଇ ଆମ ପରିବେଶକୁ ଆମେ ନିଜେ ନଷ୍ଟ କରୁଛେ । ସୁନ୍ଦର ସବୁଜ ଧରିତ୍ରୀ ଆଜି ବିବର୍ଣ୍ଣ ଦିଶୁଛି । ସେଥିପାଇଁ ଆମେ ଦାୟୀ । ତେଣୁ ପୃଥିବୀର ପୁନରୁଦ୍ଧାର ବି ଆମର ଦାୟିତ୍ୱ ।**

ପୃଥିବୀ ଆମର ଘର । ନିଜ କୋଳରେ ଆମକୁ ଧରି ରଖିଥିବାରୁ ତା'ର ନାମ ଧରା ବା ଧରିତ୍ରୀ । ଆମର ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଧରାପୃଷ୍ଠରେ ପ୍ରାକୃତିକ ସମ୍ପଦ ରହିଛି । ଆମେ କିନ୍ତୁ ଆମର ଲୋଭକୁ ପୂରଣ କରିବା ଲାଗି ପ୍ରାକୃତିକ ସମ୍ପଦର ଅବିବେକୀ ବ୍ୟବହାର କରିଚାଲିଛୁ । ଆମର ଅମାନୁଷିକ ବ୍ୟବହାର ଫଳରେ ଧରିତ୍ରୀର ନିର୍ମଳ ପରିବେଶ ଦୂଷିତ ହେଉଛି । ଏହାର ପାଣି, ପବନ, ମାଟିରେ ବିଷ ମିଶୁଛି । ତେଣୁ ଆମ ପୃଥିବୀ ଏବେ ମୁମୂର୍ଷୁ ଅବସ୍ଥାରେ ରହିଛି । ପୃଥିବୀ ଗ୍ରହର ବିଭିନ୍ନ ପରିବେଶଜନିତ ସମସ୍ୟା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଓ ସମସ୍ୟାର ସମାଧାନ ଦିଗରେ ଚିନ୍ତା କରିବା ପାଇଁ ୧୯୬୯ ମସିହାରେ ଏକ ବିଶେଷ ପ୍ରସ୍ତାବ ଅଣାଯାଇଥିଲା । ଏଭଳି ପୁଣ୍ୟ ପ୍ରୟାସକୁ ଅଧିକ ଜନାଦୃତ କରିବା ସକାଶେ ଏକ ବିଶେଷ ଦିବସର ପରିକଳ୍ପନା କରାଗଲା । ସେହି ପରିପ୍ରେକ୍ଷୀରେ ପ୍ରଦୂଷଣ ଓ ଧରିତ୍ରୀର ମୁମୂର୍ଷୁ ଅବସ୍ଥା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟ ନେଇ ପ୍ରତିବର୍ଷ ପାଳିତ ହେଉଛି 'ଧରିତ୍ରୀ ଦିବସ' । ୧୯୭୦ ମସିହାରୁ ଏପ୍ରିଲ ୨୨ରେ ଏହି ଦିବସ ପାଳନ କରାଯାଉଛି । ଚଳିତ ବର୍ଷର 'ଧରିତ୍ରୀ ଦିବସ' ଉଦ୍ଦେଶ୍ୟରେ ଜନସାଧାରଣଙ୍କ ପାଇଁ ସନ୍ଦେଶ ରହିଛି- 'ଆମ ପୃଥିବୀର ପୁନରୁଦ୍ଧାର' ।

ଆମର ସହରୀକରଣ ନିଶା ହେତୁ ଜଙ୍ଗଲ ସଫା ହେଉଛି । ଚାଷଜମି କମିଯାଉଛି । ଏହା ବଦଳରେ ସହର ସୃଷ୍ଟି ହେଉଛି । ସଭ୍ୟତାର ବିକାଶ ନାମରେ ସବୁଜିମା ନଷ୍ଟ ହେଉଛି । ଯାନବାହନ ସଂଖ୍ୟା ବି ବଢୁଛି । ଅଧିକରୁ ଅଧିକ କଳକାରଖାନା ନିର୍ମାଣ ହେଉଛି । କଳକାରଖାନାରୁ ନିର୍ଗତ ବିଷାକ୍ତ ଆବର୍ଜନା ମୃତ୍ତିକାକୁ ଦୂଷିତ କରୁଛି । ସେଥିରେ ଫସଲ ହେଉନାହିଁ । ଲୋକମାନେ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି । ତେଣୁ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଅଧିକ କୋଇଲା ଜାଳିବାକୁ ପଡୁଛି, ଯାହାକି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ବୃଦ୍ଧିକରୁଛି । ପୃଥିବୀର ଜଳବାୟୁକୁ ଅନିୟମିତ କରୁଥିବା କାରକଗୁଡ଼ିକ ମଧ୍ୟରୁ ଅଙ୍ଗାରକାମ୍ଳ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

ଜଳବାୟୁ ନିୟମିତ ହେବା ପାଇଁ ସୁସ୍ଥ ବାୟୁମଣ୍ଡଳ ଜରୁରୀ । ସୁସ୍ଥ ବାୟୁମଣ୍ଡଳ ପାଇଁ ଘନ ଜଙ୍ଗଲ ଆବଶ୍ୟକ । ଆଜି ପ୍ରଦୂଷଣକୁ ଦୃଢ଼ ବିରୋଧ କରିବା ସହିତ ଆମ ଗ୍ରହର ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି । ନ ହେଲେ ଅନ୍ୟ ଜୀବଜଗତ ସହିତ ମଣିଷ ବି ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ ।

ଶିଳ୍ପ ବିପ୍ଳବର କୁପ୍ରଭାବ ଧରିତ୍ରୀର ବା-ପା-ମା (ବାୟୁ-ପାଣି-ମାଟି)କୁ ଆଜି ନଷ୍ଟ କରିଦେଇଛି । ଆମେ ସିନା କଳକାରଖାନା ଓ ଗାଡ଼ିମୋଟରକୁ ସମ୍ପୂର୍ଣ୍ଣ ବନ୍ଦ କରିପାରିବା ନାହିଁ, କିନ୍ତୁ ତଜ୍ଜନିତ ପ୍ରଦୂଷଣ ଓ କୁପ୍ରଭାବକୁ ଯଥାସମ୍ଭବ ହ୍ରାସ କରାଇପାରିବା । ଧରିତ୍ରୀକୁ ପୂର୍ବଭଳି ସବୁଜ କରିପାରିବା । ଗାଁ ଓ ସହରକୁ ଗଛ ଓ ଉଦ୍ୟାନରେ ଭରିଦେବା ପାଇଁ ଜନସଚେତନତା ସୃଷ୍ଟି ହେବା ଦରକାର । ଅଂଶୁଘାତ, ଜାଗତିକ ଉଷ୍ଣତା ବୃଦ୍ଧି ଓ ସବୁଜଗୃହ ପ୍ରଭାବ ଭଳି ସମସ୍ୟାର ସମାଧାନ ଦିଗରେ ସବୁଜିମା ସହାୟକ ହେବ ।

ଉନ୍ନତି ପାଇଁ ଆମେ ଗ୍ରହଣ କରିଥିବା ପନ୍ଥାଗୁଡ଼ିକ ପ୍ରଦୂଷଣପୂର୍ବକ ଆମର ଅପୂରଣୀୟ କ୍ଷତି କରୁଛି । ଉନ୍ନତି ଆଳରେ ଆମର ପ୍ରୟାସ ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି । ଅତଏବ ଆମ ଉନ୍ନତିର ଧାରା ନିରନ୍ତରଧର୍ମୀ ନୁହେଁ । ଗଛଲତା, ପ୍ରାଣୀ ଓ ଜୀବାଣୁଭୂତାଣୁଙ୍କୁ ମିଶେଇଲେ ପୃଥିବୀରେ ପ୍ରାୟ ୮୭ ଲକ୍ଷ ପ୍ରଜାତିର ଜୀବନ ରହିଛି । ସେମାନଙ୍କ ମଧ୍ୟରୁ ମଣିଷ ଅନ୍ୟତମ । ପରିତାପର ବିଷୟ, ଏତେ କିସମର ପ୍ରାଣୀ ଲକ୍ଷ ଲକ୍ଷ ବର୍ଷ ଧରି ପୃଥିବୀରେ ବାସକରି ଆସୁଥିଲେ ବି ଯେଉଁ ପରିବର୍ତ୍ତନ ଘଟି ନ ଥିଲା, ଏଇ ମାତ୍ର ୩୦୦ ବର୍ଷ ଭିତରେ ମଣିଷର ଶିଳ୍ପବିପ୍ଳବ ଧରିତ୍ରୀକୁ ମୁମୂର୍ଷୁ ଅବସ୍ଥାକୁ ନେଇଯାଇଛି । ସର୍ବଂସହା ଧରିତ୍ରୀର ନୀରବତାର ସୁଯୋଗ ନେଇ ଆମ ପରିବେଶକୁ ଆମେ ନିଜେ ନଷ୍ଟ କରୁଛେ । ସୁନ୍ଦର ସବୁଜ ଧରିତ୍ରୀ ଆଜି ବିବର୍ଣ୍ଣ ଦିଶୁଛି । ସେଥିପାଇଁ ଆମେ ଦାୟୀ । ତେଣୁ ପୃଥିବୀର ପୁନରୁଦ୍ଧାର ଆମ ଦାୟିତ୍ୱ । ଆଜିର ପରିବେଶଜନିତ ସମସ୍ୟାଗୁଡ଼ିକ ସମ୍ପର୍କରେ ଇଣ୍ଟରନେଟ, ଫେସ୍‌ବୁକ୍, ହ୍ୱାଟ୍‌ସଆପ୍ ଓ ଟୁଇଟର ଜରିଆରେ ସମାଜକୁ ସଚେତନ କରାଯାଇପାରିବ । ଆମର ପରିବେଶ ବିରୋଧୀ ସଂସ୍କାର ଜାରି ରହିଲେ ଧରିତ୍ରୀ ଆଉ ବାସୋପଯୋଗୀ ଗ୍ରହ ହୋଇ ରହିବ ନାହିଁ । ଆମ ପାଖରେ ଆଉ ସମୟ ନାହିଁ । ସମଗ୍ର ପୃଥିବୀବାସୀଙ୍କର ପ୍ରୟାସ ଜାରି ରହିଲେ ଜାଗତିକ ସମସ୍ୟାର ସମାଧାନ ଅସମ୍ଭବ ନୁହେଁ । ତେଣୁ ଏହି ଦିଗରେ ସମସ୍ତଙ୍କର ଆନ୍ତରିକତା ଏକାନ୍ତ ଆବଶ୍ୟକ ।

**-କମଳାକାନ୍ତ ଜେନା**
ଓଡ଼ିଶା ଶିକ୍ଷା ସେବା (ଏ), ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ,
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ,
ମୋ:୯୪୩୯୫୦୧୬୫୧

# ସୁରକ୍ଷା ଆମର ଦାୟିତ୍ୱ

**ବଢୁଛି ତାପମାତ୍ରା । ବଦଳୁଛି ପରିବେଶ । ବିଷମୟ ହୋଇଗଲାଣି ମାଟିଠାରୁ ଆକାଶ । ମାନବୀୟ କାର୍ଯ୍ୟକଳାପ ଏବଂ ପ୍ରକୃତି ଉପରେ ଅତ୍ୟଧିକ ହସ୍ତକ୍ଷେପରେ ଶ୍ରୀହୀନ ହେବାରେ ଲାଗିଛି ସବୁଜ ପୃଥିବୀ । ପାଖାପାଖି ଦେଢ଼ବର୍ଷ ଧରି ଭୂତାଣୁ ବଳୟରେ ବଞ୍ଚିବା ଭିତରେ ବୁଝାପଡ଼ିଛି ଜୀବନର ମହତ୍ତ୍ୱ । ପ୍ରକୃତିର ନିୟମକୁ ସମ୍ମାନ ଦେବା ଏବଂ ଏହାର ସୁରକ୍ଷା ଲାଗି ମାନସିକସ୍ତରରେ ପ୍ରସ୍ତୁତି ପାଇମଣିଷକୁ ପୁଣି ମିଳିଛି ସୁଯୋଗ । ଏବେ ସମୟ ଆସିଛି ଧନୀ-ଗରିବ, ଜାତିବାଦ, ଯୁଦ୍ଧ ଭଳି ଅମାନବୀୟ ଚିନ୍ତାଧାରାରୁ ଉର୍ଦ୍ଧ୍ୱକୁ ଉଠି ସମସ୍ତେ ମିଳିତ ହୋଇ ପୃଥିବୀର ସୁରକ୍ଷା କରିବା । ଏଭଳି ମହତ୍ ଉଦ୍ଦେଶ୍ୟ ରଖି ଗୁରୁବାର (ଏପ୍ରିଲ ୨୨) ସର୍ବତ୍ର ପାଳିତ ହେଉଛି ବିଶ୍ୱ ଧରିତ୍ରୀ ଦିବସ ।**

ପରିବେଶ ସଂରକ୍ଷଣ ଦୃଷ୍ଟିକୋଣରୁ 'ବିଶ୍ୱ ଧରିତ୍ରୀ ଦିବସ'ର ମହତ୍ତ୍ୱ ବେଶ୍ ଅଧିକ । ଗତ କିଛି ବର୍ଷ ଧରି ଏହି ଦିବସ ପାଳନ କରିବା ଲାଗି ଅଧିକାଂଶ ଦେଶରେ ବିଶେଷ ଆଗ୍ରହ ଦେଖିବାକୁ ମିଳିଛି । ଏହାର କାରଣ ପଛରେ ରହିଛି ଜଳବାୟୁ ପରିବର୍ତ୍ତନ । ପୃଥିବୀର ତାପମାତ୍ରା ଅସ୍ୱାଭାବିକ ଭାବ ବଢ଼ିଚାଲିଛି । ଏହାର କୁପ୍ରଭାବ ଗିରିଶୃଙ୍ଗଠାରୁ ଆରମ୍ଭ କରି ସମୁଦ୍ର ଏବଂ ଜଳବାୟୁ ଉପରେ ପଡୁଥିବା ସ୍ପଷ୍ଟ ଅନୁଭୂତ ହେଉଛି, ଯାହା ସବୁଜ ଗ୍ରହରେ ମଣିଷ ପାଇଁ ସତର୍କ ଘଣ୍ଟି ବଜାଇଛି । ପାଖାପାଖି ଦେଢ଼ବର୍ଷ ହେଲା ଅଦୃଶ୍ୟ ଭୂତାଣୁ ପ୍ରକୋପ ଭୟ ସୃଷ୍ଟି କରି ଚାଲିଥିବାବେଳେ ମଣିଷ ପୁଣି ଥରେ ପ୍ରକୃତିମୁହାଁ ହୋଇଛି । ତେଣୁ ମହାମାରୀ ଭିତରେ ୱାର୍ଲ୍ଡ ଆର୍ଥ ଡେ'ର ଗୁରୁତ୍ୱ ଆହୁରି ବଢ଼ିଯାଇଛି ।




### ଚଳିତବର୍ଷର ଥିମ୍ 'ରିଷ୍ଟୋର ଆୱାର ଆର୍ଥ'

ଚଳିତବର୍ଷ 'ୱାର୍ଲ୍ଡ ଆର୍ଥ ଡେ'ର ଥିମ୍ ରହିଛି 'ରିଷ୍ଟୋର ଆୱାର ଆର୍ଥ', ଯାହାର ଅର୍ଥ 'ଆମ ପୃଥିବୀର ପୁନରୁଦ୍ଧାର' । ୨୦୧୯ ଶେଷ ଭାଗରେ କରୋନା ସଂକ୍ରମଣ ଆରମ୍ଭ ହୋଇଥିଲା । ଇତିମଧ୍ୟରେ ଦେଢ଼ବର୍ଷ ବିତିଯାଇଥିଲେ ମଧ୍ୟ ଏହି ମହାମାରୀ ପ୍ରକୋପରୁ ମଣିଷ ମୁକୁଳିପାରିନି । କରୋନା ସହିତ ଲଢ଼ିବା, ସମାନ୍ତରାଳ ଭାବେ ପରିବେଶର ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପୃଥିବୀର ସ୍ଥିତାବସ୍ଥା ଫେରାଇ ଆଣିବା ଲକ୍ଷ୍ୟ ନେଇ ଚଳିତବର୍ଷ ପାଳିତ ହେଉଛି 'ୱାର୍ଲ୍ଡ ଆର୍ଥ ଡେ' । ସେହିପରି ଜଳବାୟୁ ପରିବର୍ତ୍ତନ ଲାଗି ଦାୟୀ କାରକଗୁଡ଼ିକୁ ଯଥାସାଧ୍ୟ ନିୟନ୍ତ୍ରଣ କରିବା ଏବଂ ପ୍ରକୃତିକୁ କ୍ଷତି ପହଞ୍ଚାଇବା ଭଳି ଗତିବିଧିକୁ କମ୍ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହାକୁ ବାଦ୍‌ଦେଲେ ଜଳବାୟୁ ଏବଂ ପରିବେଶ ସାକ୍ଷରତା, ବନୀକରଣ କାର୍ଯ୍ୟ ତ୍ୱରାନ୍ୱିତ, ନାଗରିକ ବିଜ୍ଞାନ, ସ୍ୱଚ୍ଛତାରକ୍ଷା, ପୁନଃଉତ୍ପାଦନ କୃଷି, ପରିବେଶ ସୁରକ୍ଷା ଉପରେ ଜୋର୍ ଦିଆଯାଉଛି । ପ୍ରାକୃତିକ ପରିବେଶରେ ହସ୍ତକ୍ଷେପଠାରୁ ଦୂରରେ ରହିବାକୁ ଅପିଲ ମଧ୍ୟ କରାଯାଉଛି ।

## କୋଭିଡ୍ କଟକଣାରେ କାର୍ଯ୍ୟକ୍ରମ

ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ୧୯୭୦ ଏପ୍ରିଲ ୨୨ରୁ ପାଳିତ ହେଉଛି 'ୱାର୍ଲ୍ଡ ଆର୍ଥ ଡେ' । ଚଳିତବର୍ଷ ବିଶ୍ୱବ୍ୟାପୀ ୩ଦିନ ଧରି କାର୍ଯ୍ୟକ୍ରମ ପାଳିତ ହେଉଛି, ଯାହା ୨୦ ତାରିଖରୁ ଆରମ୍ଭ ହୋଇସାରିଲାଣି । କୋଭିଡ୍ କଟକଣା ପାଇଁ ଜନଗହଳି ଏଡ଼ାଇ ଡିଜିଟାଲ ପ୍ଲାଟଫର୍ମରେ ଏହାକୁ ପାଳନ କରିବାକୁ ଗୁରୁତ୍ୱ ଦିଆଯାଉଛି । ସୋସିଆଲ ମିଡିଆ ମାଧ୍ୟମରେ ଅଧିକରୁ ଅଧିକ ଜନସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଛି । ସେହିପରି ଅନ୍ୟତମ ଲୋକପ୍ରିୟ ମେସେଜିଂ ଆପ୍ 'ହ୍ୱାଟ୍‌ସଆପ୍' ପକ୍ଷରୁ ନୂଆ ଷ୍ଟିକରିଂ ଜାରି କରାଯାଇଛି ।

# ଜଳବାୟୁ ପରିବର୍ତ୍ତନ ବଢ଼ାଉଛି ସଙ୍କଟ



ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଯୋଗୁ ସଙ୍କଟ ଘନେଇ ଆସୁଛି । ଏ କ୍ଷେତ୍ରରେ ବିଶ୍ୱତାପନକୁ ମୁଖ୍ୟ କାରଣ ଭାବେ ଉଭା ହୋଇଛି । ଦୈନନ୍ଦିନ ଜୀବନରେ ମଣିଷ ବ୍ୟବହାର କରୁଥିବା ବିଭିନ୍ନ ବିଳାସପୂର୍ଣ୍ଣ ଆସବାବପତ୍ର, ଯାନବାହନ, ଶିଳ୍ପ ସଂସ୍ଥାରୁ ନିର୍ଗତ ବିଷାକ୍ତ ବାଷ୍ପ, ବାୟୁରେ ଉତ୍ତାପ ସୃଷ୍ଟିକାରୀ ଅଙ୍ଗାରକାମ୍ଳ ଗ୍ୟାସ୍ ଯୋଗୁ ବିଶ୍ୱତାପନ ବଢ଼ି ଚାଲିଛି । ଏହାର ପ୍ରଭାବରେ ମେରୁ ଅଞ୍ଚଳରେ ଥିବା ହିମବାହ ଧୀରେ ଧୀରେ ତରଳିବା ଆରମ୍ଭ କରିଛି । ଏଥିଯୋଗୁ ଭୌଗୋଳିକ ସଂରଚନାରେ ବଡ଼ ଧରଣର ପରିବର୍ତ୍ତନର ଆଶଙ୍କା ରହିଥିବା ଭୂବିଜ୍ଞାନୀ ମତପୋଷଣ କରିଛନ୍ତି । ଏଭଳି ଧାରା ଜାରି ରହିଲେ ସମୁଦ୍ରର ଜଳପତ୍ତନ ବଢ଼ିବା ଦ୍ୱାରା ବହୁ ଉପକୂଳ ଅଞ୍ଚଳ ଜଳାର୍ଣ୍ଣବ ହୋଇଯିବ । ପୃଥିବୀରେ ଥିବା ପ୍ରାୟ ୩୦ ପ୍ରତିଶତ ସ୍ଥଳଭାଗରୁ ବହୁ ଅଂଶ ସମୁଦ୍ର ଗର୍ଭରେ ଲୀନ ହେବାର ଆଶଙ୍କା ଥିବା ପରିବେଶ ବିଜ୍ଞାନୀମାନେ ବାରମ୍ବାର ସତର୍କ କରାଇ ଚାଲିଛନ୍ତି । ମେରୁ ଅଞ୍ଚଳରେ ବରଫ ତରଳୁଥିବାରୁ ଏହା ତଳେ ଥିବା ବହୁ ପୁରାତନ ରୋଗ ସୃଷ୍ଟିକାରୀ ଭୂତାଣୁ ପୁଣି ମାନବ ସମାଜ ପାଇଁ ଏକ ଆହ୍ୱାନ ସୃଷ୍ଟି କରିବାର ଆଶଙ୍କା ରହିଥିବା ପରିବେଶ ବିଜ୍ଞାନୀମାନେ କହୁଛନ୍ତି । ଜଳବାୟୁ ପରିବର୍ତ୍ତନ ଯୋଗୁ ଏଲ୍ -ନିନୋ ଭଳି ସମସ୍ୟା ଦେଖା ଦେଉଛି । ଫଳରେ ପୂର୍ବାପେକ୍ଷା ବାତ୍ୟା ଅଧିକ ସଂଘଠିତ ହେଉଛି । ଏହା ଆର୍ଥିକ ମେରୁଦଣ୍ଡକୁ ବି ଦୋହଲାଇ ଦେଉଛି । ତେବେ ଏ ସମ୍ପର୍କରେ ସଚେତନତା ଅବଲମ୍ବନ କଲେ ଆଶଙ୍କା ଥିବା ବିପଦରୁ ପୃଥିବୀକୁ ଦୂରେଇ ରଖିହେବ ବୋଲି ପରିବେଶ ବିଜ୍ଞାନୀ ମତପୋଷଣ କରିଛନ୍ତି ।



# ଜହର ହେଲାଣି ସମୁଦ୍ର ପାଣି

ସମୁଦ୍ରରେ ଥିବା ଉଦ୍ଭିଦ, ଜଳଜୀବ ଇତ୍ୟାଦି ସ୍ଥଳଭାଗରେ ବାସକରୁଥିବା ପ୍ରାଣୀଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥାନ୍ତି । ଏହାଦ୍ୱାରା ସ୍ଥଳଭାଗ ଏବଂ ଜଳଭାଗ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଇକୋସିଷ୍ଟମ୍ ସୃଷ୍ଟି ହୋଇପାରିଥାଏ । ମାତ୍ର ଏବେ ଏଥିରେ ସଂକଟ ଦେଖାଦେଇଛି । ମଣିଷର ଦୂରଦୃଷ୍ଟିହୀନ କାର୍ଯ୍ୟଯୋଗୁ ସମୁଦ୍ର ପାଣିରେ ଜଳଜୀବ ବଞ୍ଚି ରହିବା କଷ୍ଟକର ହେଉଛି । ସମୁଦ୍ରରେ ଲଗାତର ବର୍ଜ୍ୟବସ୍ତୁ ଠୁଳ କରାଚାଲିଛି । ଫଳରେ ଏବେ ସମୁଦ୍ର ବର୍ଜ୍ୟବସ୍ତୁର ଗନ୍ତାଘର ପାଲଟିଛି । ଏଥିଯୋଗୁ ସମୁଦ୍ରରେ ବାସ କରୁଥିବା ବହୁ ଜଳଜୀବ ଏବଂ ଉଦ୍ଭିଦ ପ୍ରଜାତି ଲୋପ ପାଇବାରେ ଲାଗିଛନ୍ତି । ଏଭଳି ପ୍ରଜାତିଙ୍କ ଉପରେ ଖାଦ୍ୟ ଅବା ଅମ୍ଳଜାନ ପାଇଁ ନିର୍ଭର କରୁଥିବା ଅନ୍ୟ ପ୍ରଜାତିଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଯୋଗୁ ତାଙ୍କର ସଂଖ୍ୟା ମଧ୍ୟ କମି ଚାଲିଛି । ଶିଳ୍ପ ସଂସ୍ଥାଗୁଡ଼ିକର ନିର୍ଗତ ତରଳ ରାସାୟନିକ ପଦାର୍ଥ ସମୁଦ୍ରରେ ବେଧଡକ ଛଡାଯାଉଥିବାରୁ ସେଠାକାର ଜଳ ଜହର ପାଲଟିବାରେ ଲାଗିଛି । ଏହାଯୋଗୁ ତିମି, ଶାର୍କ, ଡଲ୍‌ଫିନ୍, କଇଁଛ ଆଦି ବହୁ ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ସବୁଜ ପୃଥିବୀରେ ମଣିଷ ବଞ୍ଚି ରହିବା ପାଇଁ ସାମୁଦ୍ରିକ ପ୍ରାଣୀ ଏବଂ ସମୁଦ୍ର ଇକୋସିଷ୍ଟମ ଅତି ଗୁରୁତ୍ୱପୂର୍ଣ୍ଣ । ତେଣୁ 'ଧରିତ୍ରୀ ଦିବସ'ରେ ଆମେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବା ଜରୁରୀ ।

# ତତଲା ତାୱାରେ ପୃଥିବୀର ଚିତ୍ର




ଧରିତ୍ରୀ ମା'କୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୨ରେ 'ବିଶ୍ୱ ଧରିତ୍ରୀ ଦିବସ' ପାଳିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ପୋଖରୀପୁଟରେ ଥିବା ପରିବେଶବିତ୍ ସୁଶାନ୍ତ ସାହୁ ବର୍ତ୍ତମାନର ପୃଥିବୀର ସ୍ଥିତିକୁ ନେଇ ଏକ ଆକର୍ଷଣୀୟ ଚିତ୍ର ଆଙ୍କି ବିଶ୍ୱବାସୀଙ୍କୁ ସଚେତନ କରିଛନ୍ତି । ସେ ବିଭିନ୍ନ ରଙ୍ଗ, ଓ ମୁରୁଜକୁ ବ୍ୟବହାର କରି ଏକ ତତଲା ତାୱାରେ ପୃଥିବୀ ଭାଜି ହେଉଥିବାର ଚିତ୍ର ଆଙ୍କିଛନ୍ତି । ଚିତ୍ରରେ ଦର୍ଶାଇଛନ୍ତି ଯେ, ଧୀରେ ଧୀରେ ପୃଥିବୀ ଗ୍ଲୋବାଲ ୱାର୍ମିଂରୁ ଗ୍ଲୋବାଲ ବର୍ନିଂ ଆଡ଼କୁ ମୁହାଁଉଛି । ଯାହା ଜୀବଜଗତ ପାଇଁ ଏକ ଭୟାନକ ବିପତ୍ତି । ଏହି ମର୍ମରେ ଚିତ୍ରକାର ସାହୁ କହିଛନ୍ତି, ଧୀରେ ଧୀରେ ଜଙ୍ଗଲ କଟାଯାଉଥିବାରୁ ପରିବେଶ ଉତ୍ତପ୍ତ ହେବାରେ ଲାଗିଛି । ତେଣୁ ମଣିଷ ମଧ୍ୟ ବଞ୍ଚିବା କଷ୍ଟକର ହୋଇ ପଡ଼ିଛି । ବେଳ ଥାଉ ଥାଉ ଯଦି ବନ୍ଧ ନ ବାନ୍ଧିବା ତେବେ ସର୍ବନାଶୀ କରାଳ ଗ୍ରାସରେ ଆମେ ବିଲୀନ ହେବା ସୁନିଶ୍ଚିତ । ପରିବେଶର ସୁରକ୍ଷା ଦିଗରେ ପ୍ରତିସ୍ତରରେ ପ୍ରତିଟି ମଣିଷ ସଚେତନ ହୋଇ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଉଦ୍ୟମ ଓ ପ୍ରୟାସ ଜାରି ରହିବା ନିତାନ୍ତ ଜରୁରୀ ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି ।

**-ସୁବାସ ପ୍ରଧାନ, ପୁରୁଣା ଭୁବନେଶ୍ୱର**

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଦାସ**
(ପ୍ରାଣୀଧନ ନିରିକ୍ଷକ)
ବଳଙ୍ଗା (ଚକବଙ୍ଗଳା) ପୁରୀ
ଆବିର୍ଭାବ: ୦୪।୦୧।୧୯୪୦
ତିରୋଧାନ: ୧୭।୦୪।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
-:ବନ୍ଧୁ ଓ ପରିବାରବର୍ଗ:-
ଧ-୨୦୫୬୨

**୮ମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)**
ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩ (ଚୈତ୍ର ଶୁକ୍ଳ ଦଶମୀ)
ସମୟ ସ୍ରୋତରେ ଆଠବର୍ଷ ବିତିଗଲାଣି । ଆଜି ବି ସମସ୍ତେ ତୋତେ ସେହିପରି ଖୋଜନ୍ତି, ଭଲ ପାଆନ୍ତି । ଠାକୁର କାହିଁକି ଏପରି କଲେ ତା'ର ଉତ୍ତର ଆଜି ବି ଆମେ ପାଉନୁ । ତୋରି ମା' ଝାଡ଼େଶ୍ୱରୀଙ୍କ ପାଖେ ପ୍ରାର୍ଥନା ସେ ତୋତେ ତାଙ୍କ ପାଖରେ ସୁରକ୍ଷିତ ରଖିଥାନ୍ତୁ ।
ବନ୍ଧୁ ଓ ପରିବାରବର୍ଗ ।
ଧ-୬୧୯୨୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ସୁବାସ ଚନ୍ଦ୍ର ମହାନ୍ତି**
ପ୍ଲଟ୍ ନଂ.-୧୦୦, ପ୍ରାଚୀ ଏନ୍‌କ୍ଲେଭ୍, ଭୁବନେଶ୍ୱର
ଆବିର୍ଭାବ: ୨୫।୦୩।୧୯୫୨
ତିରୋଧାନ: ୦୩।୦୪।୨୦୨୦
ଆମରି ସାଥିରେ ଥିଲ ତୁମେ ଅଛ ରହିଥିବ ଚିରଦିନ,
ହୃଦୟେ ଆମରି ଭେଦି ଯାଇଅଛ ତୁମ ସ୍ମୃତି ଅମଳିନ ।
-:ଶୋକସନ୍ତପ୍ତ:-
ବଡ଼ ଭାଉଜ, ବୁଢ଼ା ଭାଇ ଓ ଭାଉଜ, ପୁତୁରା, ପୁତୁରା ବୋହୂ, ନାତି, ନାତୁଣୀ, ବୁଢ଼ୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବବର୍ଗ ।
ଧ-୨୦୫୫୯

**ଦ୍ୱିତୀୟ ଜନ୍ମଦିନର ଶୁଭେଚ୍ଛା**



**ସନାୟା ସାମନ୍ତରାୟ**
ଆଜି ତୋର ଦ୍ୱିତୀୟ ଜନ୍ମଦିବସ ଅବସରରେ ଅନେକ ଅନେକ ଶୁଭ ଆଶୀର୍ବାଦ । ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ, ମହାପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା ।
-: ଶୁଭେଚ୍ଛା ସହ:-
ଜେଜେ, ଜେଜେମା, ମାମୁ, ମାଉସୀ, ଦାଦା, ଅଜା, ଆଈ ।
ଧ-୨୦୫୬୬

**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀରାମଚନ୍ଦ୍ର ସାହୁ**
ସାଆନ୍ଦାପଶି ପାଟଣା, ଗଁଦିଆ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ।
-:ଶୁଭେଚ୍ଛା ସହ:-
ମା', ବାପା, ବୋଉ, ଜେଜେ, ବଡ଼ଜେଜେ, ମାମା, ବଡ଼ମାମା, ବଡ଼ବାପା, ଆଈ, ଅଜା, ମାଉସୀ, ମଉସା, ମାମୁ, ମାଇଁ, ନାନା, ପିଉସା, ଟୁଲୁ, ନୁଲୁ, ଲିଙ୍କୁନ୍, ଶ୍ରୀ, ଶିବାନୀ, ମାମୁନି, ଖୁସି, ପରିବାରବର୍ଗ ।
ଧ-୭୦୩୨୩

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Pratichi
ଏକ ପ୍ରଗତିଶୀଳ ଦୁଗ୍ଧ କାରଖାନା ପାଇଁ ଓଡ଼ିଶାର ପ୍ରତି ଜିଲ୍ଲାରୁ
**ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ**
ଯୋଗାଯୋଗ : ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

**Indus Digilat Tower**
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ



R-102, Cyber Building, Bangalore , Karnataka-400021.
6396901850
7505488038

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
**BALAJI FINANCE**
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ରଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଏ ସୃଷ୍ଟିର ମୂଳଉତ୍ସ ହେଉଛି ପ୍ରେମ। ଏହି ପ୍ରେମର ହିଁ ସେହି ଶକ୍ତି ରହିଛି, ଯାହାକି ସୃଷ୍ଟି ସହିତ ତା'ର ସ୍ରଷ୍ଟାଙ୍କୁ ମିଳିତ କରିପାରେ। ପ୍ରେମ ଓ ସତ୍ୟର ହିଁ ବିଜୟ ନିଶ୍ଚିତ। —ଶ୍ରୀମା



# ପରିବେଶଗତ ଶିକ୍ଷା ଆବଶ୍ୟକ



ମାନେକା ଗାନ୍ଧୀ

ହିମାଚଳ ପ୍ରଦେଶର ସୋଲାନସ୍ଥିତ ସାଉଥବାଲେ ସ୍କୁଲରେ ୪୦୦ ପିଲା ପଢୁଛନ୍ତି। ଏହା ଏକ ବିଶ୍ୱସ୍ତରୀୟ ସ୍କୁଲ। ଯୁବ ଏମ୍‌ବିଏ ଡିଗ୍ରୀଧାରୀ ଯୁବକମାନେ ଏହାକୁ ଚଳାଉଛନ୍ତି। ଏହାର ମାଲିକ ରିଶଭ ଚୋପ୍ରା । ଟେକ୍‌ନିକାଲ କାର୍ଯ୍ୟ ତୁଲାଉଛନ୍ତି ସ୍ନିଗ୍ଧା ପରିହାର। ଉକ୍ତ ସ୍କୁଲ ନୈତିକ ସାମାଜିକ ସଂହିତା ସହ ସମସ୍ତଙ୍କ ପ୍ରତି ଦୟାଶୀଳ ହେବାର ଶିକ୍ଷା ପ୍ରଦାନ କରେ। ସାମାଜିକ, ନୈତିକ ଏବଂ ବୌଦ୍ଧିକ ଜ୍ଞାନ ପ୍ରତି ସଚେତନ ଥିବା ଏକ ଭବିଷ୍ୟତ ପିଢି ସୃଷ୍ଟି କରୁଛି ବୋଲି ଆମେ ବିଶ୍ୱାସ କରୁ। କୋଭିଡ୍ ଲକ୍‌ଡାଉନ ସମୟରେ ସ୍କୁଲ ପ୍ରତ୍ୟେକ ପିଲାଙ୍କୁ ରାସ୍ତାରେ ବୁଲୁଥିବା ପ୍ରାଣୀମାନଙ୍କୁ ଖାଇବାକୁ ଦେବା ସହ ସେମାନଙ୍କ ଯତ୍ନ ନେବା ଲାଗି କହି ସେମାନଙ୍କୁ ପରୀକ୍ଷା କରିଥିଲା। ଏବେ ବୁଲା କୁକୁର, ଗାଈ,ବିଲେଇ ଏପରି କି ପକ୍ଷୀମାନଙ୍କ ଯତ୍ନ ନେବାକୁ ସବୁ ପିଲା ଓ କର୍ମଚାରୀମାନଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି। ସେମାନଙ୍କର ବିତର୍କ,ବକ୍ତୃତା, ରିସର୍ଚ୍ଚ–ଷ୍ଟେଶନ ପ୍ରୋଜେକ୍ଟ ଆଦି ସବୁକିଛି ପ୍ରାଣୀ କୈନ୍ଦ୍ରିକ ହୋଇଯାଇଛି। ପିଲାମାନେ ସେମାନଙ୍କ ଖାଦ୍ୟ ଓ କିଚେନ ୱେଷ୍ଟରୁ କିଛି ବଞ୍ଚାଇ ପୋଷା ପ୍ରାଣୀମାନଙ୍କୁ ଖୁଆଇବା ଲାଗି ସେଠାରେ ଶିକ୍ଷା ଦିଆଯାଏ। ଏହି କାର୍ଯ୍ୟକୁ ଦୀର୍ଘମିଆଦୀ ଏବଂ ସଂସ୍ଥାଗତ କରିବାକୁ ଆମେ ପ୍ରୟାସ ଜାରି ରଖିଛୁ । ସମାଜରେ ଭଲପାଇବା ଏବଂ ଦୟାଭାବ ବୃଦ୍ଧି କରିବା ଓ ମାନବ ଜୀବନର ମୂଲ୍ୟବୋଧ ବଢ଼ାଇବା ଏବଂ ପିଲାମାନଙ୍କୁ ଦୟାଶୀଳତାର ଆଗୁସାର କରିବା ଏହାର ଲକ୍ଷ୍ୟ।

କୋଏମ୍ବାଟୁରର ଦି ୟେଲୋ ଟ୍ରେନ ସ୍କୁଲ୍ ପିଲାମାନଙ୍କୁ ଜୈବିକ କୃଷି ଓ ବନ୍ୟପ୍ରାଣୀଙ୍କ ସହ ମିଶି ରହିବାର କୌଶଳ ସମ୍ପର୍କରେ ଶିକ୍ଷା ଦିଏ। ସବୁଜ କ୍ଷେତ, ବାଡିବଗିଚା, ଗାଈ ମୟୂରମାନଙ୍କ ମଧ୍ୟରେ ରହିଥିବା ଏହି ସ୍କୁଲ ପିଲାମାନଙ୍କୁ ପୁସ୍ତକ ମନସ୍କ ହେବା ବଦଳରେ ସେମାନଙ୍କୁ ପ୍ରାକୃତିକ ପରିବେଶର ଏକ ଅଂଶ ଭାବେ ଗଢି ତୋଳିବା ଉପରେ ଅଧିକ ଗୁରୁତ୍ୱ ଦିଏ। ଥିରୁଭନ୍ନାମାଲାଇରେ ୨୦୦୯ରେ ପ୍ରତିଷ୍ଠିତ ମାରୁଦମ ଫାର୍ମ ସ୍କୁଲ ମଧ୍ୟ ସମାନ ପ୍ରକାର କାର୍ଯ୍ୟ କରୁଛି। ବନୀକରଣ, ଜୈବିକ କୃଷି ଏବଂ ପ୍ରକୃତି ସହ ଘନିଷ୍ଟ ସମ୍ପର୍କ ବଢ଼ାଇବାରେ ପିଲାମାନଙ୍କୁ ଏହା ନିୟୋଜିତ କରୁଛି। ଏଠାରେ କଳା,ହସ୍ତକଳା ଏବଂ କ୍ରୀଡ଼ା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଉତ୍ତରାଖଣ୍ଡର ନୈନିତାଲ ଜିଲାରେ ସୀମାୟଲ ଗାଁର ଚିରାଗ ସ୍କୁଲ ୨୦୦୬ରେ କନାଇ ଲାଲ୍ ଏବଂ ସ୍ଥାନୀୟ ଅଞ୍ଚଳର କଲେଜ ଡିଗ୍ରୀଧାରୀମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି। ଏହା ହିମାଳୟ ଅଞ୍ଚଳର ସଂସ୍କୃତି ଓ ଐତିହ୍ୟ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଏ। ସୁମିତ ଆରୋରା ଏହି ସ୍କୁଲର ଅଧ୍ୟକ୍ଷ। ହିମାଳୟରେ ବର୍ଜ୍ୟଗୁଡ଼ିକୁ ନ ଫିଙ୍ଗି ତାହାକୁ କିପରି ନଷ୍ଟ କରାଯାଇପାରିବ ସେ ସମ୍ପର୍କରେ ପିଲାମାନଙ୍କୁ ଶିକ୍ଷା ଦିଆଯାଏ।

୧୯୮୮ରେ ସିନ୍ଧୁ ଉପତ୍ୟକାର ଫେଇନି ଗାଁ ନିକଟରେ ସୋନୋମ ୱାଙ୍ଗଚୁକଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା ସେକମୋଲ। ଏଠାରେ ପିଲା, କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ରହି କାମ କରନ୍ତି ଓ ବ୍ୟବହାରିକ ଜ୍ଞାନ ସମ୍ପର୍କରେ ଶିକ୍ଷାଲାଭ କରିଥାଆନ୍ତି। ଏହାବାଦ୍ ସାମାଜିକ, ପରିବେଶଗତ ତଥା ପାରମ୍ପରିକ ଜ୍ଞାନ, ମୂଲ୍ୟବୋଧ ଏବଂ କୌଶଳ ଆଦି ସେମାନେ ଶିକ୍ଷା କରିଥାଆନ୍ତି। ପିଲାମାନେ ପୁରାତନ ଲଦାଖି ସଙ୍ଗୀତ, ନାଚ ଏବଂ ଇତିହାସ ସହ ଆଧୁନିକ ଶୈକ୍ଷିକ ଜ୍ଞାନ ଲାଭ କରନ୍ତି। ଜୁନ ୨୦୧୬ରେ ପାରମିରା ଶର୍ମା ଏବଂ ମାଜିନ ମୁକ୍ତାର ଗୁଆହାଟୀ( ଆସାମ)ର ପାକୋହିରେ ପ୍ରତିଷ୍ଠା କରିଥିଲେ ଅକ୍ସାର ସ୍କୁଲ। ବଗିଚା କୌଶଳଠାରୁ ଆରମ୍ଭ କରି ପ୍ରାଣୀଙ୍କ ଯତ୍ନ, ପାରମ୍ପରିକ ଶକ୍ତି ଉତ୍ସ ସମ୍ପର୍କିତ ଜ୍ଞାନ, ଟେକ୍‌ନୋଲୋଜି ପାୱାରର ଉପଯୋଗ ଯାଏ ଏହି ସ୍କୁଲ ଶିକ୍ଷା ଦେଇଥାଏ। ଏଠାରେ ଦେୟର ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଯେଉଁ ଅଭିଭାବକମାନଙ୍କର ଦେୟ ଦେବାରେ ସମସ୍ୟା ରହେ ସେମାନେ ଉପକରଣ ଭାବେ ସମାନ ମୂଲ୍ୟର ପଲିଥିନ ବ୍ୟାଗ୍ ଓ ପ୍ଲାଷ୍ଟିକ ବର୍ଜ୍ୟ ହସ୍ତାନ୍ତର କରିପାରିବେ। ପ୍ଲାଷ୍ଟିକ ପୋଡ଼ିପାରିବେ ନାହିଁ ବୋଲି ସେଠାରେ ପିଲାମାନଙ୍କୁ ଶପଥ କରାଯାଇଥାଏ।

ଏବେ ପରିବେଶ ସହ ସାଧାରଣ ସ୍କୁଲଗୁଡ଼ିକର କୌଣସି ସମ୍ପର୍କ ରହୁନାହିଁ। ସେଠାରୁ ବାହାରୁଥିବା ପିଲାମାନେ ଅସୁଖୀ ହେବା ସହ ସାରା ଜୀବନ ଜୀବନରେ ସୁଖରେ ରହିବାକୁ ଇଚ୍ଛା କରୁଛନ୍ତି। ଚାକିରି, ପଦୋନ୍ନତି, ବଡ଼ ତଥା ଦାମୀ କାର୍ ଏବଂ ଘର ଚାହୁଁଛନ୍ତି। ଆମେ ଏମିତି ପିଲା ସୃଷ୍ଟି କରୁଛୁ ଯେଉଁମାନେ ଅନ୍ୟ ସମସ୍ତ ଜୀବଙ୍କୁ ଭୟ କରୁଛନ୍ତି, ନିଜ ଜୀବନର ରାସ୍ତା ପାଇବାକୁ ହିଂସା ଉପରେ ଭରସା କରୁଛନ୍ତି। ଏଥିପାଇଁ ଆମ ଦେଶ ଅଧିକ ଅସୁଖୀ ଏବଂ ପ୍ରତ୍ୟେକ ପିଢି ମଧ୍ୟ ଅସୁଖୀ ହେବାରେ ଲାଗିଛନ୍ତି। ଯଦି ଆମେ ଉପର ପ୍ରଦତ୍ତ ସ୍କୁଲଗୁଡ଼ିକୁ ଅନୁକରଣ କରି ପ୍ରକୃତି ସହ ସମନ୍ୱୟ ଏବଂ ସହାବସ୍ଥାନ ହିଁ ସୁଖର ପ୍ରକୃତ ରହସ୍ୟ ବୋଲି ଶିକ୍ଷା ଦିଅନ୍ତେ ସେମାନେ ସୁଖୀ ହୋଇପାରନ୍ତେ। ଏହା ବାଦ୍ କିଛି ପାଇବାର କାମନାରେ ସୁଖ ମିଳେ ନାହିଁ ବରଂ ସୁଖ କିଛି ଦେବାରେ ନିହିତ ଥାଏ ଏବଂ ସାରା ବିଶ୍ୱକୁ ସୁନ୍ଦର କରିଥିବା ଦୟା ଭାବ ଉପରେ ଯଦି ସେମାନଙ୍କୁ ଶିକ୍ଷା ଦେବା,ତେବେ ସେମାନେ ସୁଖ ପଥରେ ଅଗ୍ରସର ହୋଇପାରିବେ। ଆମେ ବି ସୁଖରେ ବଞ୍ଚିପାରିବା। କିନ୍ତୁ ବିଶ୍ୱକୁ ଭଲ ଭାବେ ହୃଦ୍‌ବୋଧ କରିବା ଲାଗି ସବୁ ପ୍ରକାର ଟେକ୍‌ନୋଲୋଜି ଆମ ପାଖରେ ରହିଛି। ଏହି ଦାୟିତ୍ୱ ମୋ ଉପରେ ନ୍ୟସ୍ତ କଲେ ମୁଁ ନିମ୍ନ ବିଷୟଗୁଡ଼ିକୁ ସ୍କୁଲରେ ବାଧ୍ୟତାମୂଳକ କରିବି। ୧–ବ୍ୟାଗ କିମ୍ବା ଜୋତାରେ କୌଣସି ଚମଡ଼ା ରହିବ ନାହିଁ। ୨– ପ୍ରତିବର୍ଷ ପ୍ରତ୍ୟେକ ପିଲାଙ୍କୁ ୬ଟି ଗଛ ଲଗାଇ ସେଗୁଡ଼ିକର ଯତ୍ନ ନେବାକୁ ହେବ। ୩– ପ୍ରତ୍ୟେକ ପିଲା ସେମାନଙ୍କ ଅଞ୍ଚଳରେ ପ୍ରାଣୀମାନଙ୍କ ଯତ୍ନ ନେଉଥିବାର ପ୍ରମାଣ ଦର୍ଶାଇବାକୁ ପଡ଼ିବ। ୪– ନିୟମିତ ୧ ଘଣ୍ଟା ନ୍ୟାଶନାଲ ଜିଓଗ୍ରାଫିକ ଚ୍ୟାନେଲ ଦେଖିବେ ଏବଂ କିପରି ପୃଥିବୀକୁ ସୁରକ୍ଷିତ ରଖାଯିବ ସେ ସମ୍ପର୍କିତ ଚିନ୍ତାଧାରାକୁ ପ୍ରତିଦିନ ସ୍କୁଲରେ ପିଲା ଓ ଶିକ୍ଷକଙ୍କ ଗହଣରେ ଉପସ୍ଥାପନ କରିବାକୁ ପଡିବ। ୫– ପ୍ଲାଷ୍ଟିକ ନୁହେଁ , କେବଳ କାଗଜର ଉଚିତ ବ୍ୟବହାର ଉପରେ ଗୁରୁତ୍ୱ ଦେବେ। ୬– ଖାଦ୍ୟ କିଏ ଆଣିଛି କାହାକୁ ନ ଜଣାଇବା ସହ ତାହାକୁ ସମସ୍ତେ ବାଣ୍ଟି ଖାଇବେ, ଯାହାଦ୍ୱାରା କୌଣସି ପିଲା ଯେପରି ଅପମାନିତ ନ ହେବେ। ୭– ପ୍ରତି ସ୍କୁଲରେ ଏକ ଜୈବିକ ଉଦ୍ୟାନ ରହିବ। ପିଲାମାନେ ଖାଉଥିବା ସମସ୍ତ ଫଳର ମଞ୍ଜି ଆଣି ସେଥିରୁ ଚାରା ଉତାରି ସ୍କୁଲରେ ଏକ ନର୍ସରି ମଧ୍ୟ କରିବେ। ୮–ଶାକାହାରବାଦ ଉପରେ ଜୋର୍ ଦେବା ସହ କାହିଁକି ଏହା ଆବଶ୍ୟକ ତାହା ପିଲାମାନଙ୍କୁ ବୁଝାଇବାକୁ ପଡ଼ିବ। ୯– ପ୍ରତି ସପ୍ତାହରେ ଘଣ୍ଟାଏ ପିଲାମାନେ ପ୍ରତ୍ୟେକ ଧର୍ମର ପବିତ୍ର ଗ୍ରନ୍ଥ ପଢିବେ, ଯାହାଦ୍ୱାରା ସବୁ ପିଲା ପୁରାଣ, ବେଦ, ମହାଭାରତ, ରାମାୟଣ, କୋରାନ , ବାଇବେଲ, ଜୈନ ଏବଂ ବୌଦ୍ଧ ଧର୍ମର ପବିତ୍ର ପୁସ୍ତକ ସମ୍ପର୍କରେ ଜାଣିପାରିବେ। ୧୦–୧୦ମ ଓ ଦ୍ୱାଦଶ ବ୍ୟତୀତ ଆଉ କୌଣସି ଶ୍ରେଣୀରେ ପରୀକ୍ଷା ହେବ ନାହିଁ।

ଆମେ ପିଲାମାନଙ୍କୁ ଜୀବବିଜ୍ଞାନ ସମ୍ପର୍କରେ ଶିକ୍ଷା ଦେଉଛୁ, କିନ୍ତୁ ପ୍ରାଣୀମାନଙ୍କୁ ସମ୍ମାନ , ଆଦର କରିବାକୁ ଶିଖାଉଛୁ କି? ଆମେ ପିଲାମାନଙ୍କୁ ପଦାର୍ଥବିଜ୍ଞାନ ଓ ପରିବେଶ ବିଜ୍ଞାନ ଉପରେ ଶିକ୍ଷା ଦେଉଛୁ କିନ୍ତୁ ପୃଥିବୀକୁ କିଭଳି ରକ୍ଷା କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦେଉଛେ କି? କେତେ ଜଣ ପ୍ରିନ୍ସିପାଲ କ୍ୟାମ୍ପସରେ ବୁଲା ପ୍ରାଣୀମାନଙ୍କୁ ପୋଷ୍ୟ ଭାବେ ରଖିବାକୁ ବିଚାର କରିଛନ୍ତି ? ଖୁବ୍ କମ୍। ବରଂ ଅଧିକାଂଶ କ୍ୟାମ୍ପସରୁ ସ୍ଥାନୀୟ ମ୍ୟୁନିସିପାଲିଟି ବୁଲାକୁକୁରଙ୍କୁ ଉଠାଇନେଇ ବାହାରେ ଫିଙ୍ଗି ଦେଉଛି। ପୁରୁଣା ପୋଷାକ ଭଳି ପ୍ରାଣୀମାନଙ୍କୁ ବହାରେ ଫିଙ୍ଗି ଦିଆଯାଏ ବୋଲି ପିଲାମାନେ ଏଥିରୁ ଶିକ୍ଷା ପାଉଛନ୍ତି। କେମିତି ଭୟଭୀତ ହେବେ ଓ ଖରାପ ଧାରାରେ ପ୍ରତିଯୋଗିତା କରିବେ, ଅନ୍ୟମାନଙ୍କ ସହାୟତାରେ କିପରି ସଫଳତା ପାଇବେ, ଅନ୍ୟମାନଙ୍କ ସହ କେମିତି ସମାନ ହୋଇପାରିବେ, ନିର୍ଦ୍ଦୟ ହୃଦୟ ନେଇ କେମିତି ଜୀବନରେ ଆଗେଇବେ ଏସବୁକୁ ଆମେ ପିଲାମାନଙ୍କୁ ଶିଖାଉଛେ। ଜୀବନରେ ଖାଲି ଚାହିଁବା ଓ ନେବା ଉପରେ ଶିକ୍ଷା ଦେଉଛେ।

ମୁଁ ଘଣ୍ଟା ଘଣ୍ଟା ଧରି ଆମ ଚାରିପାଖର ପରିବେଶକୁ ସମ୍ମାନ ଦେବା ଓ ନୈତିକ ବିଜ୍ଞାନ ବା ନୀତିଶାସ୍ତ୍ର ଉପରେ ଶିକ୍ଷା ଲାଭ କରିଛି । ସେହି ଧାରାରେ ମୁଁ ବଢି ଆସିଛି। ମୁଁ ପଢୁଥିବା ସ୍କୁଲରେ ପରୀକ୍ଷା ନ ଥିଲା। ଏଣୁ ମୁଁ ପ୍ରତିଯୋଗିତା କ'ଣ ତାହା ଶିଖି ନାହିଁ କି ତାହା କରିବାକୁ କେବେ ବି ଚାହିଁ ନାହିଁ। ଆମ ପାଖରେ କିଛି ବି ପକେଟ ମନି ରହୁ ନ ଥିଲା। ଏଣୁ ଟଙ୍କା କେବଳ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଲାଗି ଉଦ୍ଦିଷ୍ଟ ବୋଲି ଆମେ ଶିଖିଛୁ। ଆମକୁ ଅନୁସନ୍ଧିତ୍ସୁ ,ସ୍ୱାଧୀନ ଓ ସୁଖୀ ହେବା ଲାଗି ଶିକ୍ଷା ଦିଆଯାଉଥିଲା। ମୋ ପାଇଁ ଜୀବନ କ'ଣ ଆଣିଛି ବା ମୁଁ ଜୀବନରେ କ'ଣ ପାଇଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ମୋ ଶିକ୍ଷା ମୋତେ ଏକ ଭଲ ଜାଗାରେ ରଖିଛି। ଏଣୁ ଏଭଳି ଶିକ୍ଷା ପାଇଁ ଆମେ ଆମ ପିଲାମାନଙ୍କୁ ସାଉଥବାଲେ ସ୍କୁଲକୁ ପଠାଇବା ଉଚିତ।

Email: gandhim@nic.in

## ସୁରକ୍ଷିତ ପୃଥିବୀ ପାଇଁ ଆହ୍ୱାନ



ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ପରିବେଶ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଏପ୍ରିଲ ୨୨ ତାରିଖକୁ ବିଶ୍ୱ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ। ୧୯୭୦ ମସିହାରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଧରିତ୍ରୀ ଦିବସ ନେଟୱର୍କ ଦ୍ୱାରା ଏବେ ଏହା ବିଶ୍ୱର ୧୯୩ରୁ ଅଧିକ ଦେଶରେ ପାଳନ କରାଯାଉଛି। ଆମେରିକା ସିନେଟ୍‌ର ଜେରାଲ୍ଡ ନେଲସନ୍‌ଙ୍କ ଦ୍ୱାରା ୧୯୭୦ରେ ଏକ ପରିବେଶ ଶିକ୍ଷା ରୂପେ ଏହା ସ୍ଥାପନା କରାଯାଇଥିଲା। ଏ ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଓ ଘରୋଇ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସମ୍ମେଳନ ଆଦି ଆୟୋଜିତ ହୋଇଥାଏ। ଧରିତ୍ରୀକୁ କିଭଳି ପ୍ରଦୂଷଣରୁ ରକ୍ଷା କରାଯାଇପାରିବ ଏବଂ ତା'ର ଉଚିତ ଯତ୍ନ ନିଆଯିବ, ସେ ନେଇ ବିଭିନ୍ନ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଏ। ସ୍କୁଲ କଲେଜଗୁଡ଼ିକରେ ଏ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏଥିସହ ଚାରାରୋପଣ, ପ୍ରଦୂଷଣମୁକ୍ତ ପରିବେଶ ପାଇଁ ସଂକଳ୍ପ ନିଅନ୍ତି ବିଶ୍ୱବାସୀ।

ପୃଥିବୀ ଆମର ମାଆ। ତାରି କୋଳରେ ଜନ୍ମ ନେଇ ଓ ବଢ଼ି ଖେଳି ଆମେ ଜୀବନ ନିର୍ବାହ କରିଥାଉ। ଏହିଠାରେ ଆମର ଜନ୍ମ, ତା'ପରେ କର୍ମ ଏବଂ ତା'ପରେ ମୃତ୍ୟୁ। ଯେଉଁଠାରେ ଆମେ ଜନ୍ମହୋଇ ସମଗ୍ର ଜୀବନକୁ ଅତିବାହିତ କରି ଶେଷରେ ମୃତ୍ୟୁବରଣ କରୁ ତାହାର ସୁରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ପୃଥିବୀକୁ ସୁରକ୍ଷା କରିବା ଅର୍ଥ ଆମ ମାଆକୁ ସୁରକ୍ଷା କରିବା। ସୁରକ୍ଷିତ ପୃଥିବୀ ହିଁ ସୁସ୍ଥ ମାନବ ଜାତି ତଥା ସମଗ୍ର ଜୀବଜଗତ ପାଇଁ ମଙ୍ଗଳପ୍ରଦ। ସମ୍ପ୍ରତି ବିଜ୍ଞାନର ସହଯୋଗ ମଣିଷର ଜୀବନଯାତ୍ରାକୁ ମଧୁମୟ କରିଛି। ସେଥିପାଇଁ ତ ମଣିଷ ସୁଖଶାନ୍ତିରେ ପୃଥିବୀରେ ବସବାସ କରୁଛି। ମାତ୍ର ସେ ଦେଇଛି

### ବିଶ୍ୱ ଧରିତ୍ରୀ ଦିବସ ଉପଲକ୍ଷେ

କ'ଣ, ପୃଥିବୀକୁ ବରଂ ପ୍ରତି ବଦଳରେ ନିଜ ସୁଖ ସୁବିଧା ପାଇଁ ସେ ସୁନ୍ଦର ପ୍ରକୃତି ଉପରେ କରିଚାଲିଛି ଅକଥନୀୟ ଅତ୍ୟାଚାର। ଦିନକୁ ଦିନ ଗଛ କାଟୁଛି, ଜଙ୍ଗଲ ସଫା କରୁଛି। ସେଥିପାଇଁ ତାପମାତ୍ରା ବଢୁଛି। ଠିକ୍ ସମୟରେ ବର୍ଷା ହେଉନାହିଁ। ରୌଦ୍ରତାପ ଅସହ୍ୟ। ତା'ସାଙ୍ଗକୁ କଳକାରଖାନା, ଯାନବାହନ ପାଇଁ ବହୁ ପରିମାଣରେ ବଢ଼ିଚାଲିଛି ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ଜଳ ପ୍ରଦୂଷଣ। ଫଳରେ ମନୁଷ୍ୟ ନିଜେ ହିଁ ନାନାବିଧ ସମସ୍ୟାର ସମ୍ମୁଖୀନ ହେଉଛି। ଏଥିପାଇଁ ବେଳହୁଁ ସଜାଗ ରହିବା ଆବଶ୍ୟକ।ଏଥିପାଇଁ ବେଳହୁଁ ସଜାଗ ରହିବା ଏକାନ୍ତ ଆବଶ୍ୟକ। ସେଥିପାଇଁ ସଜାଗ ନ ହେଲେ ଖୁବ୍ କମ୍ ଦିନ ମଧ୍ୟରେ ବିଶ୍ୱ ଧ୍ୱଂସ ପାଇବାଟା ହିଁ ସାର ହେବ।

ସୁନ୍ଦର ପୃଥିବୀକୁ ଦିନକୁ ଦିନ ମାଡ଼ି ଆସୁଥିବା ବିପଦରୁ ରକ୍ଷା କରିବା ପାଇଁ ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ। ଏହିସବୁ କାରଣରୁ ଜନ ସଚେତନତା ପାଇଁ ଧରିତ୍ରୀ ଦିବସ ପାଳନ କରାଯାଉଛି। ସମସ୍ତ ବିଶ୍ୱବାସୀଙ୍କୁ ଆକସ୍ମିକ ବିପଦରୁ ରକ୍ଷା କରିବା ପାଇଁ ପୃଥିବୀବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଆଜିର ବିଜ୍ଞାନ ସମଗ୍ର ମାନବଜଗତକୁ ଦେଉଛି ଅନେକକିଛି, ଯାହା ମଣିଷର ଜୀବନଯାତ୍ରାକୁ ସହଜ ତଥା ସୁଗମମୟ କରିଦେଇଛି। ଫଳରେ ମାନବ ସମାଜ ଶାନ୍ତିରେ ବସବାସ କରିପାରୁଛି। ମାତ୍ର ଏ ମନୁଷ୍ୟଜାତି ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ତଥା କ୍ଷଣିକ ସୁଖ ପାଇଁ ସର୍ବୋପରି ଅଧିକ ଆନନ୍ଦ ଲାଗି ନଷ୍ଟ କରିଚାଲିଛି ପ୍ରକୃତିରାଣୀକୁ। ଗଛ କାଟିବା ଦ୍ୱାରା ତାପମାତ୍ରା ବଢୁଛି, ଠିକ୍ ସମୟରେ ବର୍ଷା ହେଉନାହିଁ। ମୌସୁମୀ ଠିକ୍ ସମୟରେ ଆସୁନାହିଁ, ଅପରପକ୍ଷରେ କଳକାରଖାନା, ଯାନବାହନ ଏପରି ଦ୍ରୁତଗତିରେ ବଢ଼ି ଚାଲିଛି ଯେ, ଯଦ୍ଦ୍ୱାରା ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ ବଢୁଛି, ଆମେ ଜାଣିଶୁଣି ଆମ ପାଇଁ ବିପଦକୁ ଟାଣି ଆଣୁଛୁ। ଏଣୁ ବେଳହୁଁ ଆମ ସମସ୍ତଙ୍କୁ ସଜାଗ ହେବାକୁ ପଡ଼ିବ, ନ ହେଲେ ଅବିଳମ୍ବେ ବିଶ୍ୱ ଧ୍ୱଂସ ପାଇବ। ଏଣୁ ଆମେ ବିଶ୍ୱବାସୀ ବିଶ୍ୱକୁ ଆକସ୍ମିକ ବିପଦରୁ ରକ୍ଷା କରିବା ଉଚିତ। ଏହିସବୁ ଦୃଷ୍ଟିକୋଣରୁ ବିଶ୍ୱ ସଚେତନତା ସୃଷ୍ଟି କରିବା ପାଇଁ ସମଗ୍ର ବିଶ୍ୱରେ ଏପ୍ରିଲ ୨୨ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଉଛି।

ପାରାଦୀପ, ମୋ: ୯୪୩୭୦୨୨୦୬୧

## ଏଇ ଭାରତରେ

ମୁମ୍ବାଇକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରିବା ପାଇଁ ୫ ଜଣ ସାଙ୍ଗଙ୍କ ପ୍ରୟାସ ଏକ ଉଦାହରଣ ସୃଷ୍ଟି କରିଛି। ସେମାନେ ଘରେ ବ୍ୟବହୃତ ବିଭିନ୍ନ ଉତ୍ପାଦର ପ୍ରାୟ ୧୦,୦୦୦ ବୋତଲ ରିଫିଲିଂ କରିବାରେ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ଘର ତଥା ରିଫିଲେବଲ ଷ୍ଟୋରଗୁଡ଼ିକର ପ୍ୟାକେଜିଂ ୱେଷ୍ଟ ବା ବର୍ଜ୍ୟ କମ୍ କରାଯାଇ ପାରିଛି। ଏମାନେ ମୁମ୍ବାଇରେ ' ରିଫିଲେବଲ ଷ୍ଟୋର' ଷ୍ଟାର୍ଟଅପ ମାଧ୍ୟମରେ ଏହି ଅଭିଯାନ ଚଳାଇଛନ୍ତି। ଲୋକମାନଙ୍କଠାରୁ ଖାଲି ବୋତଲ ସଂଗ୍ରହ କରି ତାହାକୁ ସଫା ଓ ଜୀବାଣୁମୁକ୍ତ କରିବା ପରେ ସେଥିରେ ପୁଣି ଉତ୍ପାଦ ଭର୍ତ୍ତି କରାଯାଉଛି। ଦରକାର ପଡ଼ିଲେ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇବା ଲାଗି ଏକ ଟ୍ରକ୍‌ରେ ସେମାନେ ରିଫିଲ ମେଶିନ ରଖି ସେମାନଙ୍କ ଘରେ ପହଞ୍ଚି ଏହି ସେବା ଯୋଗାଇ ଦେଉଛନ୍ତି। ଫ୍ଲୋର କ୍ଲିନରଠାରୁ ଆରମ୍ଭ କରି ସାନିଟାଇଜର, ହ୍ୟାଣ୍ଡୱାଶ ଓ ଡିଟରଜେଣ୍ଟ ଆଦିକୁ ପୁଣି ବୋତଲରେ ଭର୍ତ୍ତି କରୁଛନ୍ତି। ଏଭଳି କାର୍ଯ୍ୟର ନେତୃତ୍ୱ ନେଉଛନ୍ତି ଲୋକେଶ ସମ୍ପୱାନି। ତାଙ୍କୁ ସହଯୋଗ କରୁଛନ୍ତି ପୁରବ ଦେଶାଇ, ରାହୁଲ ବାତ୍ରା, ନିଶିଥ ଜରଦୋସ ଓ ଅନୁପ୍ରିୟା ନାୟାର। ଲୋକଙ୍କ ଘରେ ରହିଥିବା ବୋତଲରେ ଏହିସବୁ ଉତ୍ପାଦ ଭରିବା ଯୋଗୁ ଲୋକମାନେ ୧୦,୦୦୦ ବୋତଲ ବାହାରେ ଫିଙ୍ଗି ନାହାନ୍ତି ବୋଲି ଲୋକେଶ ପ୍ରକାଶ କରିଛନ୍ତି। ଲୋକମାନଙ୍କୁ ଗ୍ରସେରି ଏବଂ କ୍ଷୀର ଯୋଗାଇ ଦେଇ ସେମାନଙ୍କୁ ପ୍ଲାଷ୍ଟିକ ଜରି ବ୍ୟବହାରରୁ ଦୂରେଇ ରଖାଯାଉଛି। ଏବେ ସୁଦ୍ଧା ଏମାନେ ମୁମ୍ବାଇରେ ୩୦୦ ଗ୍ରାହକ ଯୋଗାଡ଼ କରିଛନ୍ତି ଓ ସେମାନଙ୍କୁ ୧୦୦୦ ଲିଟରର ଘରୋଇ ଉତ୍ପାଦ ରିଫିଲିଂ ମାଧ୍ୟମରେ ଯୋଗାଇ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଏପ୍ରିଲ ୧୯୯୬

- ଦକ୍ଷିଣପୂର୍ବ ବାଂଲାଦେଶରେ ୫୦ ଜଣ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ଯନ୍ତ୍ରଚାଳିତ ନୌକା ମାଛଧରା ଜାଲରେ ଛନ୍ଦିହୋଇ ବୁଡ଼ିଯିବା ଫଳରେ ୩୦ ମୃତ।
- ଶ୍ରୀଲଙ୍କା ନୌବାହିନୀ ଏଲ୍‌ଟିଟିଇ ଦଖଲରେ ଥିବା ଜାଫନା ଅଞ୍ଚଳ ଭିତରକୁ ପ୍ରବେଶ କରି ୩୦ ହଜାର ବେସାମରିକ ନାଗରିକଙ୍କୁ ମୁକ୍ତ କରିଛନ୍ତି।
- କେନ୍ଦ୍ରୀୟ ଦିଲ୍ଲୀର ପାହାଡ଼ଗଞ୍ଜ ଅଞ୍ଚଳରେ ଥିବା ବହୁତଳ ବିଶିଷ୍ଟ କୋଠାରେ ପ୍ରଚଣ୍ଡ ବୋମା ବିସ୍ଫୋରଣ ଘଟି ୧୫ ମୃତ।

## ଭାରି ପଡ଼ିଲାଣି ପାନୀୟ ଜଳ ସଂକଟ



ଇପ୍ସିତା ମହାନ୍ତି

ସମ୍ପ୍ରତି ବାୟୁମଣ୍ଡଳ ଓ ବାରିମଣ୍ଡଳ ଦ୍ରୁତ ଗତିରେ ପ୍ରଦୂଷିତ ହୋଇଚାଲିଛି। ପରିଣାମ ସ୍ୱରୂପ ଅସ୍ୱାଭାବିକ ଭାବେ ଜଳବାୟୁ ଆଜି ନିଜ ରୂପ ବଦଳାଇ ଚାଲିଛି। ଜଳବାୟୁର ଏହି ପରିବର୍ତ୍ତନ ପୃଥିବୀର ତାପମାତ୍ରା ଉପରେ ପ୍ରଭାବ ପକାଇବା ଆରମ୍ଭ କରିଦେଲାଣି। ଏହି କାରଣରୁ ଅଧିକାଂଶ ଭାରତୀୟ ସହରର ପାନୀୟ ଜଳ ଆଜି ବିଷ ହେବାରେ ଲାଗିଛି। ଭାରତ ସରକାରଙ୍କ ଉପଭୋକ୍ତା ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଆମ ଦେଶର ୨୧ଟି ରୁ ୧୫ଟି ସହରର ଜଳ ପାନୀୟ ଉପଯୋଗୀ ନୁହେଁ। ମାତ୍ର ୬ଟି ସହରକୁ ବାଦ୍ ଦେଲେ ଅନ୍ୟ ସବୁ ସହରରୁ ଜଳର ଯେତେସବୁ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଛି, ସେସବୁ ସମ୍ପୂର୍ଣ୍ଣ ରୂପେ ଫେଲ୍ ମାରିଛି। ଏସବୁ ସହରର ସୂଚୀରେ ଆମ ଦେଶର ବିଭିନ୍ନ ରାଜ୍ୟର ରାଜଧାନୀ ସହ ବଡ଼ବଡ଼ ସହରର ନାମ ରହିଅଛି। ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ ଦ୍ୱାରା ହୋଇଥିବା ସର୍ବେକ୍ଷଣର ତଥ୍ୟାନୁସାରେ ପାନୀୟ ଜଳର ଗୁଣବତ୍ତା ଆଧାରରେ ଆମ ଦେଶର ରାଜଧାନୀ ଦିଲ୍ଲୀ ଆଜି ସବୁଠାରୁ ଖରାପ ସ୍ଥିତିରେ ରହିଛି। ଦିଲ୍ଲୀର ୧୧ଟି ଭିନ୍ନ ଭିନ୍ନ ସ୍ଥାନରୁ ପାନୀୟ ଜଳର ନମୁନା ସଂଗ୍ରହ କରି ତାହାକୁ ୧୯ଟି ମାନଦଣ୍ଡ ଆଧାରରେ ଯାଞ୍ଚ କରିବାରୁ ସମସ୍ତ ଯାଞ୍ଚ ପ୍ରକ୍ରିୟାରେ ତାହା ଫେଲ୍ ମାରିଥିଲା। ଦିଲ୍ଲୀର ଯେଉଁ ସବୁ ସ୍ଥାନରୁ ଏସବୁ ଜଳ ସଂଗ୍ରହ କରାଯାଇଥିଲା ; ସେଥିରେ ଭାରତର ଉପଭୋକ୍ତା ମନ୍ତ୍ରଣାଳୟର ତତ୍କାଳୀନ କେନ୍ଦ୍ରୀୟ ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ବାସଗୃହ ସହ ଦପ୍ତର ବି ସାମିଲ୍ ଥିଲା। ତା'ମାନେ ଜଣେ କେନ୍ଦ୍ରୀୟ ମନ୍ତ୍ରୀଙ୍କ ଘରକୁ ଯେଉଁ ଜଳ ଆସୁଛି, ତାହା ମଧ୍ୟ ପାନୀୟ ଉପଯୋଗୀ ନୁହେଁ। ଏପରି ସ୍ଥଳେ ସାଧାରଣ ଲୋକଙ୍କ କଥା ନ କହିବା ଭଲ। ଦୀପ ତଳ ଅନ୍ଧାର ଭଳି ପାନୀୟ ଜଳର ସ୍ଥିତି ଯଦି ରାଜଧାନୀ ଦିଲ୍ଲୀରେ ଏଭଳି, ତେବେ ଦେଶର ଅନ୍ୟ ସ୍ଥାନରେ ଏହାର ସ୍ଥିତି କିଭଳି ଥିବ ତାହା ଅନୁମାନ କରାଯାଇପାରେ। ଏହି ସର୍ବେକ୍ଷଣର ତଥ୍ୟାନୁସାରେ ସାରା ଭାରତରେ ମୁମ୍ବାଇ ସହରର ଜଳ ସର୍ବୋତ୍କୃଷ୍ଟ। ଏହି ସହରର ୧୦ଟି ସ୍ଥାନରୁ ଜଳର ନମୁନା ସଂଗ୍ରହ କରି ତାହାକୁ ଯାଞ୍ଚ କରିବାରୁ ; ସମସ୍ତ ନମୁନା ସବୁ ପ୍ରକାରର ମାନଦଣ୍ଡକୁ ସଫଳତାର ସହ ଅତିକ୍ରମ କରିବାରେ ସକ୍ଷମ ହୋଇଥିଲା। ତଥ୍ୟ ଅନୁଯାୟୀ ପାନୀୟ ଜଳର ଗୁଣବତ୍ତା ଅନୁସାରେ ସାରା ଦେଶରେ ହାଇଦ୍ରାବାଦ ଓ ଭୁବନେଶ୍ୱର ସହର ଯୁଗ୍ମ ଭାବେ ୨ୟ ସ୍ଥାନରେ ରହିଛନ୍ତି; ଯାହା ଆମ ରାଜ୍ୟ ଓଡ଼ିଶା ପାଇଁ ଆଶ୍ୱସ୍ତି ଆଣିଦେଇଛି। କେନ୍ଦ୍ରୀୟ ଉପଭୋକ୍ତା ମନ୍ତ୍ରଣାଳୟ ଦ୍ୱାରା ଯେଉଁ ୨୧ଟି ସହରର ଜଳକୁ ଯାଞ୍ଚ କରାଯାଇଥିଲା ; ସେସବୁ ସହରକୁ କେନ୍ଦ୍ର ସରକାର ବର୍ତ୍ତମାନ ସ୍ମାର୍ଟ ସିଟି ରୂପେ ବିକଶିତ କରୁଛନ୍ତି। ଯେଉଁ ସହରର ପାନୀୟ ଜଳ ବିଷ ତୁଲ୍ୟ, ସେହି ସହରକୁ ସ୍ମାର୍ଟ ସିଟି ରୂପେ ଘୋଷଣା କରିବା ନିହାତି ଭାବେ ଏକ ହାସ୍ୟାସ୍ପଦ କଥା। ପାନୀୟ ଜଳର ଗୁଣବତ୍ତା ଦୃଷ୍ଟିରୁ ସାରା ବିଶ୍ୱର ୧୨୨ଟି ଦେଶଙ୍କ ମଧ୍ୟରେ ଭାରତର ସ୍ଥାନ ୧୨୦ତମ। ନୀତି ଆୟୋଗଙ୍କ ତଥ୍ୟାନୁସାରେ ଭରତର ୭୦ପ୍ରତିଶତ ଜଳ ପ୍ରଦୂଷିତ। ଏହି ବିଷୟରେ ସଂସଦର ଉଭୟ ସଦନରେ ଏକାଧିକବାର ଆଲୋଚନା ହେବା ସହ ଚିନ୍ତା ପ୍ରକଟ କରାଯାଇଛି। କେବଳ ଚିନ୍ତା କରିଦେଲେ ଏହି ସମସ୍ୟାର ସମାଧାନ ହୋଇଯିବ ନାହିଁ। ଏଥିପାଇଁ ବିଧିବଦ୍ଧ ବ୍ୟବସ୍ଥା ହେବା ଆବଶ୍ୟକ।

ଅନ୍ୟ ଏକ ତଥ୍ୟ ଅନୁସାରେ ବର୍ତ୍ତମାନ ଭାରତୀୟ ବଜାରରେ ଜଳକୁ ବିଶୁଦ୍ଧ କରୁଥିବା ଆର୍‌.ଓ. ଯନ୍ତ୍ରର କାରବାର ପ୍ରାୟ ୪ହଜାର ୨ଶହ କୋଟି ଟଙ୍କାର ରହିଛି। ଆକଳନ ଅନୁଯାୟୀ ୨୦୨୪ ବେଳକୁ ଏହାର ପରିମାଣ ୭ଗୁଣ ବୃଦ୍ଧି ପାଇ ୨୯ହଜାର କୋଟି ଟଙ୍କାରେ ପହଞ୍ଚି ଯିବ। ତେଣୁ ଆଗାମୀ ଦିନରେ ପାନୀୟ ଜଳ ପାଇଁ ଆମ୍ଭେମାନେ ଏହି ପଦ୍ଧତିକୁ ଆପଣାଇ ପାରନ୍ତି। ଆର୍‌.ଓ. ଯନ୍ତ୍ର ମାଧ୍ୟମରେ ୧ଲିଟର୍ ବିଶୁଦ୍ଧ ପାନୀୟ ଜଳ ପାଇବା ପାଇଁ ଆମକୁ ୩ଲିଟର୍ ଜଳ ଅପଚୟ କରିବାକୁ ପଡ଼ିଥାଏ। ଏକ ୫ଜଣିଆ ସଦସ୍ୟ ବିଶିଷ୍ଟ ପରିବାର ପାଇଁ ଦୈନିକ ଅତି କମରେ ୨୦ଲିଟର ପାନୀୟ ଜଳ ଆବଶ୍ୟକ। ଏଥିପାଇଁ ଦୈନିକ ୬୦ଲିଟର୍ ହିସାବରେ ମାସକୁ ୧୮ଶହ ଲିଟର ଜଳ ଅପଚୟ ହେବ। ଜଳର ଏଭଳି ଅଯଥା ଅପଚୟ ବୁଦ୍ଧିଜୀବୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରି ଦେଇଛି। ଏକ ମଧ୍ୟମ ବର୍ଗୀୟ ପରିବାରର ଦୈନିକ ମୁଣ୍ଡପିଛା ଜଳଖର୍ଚ୍ଚର ପରିମାଣ ପ୍ରାୟ ୧୩୫ ଲିଟର। କିନ୍ତୁ ଏହି ସୌଭାଗ୍ୟ ସେହି ବ୍ୟକ୍ତିଙ୍କର ରହିଛି, ଯାହା ଘରେ ପାଣିର ସୁବିଧା ପହଞ୍ଚି ପାରିଛି। ଭାରତର ୬୦କୋଟି ଲୋକ ଗମ୍ଭୀର ଜଳ ସଂକଟର ସମ୍ମୁଖୀନ ହେଉଥିବା କଥାକୁ ପୂର୍ବରୁ ନୀତି ଆୟୋଗ ନିଜ ରିପୋର୍ଟରେ ପ୍ରକାଶ କରିସାରିଛନ୍ତି। ଆଉ ବର୍ଷେ କିମ୍ବା ୨ବର୍ଷ ମଧ୍ୟରେ ଦେଶର ୨୧ଟି ସହରର ଭୂତଳ ଜଳ ସମାପ୍ତ ହୋଇଯିବ ବୋଲି ବୈଜ୍ଞାନିକଗଣ ଆଶଙ୍କା କଲେଣି। ଏମାନଙ୍କ ମଧ୍ୟରେ ବେଙ୍ଗାଲୁରୁ, ଦିଲ୍ଲୀ, ଚେନ୍ନାଇ ଭଳି ସହର ରହିଛି। ଗୋଟିଏ ପଟେ ଆମ ଦେଶର ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଇଁ ଜଳ ମିଳୁ ନାହିଁ, ଆଉ ଅନ୍ୟ ପଟେ ଏହି ଜଳ ଯାହାକୁ ମିଳୁଛି ତାହାର ଶରୀର ପ୍ରତି ଏହା କ୍ଷତି ପହଞ୍ଚାଉଛି। ଏକ ହିସାବ ଅନୁଯାୟୀ ଆମ ଦେଶର ପ୍ରାୟ ୭୦% ରୋଗର କାରଣ ହେଉଛି ଦୂଷିତ ଜଳ। ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ, ସେମାନେ ନିଜ ଘରେ ଆର୍‌.ଓ. ଯନ୍ତ୍ର ଲଗାଉଛନ୍ତି। ମାତ୍ର ଏହାର ବିକଳ୍ପ ନ ଥିବା ଲୋକେ ଜଳକୁ ଗରମ କରି ଛାଣି ପିଇବା ଆବଶ୍ୟକ।

ଆମେରିକାରେ ପିଇବା ପାଇଁ ନା ପାଣିକୁ ଗରମ କରି ଛାଣିବାକୁ ପଡ଼େ ନା ଆର୍‌.ଓ. ଯନ୍ତ୍ର ପାଇଁ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବାକୁ ପଡ଼େ। ଏଠାରେ ଗାଧୁଆ ଘରେ ଲାଗିଥିବା ନଳରୁ ମଧ୍ୟ ଜଳ ନେଇ ନିଃସଙ୍କୋଚରେ ପିଇ ପାରିବା। ବଡ଼କଥା ହେଉଛି ଏଠାରେ ଜଳକୁ ପିଇବା ବେଳେ ବା ବ୍ୟବହାର କଲାବେଳେ କିଛି ଅସୁବିଧା ଅନୁଭବ କଲେ ନିକଟସ୍ଥ ବଜାରରେ ମିଳୁଥିବା ମାଗଣା ଜଳ ପରୀକ୍ଷଣ କିଟ୍ ସାହାଯ୍ୟରେ ଲୋକେ ସେହି ଜଳର ପରୀକ୍ଷଣ କରାଇ ନିଅନ୍ତି। ତତ୍ପରେ ସଂଗ୍ରହ କରିଥିବା ଦୋକାନରେ ସେହି କିଟ୍‌କୁ ଦାଖଲ କରିବା ମାତ୍ରେ ଅତି ସ୍ୱଳ୍ପ ସମୟ ମଧ୍ୟରେ ଦୋକାନୀ ଉପଭୋକ୍ତାଙ୍କୁ ସେହି ଜଳ ସମ୍ବନ୍ଧୀୟ ସବିଶେଷ ରିପୋର୍ଟ ପ୍ରଦାନ କରିଥାନ୍ତି। ଯଦି କିଛି ଅସୁବିଧା ଥାଏ, ତେବେ ଉକ୍ତ ଦୋକାନୀ ଏ ବିଷୟରେ ନିକଟସ୍ଥ ଯାଞ୍ଚକାରୀ ସଂସ୍ଥାକୁ ଖବର ଦିଅନ୍ତି; ଫଳରେ ଯାଞ୍ଚକାରୀ ସଂସ୍ଥା ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଜଳର ବିଶୁଦ୍ଧତା ପାଇଁ କାର୍ଯ୍ୟ ଆରମ୍ଭ କରି ଦିଅନ୍ତି । ଆମ ଦେଶରେ ଏଭଳି କାର୍ଯ୍ୟକ୍ରମ ବିଷୟରେ ଚିନ୍ତା କରାଯାଇ ନ ପାରେ କିନ୍ତୁ ଏହା ଅସମ୍ଭବ ନୁହେଁ।

ବର୍ଷାଜଳର ସଂରକ୍ଷଣ ସହ ଜଳର ବିଭିନ୍ନ ଉତ୍ସର ସୁରକ୍ଷା ଦିଗରେ କେବଳ ସରକାରଙ୍କୁ ହିଁ ନୁହେଁ ମାନବ ସମାଜକୁ ବି ଧ୍ୟାନ ଦେବାକୁ ପଡ଼ିବ। ବିଶେଷକରି ଜଳ ଅପଚୟ ଓ ପ୍ରଦୂଷଣକୁ ରୋକିବା, ପଲିଥିନକୁ ବର୍ଜନ କରିବା ଏବଂ ଆବର୍ଜନାର ଠିକ୍ ନିଷ୍କାସନ ଭଳି କାର୍ଯ୍ୟକ୍ରମ ପ୍ରତି ଆମକୁ ଯତ୍ନବାନ୍ ହେବାକୁ ପଡ଼ିବ। ସମ୍ପୂର୍ଣ୍ଣ ଭାବେ ଢଳେଇ ବା କଂକ୍ରିଟକରଣ ବଦଳରେ ବିଭିନ୍ନ ଜ୍ୟାମିତିକ ଆକୃତିର ଇଟା ବ୍ୟବହାର କରି ଆମେ ବାହ୍ୟ ଚଟାଣ ଓ ରାସ୍ତା ନିର୍ମାଣ କରିବା। ଫଳରେ ସେହି ସ୍ଥାନର ଭୂମି ବର୍ଷାଜଳକୁ ଅଯଥାରେ ଗଡ଼ି ଯିବାକୁ ନ ଦେଇ ଧରି ରଖିପାରିବ। ମନଇଚ୍ଛା ବୋର୍‌ୱେଲର ଖନନ ଓ ୟୁକାଲିପଟାସ୍ ଭଳି ଗଛ ଲଗାଇବା ଉପରେ ବି ପ୍ରତିବନ୍ଧକ ରହିବା ଆବଶ୍ୟକ। ଯେହେତୁ ଭୂତଳ ଜଳ ହ୍ରାସ ଦିଗରେ ଏମାନେ କାର୍ଯ୍ୟ କରନ୍ତି। ଅଧିକ ସଂଖ୍ୟକ ପୋଖରୀ ଖନନ, ନଦୀଶଯ୍ୟାର ଖନନ, ଜଳଭଣ୍ଡାରର ଖନନ ସହ ବନୀକରଣ ଦ୍ୱାରା ମଧ୍ୟ ଭୂତଳ ଜଳକୁ ସଂରକ୍ଷିତ କରାଯାଇ ପାରିବ। ଏସବୁ ବ୍ୟବସ୍ଥା ନ ଆପଣାଇଲେ ପାନୀୟଜଳ ପାଇଁ ଆଜି ଆମେ ଲିଟର ପ୍ରତି ୧୫ରୁ ୨୦ଟଙ୍କା ଖର୍ଚ୍ଚ କରୁଛେ, ଆଗାମୀ ଦିନରେ ଏଥିପାଇଁ ଆମକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ପରିବେଶବିତ୍‌ଙ୍କ ଆଶଙ୍କା ଅନୁସାରେ ଭବିଷ୍ୟତରେ ପୃଥିବୀକୁ ଯଦି ପୁଣି ଏକ ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼େ, ତେବେ ଏହାର ପ୍ରମୁଖ କାରଣ ପାନୀୟଜଳ ହେବ। ପ୍ରକୃତରେ ଆମ ଦେଶର ସରକାର ଓ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତି ଜାଗ୍ରତ ହେଲେ ପାନୀୟଜଳ ସମସ୍ୟାରେ ସୁଧାର ଆସିପାରିବ।

ବୈପାରୀଗୁଡ଼ା, କୋରାପୁଟ, ମୋ: ୬୩୭୦୬୭୯୪୦୫
imohanty.1991@gmail.com

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | 4 | | 5 | | 8 | |
| | 7 | 3 | 8 | | | | | |
| | 4 | | | | | | 6 | 2 |
| | | 7 | | | | | | |
| | | | | | 9 | | 2 | 1 |
| | | | | 2 | | 9 | | 6 |
| | | | | 3 | 7 | | 9 | |
| | | 6 | | | | | | |
| | | | | | 4 | 5 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 7 | 2 | 6 | 3 | 8 | 4 | 5 |
| 4 | 2 | 8 | 5 | 1 | 7 | 3 | 6 | 9 |
| 6 | 5 | 3 | 8 | 4 | 9 | 7 | 2 | 1 |
| 5 | 7 | 9 | 3 | 8 | 2 | 4 | 1 | 6 |
| 8 | 4 | 6 | 1 | 7 | 5 | 2 | 9 | 3 |
| 2 | 3 | 1 | 4 | 9 | 6 | 5 | 8 | 7 |
| 3 | 6 | 4 | 7 | 2 | 1 | 9 | 5 | 8 |
| 7 | 1 | 2 | 9 | 5 | 8 | 6 | 3 | 4 |
| 9 | 8 | 5 | 6 | 3 | 4 | 1 | 7 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲଜ୍ଜାର ବିଷୟ

ମହାଶୟ,

ଯେଉଁ ଦେଶରେ ନିର୍ବାଚନରେ ଅପରାଧୀମାନେ ଠିଆ ହୁଅନ୍ତି, ସେଠି କ'ଣ ଆଶା କରାଯାଇପାରିବ ? ନିର୍ବାଚନରେ ଟଙ୍କା ନେଇ ଭୋଟ ନ ଦେଲେ ମାଡ଼। ଟଙ୍କା ନେଇ ଫେରାଇଦେଲେ ମୁଣ୍ଡକାଟ। ଏହିଭଳି ନିର୍ବାଚନ ଚାଲିଛି ଆମ ଦେଶରେ। କୋଟି କୋଟି ଟଙ୍କା ପ୍ରଚାର ଗାଡ଼ିରୁ ଜବତ ହୋଇଥିଲେ ମଧ୍ୟ ନିର୍ବାଚନ ଅଧିକାରୀ ଚୁପ୍। ନାମାଙ୍କନପତ୍ର ଦାଖଲ ପୂର୍ବରୁ ସମ୍ପତ୍ତି ତାଲିକା (ମିଛ) ଯେପରି ପ୍ରାର୍ଥୀମାନେ ଦେଉଛନ୍ତି, ସେହିପରି ଅପରାଧର ତାଲିକା ଦେଉଛନ୍ତି ତ ! ଯଦି ହଁ, ତେବେ ଅପରାଧୀମାନଙ୍କୁ ମଇଦାନକୁ ଛଡ଼ାଯାଉଛି କାହିଁକି ? ଭୋଟ ପରେ ଏ ଦଳରେ ଏତେ, ସେ ଦଳରେ ଏତେ ଅପରାଧୀ ବୋଲି ବାହାରୁଛି। ଏହା ଲଜ୍ଜାକର ବିଷୟ । ଗଣତନ୍ତ୍ରର ଦେଶ ଭାରତ କ'ଣ ଅପରାଧୀଙ୍କ ଦ୍ୱାରା ଶାସିତ ହେବ !

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### ଚିରନ୍ତନୀ

ନୀତି ଧର୍ମ ସ୍ନେହ ପ୍ରେମ ତଳେ ଯେତେ
ଭଣ୍ଡାମି ଛଳନା
କରିଛ ପ୍ରକାଶ ସବୁ, ମୂଲ୍ୟ ତା'ର
କରିଛ କଳନା। (ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସିଏଜି ଓପିସିଡବ୍ଲ୍ୟୁର ବହିର୍ବ୍ୟାପାର ସମୀକ୍ଷକ



**ନୂଆଦିଲ୍ଲୀ:** ଭାରତର ମହାଲେଖା ନିରୀକ୍ଷକ ଓ ସମୀକ୍ଷକ (ସିଏଜି) ଗିରିଶ ଚନ୍ଦ୍ର ମୁର୍ମୁ ହେଗ୍‌ସ୍ଥିତ ରାସାୟନିକ ଅସ୍ତ୍ର ନିରୋଧୀ ସଙ୍ଗଠନ (ଓପିସିଡବ୍ଲ୍ୟୁ)ର ବହିର୍ବ୍ୟାପାର ସମୀକ୍ଷକ ଭାବେ ମନୋନୀତ ହୋଇଛନ୍ତି। ମୁର୍ମୁ ୩ ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଓପିସିଡବ୍ଲ୍ୟୁ ସମ୍ମିଳନୀରେ ହୋଇଥିବା ନିର୍ବାଚନରେ ଭାରତକୁ ଅଭୂତପୂର୍ବ ସମର୍ଥନ ମିଳିଛି। ଏଥିସହିତ ଏସୀୟ ସମୂହକୁ ପ୍ରତିନିଧିତ୍ୱ କରିବାକୁ ଆସନ୍ତା ୨ ବର୍ଷ ପାଇଁ ଭାରତ ଉକ୍ତ ବିଶ୍ୱସ୍ତରୀୟ ସଙ୍ଗଠନର କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଛି।

# ଆଜିଠୁ ଖୋଲିବ ବ୍ଲୁ ହୁଇଲ୍ କୋଭିଡ୍ ହସ୍ପିଟାଲ

ଭୁବନେଶ୍ୱର, ୨୧।୪(ବ୍ୟୁରୋ)

### ରାଜଧାନୀରେ ଆଉ ୪୭୬ ଆକ୍ରାନ୍ତ



- ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କଲେ ବିଏମ୍‌ସି କମିଶନର
- ଦୁଇ ରେଷ୍ଟୁରାଣ୍ଟରୁ ୧୦ହଜାର ଲେଖାଏ ଜରିମାନା

ରାଜଧାନୀ ଭୁବନେଶ୍ୱରରେ କରୋନା ସ୍ଥିତି ଉଦ୍‌ବେଗଜନକ ହେଲାଣି। ଦୈନିକ ୫ଶହ ପାଖାପାଖି ସଂକ୍ରମିତ ହେଉଛନ୍ତି। ସହରରୁ ଆଉ ୪୭୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏମାନଙ୍କ ମଧ୍ୟରୁ ୩୮୮ଜଣ କେବଳ ସ୍ଥାନୀୟ ଆକ୍ରାନ୍ତ ରହିଥିବାରୁ ଚିନ୍ତା ବଢ଼ିଛି। ବିଶେଷକରି ପୁରୁଣା ଭୁବନେଶ୍ୱର, ପଟିଆ, ବରମୁଣ୍ଡା, ନୟାପଲ୍ଲୀ, ଖଣ୍ଡଗିରି, ଚନ୍ଦ୍ରଶେଖରପୁର, ଟଙ୍କପାଣି ରୋଡ୍ ଅଞ୍ଚଳରେ କରୋନା କାୟା ବିସ୍ତାର କରିଚାଲିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ପୁରୁଣା ଭୁବନେଶ୍ୱରରୁ ୩୩ଜଣ ଥିବାବେଳେ ଚନ୍ଦ୍ରଶେଖରପୁର ୨୧, ଖଣ୍ଡଗିରି ୧୮, ଟଙ୍କପାଣି ୧୮, ଝାଡ଼ପଡ଼ା ୧୧, ପଟିଆ ୨୩, ନୟାପଲ୍ଲୀ ୨୫, ଲକ୍ଷ୍ମୀସାଗର ୧୭, ରସୁଲଗଡ଼ ୧୨, ଜାଗମରା ୧୦, ବରମୁଣ୍ଡା, ବମିଖାଲ, ସୁନ୍ଦରପଦା, ୟୁନିଟ୍-୬ ଓ ଶହୀଦନଗରରୁ ୮ଜଣ ଲେଖାଏ ରହିଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ କୋଭିଡ୍ ହସ୍ପିଟାଲ ଖୋଲିବା ଆରମ୍ଭ ହେଲାଣି। ବର୍ତ୍ତମାନ ସମ୍, ହାଇଟେକ୍, ଅଶ୍ୱିନୀ ଓ ନୀଳାଚଳ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ରହିଛି। ସମ୍ କୋଭିଡ୍ ହସ୍ପିଟାଲରେ ୭୭୧ ବେଡ୍ ଥିବାବେଳେ ହାଇଟେକ୍‌ରେ ୨୪୬, ଅଶ୍ୱିନୀରେ ୨୦୦ ଓ ନୀଳାଚଳରେ ୧୦୦ ବେଡ୍ ରହିଛି। ବ୍ଲୁ ହୁଇଲ୍ କୋଭିଡ୍ ହସ୍ପିଟାଲ ଗୁରୁବାରଠାରୁ ଖୋଲିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ବୁଧବାର ବ୍ଲ୍ୟୁ ହୁଇଲ୍ ହସ୍ପିଟାଲ ଯାଇ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ୫୦ଟି ଜେନେରାଲ ବେଡ୍, ୩୫ ଆଇସିୟୁ ବେଡ୍, ୩୫ ଏଚ୍‌ଡିୟୁ ବେଡ୍ ରହିଛି ବୋଲି ବିଏମ୍‌ସି ସୂଚନା ଦେଇଛି।

ଅନ୍ୟପକ୍ଷରେ ନିୟମ ଉଲ୍ଲଂଘନ ଅଭିଯୋଗରେ ଶହୀଦନଗରସ୍ଥିତ ଚାନ୍ସେଲର ରେଷ୍ଟୁରାଣ୍ଟ ଓ ଆପେଟାଇଟ୍ ରେଷ୍ଟୁରାଣ୍ଟରୁ ୧୦ହଜାର ଲେଖାଏ ଜରିମାନା ଆଦାୟ କରିଛି ବିଏମ୍‌ସିର ସାଉଥ୍ ଇଷ୍ଟ ଜୋନ ଏନ୍‌ଫୋର୍ସମେଣ୍ଟ ଟିମ୍। ଟେକ୍ ଆୱେ (କେବଳ ପାର୍ସଲ) ପାଇଁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ ରହିଥିବାବେଳେ ଏଠାରେ ଗ୍ରାହକମାନେ ବସି ଖାଉଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିଲା।

## ସଂକ୍ଷେପରେ

### ଗୋଶାଳା ହେଲା ବାଳକାଟୀ ଫାଣ୍ଡି

ବାଳକାଟୀ,୨୧।୪(ଡି.ଏନ୍.ଏ.)- ରାଜଧାନୀ ଉପକଣ୍ଠ ପ୍ରତାପଶାସନ ପଞ୍ଚାୟତସ୍ଥିତ ଗୋଶାଳାରେ ବାଳକାଟୀ ଫାଣ୍ଡି ବୁଧବାରଠାରୁ ଆରମ୍ଭ ହୋଇଛି। ଏହାକୁ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜୋନ୍-୪ ଏସିପି ରଜତ କୁମାର ରାୟ, ବାଲିଅନ୍ତା ଥାନାଧିକାରୀ ପ୍ରଦୀପ ରାଉତ, ଫାଣ୍ଡି ଅଧିକାରୀ ମନତାଜ ଅଲ୍ଲୀ ଖାଁ, ସରପଞ୍ଚ ଭାଗ୍ୟଧର ନନ୍ଦୀ, ସନ୍ତୋଷ କୁମାର ମହାନ୍ତି, ପ୍ରଦୀପ ମହାନ୍ତି, ସାମାଜିକ କର୍ମୀ ବେଣୁଧର ଭୋଇ, ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଫାଣ୍ଡି ପୂଜା କାର୍ଯ୍ୟରେ ବଜାର କମିଟି ସଭାପତି ନଳିନୀକାନ୍ତ ମହାପାତ୍ର କର୍ତ୍ତା ଭାବେ ବସିଥିଲେ। ଗୋଶାଳାଟିକୁ ପଞ୍ଚାୟତ ପକ୍ଷରୁ ଅସ୍ଥାୟୀ ଭାବେ ଫାଣ୍ଡି ପାଇଁ ପ୍ରଦାନ କରାଯାଇଛି।

### ଚାକିରି ଦେବା ନାଁରେ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୨୧।୪(ବ୍ୟୁରୋ): ଚାକିରି ପ୍ରଲୋଭନ ଦେଖାଇ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଛି। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଜିଲା ଆରିକମାର ନିରଞ୍ଜନ ସାହୁ। ଗୁରୁବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ। ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଅଣାଯିବ ବୋଲି ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଚାକିରି କରାଇଦେବାକୁ କହି ଟଙ୍କା ମାଗୁଥିବା ବ୍ୟକ୍ତିଙ୍କୁ ବିଶ୍ୱାସ ନ କରିବାକୁ ଡିସିପି ଉମାଶଙ୍କର ଦାସ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନା ଅନୁଯାୟୀ, ନିରଞ୍ଜନ ଏକ ଅଫିସ୍ ଖୋଲି ଭିଡିଓ ଚାଟ୍ ମାଧମରେ ଚାକିରି ଆଶାୟୀ ଯୁବତୀଯୁବକଙ୍କୁ ନାନା ଭାବେ ବିଶ୍ୱାସ ଜନ୍ମାଇଥାନ୍ତି। ପରେ ବିଭିନ୍ନ ଡ଼ାକ୍ତରଖାନାରେ ଚାକିରି କରାଇଦେବାକୁ ଟଙ୍କା ଠକିଥାନ୍ତି। ଆକାଉଣ୍ଟାଣ୍ଟ ପଦ ପାଇଁ ୭୦ହଜାର ଓ ସୁପରଭାଇଜର ଚାକିରି କରାଇଦେବାକୁ ୫୦ ହଜାର ଟଙ୍କା ନେଉଥିଲେ। ନକଲି ଏଗ୍ରିମେଣ୍ଟ ସହ ଅଫର ଲେଟର ଧରାଇ ଆଉ ଧରାଛୁଆଁ ଦେଉ ନ ଥିଲେ। କିଛିଦିନ ତଳେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ସନାତନ ପରିଡ଼ାଙ୍କଠାରୁ ନିରଞ୍ଜନ ୯୦ ହଜାର ଟଙ୍କା ନେଇଥିଲେ ମଧ ଚାକିରି ଦେଇ ନ ଥିଲେ। ଏନେଇ ସନାତନ ଓ ତାଙ୍କ ବନ୍ଧୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନିରଞ୍ଜନଙ୍କୁ ଧରି ପଚରାଉଚରା କରିଥିଲା।

### ସିରିଜ୍ ଦୁର୍ଘଟଣା, ୫ ଆହତ

#### ଜାତୀୟ ରାଜପଥ ଜାମ୍

ଭୁବନେଶ୍ୱର,୨୧।୪(ବ୍ୟୁରୋ): ଜାତୀୟ ରାଜପଥର ଆଇଗିଣିଆ ଟ୍ରାଫିକ ଛକ ନିକଟରେ ବୁଧବାର ସିରିଜ ଦୁର୍ଘଟଣା ଘଟି ୪ ଗାଡି ଭାଙ୍ଗିରୁଜି ଯାଇଥିବାବେଳେ ୫ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ବରମୁଣ୍ଡାର ଅଜିତ ରଥ, ତାଙ୍କ ସ୍ତ୍ରୀ ଓ ପୁଅ। ଅନ୍ୟ ଦୁଇଜଣଙ୍କ ପରିଚୟ ମିଳିପାରିନି। ଉତ୍ୟକ୍ତ ଲୋକେ ଘଣ୍ଟାଏ ଧରି ଜାତୀୟ ରାଜପଥକୁ ଅବରୋଧ କରିବାରୁ ଟ୍ରାଫିକ ଜାମ୍ ହୋଇଥିଲା। ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ଆହତଙ୍କୁ ଡାକ୍ତରଖାନା ପଠାଇବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଦୁର୍ଘଟଣା ଘଟାଇଥିବା ଯାଜପୁର ଅଞ୍ଚଳର ବ୍ରହ୍ମାନନ୍ଦ ସାହୁଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

### ଆମ୍ବୁଲାନ୍ସ ନ ପାଇ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

ଜଟଣୀ (ଡି.ଏନ୍.ଏ.)- ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ କରୋନା ସଂକ୍ରମିତ ଠିକ ସମୟରେ ଆମ୍ବୁଲାନ୍ସ ନ ପାଇବାରୁ ବୁଧବାର ମୃତ୍ୟୁ ଘଟିଛି। ତାଙ୍କ ଘର ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୮ନଂ ୱାର୍ଡର ମହାବୀର କଲୋନୀରେ। ସେ ଭୁବନେଶ୍ୱରର ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ଗତ ୭ ଦିନ ପୂର୍ବେ କରୋନା ରିପୋର୍ଟ ପଜିଟିଭ ଆସିବା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଗୃହ ସଙ୍ଗରୋଧରେ ଥିଲେ। ବୁଧବାର ସକାଳେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ଘରଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ ମଧ କରୋନା ରୋଗୀ ନିଆଯିବାକୁ ନିର୍ଦ୍ଦେଶ ନ ଥିବା ଉତ୍ତର ମିଳିଥିଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ଆମ୍ବୁଲାନ୍ସରେ ଯାଉଥିବାବେଳେ ତାଙ୍କର ବାଟରେ ମୃତ୍ୟୁ ହୋଇଯାଇଥିଲା।

# ସ୍ୱଚ୍ଛ ଇନ୍ଧନ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଭାରତ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ଜଳବାୟୁ ପ୍ରସଙ୍ଗ ଉପରେ ଗୁରୁବାର ଆୟୋଜିତ ହେବାକୁ ଥିବା ଶିଖର ସମ୍ମିଳନୀ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶିଷ୍ଟ ଉର୍ଜା ବିଶେଷଜ୍ଞ ଆମୋସ୍ ହୋଷ୍ଟେନଙ୍କ ସହ ଆଟଲାଣ୍ଟିକ୍ କାଉନସିଲ୍‌ର 'ରାଇଜିଂ ଏମ୍ବିସନ ସିରିଜ୍'ରେ ଭାରତର ଜଳବାୟୁ ପରିବର୍ତ୍ତନ ଏଜେଣ୍ଡା ଉପରେ ଆଲୋଚନା କରିଛନ୍ତି। ସେହିପରି 'ଜଷ୍ଟ ଟ୍ରାନଜିକ୍ସନ ଟୁ ଏ ଗ୍ଲୋବାଲ କ୍ଲିନ୍ ଏନର୍ଜି ଫ୍ୟୁଚର' ଉପରେ ଆୟୋଜିତ ପୃଥକ୍ ଆଲୋଚନାଚକ୍ରରେ ପ୍ରଧାନ ଆମେରିକାର ଉର୍ଜା ସଚିବ ଜେନିଫର ଗ୍ରାନ୍‌ହୋଲମ, କାନାଡ଼ାର ପ୍ରାକୃତିକ ସମ୍ବଳମନ୍ତ୍ରୀ, ୟୁରୋପିଆନ ଉର୍ଜା କମିଶନର, ଏଏଫ୍‌ଏଲ୍-ସିଆଇଓର ସେକ୍ରେଟାରୀ-ଟ୍ରେଜରର ତଥା ବିଭିନ୍ନ ଦେଶର ଉର୍ଜା ନେତୃତ୍ୱଙ୍କ ସହ ଯୋଗ ଦେଇଛନ୍ତି। ବିଶ୍ୱର ସ୍ୱଚ୍ଛ ଇନ୍ଧନ ଯୋଗାଣରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ବୋଲି ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଭାରତର ଜଳବାୟୁ ପରିବର୍ତ୍ତନ ଏଜେଣ୍ଡା ଉପରେ ଆୟୋଜିତ ଆଲୋଚନାରେ ପ୍ରଧାନ ଜଳବାୟୁ ପରିବର୍ତ୍ତନ ଉପରେ ଭାରତ ଦ୍ୱାରା ନିଆଯାଉଥିବା ପଦକ୍ଷେପ, ପ୍ୟାରିସ ଚୁକ୍ତିର ଲକ୍ଷ୍ୟକୁ ପୂରଣ କରିବାରେ ଭାରତର ପଦକ୍ଷେପ, ଭାରତରେ ଉର୍ଜା ବ୍ୟବହାର, ସ୍ୱଚ୍ଛ ଉର୍ଜା ରୂପାନ୍ତରଣ ଦିଗରେ ପ୍ରସ୍ତୁତ କରାଯାଇଥିବା ରୋଡ୍‌ମ୍ୟାପ, ଉର୍ଜା ନ୍ୟାୟକୁ ସୁନିଶ୍ଚିତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ବିଶ୍ୱ ଜଳବାୟୁ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରିବା ପାଇଁ ଉଦୀୟମାନ ଅର୍ଥନୀତି ଏବଂ ବିକଶିତ ରାଷ୍ଟ୍ରଗୁଡ଼ିକୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ବିକଶିତ ରାଷ୍ଟ୍ରଗୁଡ଼ିକୁ ଜଳବାୟୁ ହାସଲ କରିବା ଲକ୍ଷ୍ୟରେ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ଉପଲବ୍ଧି ଏବଂ ଆର୍ଥିକ ସହାୟତା ଦେବା ଦିଗରେ ନେତୃତ୍ୱ ଦେବାର ଆବଶ୍ୟକତା ରହିଥିବା କହିଥିଲେ।




ଭୁବନେଶ୍ୱର ସମାଜବାଦୀ ପାର୍ଟି କାର୍ଯ୍ୟାଳୟରେ ବୁଧବାର ଡ. ବେଣୁଧର ଦାସଙ୍କ ଅନୁବାଦ ପୁସ୍ତକ 'ସେ ଆଉ ଆସିଲା ନାହିଁ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

# କୁକୁର ପାଇଁ କଳି

### ଆଇଏଏସ୍ ଅଧିକାରୀଙ୍କ ନାଁରେ ମାମଲା

ଭୁବନେଶ୍ୱର,୨୧।୪(ବ୍ୟୁରୋ)

କୁକୁର ପାଇଁ ଆଇଏଏସ୍ ଅଫିସର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମଧ୍ୟରେ ଲାଗିଛି କଳି। ରାସ୍ତାରେ ହୋଇଥିବା ଗଣ୍ଡଗୋଳ ଓ ମାର୍‌ପିଟ୍ ଥାନାରେ ପହଞ୍ଚିଛି। ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ଶହୀଦନଗର ଥାନା ପୋଲିସ ପୃଥକ୍ ଦୁଇଟି ମାମଲା (ନଂ.୧୭୭, ୧୭୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ଗୋଟିଏ ମାମଲା ଆଇଏଏସ୍ ଅଫିସର ତଥା ଯୋଗାଣ ବିଭାଗ ସଚିବ ଭିଭି ଯାଦବ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ହୋଇଥିବାବେଳେ ଅନ୍ୟଟି ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗର ଚତୁର୍ଥଶ୍ରେଣୀ କର୍ମଚାରୀ କାଳୁଚରଣ ପରିଡ଼ାଙ୍କ ନାଁରେ ହୋଇଛି। ପୋଲିସ ସୂଚନାନୁସାରେ, କାଳୁ ପ୍ରତିଦିନ କୁକୁର ସହ ଆଇଏଏସ୍ ଅଫିସର ଭିଭି ଯାଦବଙ୍କ ଘର ସମ୍ମୁଖ ଦେଇ ପ୍ରାତଃ ଭ୍ରମଣରେ ଯାଆନ୍ତି। କୁକୁରଟି ଖୋଲାରେ ତାଙ୍କ ସହ ଯାଇଥାଏ। ଏହି କୁକୁର ପାଇଁ ଯାଦବଙ୍କ ପୋଷା କୁକୁର ପ୍ରତିକ୍ରିୟାଶୀଳ ହେଉଥିବାରୁ ସେ ତାଙ୍କ ଘର ପାର୍ଶ୍ୱ ଦେଇ କୁକୁର ନେଇ ଯିବାକୁ କାଳୁଙ୍କୁ ବାରମ୍ବାର ବାରଣ କରୁଥିଲେ ମଧ ସେ କିଛି ଶୁଣୁ ନ ଥିଲେ। ବୁଧବାର ସକାଳେ କାଳୁଚରଣ କୁକୁର ସହ ଯାଉଥିବାବେଳେ ଯାଦବଙ୍କ ସୁରକ୍ଷାକର୍ମୀ ପୁଣି ମନା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ଗଣ୍ଡଗୋଳ ଉଗ୍ର ରୂପ ନେଇଥିଲା। ଆଇଏଏସ୍ ଅଫିସର ଯାଦବ, ତାଙ୍କ ସ୍ତ୍ରୀ ଓ ସୁରକ୍ଷା କର୍ମୀ ମିଳିତ ଭାବେ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଉପରକୁ କୁକୁର ଛାଡ଼ିଥିଲେ। ଆକ୍ରମଣରେ ତାଙ୍କ ଆଣ୍ଠୁରେ କ୍ଷତ ସୃଷ୍ଟି ହୋଇଥିବା ନେଇ କାଳୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଆଇଏଏସ୍ ଅଫିସର ଯାଦବ କାଳୁଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେ ଓ ତାଙ୍କ ସ୍ତ୍ରୀ ପ୍ରତିଦିନ ପ୍ରାତଃ ଭ୍ରମଣରେ ଯାଇଥାନ୍ତି। କାଳୁ ମଧ ତାଙ୍କ ଘର ସମ୍ମୁଖ ରାସ୍ତାରେ କୁକୁର ନେଇ ପ୍ରାତଃଭ୍ରମଣରେ ଆସନ୍ତି। ସେ ସବୁବେଳେ ନିଜ କୁକୁରକୁ ନ ବାନ୍ଧି ଖୋଲାରେ ଛାଡ଼ି ଦିଅନ୍ତି। ଫଳରେ ଗେଟ୍ ଭିତରେ ଥିବା ତାଙ୍କ କୁକୁର ଓ କାଳୁଙ୍କ କୁକୁର ଭୁକାଭୁକି ହୋଇଥାନ୍ତି। ବୁଧବାର ସକାଳେ କାଳୁ ଯାଉଥିବାବେଳେ ତାଙ୍କ କୁକୁରଟି ଗେଟ୍ ପାଖକୁ ଆସି ଭୁକିଥିଲା। ଏହି ସମୟରେ ସୁରକ୍ଷା କର୍ମୀ ଗେଟ୍ ଖୋଲିଦେବାରୁ ଦୁଇ କୁକୁର କାମୁଡାକାମୁଡି ହୋଇଥିଲେ। ଏହାକୁ ନେଇ କାଳୁଚରଣ ଓ ଯାଦବଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ କାମୁଡାକାମୁଡି ହେଉଥିବା ଦୁଇ କୁକୁରଙ୍କୁ ଅଲଗା କରିବାବେଳେ କାଳୁ ତଳେ ପଡିଯିବାରୁ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଥିବା ଯାଦବ କହିଛନ୍ତି।

# ମାଉସୀ ଘରେ ଶ୍ରୀଲିଙ୍ଗରାଜ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.),୨୧।୪

ରଥ ଉପରେ ଅଧା ବାଟରେ ଅଟକିଥିବା ପ୍ରଭୁ ଶ୍ରୀଲିଙ୍ଗରାଜ ବୁଧବାର ମାଉସୀ ଘରେ ପହଞ୍ଚିଛନ୍ତି। ତାଙ୍କ ସହ ଭାଇ ଦୋଳଗୋବିନ୍ଦ ଓ ଭଉଣୀ ରୁକ୍ମିଣୀ ମଧ ଯାଇଛନ୍ତି। କରୋନା ପରିସ୍ଥିତି ପାଇଁ ପ୍ରଥମଥର ବିନା ଭକ୍ତରେ ରୁକୁଣା ରଥଯାତ୍ରା ହୋଇଛି। ଅଶୋକାଷ୍ଟମୀ ଅବସରରେ ମଙ୍ଗଳବାର ପ୍ରାୟ ୪୫ ମିନିଟ୍ ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୪ଟା ୧୫ରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ହୋଇଯିବାରୁ ରଥଦାଣ୍ଡର ଗୋସାଗରେଶ୍ୱର ଉପ୍ରା ସ୍କୁଲ୍ ଛକ ନିକଟରେ ରୁକୁଣା ରଥ ଅଟକି ରହିଥିଲା। ଏହାପରବର୍ତ୍ତୀ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ବୁଧବାର ଅପରାହ୍ନ ୨ଟାରେ ପୁଣି ଟଣା ହେବାକୁ ସ୍ଥିର ହୋଇଥିଲା। ହେଲେ ପ୍ରାୟ ୧ ଘଣ୍ଟା ୧୦ ମିନିଟ ବିଳମ୍ବରେ ରଥଟଣା ହୋଇଥିଲା। ଅପରାହ୍ନ ୩ଟା ୧୦ରେ ଶଙ୍ଖ, କାହାଳୀ ବାଜିବା ସହ ରଥ ଆଗକୁ ଗଡିଥିଲା। ପ୍ରାୟ ଦେଢଘଣ୍ଟାରେ ଅପରାହ୍ନ ୪ଟା ୩୫ରେ ମାଉସୀମା ମନ୍ଦିର ନିକଟ ରାମେଶ୍ୱର କ୍ଲବ ସାମ୍ନାରେ ରଥ ଲାଗିଥିଲା। ପରେ ଦିଅଁ ବିଜେ ହୋଇ ମାଉସୀ ମା' ମନ୍ଦିରକୁ ଯାଇଥିଲେ। ରଥଯାତ୍ରାକୁ ସୁରକ୍ଷିତ ଭାବେ ସମ୍ପନ୍ନ କରିବାକୁ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ତ୍ରୀ ତଥା ସେବାୟତ ଅଶୋକ ପଣ୍ଡା ମଧ ରଥ ଟାଣିଥିଲେ। ରଥଟଣାଠାରୁ ଶେଷ ପର୍ଯ୍ୟନ୍ତ ମନ୍ତ୍ରୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।



ମାଉସୀମା' ମନ୍ଦିର ନିକଟରେ ପହଞ୍ଚିଥିବା ରୁକୁଣା ରଥ।



ଠାକୁରଙ୍କୁ ରଥରୁ ଓହ୍ଲାଇ ମାଉସୀମା' ମନ୍ଦିରକୁ ନିଆଯାଉଛି।

### ଅସୁର କିଆରିକୁ ନେଇ ଦ୍ୱନ୍ଦ୍ୱ

ରୁକୁଣା ରଥଯାତ୍ରାରେ ମାଉସୀ ଘରକୁ ଶ୍ରୀଲିଙ୍ଗରାଜ ଯିବାବେଳେ ବାଟରେ ଅସୁରକିଆରିଠାରେ ଭୋଗ ଲାଗି ହୋଇଥାଏ। ଗୋସାଗରେଶ୍ୱର ଉପ୍ରା ସ୍କୁଲ ଛକରୁ ରଥ ଛାଡିବା ପରେ ଅସୁରକିଆରି ସ୍ଥାନଟି କେଉଁଠାରେ ରହିଛି, ତାହାକୁ ନେଇ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ପରେ ବରିଷ୍ଠ ସେବାୟତଙ୍କ ପରାମର୍ଶକ୍ରମେ ଏକ ସ୍ଥାନରେ ରଥ ଅଟକିବା ସହ ଭୋଗ ହୋଇଥିଲା। ଅସୁରକିଆରି ସ୍ଥାନରୁ ଗଛ କଟାଯିବା ସହ ବର୍ଷକ ଭିତରେ ଏହାର ଦୃଶ୍ୟପଟ ବଦଳି ଯାଇଥିବାରୁ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା।



ଶ୍ରୀରାମ ନବମୀରେ ବୁଧବାର ଭୁବନେଶ୍ୱରସ୍ଥିତ ରାମ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରଖାଯାଇଥିବାବେଳେ ଭିତରେ ଠାକୁରଙ୍କ ପୂଜାନୀତି ଚାଲିଛି।

# ଜେଲରେ ହେବ ଅଚାନକ ଚଢ଼ାଉ

ଭୁବନେଶ୍ୱର,୨୧।୪ (ବ୍ୟୁରୋ)

### କଡ଼ା ଆଭିମୁଖ୍ୟ ଆପଣାଇଲା ଜେଲ ବିଭାଗ

- ଗୋପନରେ ସ୍କ୍ୱାଡ୍ ଗଠନ ନିର୍ଦ୍ଦେଶ
- କର୍ମଚାରୀଙ୍କୁ ମୋବାଇଲ ମନା
- ଦୁର୍ନୀତିଗ୍ରସ୍ତଙ୍କୁ ବାଧ୍ୟତାମୂଳକ ଅବସର

ଜେଲ୍‌ରେ ଚାଲୁଛି ନିଶାଦ୍ରବ୍ୟ କାରବାର। ଏଥିସହ ଜେଲ୍‌ରୁ ହେଉଛି ଅପରାଧ ନିୟନ୍ତ୍ରଣ। ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ସମ୍ବଲପୁର ଜେଲ୍‌ର ୱାର୍ଡର ଶିବ ନାରାୟଣ ନନ୍ଦଙ୍କ ଫୋନ୍‌ରୁ ବିଭିନ୍ନ ବ୍ୟକ୍ତିଙ୍କ ସହ କଥା ହୋଇଥିବା ତଦନ୍ତରୁ ଜଣାପଡିବା ପରେ କଡ଼ା ଆଭିମୁଖ୍ୟ ଆପଣାଇଛି ଜେଲ ବିଭାଗ। ଗୋପନରେ ସ୍କ୍ୱାଡ୍ ଗଠନ ସହ ଅଚାନକ ଚଢ଼ାଉ ପାଇଁ ଜେଲ ବିଭାଗ ନିର୍ଦ୍ଦେଶକ ସନ୍ତୋଷ ଉପାଧ୍ୟାୟ ସମସ୍ତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି କୌଣସି କର୍ମଚାରୀ ଜେଲ ଭିତରକୁ ମୋବାଇଲ ଫୋନ୍, ଟଙ୍କା ଅବା ଅନ୍ୟ କୌଣସି ସାମଗ୍ରୀ ନେଇ ଯିବାକୁ ବାରଣ କରାଯାଇଛି। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଜେଲ ଭିତରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜେଲରେ ଲାଗିଥିବା ସିସିଟିଭି ଉପରେ ସବୁଦିନ ନଜର ରଖିବାକୁ କୁହାଯାଇଛି। ଆତ୍ମହତ୍ୟା ଅବା ଆକ୍ରମଣ କରିବାରେ ସହାୟକ ହେଉଥିବା କୌଣସି ଜିନିଷ ଜେଲ ଭିତରକୁ ନେବାକୁ ମନା କରାଯାଇଛି। ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲରମାନେ ନିଜର ଗୋଇନ୍ଦା ସୂଚନାକୁ ମଜଭୁତ କରିବା ସହ ଚଢ଼ାଉ କରିବେ। ହାଇ ସୁରକ୍ଷା ୱାର୍ଡ ଏବଂ ଅଭ୍ୟାସଗତ ଅପରାଧୀଙ୍କ ଉପରେ ତୀକ୍ଷଣ ନଜର ରଖିବାକୁ ସବୁ ଜେଲକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଜେଲ କର୍ମଚାରୀ ନିଶା କାରବାରରେ ସମ୍ପୃକ୍ତ ରହିଲେ ସେମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକସ୍ଥଳେ ଦୁର୍ନୀତିଗ୍ରସ୍ତ ଅଫିସର ଅବା କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ତେବେ ପ୍ରତି ସପ୍ତାହରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲରମାନେ ଚଢ଼ାଉ ଏବଂ ସୁରକ୍ଷା ସଂକ୍ରାନ୍ତ ରିପୋର୍ଟ ସର୍କଲ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଠାଇବାକୁ କୁହାଯାଇଛି। ସର୍କଲ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଉକ୍ତ ରିପୋର୍ଟ ଯାଞ୍ଚ କରିବା ପରେ ତାହାକୁ ଜେଲ ଡିଆଇଜିଙ୍କୁ ଦେବେ। ଏହାଛଡା ବଡ ବଡ ଅପରାଧୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନିୟମିତ ଯାଞ୍ଚ କରାଯିବ। ଯଦି ସେମାନେ ମେଡିକାଲ ଅବା କୋର୍ଟ ଯାଉଛନ୍ତି ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ। ସେମାନଙ୍କୁ ନେବା ଆଣିବା ସମୟରେ ଜେଲ ବିଭାଗର ପ୍ରୋଟୋକଲ ଅନୁଯାୟୀ ସମସ୍ତ ନିୟମାବଳୀ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜେଲ ବିଭାଗ ନିର୍ଦ୍ଦେଶକ ଉପାଧ୍ୟାୟ।


**e-RFP**

**Office of the D.G. & I.G. of Police, Odisha, Cuttack**

No.D-10:-

1. e-RFP are invited from reputed bidders in respect of the "e-RFP" (Request for Proposal) for Selection of System Implementation Partner (SIP) for conducting Computer Based Recruitment Examinations (CBRE) & Practical Skill Test (Computer) for recruitment of Junior Clerks in DPO Cadre of Odisha Police during the current financial year, 2021-22.

**The details schedule of the e-RFP is as follows:-**

| | |
|---|---|
| Date of Publication of RFP in the Website of MSTC | 22.4.2021, 10.00 hrs. |
| Last date & time to accept pre-bid queries through email (aighdqrs@gmail.com) | 28.4.2021, 17.00 hrs. |
| *Virtual / Pre-bid Meeting (is to be communicated to interested bidders) | 3.5.2021, 11.00 hrs. |
| Publication of corrigendum to RFP (if any) in the website of Odisha Police | 7.5.2021 |
| Last date & time of submission of bid on MSTC | 13.5.2021, 17.00 hrs. |
| Date of opening of general & technical bid | 13.5.2021, 17.30 hrs. |
| Technical presentation by the bidders | 19.5.2021, 11.00 hrs. |
| Date of opening of commercial/ financial bid | 22.5.2021 |
| Venue | State Police Headquarters, Cuttack, Buxi Bazar, Odisha |
| Earnest Money Deposit (EMD) (Refundable) | There shall be no provision for earnest money deposit. However, the bidder will have to execute the bid security declaration in lieu of bid security with stipulation that if they withdraw, remodify their bills during the period of validity, they will be suspended for 2 years. |

The details of the e-RFP may be seen from the website of MSTC Limited (www.mstcecommerce.com/eproc and Odisha Police website.
Interested bidders are requested to register on above MSTC Portal www.mstcecommerce.com/eproc for details of e-RFP and participation. Any change to the above schedule shall be notified on the MSTC website i.e. (www.mstcecommerce.com/eproc.

**Sd./- A.I.G. of Police (Prov.), Odisha, Cuttack**
OIPR-12018/11/0001/2122 **Tender Calling Authority**



**Office of the District Manager**
**Odisha State Civil Supplies Corporation Ltd., Nayagarh**
**Phone: 06753-253942, District Website: www.nayagarh.nic.in**
Tender No.: 1763 Dt.19.04.21

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of Level-1 Transport Contractor for transportation of foodgrains from FSD, FCI to RRCs |
| 2 | Availability of bid document in the portal | From 22.04.2021 |
| 3 | Last date/ time for receipt of bids in the portal | 03.05.2021 upto 01.00 P.M. |
| 4 | Date / time of opening of technical bid | 06.05.2021 at 11.00 A.M. |
| 5 | Date/ time of opening of financial bid | 10.05.2021 at 11.00 A.M. |
| 6 | Name and address of the officer inviting tender | C.S.O.-cum-District Manager, O.S.C.S.C. Ltd., Nayagarh |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation / retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**

**ସାଇବର ଠକେଇ: ସଚେତନ କଲା ସାଇବର ଡୋଷ୍ଟ**

ଭୁବନେଶ୍ୱର,(ବ୍ୟୁରୋ): ଦିନକୁ ଦିନ ସାଇବର ଅପରାଧୀମାନେ ନୂଆ ନୂଆ କୌଶଳ ଆପଣାଇ ଲୋକଙ୍କଠାରୁ ଲୁଟୁଛନ୍ତି। ଏବେ ପ୍ରତିଷ୍ଠିତ ଏନ୍‌ଜିଓ ଅବା ସଂସ୍ଥା ନାଁରେ ମେସେଜ, ମେଲ ଅବା ଫେକ୍ ଆଇଡି କରି ସହାୟତା ନାଁରେ ଠକୁଛନ୍ତି। ଏଭଳି ଠକେଇରୁ ବର୍ତ୍ତିବା ପାଇଁ ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ସାଇବର ଡୋଷ୍ଟ ଟୁଇଟର ହ୍ୟାଣ୍ଡେଲ ତରଫରୁ ସତର୍କ କରାଯାଇଛି। ଲୋକେ କୌଣସି ଅଫର ଅବା ଲୋଭନୀୟ ମେସେଜ ପାଇଲେ ବିନା ତର୍ଜମାରେ ସେଥିରେ କ୍ଲିକ କରିବାକୁ ମନା କରାଯାଇଛି। ତୁରନ୍ତ ନିକଟ ସାଇବର ହେଲ୍ପ ଡେସ୍କର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି।



## ସଂକ୍ଷେପରେ

### ନରସିଂହ ମିଶ୍ରଙ୍କୁ କରୋନା



**ଭୁବନେଶ୍ୱର, ୨୧।୪(ବ୍ୟୁରୋ):** କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କୋଭିଡ୍-୧୯ରେ ସଂକ୍ରମିତ ହୋଇଛନ୍ତି। ଏନେଇ ବୁଧବାର ସନ୍ଧ୍ୟାରେ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହାସହ ଗତ କିଛିଦିନ ମଧ୍ୟରେ ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସମସ୍ତେ ନିଜର ଟେଷ୍ଟିଂ କରାଇ ନିଅନ୍ତୁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନେତା ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ୩ ଲକ୍ଷ ଲୁଟିନେଲେ ସାଇବର ଠକ

**ଭୁବନେଶ୍ୱର,୨୧।୪(ବ୍ୟୁରୋ) :** ଶସ୍ତାରେ ମୋବାଇଲ ରିଚାର୍ଜର ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୨ଲକ୍ଷ ୯୨ ହଜାର ଟଙ୍କା ଲୁଟିନେଇଛନ୍ତି ସାଇବର ଠକ। ଏହି ଠକେଇର ଶିକାର ହୋଇଛନ୍ତି ନୟାପଲ୍ଲୀସ୍ଥିତ ଏକ ଘରୋଇ କମ୍ପାନୀର କର୍ମଚାରୀ ରାମଚନ୍ଦ୍ର ପୁହାଣ। ଏନେଇ ସେ ବୁଧବାର ସାଇବର ସେଲ୍‌ରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ରାମଚନ୍ଦ୍ରଙ୍କ ମୋବାଇଲ ଫୋନ୍‌କୁ ଏକ କଲ ଆସିଥିଲା। ବ୍ୟକ୍ତିଜଣକ ନିଜକୁ ଏକ ଟେଲିକମ୍ କମ୍ପାନୀ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ବର୍ଷକ ପାଇଁ ୧୧୯୯ ଟଙ୍କା ପଇଠ କଲେ, ପ୍ରତିଦିନ ଦେଢ ଜିବି ଡାଟା ସହ ମାଗଣା କଲ୍ ମିଳିପାରିବ ବୋଲି କହିଥିଲେ। ରାମଚନ୍ଦ୍ର ଏହି ଲୋଭନୀୟ ସ୍କିମ୍ ସଂକ୍ରାନ୍ତରେ ଅଧିକ ବୁଝିଥିଲେ। ଏହାପରେ ସାଇବର ଠକଙ୍କ କହିବା ଅନୁସାରେ ପାସୱାର୍ଡ ଓ ଅନ୍ୟ ତଥ୍ୟ ଦେଇଥିଲେ। ଏହାର କିଛି ସମୟ ଭିତରେ ତାଙ୍କ ଆକାଉଣ୍ଟରୁ ଉକ୍ତ ଟଙ୍କା କଟିଯାଇଥିଲା।

# ଘାତକ ହେଉଛି ନୂଆ ଷ୍ଟ୍ରେନ୍

**ଭୁବନେଶ୍ୱର, ୨୧।୪(ବ୍ୟୁରୋ)**

**ଦିନକରେ ୪,୮୫୧ ଆକ୍ରାନ୍ତ, ୫ ମୃତ**

- ଆବଶ୍ୟକ ପରିମାଣର ଅକ୍ସିଜେନ, ବେଡ୍, ଆଇସିୟୁ ପ୍ରସ୍ତୁତ ଅଛି
- ୭୧ କୋଭିଡ୍ ହସ୍ପିଟାଲରୁ ୩୧ କାର୍ଯ୍ୟକ୍ଷମ ହୋଇଛି



କରୋନା ମହାମାରୀର ଦ୍ୱିତୀୟ ଲହରରେ ଆସିଥିବା ନୂଆ ଷ୍ଟ୍ରେନ୍ ଅଧିକ ସଂକ୍ରାମକ ଓ ଘାତକ ହେଉଛି। ସଂକ୍ରମଣରେ ପ୍ରତିଦିନ ନୂଆ ରେକର୍ଡ ଭାଙ୍ଗୁଥିବାବେଳେ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ପ୍ରତିଦିନ ୪/୫ଜଣଙ୍କ ଜୀବନ ଯାଉଛି। ଶେଷ ୨୪ ଘଣ୍ଟାରେ ମଧ୍ୟ ରାଜ୍ୟରେ ଆଉ ୫ଜଣଙ୍କ ମୃତ୍ୟୁ ହୋଇଛି। ନୂଆପଡ଼ାରୁ ୨ଜଣ, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କଟକରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୫୮କୁ ଛୁଇଁଛି।

ସେହିପରି, ରାଜ୍ୟରେ ୪,୮୫୧ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହା ସଂକ୍ରମଣର ଆଉ ଏକ ସର୍ବକାଳୀନ ରେକର୍ଡ। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୦୩ଜଣ ଥିବାବେଳେ ସୁନ୍ଦରଗଡ଼ ୫୧୬, ନୂଆପଡ଼ା ୪୮୬, ବରଗଡ ୩୧୮, କଟକ ୩୦୪, ଝାରସୁଗୁଡ଼ା ୨୯୦, ବଲାଙ୍ଗୀର ୨୨୭, ପୁରୀ ୨୨୩, ନବରଙ୍ଗପୁର ୧୯୪, କେନ୍ଦୁଝର ୧୬୬, ଗଞ୍ଜାମ ୧୫୧, ଅନୁଗୋଳ ୧୧୧, ସମ୍ବଲପୁର ୧୭୧, ରାୟଗଡ଼ା ୮୫, କଳାହାଣ୍ଡି ୭୯, ମୟୂରଭଞ୍ଜ ୭୮, ଭଦ୍ରକ ୭୩, ନୟାଗଡ଼ ୬୬, ଯାଜପୁର ୬୪, କୋରାପୁଟ ୬୨, କେନ୍ଦ୍ରାପଡ଼ା ୫୮ ଓ ବାଲେଶ୍ୱରରୁ ୫୨ଜଣ ଚିହ୍ନଟ ହୋଇଛନ୍ତି। ବାକି ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ ତଳକୁ ରହିଛି। ଏବେ ରାଜ୍ୟରେ ମୋଟ ପଜିଟିଭ୍ ସଂଖ୍ୟା ୩,୮୨,୩୧୫ରେ ପହଞ୍ଚିଛି।

ସଂକ୍ରମଣର ଏପରି ଧାରାକୁ ନେଇ ଡିଏମ୍‌ଇଟି ଡା. ସିବିକେ ମହାନ୍ତି କହିଛନ୍ତି, ବିଭିନ୍ନ ସଂସ୍ଥାର ସମୀକ୍ଷା ପରେ ଜଣାପଡ଼ିଛି ଯେ, ଏପ୍ରିଲ ଶେଷ କିମ୍ବା ମେ' ପ୍ରଥମ ସପ୍ତାହରେ ଓଡ଼ିଶାରେ କରୋନା ପିକ୍‌ରେ ରହିପାରେ। ତେବେ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଗତବର୍ଷ ଅପେକ୍ଷା ଏବର୍ଷ ମଧ୍ୟ ଆବଶ୍ୟକ ପରିମାଣର ଅକ୍ସିଜେନ ମହଜୁଦ ରହିଛି। ଏ କ୍ଷେତ୍ରରେ ଓଡ଼ିଶା ଭାଗ୍ୟବାନ୍, କାରଣ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ଶିଳ୍ପ ସଂସ୍ଥା ଅଧିକ ଅକ୍ସିଜେନ ଉତ୍ପାଦନ କରୁଛନ୍ତି। ପର୍ଯ୍ୟାପ୍ତ ପରିମାଣର ବେଡ୍, ଆଇସିୟୁ ରହିଛି। ରାଜ୍ୟରେ ରହିଥିବା ୭୧ଟି କୋଭିଡ୍ ହସ୍ପିଟାଲ ମଧ୍ୟରୁ ବର୍ତ୍ତମାନ ୩୧ଟି ଚାଲିଛି। ୨୬ ପ୍ରତିଶତ ବେଡ୍, ୧୪.୧୮ ପ୍ରତିଶତ ଆଇସିୟୁ, ୧୦ ପ୍ରତିଶତ ଭେଣ୍ଟିଲେଟର ବ୍ୟବହୃତ ହୋଇଥିବା ଡିଏମ୍‌ଇଟି ସୂଚନା ଦେଇଛନ୍ତି। ସେହିପରି କୋଭିଡ୍ ପରିଚାଳନା ଏବଂ ଚିକିତ୍ସା ନିମନ୍ତେ ବିଭିନ୍ନ ଜିଲା ପାଇଁ ନିଯୁକ୍ତ ହୋଇଥିବା ଡାକ୍ତରମାନେ ସେଠାକୁ ଯାଉ ନ ଥିବା ଜଣାପଡ଼ିଛି। ତେଣୁ ସେମାନେ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଡିଏମ୍‌ଇଟି ନିର୍ଦ୍ଦେଶ ଦେଇଛନ୍ତି। ନଚେତ୍ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



କଟକ ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ରଥକାଠ ଚିରଟ ଅନୁକୂଳ

**କଟକ ଅଫିସ,୨୧।୪**

ଆସନ୍ତା ଜୁଲାଇ ୧୨ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଅକ୍ଷୟତୃତୀୟାରୁ ତିନି ରଥ ନିର୍ମାଣ କାମ ଆରମ୍ଭ ହେବାକୁ ଥିବାବେଳେ ବୁଧବାର କଟକ ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁଦିନ ରଥର କ'ଣ ନିର୍ମାଣ ହେବ, ତାହା ବିଧି ମୁତାବକ କରାଯାଇଥାଏ। ସେହି ଅନୁସାରେ ଶ୍ରୀରାମ ନବମୀରେ ରଥକାଠ ଚିରଟ ଅନୁକୂଳ ହେବା ପରମ୍ପରା ରହିଛି। ସେଥିପାଇଁ ବୁଧବାର ରଥକାଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଏକ ତିନି ଜଣିଆ ଟିମ୍ ମହାପ୍ରଭୁଙ୍କ ଲାଗି ଆଜ୍ଞାମାଳ, ପତନୀ, ମହାପ୍ରସାଦ, ଧୂପ, ଦୀପ, ଚନ୍ଦନ, ସିନ୍ଦୂର ଓ ନଡ଼ିଆ ଆଦି ପୂଜା ସାମଗ୍ରୀ ଧରି ଖପୁରିଆ ସ' ମିଲ୍‌ରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇଥିଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହାପିନ୍



@ ମନୋଜ



@ ଅର୍ପିତା



@ ବିଶ୍ୱଜିତ୍



@ ସାଗର



@ ଗୁଡ୍ଡୁ



@ ପ୍ରଦୀପ

## ଆଖି ବୁଜିଲା ବାଘୁଣୀ ରେଣୁକା

**ବାରଙ୍ଗ,୨୧।୪ (ଡି.ଏନ୍.ଏ.)**



ବାଘୁଣୀ ରେଣୁକା। (ଫାଇଲ ଫଟୋ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷଣ ବାଘୁଣୀ ରେଣୁକାର ବୁଧବାର ମୃତ୍ୟୁ ଘଟିଛି। ରେଣୁକା ଦୀର୍ଘଦିନ ଧରି ଅସୁସ୍ଥ ଥିବା କାରଣରୁ ତା'ର ମୃତ୍ୟୁ ଘଟିଲା ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ରୋହିତ ଓ ଶୈଳଜା ଔରସରୁ ୨୦୦୮ ଫେବୃୟାରୀ ୨୮ରେ ରେଣୁକା ଓ ମନିଷ ନାମକ ୨ ଶାବକ ଜନ୍ମ ଗ୍ରହଣ କରିଥିଲେ। ହେଲେ ମନିଷ ୨୦୧୮ ସେପ୍ଟେମ୍ବର ୧ରେ ମୃତ୍ୟୁବରଣ କରିବା ପରେ ରେଣୁକା ଏକା ଥିଲା। ପରେ ଧୀରେ ଧୀରେ ରେଣୁକା ଅସୁସ୍ଥ ହେବାରେ ଲାଗିଥିଲା। ଚିକିତ୍ସା ପରେ ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ବୁଧବାର ତା'ର ମୃତ୍ୟୁ ଘଟିଥିଲା। ରେଣୁକାକୁ ମୃତ୍ୟୁବେଳକୁ ୧୩ବର୍ଷ ହୋଇଥିଲା। ତେବେ ରେଣୁକା ନନ୍ଦନକାନନ ପାଇଁ ନୂଆ ବାଘବଂଶର ଉଦ୍‌ଭାବକ ସାଜିଥିଲା। ରେଣୁକା ଓ ସମ୍ରାଟର ମିଳନରୁ ୨୦୧୬ ମେ ୧୫ରେ ଏକ କଳାଲୋମଯୁକ୍ତ ଛୁଆକୁ ଜନ୍ମ ଦେଇଥିଲେ ମଧ୍ୟ ପରେ ସେ ମୃତ୍ୟୁବରଣ କରିଥିଲା। ଦ୍ୱିତୀୟଥର ପାଇଁ ଏହି ଯୋଡ଼ିଙ୍କ ମିଳନରୁ ପୁଣି ୨ଟି କଳାଲୋମଯୁକ୍ତ ଛୁଆ ୨୦୧୮ ଡିସେମ୍ବର ୨୨ରେ ଜନ୍ମ ହୋଇଥିଲା। ରେଣୁକାର ମୃତ୍ୟୁପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସ ପାଇ ୨୭ରେ ପହଞ୍ଚିଛି।

## ଖୋଲିବ କ୍ୱାରାଣ୍ଟାଇନ ସେଣ୍ଟର

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

**ପ୍ରବାସୀ ଶ୍ରମିକଙ୍କ ଫେରିବା ଚିନ୍ତା**

ସମଗ୍ର ଦେଶରେ କୋଭିଡ୍-୧୯ କାୟାବିସ୍ତାର କରିଚାଲିଛି। ଦିଲ୍ଲୀ, ମହାରାଷ୍ଟ୍ରରେ ଲକ୍‌ଡାଉନ ପରେ ପ୍ରବାସୀ ଶ୍ରମିକମାନେ ଘରମୁହାଁ ହୋଇଛନ୍ତି। ଅନ୍ୟ ରାଜ୍ୟରୁ ମଧ୍ୟ ଓଡ଼ିଶାକୁ ପ୍ରବାସୀ ଶ୍ରମିକମାନେ ଫେରୁଛନ୍ତି। ସେହି ଶ୍ରମିକମାନେ ଯେପରି ରାଜ୍ୟରେ କୋଭିଡ୍ ସଂକ୍ରମଣକୁ ନ ବଢ଼ାଇବେ ସେ ନେଇ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସେମାନଙ୍କୁ ରଖିବା ପାଇଁ ରାଜ୍ୟବ୍ୟାପୀ କ୍ୱାରାଣ୍ଟାଇନ ସେଣ୍ଟରଗୁଡ଼ିକ ପୁଣି ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି ଯେ, ପ୍ରବାସୀ ଶ୍ରମିକମାନଙ୍କ ରହଣି ନିମନ୍ତେ ବର୍ତ୍ତମାନ ରାଜ୍ୟର ପ୍ରତ୍ୟେକ ବ୍ଲକର ଜିଲା ପରିଷଦ ଜୋନ୍‌ଗୁଡ଼ିକରେ କ୍ୱାରାଣ୍ଟାଇନ ସେଣ୍ଟର ଖୋଲାଯିବ। ଯଦି ବହୁ ସଂଖ୍ୟାରେ ଶ୍ରମିକ ଓଡ଼ିଶା ଫେରିବେ ତେବେ ପ୍ରତ୍ୟେକ ପଞ୍ଚାୟତରେ କ୍ୱାରାଣ୍ଟାଇନ ସେଣ୍ଟର ଖୋଲିବ। କ୍ୱାରାଣ୍ଟାଇନ ସେଣ୍ଟର ଖୋଲିବା ସହ ବେଡ୍ ସଂଖ୍ୟାକୁ ବଢ଼ାଇବାକୁ ଜିଲା ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଗତବର୍ଷ କରୋନା ମହାମାରୀ ସମୟରେ ପ୍ରାୟ ୧୦ ଲକ୍ଷ ପ୍ରବାସୀ ଓଡ଼ିଶାକୁ ଫେରିଥିଲେ। ଏବେ ସୁଦ୍ଧା ସେମାନଙ୍କ ମଧ୍ୟରୁ ଅନେକେ ସେମାନଙ୍କ କର୍ମସ୍ଥଳକୁ ଫେରିନାହାନ୍ତି। ସେହି ଦୃଷ୍ଟିରୁ ରାଜ୍ୟକୁ ଏଥର କମ୍ ପ୍ରବାସୀ ଫେରିବାର ସମ୍ଭାବନା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ପ୍ରବାସୀ ଶ୍ରମିକମାନେ ନିଜ ଭିଟାମାଟିକୁ ଫେରିବାକୁ ଥିବାରୁ ସବୁପ୍ରକାର ପ୍ରସ୍ତୁତ ରହିବା ସକାଶେ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେମାନଙ୍କ ଉପରେ କଡ଼ା ନଜର ରଖିବାକୁ ମ୍ୟୁନିସିପାଲିଟି, ଏନ୍‌ଏସି ଏବଂ ବ୍ଲକ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବାସୀମାନଙ୍କୁ ଚିହ୍ନଟ କରିବା ଓ ପରୀକ୍ଷା କରିବା ନେଇ ପରାମର୍ଶ ଦିଆଯାଇଛି। ପ୍ରବାସୀମାନେ ପ୍ରଥମେ କ୍ୱାରାଣ୍ଟାଇନ ସେଣ୍ଟରରେ ରହିବେ। ପରେ ସେମାନଙ୍କୁ ନିଜ ଘରକୁ ଯିବାକୁ ଅନୁମତି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତର ପ୍ରଦେଶ, ଦିଲ୍ଲୀ, କର୍ନାଟକ, କେରଳ ଭଳି ରାଜ୍ୟରେ କରୋନା ପ୍ରକୋପ ବଢ଼ିଚାଲିଛି। ଦିଲ୍ଲୀ, ମହାରାଷ୍ଟ୍ରରେ ଲକ୍‌ଡାଉନ ଆରମ୍ଭ ହୋଇଛି। ସେଠାରେ ଥିବା ପ୍ରବାସୀମାନେ ଓଡ଼ିଶା ଫେରୁଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ଲକ୍‌ଡାଉନ ଲାଗିବା ଆଶଙ୍କା କରି ପ୍ରବାସୀ ଫେରିବା ସମ୍ଭାବନା ରହିଛି। ଗତବର୍ଷ ଲକ୍‌ଡାଉନ ଯୋଗୁ ଦେଶରେ କରୋନା ମହାମାରୀ ନିୟନ୍ତ୍ରଣରେ ରହିପାରିଥିଲା। ଚଳିତ ବର୍ଷ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। କେତେକ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ଟପିଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଗତ ବର୍ଷ ସରକାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପଞ୍ଜୀକୃତ ପ୍ରବାସୀ ଶ୍ରମିକମାନଙ୍କୁ ଅନ୍ତରୀଣ ରିଲିଫ୍ ବାବଦରେ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ।

## କଳାବଜାର ରୋକିବାକୁ ରାଜ୍ୟବ୍ୟାପୀ ଚଢ଼ାଉ

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

କରୋନା ଔଷଧ ଓ ଉପକରଣ କଳାବଜାର ରୋକିବାକୁ ଗଠିତ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ରାଜ୍ୟବ୍ୟାପୀ ଜୋର୍‌ଦାର ଚଢ଼ାଉ କରାଯାଇଛି। ବୁଧବାର ମିଳିତ ଟିମ୍ ଭୁବନେଶ୍ୱର-କଟକ ସମେତ ବାରିପଦାର ୪ ଔଷଧ ଡିପୋରେ ଚଢ଼ାଉ କରିଥିଲା। ସେହିପରି ପୁରୀ, ଯାଜପୁର, ଅନୁଗୋଳ ସମେତ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ସହ ଯାଞ୍ଚ କରାଯାଇଛି। ଏହାସହ କୋଭିଡ୍-୧୯ର ଔଷଧ ବଣ୍ଟନ ବ୍ୟବସ୍ଥା ସଂକ୍ରାନ୍ତରେ ପ୍ରତିଦିନ ଅପ୍‌ଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାରିପଦାର ଏକ ଔଷଧ ଡିପୋ, କଟକର ପୁରୁଣା କଲେଜ ଲେନ୍‌ରେ ଥିବା ଡ୍ରଗ୍ସ ଫାର୍ମ, ଭୁବନେଶ୍ୱରର ଦୁଇଟି ହସ୍ପିଟାଲର ସମସ୍ତ ରେକର୍ଡପତ୍ର ଅନୁଧ୍ୟାନ କରିବା ସହ ବିଭିନ୍ନ ହସ୍ପିଟାଲ ଓ ଅନ୍ୟାନ୍ୟ ସଂସ୍ଥାକୁ ବଣ୍ଟନ କରାଯାଉଥିବା ଔଷଧ ଏବଂ ଷ୍ଟକ୍ ଏଣ୍ଟ୍ରି ଆଦିକୁ ସ୍କ୍ୱାଡ୍ ଅଧିକାରୀମାନେ ଯାଞ୍ଚ କରିଥିଲେ। ଏହି ଟିମ୍‌ରେ ଡ୍ରଗ୍ସ ଇନ୍ସପେକ୍ଟର, ସ୍ପେଶାଲ ଟାସ୍କ ଫୋର୍ସ, କ୍ରାଇମବ୍ରାଞ୍ଚ ଓ ସ୍ଥାନୀୟ ପୋଲିସ ସାମିଲ୍ ଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ କରୋନା ଔଷଧର କଳାବଜାର ହେଉଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ୨୨ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି।

## କୋଭିଡ୍, ମାଓବାଦୀ ଗତିବିଧି ସମୀକ୍ଷା

**ବଲାଙ୍ଗୀର ଅଫିସ/ ନୂଆପଡ଼ା ଅଫିସ/ ଭବାନୀପାଟଣା, ୨୧।୪**

- ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଗସ୍ତରେ ଡିଜିପି
- ମାଓବାଦୀ, ମିଲିସିଆ ମୁଖ୍ୟସ୍ରୋତକୁ ଫେରିବା ଲାଗି ଆହ୍ୱାନ

ଓଡିଶା ପୋଲିସ ମହାନିର୍ଦ୍ଦେଶକ ଅଭୟ ବୁଧବାର ବଲାଙ୍ଗୀର, ନୂଆପଡା ଓ କଳାହାଣ୍ଡି ଜିଲା ଗସ୍ତରେ ଆସି କୋଭିଡ୍ ସଂକ୍ରମଣ ସ୍ଥିତି, ମାଓବାଦୀ ସମସ୍ୟା ଓ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରଛନ୍ତି। ପୂର୍ବାହ୍ନରେ ଅଭୟ ବଲାଙ୍ଗୀର ମନୋହାରପୁରସ୍ଥିତ ରିଜର୍ଭ ପୋଲିସ କାର୍ଯ୍ୟାଳୟକୁ ଯାଇ ଜିଲାରେ କୋଭିଡ୍ ମୁକାବିଲାରେ ପୋଲିସ କାର୍ଯ୍ୟର ସମୀକ୍ଷା କରିଥିଲେ। ଡିଜିଙ୍କ ସହ ସ୍ୱତନ୍ତ୍ର ଗୋଇନ୍ଦା ବିଭାଗ ଡିଆଇଜି ଅନିରୁଦ୍ଧ ସିଂ, ଆଇଜି ପ୍ରବୀଣ କୁମାର, ଉତ୍ତରାଞ୍ଚଳ ଆଇଜି ନରସିଂହ ଭୋଳ, ବଲାଙ୍ଗୀର ଏସପି ଦାୟିତ୍ୱରେ ଥିବା ବରଗଡ ଏସପି ପଦ୍ମିନୀ ସାହୁ ଉପସ୍ଥିତ ଥିଲେ। ଏହାପରେ ନୂଆପଡା ଗସ୍ତରେ ଯାଇ ଖରିଆର ରୋଡ ସୀମାନ୍ତ ଚେକ୍‌ପୋଷ୍ଟ ଯାଞ୍ଚ କରିଥିଲେ। ସେଠାରୁ ନୂଆପଡା ରିଜର୍ଭ ଅଫିସରେ ପହଞ୍ଚି ମାଓବାଦୀ ଗତିବିଧି, କୋଭିଡ୍ ପରିଚାଳନାରେ ପୋଲିସ ଭୂମିକାର ସମୀକ୍ଷା କରିଥିଲେ। ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ପଡ଼ୋଶୀ ଛତିଶଗଡ଼ରେ କରୋନା ନିୟନ୍ତ୍ରଣ ବାହାରେ ରହିଥିବାରୁ ତାହାର ପ୍ରଭାବ ସୀମାନ୍ତ ୧୦ ଜିଲାରେ ପଡୁଛି। ଏହି ଚେନ ଭାଙ୍ଗିବାକୁ ସୀମାନ୍ତରେ ଅଧିକ ପୋଲିସ ଫୋର୍ସ ମୁତୟନ କରି ସୁରକ୍ଷାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ଡିଜିପି କହିଛନ୍ତି। ପରେ ଡିଜିପି କଳାହାଣ୍ଡି ଜିଲା ଭବାନୀପାଟଣା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ମାଓବାଦୀ ଏବଂ କୋଭିଡ୍ ସ୍ଥିତିର ସମୀକ୍ଷା କରିଥିଲେ। ମାଓବାଦୀ ଓ ମିଲିସିଆ ମୁଖ୍ୟସ୍ରୋତକୁ ଫେରି ଆସିବାକୁ ସେ ଆହ୍ୱାନ ଦେଇଥିଲେ।

## କୋଭିଡ୍ ପରିଚାଳନାକୁ ନେଇ କଥା କଟାକଟି

**ଭୁବନେଶ୍ୱର, ୨୧।୪(ବ୍ୟୁରୋ)**



ପୃଥ୍ୱୀରାଜ ହରିଚନ୍ଦନ



ସୁଲତା ଦେଓ

ରାଜ୍ୟରେ କୋଭିଡ୍ ପରିଚାଳନାକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ କଥା କଟାକଟି ଚାଲିଛି। କୋଭିଡ୍ ସଂକ୍ରମଣର ୨ୟ ଲହର କ୍ରମଶଃ କାୟାବିସ୍ତାର କରିଚାଲିଥିବାବେଳେ ରାଜ୍ୟ ସରକାର ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇବା ପରିବର୍ତ୍ତେ ମହାମାରୀ ସ୍ଥିତିକୁ ହାଲୁକାରେ ନେଉଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଅପରପକ୍ଷରେ ରାଜ୍ୟର ଭାଜପା ନେତୃବୃନ୍ଦ କୋଭିଡ୍ ପରିଚାଳନା ସୁରୁଖୁରୁରେ କରିବାକୁ ଚାହୁଁନାହାନ୍ତି ବୋଲି ବିଜେଡି ଉତ୍ତର ରଖିଛି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପୃଥ୍ୱୀରାଜ କହିଛନ୍ତି, ସାମ୍ବିଧାନିକ ବ୍ୟବସ୍ଥାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। କରୋନା ସଂକ୍ରମଣ ବିଶ୍ୱ ମହାମାରୀର ରୂପ ନେଇସାରିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏହି ମହାମାରୀ ବିରୋଧୀ ଯୁଦ୍ଧରେ ସମସ୍ତ ପ୍ରକାର ଆପାତକାଳୀନ ସହଯୋଗ ନିରନ୍ତର ଭାବେ ଯୋଗାଇ ଆସୁଛନ୍ତି। ମାତ୍ର କେନ୍ଦ୍ରର ପଦକ୍ଷେପ, ସହାୟତାକୁ ପ୍ରଶଂସା କରିବା ପରିବର୍ତ୍ତେ ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ସମାଲୋଚନା କରିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ପୃଥ୍ୱୀରାଜ କହିଛନ୍ତି। ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ଟେଷ୍ଟିଂର ମାତ୍ରା ବହୁଗୁଣିତ ହେଲାଣି। ହେଲେ ରାଜ୍ୟ ସରକାର ନିଦରେ ଶୋଇଛନ୍ତି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଅଛି ନା ନାହିଁ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ। ରାଜ୍ୟକୁ ୫୬୭ଟି ଭେଣ୍ଟିଲେଟର କେନ୍ଦ୍ର ଯୋଗାଇ ଦେଇଥିଲା। ମାତ୍ର ରାଜ୍ୟ ସରକାର ସରକାରୀ ଡାକ୍ତରଖାନାରେ ସେସବୁ ଭେଣ୍ଟିଲେଟରକୁ ବ୍ୟବହାର ଉପଯୋଗୀ କରିପାରିଲେ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି।

ଅନ୍ୟପଟେ ଭାଜପାର ଏଭଳି ଅଭିଯୋଗକୁ ସମାଲୋଚନା କରି ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି, ଭୟାବହ କରୋନା ମହାମାରୀର ମୁକାବିଲା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଏକତ୍ର କାର୍ଯ୍ୟ କରିବାକୁ ଚାହୁଁଛନ୍ତି। ହେଲେ ଭାଜପାର ରାଜ୍ୟ ନେତାମାନେ ଏହା ଚାହୁଁନାହାନ୍ତି। ଭାଜପା ନେତାମାନେ କରୋନାକୁ ନେଇ ହୀନ ରାଜନୀତି ଆରମ୍ଭ କରୁଛନ୍ତି। କରୋନା ମୁକାବିଲା ପାଇଁ ରାଜ୍ୟ ଓ ଦେଶର ଦୁଇ ସର୍ବୋଚ୍ଚ ନେତା ଏକମତ ଥିବାବେଳେ ଭାଜପା ଓଡ଼ିଶାରେ ରାଜନୀତି କରୁଥିବା ସେମାନଙ୍କ ପ୍ରେସ୍ ବିଜ୍ଞପ୍ତିରୁ ଜଣାପଡୁଛି। ଭାଜପା ନେତାମାନେ ସରକାରଙ୍କ ସମାଲୋଚନା ପରିବର୍ତ୍ତେ ଯଦି ଯୁକ୍ତିସଙ୍ଗତ ପରାମର୍ଶ ଓ ସମର୍ଥନର ହାତ ବଢାନ୍ତେ ତେବେ ରାଜ୍ୟବାସୀ ଖୁସି ହୁଅନ୍ତେ ବୋଲି ସୁଲତା କହିଛନ୍ତି।

## ଇଚ୍ଛୁକ ମେଧାବୀ ମାଟ୍ରିକ୍ ପିଲାଙ୍କ ପାଇଁ ସ୍ୱତନ୍ତ୍ର ପରୀକ୍ଷା କରିବାକୁ ଦାବି

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ବୁଧବାର ରାଜ୍ୟ ସରକାର ମାଟ୍ରିକ ପରୀକ୍ଷାକୁ ବାତିଲ କରିଦେଇଛନ୍ତି। ଗ୍ରେଡେଶନ ବା ମାର୍କ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସ୍ଥିର କରିବ ବୋଲି କୁହାଯାଇଛି। ତେବେ ଏହାଦ୍ୱାରା ମେଧାବୀ ଛାତ୍ରୀଛାତ୍ରଙ୍କ ପ୍ରକୃତ ଯୋଗ୍ୟତା ଜଣାପଡ଼ିବ ନାହିଁ। ତେଣୁ ଇଚ୍ଛୁକ ମେଧାବୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଛି ଓଡ଼ିଶା ଅଭିଭାବକ ମହାସଂଘ। ମହାସଂଘ କହିଛି, ପିଲାଙ୍କ ପୂର୍ବ ପରୀକ୍ଷା ଫଳ ଆଧାରରେ ମାଟ୍ରିକ ପରୀକ୍ଷାର ମୂଲ୍ୟାଙ୍କନ ପଦ୍ଧତି ଆପଣାଇ ମାର୍କ ଦିଆଯାଇପାରେ ବୋଲି ସୂଚନା ମିଳୁଛି। ଏପରି ହେଲେ ଲକ୍ଷ ଲକ୍ଷ ମେଧାବୀ ପିଲାଙ୍କ କ୍ୟାରିୟର ଉପରେ ଏହାର ଘୋର ପ୍ରଭାବ ପଡ଼ିବ। ପ୍ରାୟ ୫୦ପ୍ରତିଶତରୁ ଅଧିକ ପିଲା ପରୀକ୍ଷା ପାଇଁ ଆଗ୍ରହୀ ଅଛନ୍ତି। କାଁ ଭାଁ ଏହି ଗୋଟେ ଦୁଇଟା ଘଟଣାକୁ ନେଇ ସରକାର ଚାପରେ ପଡ଼ି କିମ୍ବା ଡରିଯାଇ ଏପରି ନିଷ୍ପତ୍ତି ନେଲାଭଳି ଜଣାପଡୁଛି। ପ୍ରତ୍ୟେକ ବିଦ୍ୟାର୍ଥୀ ମାଟ୍ରିକ୍ ବୋର୍ଡ ପରୀକ୍ଷା ଫଳାଫଳକୁ ନେଇ ତା'ର ଭବିଷ୍ୟତର ଶିକ୍ଷା ଗ୍ରହଣ ଯୋଜନାର ପଦ୍ଧତି ନିର୍ଣ୍ଣୟ କରିଥାଏ। ଯେଉଁ ପିଲାମାନେ ପାଠପଢ଼ାରେ ଦୁର୍ବଳ ସେମାନଙ୍କ ପାଇଁ ହୁଏତ ଏହା କେତେକାଂଶରେ ସହଯୋଗ ହୋଇପାରେ। କିନ୍ତୁ ସାମଗ୍ରିକ ଭାବେ ଏହାର ଏକ ବିଚ୍ୟୁତି ଦେଖାଦେବ। କାରଣ ମେଧାବୀ ପିଲାଟି ତା'ର ସର୍ବଶ୍ରେଷ୍ଠ ନିଷ୍ଠା ଓ ଉଦ୍ୟମରେ ବୋର୍ଡ ପରୀକ୍ଷା ଦେଇଥାଏ। ଏପରି ନିଷ୍ପତ୍ତି ଯୋଗୁ ତା'ର ଅଧିକାର କ୍ଷୁଣ୍ଣ କରିଦେବା ଭଳି ମନେହେଉଛି। ତେଣୁ ସ୍କୁଲ ସ୍ତରରେ ସମସ୍ତ ମାଟ୍ରିକ ପିଲାଙ୍କ ତଥ୍ୟ ଅଣାଯାଉ ଓ ପରୀକ୍ଷା ପାଇଁ ଇଚ୍ଛୁକ ଥିବା ପିଲାଙ୍କ ପାଇଁ ସରକାର ଅନ୍‌ଲାଇନ କିମ୍ବା ଅଫ୍‌ଲାଇନରେ ପରୀକ୍ଷା କରାଇବାର ବ୍ୟବସ୍ଥା କରନ୍ତୁ। ସେହିପରି ଯୁକ୍ତ୨ରେ ଇଚ୍ଛୁକ ପିଲାଙ୍କ ପାଇଁ ମଧ୍ୟ ବିଳମ୍ବ ନ କରି ପରୀକ୍ଷାର ସମସ୍ତ ବନ୍ଦୋବସ୍ତ କରନ୍ତୁ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

## ଗ୍ଲୋବାଲ ଏନର୍ଜି ଟ୍ରାଞ୍ଜିଶନ ଇଣ୍ଡେକ୍ସ: ୮୭ତମରେ ଭାରତ

ବିଶ୍ୱ ଏନର୍ଜି ଟ୍ରାଞ୍ଜିଶନ ଇଣ୍ଡେକ୍ସରେ ଭାରତ ୮୭ତମ ସ୍ଥାନରେ ରହିଛି। ଏହି ତାଲିକାରେ ମୋଟ ୧୧୫ ଦେଶ ରହିଛନ୍ତି। କୌଣସି ଦେଶର ଏନର୍ଜି ସିଷ୍ଟମ ପରଫରମାନ୍ସକୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଥାଏ। ୱାର୍ଲଡ ଇକୋନୋମିକ ଫୋରମ(ଡବ୍ଲ୍ୟୁଇଏଫ୍) ପକ୍ଷରୁ ଆକସେନଚରର ସହଭାଗିତାରେ ବୁଧବାର ଏହି ତାଲିକା ପ୍ରକାଶ ପାଇଛି। ସୂଚୀର ପ୍ରଥମ ୧୦ ସ୍ଥାନରେ ୱେଷ୍ଟର୍ନ ଏବଂ ଉତ୍ତର ୟୁରୋପୀୟ ଦେଶ ସମୂହ ରହିଛନ୍ତି। ପ୍ରଥମ ସ୍ଥାନରେ ସୁଇଡେନ ଥିବା ବେଳେ ଦ୍ୱିତୀୟରେ ନରୱେ ଏବଂ ତୃତୀୟରେ ଡେନ୍ମାର୍କ ରହିଛି।

### ସଂକ୍ଷେପରେ

## ଜିଡିପି ଆକଳନ ଖସାଇଲା କେୟାର ରେଟିଂ

**ମୁମ୍ବାଇ,୨୧।୪:** କରୋନା ପାଇଁ ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ହୋଇଛି। ଏହାକୁ ଧ୍ୟାନରେ ରଖି କେୟାର ରେଟିଂ ପକ୍ଷରୁ ୨୦୨୧-୨୨ ଲାଗି ଭାରତର ଜିଡିପି ଅଭିବୃଦ୍ଧି ଆକଳନକୁ ୧୦.୨% ଖସାଯାଇଛି। ଭାରତ ଏହି ଅବଧିରେ ୧୦.୭ରୁ ୧୦.୯% ହାରରେ ଅଭିବୃଦ୍ଧି କରିବ ବୋଲି ଏହି ଏଜେନ୍ସି ପୂର୍ବରୁ କହିଥିଲା। ଗତ ଗୋଟିଏ ମାସ ମଧ୍ୟରେ ଏହି ଏଜେନ୍ସି ତୃତୀୟ ଥର ଲାଗି ଆକଳନରେ ପରିବର୍ତ୍ତନ କରିଛି। ଚଳିତ ବର୍ଷ ମାର୍ଚ୍ଚରେ ଏହା ପ୍ରଥମେ ଜିଡିପି ଆକଳନ କରି କହିଥିଲା ଅଭିବୃଦ୍ଧି ଜିଡିଏରେ ୧୧-୧୧.୨% ରହିବ। କରୋନା ସଂକ୍ରମଣ ବଢ଼ିବାରୁ ମହାରାଷ୍ଟ୍ର ସମେତ ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ କରୋନା କଟକଣା କଡ଼ାକଡ଼ି ହୋଇଛି। ଲକ୍‌ଡାଉନ ଯୋଗୁ କ୍ଷତି ଆଶଙ୍କା କରି ଏପ୍ରିଲ ୫ରେ ଏହା କହିଥିଲା ଜିଡିପି ୧୦.୭ରୁ ୧୦.୯% ସ୍ତରରେ ରହିବ। ବର୍ତ୍ତମାନ ପୁଣିଥରେ ଏହାର ଆକଳନକୁ କମ୍ କରିଛି। ଚଳିତ ବର୍ଷ ଲକ୍‌ଡାଉନ ଯୋଗୁ ଜିଡିପି ବେଶି ପ୍ରଭାବିତ ହେବନାହିଁ ବୋଲି ଏହି ଏଜେନ୍ସି କହିଛି।

## ମୈଲିତରେ ନିବେଶ କଲେ ରତନ ଟାଟା

**ନୂଆଦିଲ୍ଲୀ,୨୧।୪:** ଟେକ୍ନୋଲୋଜି ଭିତ୍ତିକ ମେଲ୍ ରୁମ୍ ମ୍ୟାନେଜମେଣ୍ଟ ଏବଂ ଲଜିଷ୍ଟିକ କମ୍ପାନୀ ମୈଲିତରେ ଜଣାଶୁଣା ଉଦ୍ୟୋଗୀ ରତନ ଟାଟା ନିବେଶ କରିଛନ୍ତି। ଟାଟା ଏହି କମ୍ପାନୀରେ କେତେ ଟଙ୍କା ନିବେଶ କରିଛନ୍ତି ସେ ନେଇ କମ୍ପାନୀ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। କମ୍ପାନୀ ସାରା ଦେଶରେ ୫୦୦ ମେଲ୍ ରୁମ୍ ସ୍ଥାପନ ଯୋଜନା ରଖିଛି। ଏହାବାଦ ସମ୍ପୂର୍ଣ୍ଣ ମେକାନାଇଜଡ୍ ୱେରହାଉସ ଏବଂ ବିତରଣ କେନ୍ଦ୍ର ଆସନ୍ତା ୫ ବର୍ଷରେ ସ୍ଥାପନ କରିବା ଯୋଜନା ଏହା ରଖିଛି। ମୈଲିତ ବର୍ତ୍ତମାନ କୋରିଅର, କାର୍ଗୋ, ୩ପିଏଲ୍, ମେଲ୍ ରୁମ୍ ମ୍ୟାନେଜମେଣ୍ଟ ଡିଜିଟାଲ ସଲ୍ୟୁଶନ ଏବଂ ପୋଷ୍ଟାଲ ସର୍ଭିସ ଏହାର ପୋର୍ଟଫୋଲିଓରେ ସାମିଲ କରିଛି। ପ୍ରମୁଖ କର୍ପୋରେଟ ଏବଂ ବ୍ଲୁ ଚିପ୍ କମ୍ପାନୀକୁ ଏହା ସେବା ଯୋଗାଉଥିବା ଜଣାପଡ଼ିଛି।

# ଓଡ଼ିଶାରେ ଲେମନ ଟ୍ରି ପ୍ରିମିୟର ହୋଟେଲ

**ଭୁବନେଶ୍ୱର,୨୧।୪**

୪ ଷ୍ଟାର ହୋଟେଲ 'ଲେମନ ଟ୍ରି ପ୍ରିମିୟର' ଓଡ଼ିଶା ବଜାରରେ ଏହାର ସେବା ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲ ଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହା ସ୍ଥାନୀୟ ମୈତ୍ରୀ ବିହାରଠାରେ ଅବସ୍ଥିତ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ନିର୍ଦ୍ଦେଶକ ରାମଚନ୍ଦ୍ର ଯାଦବ, ବିଧାୟକ ସୁଶାନ୍ତ କୁମାର ରାଉତ, ଲେମନ ଟ୍ରି ହୋଟେଲର ଅପରେଶନ ବିଭାଗ ଉପସଭାପତି ମହେଶ ଆୟର, ହୋଟେଲର ପ୍ରତିଷ୍ଠାତା ରଶ୍ମିରଞ୍ଜନ ରାଉତରାୟ, ହାର୍ଦ୍ଦିକ ରାଉତରାୟ, ଉମଙ୍ଗ ରାଉତରାୟ ଏବଂ ଭାରତ ମସଲା ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ପର୍ଯ୍ୟଟନ ବିକାଶ ଦିଗରେ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପର୍ଯ୍ୟଟନ କ୍ଷେତ୍ରରେ ଏଭଳି ନିବେଶ ଏହି ଧାରାକୁ ଆଗକୁ ବଢ଼ାଇବା ଦିଗରେ ସହାୟକ ହେବ। ଲେମନ ଟ୍ରି ହୋଟେଲର ଅପରେଶନ ବିଭାଗ ଉପସଭାପତି ମହେଶ ଆୟର କହିଛନ୍ତି, ବର୍ତ୍ତମାନ ଲେମନ ଟ୍ରି ୮୫ ହୋଟେଲ ଦ୍ୱାରା ସେବା ଯୋଗାଉଛି। ଏହାକୁ ୧୧୦ରେ ପହଞ୍ଚାଇବାକୁ କମ୍ପାନୀ ଯୋଜନା ରଖିଛି। ଭୁବନେଶ୍ୱରରେ ଗ୍ରୁପ୍ ପକ୍ଷରୁ ବଜେଟ ହୋଟେଲ ମଧ୍ୟ ସ୍ଥାପନ କରିବା ନେଇ ଯୋଜନା ରଖାଯାଇଛି।





### ଭର୍ଚୁଆଲ ଭାବେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ପ୍ରତିଷ୍ଠାତା ରଶ୍ମିରଞ୍ଜନ ରାଉତରାୟ କହିଛନ୍ତି, ଏହି ପ୍ରପର୍ଟି ବିକାଶ ଲାଗି ମୋଟ ୧୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଯେଉଁଠାରେ ଉଭୟ ହୋଟେଲ ଏବଂ କମର୍ସିଆଲ ଅପରେଶନ ସାମିଲ ରହିଛି। ହୋଟେଲ ସ୍ଥାପନ ଲାଗି ୪୦ କୋଟି ଟଙ୍କା ବିନିଯୋଗ କରାଯାଇଥିବା ସେ କହିଛନ୍ତି। ଏହାର ଷଷ୍ଠ ଫ୍ଲୋରରେ ୨୨ ହଜାର ବର୍ଗଫୁଟ ସ୍ଥାନରେ ବାଂକ୍ୱେଟ ଏରିଆ ରହିଛି। ଏଠାରେ ସୁଇମିଂ ପୁଲ୍, ୨ ରେଷ୍ଟୁରାଣ୍ଟ (ଥାଇ,ଚାଇନିଜ) ଏବଂ ସପ୍ତମ ଫ୍ଲୋରରେ ୫ ହଜାର ବର୍ଗଫୁଟର ଡେକ୍ ଏରିଆ ରହିଛି। ଅଷ୍ଟମ ଫ୍ଲୋରରେ ସ୍ପା ଏବଂ ଜିମ୍ ରହିଛି। ହୋଟେଲରେ ୭୬ ଡିଲକ୍ସ ରୁମ୍ ରହିଥିବା ବେଳେ ଗ୍ରାହକଙ୍କୁ ଆତିଥେୟତାରେ ସ୍ୱତନ୍ତ୍ରତା ପ୍ରଦାନ ଲକ୍ଷ୍ୟ ରଖାଯାଇଛି। ହୋଟେଲରେ ୧୫୦ କର୍ମନିଯୁକ୍ତି ସୃଷ୍ଟି ହୋଇଛି।

# ନୂଆ ପ୍ରିମିୟମରେ ଏଲ୍ଆଇସିର ରେକର୍ଡ

**ଭୁବନେଶ୍ୱର,୨୧।୪**

କରୋନା ମହାମାରୀ ପ୍ରକୋପ ସତ୍ତ୍ୱେ ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି) ନୂଆ ପ୍ରିମିୟମ ସଂଗ୍ରହ କ୍ଷେତ୍ରରେ ରେକର୍ଡ ହାସଲ କରିଛି। ୨୦୨୦-୨୧ରେ କମ୍ପାନୀ ୧.୮୪ ଲକ୍ଷ କୋଟି ଟଙ୍କାର ନୂଆ ପ୍ରିମିୟମ ସଂଗ୍ରହ କରିବାକୁ ସକ୍ଷମ ହୋଇଛି। ବ୍ୟକ୍ତିଗତ ବୀମା ବ୍ୟବସାୟରେ ୧୦.୧୧% ବୃଦ୍ଧି ହେବା ସହ ୫୬,୪୦୬ କୋଟି ଟଙ୍କାର ପ୍ରଥମ ବର୍ଷ ପ୍ରିମିୟମ ଆୟ କରି ସର୍ବକାଳୀନ ରେକର୍ଡ କରିଛି। ଏହି ଅବଧିରେ କମ୍ପାନୀ ୨.୧୦ କୋଟି ପଲିସି ବିକିଛି। ଏଥିରେ ମାର୍ଚ୍ଚ ମାସରେ ୪୬.୭୨ ଲକ୍ଷ ପଲିସି ଅନ୍ତର୍ଭୁକ୍ତ ରହିଛି। ପୂର୍ବବର୍ଷ ତୁଳନାରେ ଏଥିରେ ୨୯୮.୮୨% ବୃଦ୍ଧି ହୋଇଛି। ଏଲ୍ଆଇସିର ବଜାର ଅଂଶଧନ ପଲିସି ସଂଖ୍ୟାରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ୮୧.୦୪% ରହିଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ଏହା ୭୪.୫୮%।

ପ୍ରଥମ ବର୍ଷ ପ୍ରିମିୟମରେ ବଜାର ଅଂଶଧନ ୬୪.୭୪% ମାର୍ଚ୍ଚ ମାସରେ ଏବଂ ଆର୍ଥିକ ବର୍ଷ ସାରା ଏହା ୬୬.୧୮% ରହିଛି। କମ୍ପାନୀର ପେନ୍‌ସନ ଏବଂ ଗୋଷ୍ଠୀ ଯୋଜନା ବିଭାଗ ୧.୨୭ ଲକ୍ଷ କୋଟି ଟଙ୍କାର କାରବାର କରିଛି। ଏହା ମଧ୍ୟ ଏକ ସର୍ବକାଳୀନ ରେକର୍ଡ। ପୂର୍ବରୁ ଏହା ୧.୨୬ ଲକ୍ଷ କୋଟି ଟଙ୍କା ରହିଥିଲା। ଆର୍ଥିକ ବର୍ଷ ୨୦୨୦-୨୧ରେ ନୂଆ ଯୋଜନାର ସଂଖ୍ୟା ୩୧,୭୯୫କୁ ବଢ଼ିଛି ଯାହା ମଧ୍ୟ ଏକ ନୂଆ ରେକର୍ଡ। ୩ ଲକ୍ଷରୁ ଊର୍ଦ୍ଧ୍ୱ ଅଭିକର୍ତ୍ତାଙ୍କୁ ଯୋଡ଼ିବା ଦ୍ୱାରା ଏହା ବର୍ତ୍ତମାନ ୧୩.୫୩ ଲକ୍ଷ ଟପିଛି। କମ୍ପାନୀର ବ୍ୟାଙ୍କ ଏବଂ ବିକଳ୍ପ ପ୍ରଣାଳୀ ୨.୪୬ ଲକ୍ଷ ପଲିସି ବିକ୍ରିକରି ୧୮୭୨ କୋଟି ପ୍ରିମିୟମ ସଂଗ୍ରହ କରିଛି। ପଲିସିଧାରୀଙ୍କୁ ୧.୩୪ ଲକ୍ଷ କୋଟି ଟଙ୍କାର ଦାବି ସମାଧାନ କରିଛି। ଡିଜିଟାଲ ପଦକ୍ଷେପ ମାଧ୍ୟମରେ ଗ୍ରାହକଙ୍କୁ ନିରନ୍ତର ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରଖିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଫେରୋକ୍ରୋମ ଉତ୍ପାଦନ ବଢ଼ିବ ୨ ଗୁଣ

**ଯାଜପୁର ଅଫିସ,୨୧।୪**

ଟାଟା ଷ୍ଟିଲ୍ ଲିମିଟେଡର ୧୦୦ପ୍ରତିଶତ ସହଯୋଗୀ ସଂସ୍ଥା ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍) ଭାରତରେ ଫେରୋକ୍ରୋମ ଉତ୍ପାଦନ କ୍ଷମତାକୁ ୨ ଗୁଣ କରିବ। ଏହି ମର୍ମରେ ଟାଟା ଷ୍ଟିଲ୍ ପକ୍ଷରୁ ଜାରି ହୋଇଥିବା ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ଯେ, ବର୍ତ୍ତମାନ ବାର୍ଷିକ ୪,୫୦,୦୦୦ ଟନ ଫେରୋକ୍ରୋମ ଉତ୍ପାଦନ ହେଉଛି। ନିକଟ ଭବିଷ୍ୟତରେ ବାର୍ଷିକ ୯,୦୦,୦୦୦ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବା ଲାଗି ଯୋଜନା ହୋଇଛି।

୨୦୨୦ ଖଣିଜ ନିଲାମରେ ଟିଏସ୍‌ଏମ୍‌ଏଲ୍ ୩ଟି କ୍ରୋମାଇଟ୍ ଖଣି ଯଥା ସୁକିନ୍ଦା କ୍ରୋମାଇଟ୍ ଖଣି, ସାରୁଆବିଲ କ୍ରୋମାଇଟି ଖଣି ଓ କମର୍ଦ୍ଧା କ୍ରୋମାଇଟ୍ ଖଣି ଅଧିଗ୍ରହଣ କରିଥିଲା। ସେଥିପାଇଁ ୫୦ ବର୍ଷିଆ ଲିଜ୍ ମଞ୍ଜୁର କରାଯାଇଛି। ଖଣିଗୁଡ଼ିକ ଏବେ ବାର୍ଷିକ ୧.୫ ନିୟୁତ ଟନ୍ କ୍ଷମତାରେ ପରିଚାଳିତ ହେଉଛି । ଯାହା କମ୍ପାନୀକୁ ଭାରତର ସର୍ବବୃହତ୍ କ୍ରୋମାଇଟ୍ ଖଣି ସଂସ୍ଥାରେ ପରିଣତ କରିଛି। ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାଣ ବ୍ୟବସାୟରେ ଥିବା ଭାରତ ଓ ଦୁନିଆର ବର୍ଦ୍ଧିତ ଗ୍ରାହକମାନଙ୍କୁ ଫେରୋକ୍ରୋମ୍ ଯୋଗାଇ

### ଟାଟା ଷ୍ଟିଲ୍ ମାଇନିଂ ଲିଃ

ଦେବା ଲାଗି କ୍ରୋମାଇଟ ପଥରର ଉତ୍କୃଷ୍ଟ ବ୍ୟବହାର କରିବା ଏହାର ପ୍ରମୁଖ ଲକ୍ଷ୍ୟ। ଟାଟା ଷ୍ଟିଲ୍‌ର ଉପସଭାପତି ଡି.ବି. ସୁନ୍ଦର ରମଣ କହିଛନ୍ତି, ଉତ୍କୃଷ୍ଟମାନର କ୍ରୋମାଇଟ ପଥରର ଦୃଢ଼ତାକୁ ବ୍ୟବହାର କରି ଭାରତରେ ଫେରୋକ୍ରୋମ୍ ଉତ୍ପାଦନ କ୍ଷମତା ବଢ଼ାଇବା ପାଇଁ ଅର୍ଗାନିକ ଓ ଇନ୍‌ଅର୍ଗାନିକ୍ ଉପାୟ ଗ୍ରହଣ କରାଯିବ।

## ସହରାଞ୍ଚଳ ଖାଉଟିଙ୍କ ଆତ୍ମବିଶ୍ୱାସ ପ୍ରଭାବିତ

**ନୂଆଦିଲ୍ଲୀ,୨୧।୪:** କୋଭିଡ୍ ଯୋଗୁ ସାରା ଦେଶର ଖାଉଟିମାନେ ବର୍ତ୍ତମାନ ପ୍ରଭାବିତ ସ୍ତରରେ ରହିଛନ୍ତି। ଏପ୍ରିଲ ମାସରେ ସହରାଞ୍ଚଳ ଖାଉଟିମାନେ ବେଶି ପ୍ରଭାବିତ ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଅବଧିରେ ସହରାଞ୍ଚଳ ଖାଉଟିଙ୍କ ଆତ୍ମବିଶ୍ୱାସ ୧.୧% ପରସେଣ୍ଟେଜ ପଏଣ୍ଟ ଦୁର୍ବଳ ହୋଇଥିବା ରିଫାଇନେଟିଭ ଇପସସ ପ୍ରାଇମେରି କଞ୍ଜ୍ୟୁମର ସେଣ୍ଟିମେଣ୍ଟ ଇଣ୍ଡେକ୍ସ ସର୍ଭେରୁ ସାମ୍ନାକୁ ଆସିଛି। ନିଯୁକ୍ତି, ବ୍ୟକ୍ତିଗତ ଫାଇନାନ୍ସ, ଅର୍ଥନୀତି ଏବଂ ଭବିଷ୍ୟତ ନିବେଶ ଭଳି ୪ ସୂଚୀରେ ଖାଉଟିଙ୍କ ଆତ୍ମବିଶ୍ୱାସ ଖସିଛି। ମାର୍ଚ୍ଚ ୨୬ରୁ ଏପ୍ରିଲ ୯ ମଧ୍ୟରେ ଏଥିନେଇ ଅନ୍‌ଲାଇନରେ ଏକ ସର୍ଭେ କରାଯାଇଥିଲା

# ଲକ୍‌ଡାଉନ୍‌କୁ ନେଇ ଆର୍‌ଏଆଇର ଚେତାବନୀ

**ମୁମ୍ବାଇ, ୨୧।୪**

ସମ୍ପ୍ରତି କରୋନାର ଦ୍ୱିତୀୟ ଲହରକୁ ନଜରରେ ରଖି ବିଭିନ୍ନ ରାଜ୍ୟ କଟକଣା ଜାରି କରିଛନ୍ତି। ଏପରି କି କିଛି ରାଜ୍ୟ ଲକ୍‌ଡାଉନ୍ ଲାଗୁ କରିଛନ୍ତି। କିନ୍ତୁ ଅର୍ଥନୈତିକ କାର୍ଯ୍ୟକଳାପକୁ ବନ୍ଦ କରାଗଲେ ଏହାଦ୍ୱାରା ବ୍ୟବସାୟ ପ୍ରତିଷ୍ଠାନ ସବୁଦିନ ପାଇଁ ବନ୍ଦ ହୋଇଯିବା ସହ ଲକ୍ଷ ଲକ୍ଷ ଲୋକ ଜୀବିକା ହରାଇବେ ବୋଲି ରିଟେଲର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ(ଆର୍‌ଏଆଇ) ପକ୍ଷରୁ କୁହାଯାଇଛି। ଗତ ବର୍ଷ ଭଳି ଏବର୍ଷ ମଧ୍ୟ ରିଟେଲ ଇଣ୍ଡଷ୍ଟ୍ରି ବା ଖୁଚୁରା ବଜାର ସମାନ ପରିସ୍ଥିତି ଦେଇ ଗତି କରୁଛି। ଅଣ ଅତ୍ୟାବଶ୍ୟକ କିମ୍ବା ଅଣ ଖାଦ୍ୟ ବ୍ୟବସାୟ ଏବଂ ମଲ୍‌ଗୁଡ଼ିକୁ ତୀକ୍ଷ୍ଣ ଓ କଟକଣା ମଧ୍ୟରେ ଚାଲୁ ରଖିବାକୁ

### ଅର୍ଥନୈତିକ କାର୍ଯ୍ୟକଳାପ ବନ୍ଦ ହେଲେ ବ୍ୟବସାୟ ବନ୍ଦ ହୋଇଯିବ



ଅନୁମତି ଦେବାକୁ ଆର୍‌ଏଆଇ କହିଛି। ଅଣ ଅତ୍ୟାବଶ୍ୟକ ବା ଅଣ ଖାଦ୍ୟ ଖୁଚୁରା ବ୍ୟବସାୟ କିମ୍ବା ମଲ୍ ବନ୍ଦ କରିଦେବା ଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ। ଗତ ବର୍ଷ ଦୀର୍ଘ ଦିନ ଧରି ଆର୍ଥିକ କାରବାରକୁ ବନ୍ଦ କରିଦେବା ଫଳରେ ବ୍ୟବସାୟରେ ପ୍ରଭୂତ କ୍ଷତି ଘଟିଥିଲା। ଏଥର ଯଦି ସେପରି କରାଯାଏ, ତେବେ ସବୁଦିନ ପାଇଁ ଖୁଚୁରା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ହୋଇଯିବା ସହ ଲକ୍ଷ ଲକ୍ଷ ଲୋକ ଜୀବିକା ହରାଇବେ ବୋଲି ଆର୍‌ଏଆଇ ସିଇଓ କୁମାର ରାଜଗୋପାଳନ୍ କହିଛନ୍ତି। ପରିସ୍ଥିତିର ମୁକାବିଲା ପାଇଁ କୋଭିଡ୍ ଗାଇଡ୍ ଲାଇନ ଅନୁସାରେ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବା ସହ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାରକୁ ଯେପରି କଡ଼ାକଡ଼ି ଭାବେ ପାଳନ କରାଯିବ, ତା' ଉପରେ ଗୁରୁତ୍ୱ ଦେବାକୁ ରାଜଗୋପାଳନ୍ କହିଛନ୍ତି।

## ଖେଳ ଖବର

## ଭାରତ-ଗ୍ରେଟ୍ ବ୍ରିଟେନ ମ୍ୟାଚ୍ ସ୍ଥଗିତ

**ଲାଉସେନ(ସୁଇଜରଲାଣ୍ଡ) ୨୧।୪**

ଲଣ୍ଡନରେ ମେ' ୮ ଓ ୯ ତାରିଖରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ୍‌ଗୁଡିକୁ ବାତିଲ କରାଯାଇଛି। ୟୁନାଇଟେଡ କିଙ୍ଗ୍‌ଡମ ସରକାର ଭାରତକୁ ଟ୍ରାଭେଲ 'ରେଡ୍ ଲିଷ୍ଟ'ରେ ସାମିଲ କରିବା ପରେ ଏନେଇ ବୁଧବାର ଏଫ୍‌ଆଇଏଚ୍ ସୂଚନା ଦେଇଛି। ଏଫ୍‌ଆଇଏଚ୍, ହକି ଇଣ୍ଡିଆ ଓ ଗ୍ରେଟ୍ ବ୍ରିଟେନ ହକି ପରିସ୍ଥିତି ଅନୁଧ୍ୟାନ କରି ଅନୁକୂଳ ବାତାବରଣ ସୃଷ୍ଟି ହେଲେ ମ୍ୟାଚ୍‌ଗୁଡ଼ିକର ଆୟୋଜନ ପାଇଁ ନୂଆ ତାରିଖ ଧାର୍ଯ୍ୟ କରିବେ ବୋଲି କୁହାଯାଇଛି।

ଏହା ସତ୍ତ୍ୱେ ଭାରତ ମେ' ମାସରେ ୟୁରୋପ ଗସ୍ତ କରିବ। ମେ' ୧୫-୧୬ରେ ଭାରତ ସ୍ପେନ୍ ବିପକ୍ଷରେ ମ୍ୟାଚ୍ ଖେଳିବ। ମେ' ୨୨-୨୩ରେ ଜର୍ମାନୀ ବିପକ୍ଷରେ ଭାରତ ମ୍ୟାଚ୍ ଖେଳିବ। ସେହିପରି ମେ' ୧୨-୧୩ରେ ଗ୍ରେଟ୍ ବ୍ରିଟେନ ଓ ଭ୍ରମଣକାରୀ ଜର୍ମାନୀ ମୁକାବିଲାରେ ଅବତୀର୍ଣ୍ଣ ହେବେ। ମେ' ୨୨-୨୩ରେ ଆମେରିକା ବିପକ୍ଷରେ ଭାରତୀୟ ମହିଳା ଦଳ ମ୍ୟାଚ୍ ଖେଳିବ। ସେହିପରି ପୁରୁଷ ଦଳ ମେ' ୨୨-୨୩ରେ ମ୍ୟାଚ୍ ଖେଳିବ। ଚଳିତ ସପ୍ତାହରେ ଟ୍ରାନ୍ସ- ତାସମାନ ଟ୍ରାଭେଲ ବବଲ ଘୋଷଣା ପରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପରସ୍ପର ମଧ୍ୟରେ ମ୍ୟାଚ୍ ଖେଳିବାକୁ ତାରିଖ ସନ୍ଧାନରେ ରହିଛନ୍ତି।

ୟୁକେ ସରକାର ଭାରତକୁ କୋଭିଡ୍-୧୯ ଟ୍ରାଭେଲ 'ରେଡ ଲିଷ୍ଟ'ରେ ସାମିଲ କରିଛି। ଫଳରେ ଏପ୍ରିଲ ୨୩ରୁ ଭାରତରୁ ଆସିବାକୁ ଥିବା ବ୍ରିଟେନ ନାଗରିକଙ୍କୁ ୧୧ରାତି କ୍ୱାରାଣ୍ଟାଇନ୍‌ରେ ରହିବା ନିଶ୍ଚିତ ହୋଇଛି। ତେବେ କୌଣସି ଭାରତୀୟ ୟୁକେ ଯାତ୍ରା କରିପାରିବେ ନାହିଁ ବୋଲି ନିୟମ ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୨,୯୫,୦୪୧ଟି ନୂଆ ସଂକ୍ରମଣ ଦେଖିବାକୁ ମିଳିଛି। ଭାରତରେ ଆକ୍ଟିଭ କେସ୍ ୨୧ ଲକ୍ଷ ପାର କରିସାରିଲାଣି।

# ଫାଇନାଲରେ ୮ ଭାରତୀୟ

**ନୂଆଦିଲ୍ଲୀ,୨୧।୪(ପି.ଟି.)**

ପୋଲାଣ୍ଡର କିଏଲ୍‌ସଠାରେ ଚାଲିଥିବା ଯୁବ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ୭ ମହିଳାଙ୍କ ସମେତ ୮ ଭାରତୀୟ ବକ୍ସର ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଭାରତ ପାଇଁ ଯୁବ ବର୍ଗରେ ଏକ ଆସାଧାରଣ ସଫଳତା ସାବ୍ୟସ୍ତ ହୋଇଛି। ଏହି ୮ଜଣ ପଦକ ହାସଲ କରିବା ନିଶ୍ଚିତ ହୋଇଛି। ଏହାକୁ ବାଦ୍ ଦେଲେ ଅନ୍ୟ ୩ ଭାରତୀୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହଙ୍ଗେରୀରେ ଅନୁଷ୍ଠିତ ୨୦୧୮ ସଂସ୍କରଣରେ ଭାରତ ୧୦ ପଦକ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଏଥର ଅଧିକ ପଦକ ହାସଲ କରି ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଛନ୍ତି ଭାରତୀୟ ଖେଳାଳିମାନେ।

ବୁଧବାର ବିଶ୍ରାମ ଦିବସ ପରେ ଗୁରୁବାର ଫାଇନାଲ ମୁକାବିଲାଗୁଡିକ ଆୟୋଜନ ହେବ। ଗୀତିକା (୪୮ କେ.ଜି.), ବେବିରୋଜିସାନା ଚାନୁ (୫୧ କେ.ଜି.), ଭିନିକା (୬୦ କେ.ଜି.), ଅରୁନ୍ଧତୀ ଚୌଧୁରୀ (୬୯ କେ.ଜି.), ପୁନମ୍ (୫୭ କେ.ଜି.) ଓ ଅଲଫିୟା ପଠାନ (+୮୧ କେ.ଜି.) ଫାଇନାଲକୁ ଉଠିଛନ୍ତି। ପୁରୁଷଙ୍କ ମଧ୍ୟରେ ସଚିନ (୫୬ କେ.ଜି.) ମଧ୍ୟ ଫାଇନାଲ ଟିକେଟ ହାସଲ କରିଛନ୍ତି।

ଗୀତିକା ୫-୦ରେ ଇଟାଲୀର ଏରିକା ପ୍ରିସ୍କିଆନଡାରୋଙ୍କୁ ହରାଇଥିଲେ। ଫାଇନାଲରେ ସେ ପୋଲାଣ୍ଡର ନାଟାଲିଆ ଡୋମିନିକାଙ୍କୁ ଭେଟିବେ। ସେହିପରି ଭିନିକା ୪-୧ରେ ଚେକ୍ ଗଣରାଜ୍ୟର ଭେରୋନିକା ଗାତଡୋଭାଙ୍କୁ ହରାଇ ଫାଇନାଲ ଟିକେଟ ହାସଲ କରିଛନ୍ତି। ଭିନିକା ଫାଇନାଲରେ କାଜାଖସ୍ଥାନର ଝୁଲଡିଜ ଶାୟାଖମେଟୋଭାଙ୍କୁ ଭେଟିବେ। ସେହିପରି ଅରୁନ୍ଧତୀ ୫-୦ରେ ଉଜବେକିସ୍ତାନର ଖାଡିଚାବୋନୁ ଅବଦୁଲାଏଭାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି ଓ ସେ ପୋଲାଣ୍ଡର ବାରବରା ମାସିନକେୱସ୍କାଙ୍କୁ ଭେଟିବେ। ବେବିରୋଜିସାନା ମଧ୍ୟ ୫-୦ରେ ଇଟାଲୀର ଏଲେନ ଆୟାରୀଙ୍କୁ ପରାସ୍ତ କରିଛନ୍ତି। ସେ ଫାଇନାଲରେ ରୁଷିଆର ଭାଲେରିଆ ଲିଙ୍କୋଭାଙ୍କୁ ଭେଟିବେ। ପୁନମ୍ ୫-୦ରେ ଉଜ୍‌ବେକିସ୍ତାନର ସିଟୋରା ତୁରଡିବେକୋଭାଙ୍କୁ ହରାଇ ଅଗ୍ରଗତି କରିଥିବା ବେଳେ ଫାଇନାଲରେ ସେ ଷ୍ଟେଲନି ଗ୍ରୋସିଙ୍କୁ ଭେଟିବେ। ସାନମାତା ୪-୧ରେ ପୋଲାଣ୍ଡର ଡାରିଆ ପାରାଡାଙ୍କୁ ହରାଇଛନ୍ତି ଓ ସେ ଫାଇନାଲରେ କାଜାଖସ୍ତାନର ଡାନା ଡିଡେଙ୍କୁ ଭେଟିବେ। ସେହିପରି ଅଲଫିଆ ୩-୨ରେ ପୋଲାଣ୍ଡର ଓଲିୱିଆ ଟୋବେରେକଙ୍କୁ ହରାଇଛନ୍ତି ଓ ସେ ଫାଇନାଲରେ ମୋଲଡୋଭାର ଡାରିଆ କୋଜୋରେଜଙ୍କୁ ଭେଟିବେ। ସେହିପରି ଏକମାତ୍ର ଭାରତୀୟ ପୁରୁଷ ବକ୍ସର ଭାବେ ସଚିନ ଇଟାଲୀର ମାଇକେଲ ବାଲଡାସିଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି। ସ୍ୱର୍ଣ୍ଣ ପଦକ ପାଇଁ ଫାଇନାଲରେ ସେ କାଜାଖସ୍ତାନର ୟେରବୋଲାଟ ସବିରଙ୍କୁ ଶୁକ୍ରବାର ଭେଟିବେ।



ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଞ୍ଚ୍ ମାରିବା ଅବସରରେ ବେବିରୋଜିସାନା ଚାନୁ (ଡାହାଣ)।

ଅନ୍ୟପଟେ ଯୁବ ଏସିଆନ ରୌପ୍ୟ ପଦକ ବିଜେତା ଅଙ୍କିତା ନରୱାଲ (୬୪ କେ.ଜି.), ବିଶ୍ୱମିତା ଚୋଙ୍ଗଥୋମ (୪୯

### ଯୁବ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍

କେ.ଜି.) ଓ ବିଶାଲ ଗୁପ୍ତା (୯୧ କେ.ଜି.) ସେମିଫାଇନାଲରେ ପରାସ୍ତ ହୋଇ ତୃତୀୟରେ ରହି ଅଭିଯାନ ଶେଷ କରିବା ସହ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ୨୦୧୪ରେ ପ୍ରଥମଥର ପାଇଁ ଉଭୟ ପୁରୁଷ ଓ ମହିଳା ଏକାଠି ଖେଳିବାର ସୁଯୋଗ ପାଇଥିଲେ। ଅଙ୍କିତା ଓ ବିଶ୍ୱମିତା ୧-୪ ନିଷ୍ପତ୍ତିରେ ଯଥାକ୍ରମେ କାଜାଖସ୍ତାନର ସବିରଖାନ ଆକ୍କାଲିକୋଭ ଓ ସଞ୍ଜାର ତାସକେନବେଙ୍କଠାରୁ ପରାସ୍ତ ହୋଇଥିଲେ। ସେହିପରି ବଶାଲ ୫-୦ରେ ପୋଲାଣ୍ଡର ଜାକୁବ ଷ୍ଟ୍ରାସଜେୱିସ୍କିଙ୍କଠାରୁ ପରାସ୍ତ ହୋଇଥିଲେ।

## ନଜମୁଲ ହୋସେନଙ୍କ ଶତକ




**ପାଲିକେଲେ, ୨୧।୪:** ନଜମୁଲ ହୋସେନ ଶାନ୍ତୋଙ୍କ ଅପରାଜିତ ଶତକ ସହାୟତାରେ ବାଂଲାଦେଶ ଏଠାରେ ବୁଧବାର ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟର ପ୍ରଥମ ଦିବସ ଶେଷସୁଦ୍ଧା ୨ ଉଇକେଟ ହରାଇ ୩୦୨ ରନ ସଂଗ୍ରହ କରିଛି। ଶାନ୍ତୋ ୨୮୮ ବଲ୍ ଖେଳି ୧୪ ଚୌକା ଓ ୧ ଛକା ସହାୟତାରେ ୧୨୬ ଏବଂ ଅଧିନାୟକ ନଇମୁଲ ହକ୍ ୬୪ ରନରେ ଅପରାଜିତ ରହିଥିଲେ। ପୂର୍ବରୁ ଓପନର ତାମିମ ଇକବାଲ ୧୦୧ ବଲ୍‌ରୁ ୧୫ ଚୌକା ସହାୟତାରେ ୯୦ ରନକରି ଆଉଟ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ବିଶ୍ୱ ଫର୍ନାଣ୍ଡୋ ୨ଟି ଯାକ ଉଇକେଟ ନେଇଛନ୍ତି।

## ଦୁଇ ଫୁଟ୍‌ବଲ ଖେଳାଳିଙ୍କ ପରଲୋକ

**ଭୁବନେଶ୍ୱର, ୨୧।୪(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଦୁଇ ପୂର୍ବତନ ଜାତୀୟ ସ୍ତରୀୟ ଫୁଟ୍‌ବଲ ଖେଳାଳିଙ୍କର ବୁଧବାର ପରଲୋକ ଘଟିଛି। ସେ ଦୁହେଁ ହେଲେ ଶିବାଜୀ ଘୋଷ ଏବଂ ନିର୍ମଳ ସାହୁ। ଶିବାଜୀ କଟକ ଚୂନଭାଟି ଗଳିସ୍ଥିତ ବାସଭବନରେ ଅପରାହ୍ନ ୧୨ଟା ୧୫ରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୧ ବର୍ଷ ହୋଇଥିଲା। ସେ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି)ର ଜଣେ କର୍ମଚାରୀ ଥିଲେ। ସେହିପରି ନିର୍ମଳ ସକାଳ ପ୍ରାୟ ୯ଟା ସମୟରେ ଜାମସେଦପୁରରେ ପ୍ରାଣ ହରାଇଥିଲେ। କିଛିଦିନ ହେବ ସେ ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୦ ବର୍ଷ ହୋଇଥିଲା। ସେ ସାଉଥ୍ ଇଷ୍ଟର୍ନ ରେଲୱେରେ କାର୍ଯ୍ୟରତ ଥିଲେ। ଉଭୟ ଖେଳାଳି ଜାତୀୟ ଫୁଟ୍‌ବଲ ସନ୍ତୋଷ ଟ୍ରଫି ଏବଂ ରାଜ୍ୟର ଅନେକ ସମ୍ମାନଜନକ ଫୁଟ୍‌ବଲ କ୍ଲବ ପକ୍ଷରୁ ଖେଳିଥିଲେ। ଶିବାଜୀ ଓ ନିର୍ମଳଙ୍କ ମୃତ୍ୟୁରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି।



ନିର୍ମଳ ସାହୁ



ଶିବାଜୀ ଘୋଷ

## ସୁପର ଲିଗ୍‌ରୁ ଓହରିଲେ ୬ ଇଂଲିଶ କ୍ଲବ

**ଲଣ୍ଡନ,୨୧।୪(ପି.ଟି.):** ହାଇପ୍ରୋଫାଇ ସୁପର ଲିଗ୍‌ରୁ ୬ଟି ଇଂଲିଶ କ୍ଲବ୍ ଓହରିଯାଇଛନ୍ତି। ଫଳରେ ଆରମ୍ଭ ହେବା ପୂର୍ବରୁ ଏହି ଲିଗ୍ ଏକପ୍ରକାର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଇଂଲିଶ କ୍ଲବ୍‌ଗୁଡିକ ଓହରିଯିବା ପରେ ସ୍ପାନିଶ ଓ ଇଟାଲୀର କ୍ଲବଗୁଡିକ ଚକିତ ହୋଇଛନ୍ତି। ଆର୍ସେନାଲ, ଚେଲସି, ଲିଭରପୁଲ, ମାଞ୍ଚେଷ୍ଟର ୟୁନାଇଟେଡ, ମାଞ୍ଚେଷ୍ଟର ସିଟି ଓ ଟୋଟେନହାମ୍ ମଙ୍ଗଳବାର ବିଶ୍ୱର ଏହି ସବୁଠାରୁ ଧନୀ ଲିଗ୍‌ରୁ ଓହରିଯାଇଥିଲେ। ସମର୍ଥକଙ୍କ ପ୍ରତିକ୍ରିୟା ଓ ବ୍ରିଟିଶ ସରକାରଙ୍କ ସତର୍କତାକୁ ଦୃଷ୍ଟିରେ ରଖି କ୍ଲବ୍‌ଗୁଡିକ ଏହି ନିଷ୍ପତ୍ତି ନେଇଛନ୍ତି। କ୍ଲବ୍‌ଗୁଡିକ ଓହରିଯିବା ପରେ ଏହି ଲିଗ୍‌ର ମାନେ କିଛି ନାହିଁ ବୋଲି କୁହାଯାଇପାରେ। କ୍ଲବ୍‌ଗୁଡିକର ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଅବଶ୍ୟ ଏ ନେଇ ଇଟାଲୀୟାନ ଓ ସ୍ପାନିଶ ଦଳଗୁଡିକ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି ଓ ମନ୍ତବ୍ୟ ଦେଇନାହାନ୍ତି।

# କ୍ୱାଲିଫିକେଶନ ରାଉଣ୍ଡ ଶୀର୍ଷରେ ଭାରତୀୟ ମହିଳା

**ଗ୍ୱାଟେମାଲା ସିଟି,୨୧।୪(ପି.ଟି.)**

ଦୀର୍ଘ ଦୁଇବର୍ଷ ପରେ ଆର୍ଚେରି ବିଶ୍ୱକପ୍‌କୁ ପ୍ରତ୍ୟାବର୍ତ୍ତନ କରି ଭାରତୀୟ ରିକର୍ଭ ଆର୍ଚରମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। କ୍ୱାଲିଫିକେଶନ ରାଉଣ୍ଡରେ ଭାରତୀୟ ମହିଳା ରିକର୍ଭ ଟିମ୍ ଶୀର୍ଷରେ ରହିଛି। ଅଙ୍କିତା ଭକତ ଓ ଦୀପିକା କୁମାରୀ ପ୍ରାରମ୍ଭିକ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ପୁରୁଷ ଓ ମହିଳା ଟିମ୍ ଇଭେଣ୍ଟରେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ୩ଟି ଇଭେଣ୍ଟରେ ଭାରତୀୟ ତୀରନ୍ଦାଜମାନେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଅତନୁ ଦାସ ବିଶ୍ୱର ୧ ନମ୍ବର ତୀରନ୍ଦାଜ ବ୍ରାଡି ଏଲିସନଙ୍କ ପଛରେ ରହି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ପ୍ରଦର୍ଶନ ବଳରେ ଭାରତୀୟ ଦଳ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ମିକ୍ସଡ ସେକ୍‌ସନରେ ଅତନୁ ଓ ଦୀପିକା ଏକାଠି ପ୍ରତିଯୋଗିତାରେ ଭାଗନେବେ। ଗତବର୍ଷ ଦୁହେଁ ବିବାହ କରିଥିଲେ। ଟୋକିଓ ଅଲିମ୍ପିକ୍ସ ପାଇଁ ଏହି ଟୁର୍ନାମେଣ୍ଟ ପ୍ରସ୍ତୁତିରେ ବେଶ୍ ସହାୟ ହେବ। କୋଭିଡ୍-୧୯ ମହାମାରୀ ପାଇଁ ଏହି ପ୍ରତିଯୋଗିତା ଗୋଟିଏ ବର୍ଷ ଆୟୋଜନ ହୋଇପାରି ନ ଥିଲା। ଇତିମଧ୍ୟରେ ୧୮ ମାସ ବିତିଯାଇଥିଲେ ମଧ୍ୟ ମସ୍କୋରେ ଆର୍ଚେରୀ ବିଶ୍ୱକପ୍ ଆୟୋଜନ ହୋଇପାରିନାହିଁ।

### ଆର୍ଚେରି ବିଶ୍ୱକପ୍



ଦୀପିକା କୁମାରୀ

# ମାଆ ଦରକାର

## ସୃଜନ-ସ୍ମୃତି



ବିଜୟ ଦାସ

**ଅପେରା ନାଟକରେ ନିର୍ଦ୍ଦେଶନା ଦେଉଦେଉ କେତେକେତେ ରୁଚିର, କେତେକେତେ ବୟସର, ସମାଜର କେତେକେତେ ସ୍ତରର ଲୋକଙ୍କ ସହ ଭେଟାଭେଟି ହୁଏ। ଏମିତି ଏକ ସମୟରେ ଗୋଟିଏ ଛୋଟ ପିଲାଟି ସହ ଭେଟ ହୋଇଥିଲା। ପୁଅ ପିଲାଟି ଆଠ ନଅ ବର୍ଷର ହବକି କ'ଣ? ମୋ' ନାଟକରେ ଶିଶୁ କଳାକାରର ଆବଶ୍ୟକତା ଥିବାରୁ ସେହି ପିଲାଟିକୁ ନିଆଯାଇଥିଲା। ସେ କିନ୍ତୁ ପୂର୍ବରୁ ନାଟକ କରି ନ ଥାଏ। ତା' ବାପା ସେହି ପାର୍ଟିର ରୋଷେୟା ଏବଂ ପିଲାଟି ମା'ଛେଉଣ୍ଡ। ପିଲାଟି ଖୁବ୍ ଭଲ ଅଭିନୟ କରୁଥାଏ। ତା' ବିଷୟରେ ଅଧିକ ଜାଣିବାକୁ ଅନିସନ୍ଧିତ୍ସୁ ହୋଇପଡ଼ିଲି। ସେ ସିନା ହସହସ ମୁହଁରେ ପାଖରେ ଛିଡ଼ା ହୁଏ, ହେଲେ ତା' ମାଆ କଥା ପଚାରିଲେ କାନ୍ଦି ପକାଏ। ସତରେ ଯିଏ ମାଆର ପଣତରେ ମୁହଁ ପୋଛିଚି, ସେ ପଣତ ଆଉ ନ ପାଇଲେ ନ କାନ୍ଦି ରହି ପାରିବ! ବାପାଟା ସେହି ପାର୍ଟିରୁ ଗୋଟେ ଝିଅକୁ ବାହା ହେଇ ପଡ଼ିଲା ଯେ, ହେଲେ ପିଲାଟାକୁ ଦି'ଆଖିରେ ଦେଖିଲାନି। ଦିନେ କହିଲା ସାର୍ ମୋତେ ଆପଣଙ୍କ ଘରକୁ ନେଇ ଯାଉନାହାନ୍ତି, ମୁଁ ମାଡାମ୍‌ଙ୍କର ସବୁ ସେବା କରନ୍ତି। ତାଙ୍କୁ ଖାଲି ମା' ବୋଲି ଡାକନ୍ତି। ଏଇ ଘଟଣାରେ ପ୍ରଭାବିତ ହୋଇ ଏହି ଗଳ୍ପଟି ଲେଖିବାକୁ ଇଚ୍ଛା ହେଲା। ଏଥିରେ କିଛି ଚରିତ୍ର ଓ ଭାବର ପରିବର୍ତ୍ତନ କରାଯାଇଛି ଯାହା।**

ଆକାଶ ଚାନ୍ଦର ସ୍ତ୍ରୀ ନାଆଁ ଚାନ୍ଦ। ଚନ୍ଦ୍ରଉଦିଆ ଚେହେରା। ଆକାଶ ସରାଗରେ ତାକୁ କେତେବେଳେ ଚ ଚ ଡାକେ ତ କେତେବେଳେ ଚୁ ଚୁ। ଏମିତି ସରାଗ ଚାନ୍ଦର ହଜମ ହୁଏନି। ଚୁ ଚୁ ଶୁଣିଲେ ଚୁପ୍ କର ବୋଲି ବଡ଼ ପାଟିକରେ। ସତରେ ଖୁସିବାସିଆ ସମ୍ପର୍କ ଆଉ ସଂସାର ଦି' ଜଣଙ୍କର। ଘରେ ଆଉ କିଏ ଅଛି ଯେ! ନୂଆଁଣିଆ ଚାଳଘର। ମାମୁ ମାଇଁ ଦି'ପରାଣି। ବାପା ମାଆ ମଲେଣି ଢେର୍ ଦିନୁ। ଢେର୍ ଦିନୁ ମାନେ ଆକାଶ ଆଉ ଚାନ୍ଦର ବାହାଘର ବର୍ଷ ତ ଦି' ପରାଣି ଆରପାରିକୁ ବାଟ କାଟିଲେ। ଅଧା ବଅସର ବାପା ମାଆ ଚାଲିଗଲେ ଯେ, ଅଳ୍ପ ବୟସରୁ ବାପା ମାଆଛେଉଣ୍ଡ ହେଇଗଲା ଆକାଶ। ଢେର୍ ଦିନ ଆଇପି ସାଇପି ହେଲା। କଥା ପଡ଼ିଲେ, ଭୁଲ୍‌ଭଟକା କଲେ କହେ- କିଏ ଅଛି ଯେ ମୋତେ ଆକଟ କରିବ? ସେହି ଆଳରେ ଚାନ୍ଦ ବେଳେବେଳେ ମାଆ ଭୂମିକାକୁ ଓହ୍ଲେଇ ଆସେ। ଏଇଟା କରନା, ସେଇଟା କରନା, ନିଶା ପାଣି କରନି, ଏମିତି କେତେ କ'ଣ। ଖୁବ୍ ଭଲ ଲାଗେ ଆକାଶକୁ। ସାରା ସାହିର ପୁଣି ଆଖପାଖ ଗାଁର ଭଲ ରୋଷେୟା ଭାବେ ଭାରି ନାଆଁ ତା'ର। ପୂଜା ପାର୍ବଣ, ସଭା ସମିତି ହେଲେ ତାକୁ ଖୋଜା ପଡ଼େ। ତା' ରନ୍ଧା ଚିଜ କୁଆଡ଼େ ଖାଇଲାବାଲା ହାତ ଚାଟିଚାଟି ଖାଏ। କେତେ ବଡ଼ବଡ଼ ଲୋକ ତାକୁ ଖାନସାମାକରି ଡାକିଲେଣି ଯେ, ହେଲେ ସେ ନଛୋଡ଼ବନ୍ଦା। ଚାନ୍ଦକୁ ଛାଡ଼ି ଯିବନି କି ଚାନ୍ଦ ବି ଏ ଭିଟାମାଟି ଛାଡ଼ି ଯିବନି।

'ତିନି ମାଙ୍କଡ଼' ଯାତ୍ରା ପାର୍ଟିର ମ୍ୟାନେଜର ତିନି ତିନିଥର ଆସି ଫେରିଗଲେଣି। ଚାଲ୍ ଆକାଶ। ପାର୍ଟିରେ ରୋଷେୟା ହବୁ, ସାରା ଓଡ଼ିଶା ବୁଲିବୁ। ନାଇଁମ, ଯାଇ ହବନି କହି କଥା ଟାଳିଦିଏ ସେ। ଯା' ଭିତରେ ଚାନ୍ଦର ପାଦ ଭାରି ହେଇଚି। କେଇଦିନ ପରେ ଛୁଆଟେ କୋଳକୁ ଆସିବ। ଆକାଶ ସବୁବେଳେ ସେଇ କଥା କୁହେ ଚାନ୍ଦକୁ। ''ଏ ଚାନ୍ଦ ଯେମିତି ଆମ ଛୁଆକୁ ଅରକ୍ଷିତ କରି ଆମେ ଛାଡ଼ି ଯିବାନି, ଯେମିତି ମୁଁ ଅରକ୍ଷିତ ହେଇଗଲି।'' ଆଶ୍ଚର୍ଯ୍ୟ ହୁଏ ଚାନ୍ଦ, ଯେ ଏମିତିକା କ'ଣ କହୁଛି! ଛୁଆକୁ ଛାଡ଼ି ବାପା ମାଆ କୁଆଡ଼େ ଯାଆନ୍ତି ନା ସିଏ ଯିବେ। କଥାଟାକୁ ସହଜ କରି କୁହେ ପୁଅ ତୋ'ପରି ହେଲେ ଚଳିବ, ଆଉ ଝିଅ ଯଦି ହେବ ମୋ' ପରି ନ ହେଲେ ଗଲା ଚାରିପାଞ୍ଚିରୁ। ତୋ' ପରି କଳା କିଟିକିଟି ହେଲେ ତ କଥା ସଇଲା। ଧେତ୍ ସେମିତି କ'ଣ ହୁଏ। ପୁଅ ହେଲେ କାହ୍ନୁ ପରିକା ଆଉ ଝିଅ ହେଲେ ରାଧା ପରିକା ହବନା।

ସତକୁ ସତ ଝିଅଟିଏ ହେଲା। ହେଲେ କଥାଟି ବଦଳିଗଲା। ଝିଅଟା ତା' ବାପା ଆକାଶ ପରି ଦେଖାଯାଉଥାଏ। ହେଲେ ମନବୋଧ କରି ଚାନ୍ଦ କହୁଥାଏ, ବ୍ୟସ୍ତ ହୁଅନି ଝିଅ ପିଲା ବଡ଼ ହେଲେ ସଫା ହେଇଯିବନି! ଦିନ ଗଡୁଥାଏ। ବୟସ ବଢୁଥାଏ ଝିଅର। କ'ଣ ହେଲା କେଜାଣି, ବେମାର ପଡ଼ିଲା ଚାନ୍ଦ। ଆଉ ସତକୁ ସତ ଆକାଶ ଆଉ ତା' ଝିଅକୁ ଛାଡ଼ି ଆରପାରିକୁ ଚାଲିଗଲା। ମାଆଛେଉଣ୍ଡ ହେଇଗଲା ଝିଅ। ଚାନ୍ଦ ଗୋଟେ ନାଆଁ ଦେଇଥିଲା ଯେ ସେଇ ନାଆଁରେ ଡକାହକା କରେ ଆକାଶ। ଏଥର ଝିଅକୁ ନେଇ ଆକାଶ ଚାଲିଗଲା 'ତିନିମାଙ୍କଡ଼' ଯାତ୍ରା ପାର୍ଟିକୁ।

ମାଆ ଦେଇଥିବା ନାଆଁଟି ତାହାର ଦୂତୀ। କଳା କିଟିମିଟି ଚେହେରା ସାଙ୍ଗକୁ ଗେଡ଼ୀ ଝିଅଟିଏ। ଅନ୍ଧାର ରାତିରେ ଓଠ ଖୋଲିଦେଲେ ଲାଗେ ଯେମିତି ଦ୍ୱିତୀୟା ଜହ୍ନ ଏ ପୃଥିବୀକୁ ଓହ୍ଲେଇ ଆସିଛି। ଆଉ କହୁଛି ଦେଖ୍ ତୋ' କଳାରାତିକୁ ମୋ' ହସ କେମିତି କାଟି ଦେଉଛି। ସତରେ ତା'ର ଦାନ୍ତ ଦି ଧାଡ଼ି ଭାରି ଧୋବ ଫରଫର। ବୟସ କେତେ ହବ କି? ଏଇ ନଅ କି ଦଶ। ଏବେ 'ତିନିମାଙ୍କଡ଼' ଅପେରା ପାର୍ଟିର ରୋଷେୟା ଆକାଶ ଚାନ୍ଦର ଝିଅ। ଆକାଶର ଆଉ କେହି ନାହିଁ ତ, ସେଥିଲାଗି ଝିଅକୁ ପାଖଛଡ଼ା କରୁ ନ ଥାଏ। ରୋଷେଇ ପାଖରେ ବସି ପରିବା କଟାକଟି କରିଦିଏ। ବୋଲହାକ କରେ କାହାର କେମିତି। ତା' ବାପାର ପାନବିଡ଼ି ଆଣିବାକୁ ଦୋକାନକୁ ଯାଏ। ଭାରି ଭଲ ଲାଗେ ତାକୁ। ପାର୍ଟିର ହିରୋଇନ୍ ମନ୍ଦାକିନୀର କର ଛାଡ଼େନି। କୁହେ, ବଡ଼ ହେଲେ ମୁଁ ବଡ଼ ହିରୋଇନ୍ ହେବି। ସମସ୍ତେ ହସନ୍ତି। କାଳି କୋତରି ପୁଣି ହବ ହିରୋଇନ୍?

ଏମିତିରେ ସମସ୍ତେ ତାକୁ ଘୃଣା ନ କଲେ ବି ବେଶି ପାଖରେ ବସାନ୍ତିନି। ସବୁଠାରୁ ବେଶି ଦୂରଦୂର୍ ଖିନ୍‌ଖିନ୍ କରେ କମେଡ଼ି କରୁଥିବା ଅଧାବଅସିଆ ସୁଲି। ତା'ର ବି କାରଣ ଅଛି। ସ୍ୱାମୀ ଛାଡ଼ି ଦେଇଛି ତାକୁ। ତା' ପରଠାରୁ ଦୂତୀର ବାପା ଆକାଶ ସହ କ'ଣ ଭାବନାବ ଚାଲିଚି ବୋଲି କଳାକାର ଆଉ ଅନ୍ୟମାନେ କୁହାକୁହି ହୁଅନ୍ତି। ଯାକୁ ବି ''ତୋ' ଧରମ ମାଆ'' ବୋଲି ଚିଡ଼ାନ୍ତି। ଦୂତୀ ଚିଡ଼େନି। ଆଉରି ବେଶ୍ ଭଲ ଲାଗେ ତାକୁ। ଯାହା ହଉ ମୋ' ମାଆ ନ ଥିଲା, ମାଆ ମିଳିଗଲା। ଯାଚି ହୋଇ ବରାପକୁଡ଼ି ତା' ପାଖକୁ ନେଇକି ଯାଏ ଯେ, ସେ ରାଗରେ ପାଚିଯାଏ। ଚାଲ୍ ଚାଲ୍, ଉଠ୍ ଉଠ୍... ଭାଗ୍ ବୋଲି ମାଛି ଘଉଡ଼ାଇଲା ପରି ଘଉଡ଼ାଏ। ଦୂତୀ କିନ୍ତୁ ଗୁଞ୍ଜି ହୁଏ। ଲୁଚିଲୁଚି ତା' କାନିରେ କେତେବେଳେ ସିଂଘାଣି ପୋଛିଦିଏ। ସେଥିଲାଗି ବାପାଠାରୁ ଗାଳିମାଡ଼ ବି ଖାଏ। କାରଣ ଆକାଶ ତ ଆଣ୍ଟ କରି ବସିଛି ତାକୁ ଦ୍ୱିତୀୟା କରିବ ବୋଲି। ଏଥକୁ ତା' ଅଭିଯୋଗ ନ ଶୁଣିବ ବା କେମିତି? ଝିଅର ଦୁଷ୍ଟାମୀ ପାଇଁ ଦଣ୍ଡଦିଏ ସିନା ଭାରି କଷ୍ଟ ବି ପାଏ। ଯେତେହେଲେ ବାପ ତ...

ଦୂତୀ କିନ୍ତୁ କଷ୍ଟ ପାଏନି। ହସିହସି ସହେ। ମନରେ ଭାବେ ଏଇତ ମୋ' ମାଆ ହବ। ଆଜି ଖରାପ ପାଉଚି, ବାପାକୁ ବାହାହେଲେ ଭଲ ପାଇବନିକି? ଯା' ଭିତରେ ଟୁପୁରୁଟାପୁରୁ କଥା ସବୁ ସତ ହେବୋକୁ ଗଲାଣି।

ସତରେ ଆକାଶ ଆଉ ସୁଲିର ବାହାଘର ହବାକୁ କଥା ଛିଡ଼ିଲାଣି। ଆକାଶର ସ୍ତ୍ରୀ ନ ଥିବାକୁ ସୁଲି ତ ସ୍ୱାମୀ ଛାଡ଼ି। ଅସୁବିଧା କେଉଁଠି? ସତରେ ଆକାଶର ଭଲପାଇବା ଯେତେ ନାହିଁ, ତା' ଝିଅକୁ ମାଆ ମିଳିଯିବ ବୋଲି, ସେ ଜାଣିଶୁଣି ସେସବୁ କରୁଛି। ହେଲେ ସୁଲିର ହାବଭାବ ଭଲ ଲାଗୁନି। ବହୁତ ବୁଝଉଛି ତାକୁ। ସୁଲି ଜାଣିଶୁଣି ଟାଳିଦିଏ। ମଲା ମାଆ ଭଳିଆ ତାକୁ ଆକଟ ନ କଲେ ଝିଅ ଛୁଆ କାଲିକି ବାସି ଘିଅ ହେଇଯିବ ଯେ। ଓଃ... ଏଇ କଥା। ଭଲ କଥା ତାକୁ ଉଲୁଗୁଣା ଦେ, ହେଲେ ଭିତରେ ଭିତରେ ଭଲ ପାଉଥାଆ।

ସୁଲି ମନ ଭିତରେ କିନ୍ତୁ ସେଇ ଚିରାଚରିତ ସାବତ ମାଆଙ୍କ କାର୍‌ନାମା ଉଙ୍କି ମାରୁଛି। ମଲା, ସଉତୁଣୀର ଝିଅ ହେବ ପୁଣି ମୁଁ ଗେଲ କରିବି? ହଉ ଦିନାକାତେ ଗଲା। ଏଥର ଏଇ ଫଗୁଣ ୨୪ ତରିଖରେ ବାହାଘର ହେବ ବୋଲି ଠିକ୍‌ଠାକ ହେଇଛି।

ମନ୍ଦାକିନୀ ଏଥର ଦୂତୀକୁ ବେଶି ଚିଡ଼ାଏ। ଦୂତୀଲୋ ତୋ'ର ହିରୋଇନ ହବା ପକ୍କା। କାରଣ ତୋ' କମେଡ଼ିଆନ୍ ମାଆ ତୋତେ ଅଭିନୟ ଶିଖେଇ ଦବ। ସମସ୍ତେ ଦାନ୍ତ ନେଫେଡ଼ି କାଳି ଝିଅଙ୍କୁ ସିନା ଆଡ଼ ଆଖିରେ ଦେଖନ୍ତି, ହେଲେ ଏଥର ନୂଆ ବହିରେ ଗୋଟେ ଏଇମିତିକା ଚରିତ୍ର ବାହାରିଲା। ମେନେଜର ସାଙ୍ଗେସାଙ୍ଗେ ଦୂତୀର ବାପାକୁ ରାଜି କରେଇଲେ। ସୁଲି ଥ ଥ ମ ମ ହେଉଥିଲା ଯେ, ନା ନା କରୁଥିଲା ଯେ, ହେଲେ ବାବୁଙ୍କ କଥାକୁ କାଟି ପାରିଲାନି। ତା'ର କାରଣ ସତକୁ ସତ ସେ ତା'ର ଝିଅ ଭୂମିକାରେ ଅଭିନୟ କରିବ ପରା। ଇସ୍ କି ଦୁର୍ଯୋଗ! ଯାହାକୁ ମୁଁ ଘୃଣା କରେ ତା'ରି ସାଙ୍ଗରେ ପାର୍ଟ କରିବି? ହେଲେ ଉପାୟ ତ ନାହିଁ। ତାଗିଦ୍ କରି କହିଲା, ଦେଖ୍ କାଳିକୋତରୀ ଦୂତୀ, ଦୂରେଇ ରହି ପାର୍ଟ କରିବୁ। ମୋତେ ଛୁଇଁବୁନି କି ଷ୍ଟେଜ୍ ଉପରେ ବେଶି ଗେହ୍ଲେଇ ହେଇ କଥା କହିବୁନି। ଆକାଶ ଭାବୁଥିଲା, ଯାହାହେଉ ଏଇ ମାଆ-ଝିଅ ରୋଲ୍ ଭିତରେ କିଛିତ ଭଲ ସମ୍ପର୍କ ଗଢ଼ି ଉଠିବ ଦି' ଜଣକ ଭିତରେ!

ଆଶ୍ଚର୍ଯ୍ୟର କଥା, ଦୂତୀ ଆଉ ଦ୍ୱିତୀୟା ଚାନ୍ଦ ନ ହୋଇ ପୂର୍ଣ୍ଣିମାର ଚାନ୍ଦ ହେଲା ପରି ମନେହେଲା। ମୁହଁରେ ରଙ୍ଗ ମାଖି ମେକ୍‌ଅପ୍ ହେଇଗଲା ପରେ ସେ ତ ଜଳିଲା ଆଉ! ଆଉ ରୋଲ୍! ସତସତିଆ ଝିଅ ଭଳିଆ ଅଭିନୟ କରିବାକୁ ଲାଗିଲା। ହେଲେ ସୁଲିର ଗୋଟାଏ ମାଡ଼ ଦବାର ଥିଲେ ଦି' ଚାରିଟା ଥୋଇଲା ଷ୍ଟେଜ୍ ଉପରେ। ହେଲେ ଏ ଦୂତୀ ଭାବୁଥାଏ 'ମାଆ ମାଡ଼ କୁଆପାଡ଼', ତାକୁ ଧରି ନ ବସି ମନରୁ କାଢ଼। ଏଇ ଘୃଣା କରୁଥିବା ଝିଅଟାର ଆନ୍ତରିକତାରେ ବଡ଼ କଷ୍ଟ ପାଉଥାଏ ସୁଲି। କେତେଥର ଅଭିଯୋଗ ବି କଲାଣି, ନା'ମ ସିଏ ପାରୁନି। ଆଉ ଗୋଟେ ଛୁଆ ଆଣ। ଯେ ଦ୍ୱିତୀୟା ଚାନ୍ଦର ଦାନ୍ତନିକିଟା ଦେଖିଦେଖି ମୁଁ ବି ରୋଲ୍ କରିପାରୁନି। ଆରେ ସିଏତ ହସିଲାବେଳେକୁ ମୋତେ ଦାନ୍ତ ନିକିଟେଇଲା ପରି ଲାଗୁଛି।

ସମସ୍ତେ ଜାଣନ୍ତି ସୁଲି ମିଛ କହୁଛି। ତାକୁ ରଗେଇବାକୁ ଯାଇ ନାୟିକା ମନ୍ଦାକିନୀ କୁହେ, କାହିଁକି ରାଗ କରୁଚୁ କିଲୋ ସୁଲି, ତୋ'ର ଆଉ ଆକାଶର ବାହାଘର ସରିଲେ ମୋତେ ଦେଇଦବୁ; ଏଇ କାଳି ଦୂତୀ ଚାନ୍ଦକୁ ଆଉ ଦୌଡ଼ରାଣୀ ଦୂତୀ ଚାନ୍ଦ ପରି ଗଢ଼ିବି ଯେ, ସାରା ରାଇଜରେ ନାଆଁ କରିବ। ସୁଲି କୁହେ, ଏବେଠୁ ନେଇ ଯାଉନ। ମନେମନେ ତାକୁ ରାସ୍ତାର କଣ୍ଟା ବୋଲି ସୁଲି ଭାବୁଛି।

ସେଦିନ ରାତିର କଥା। ଦ୍ୱିତୀୟା ଜହ୍ନରାତି। ଶୋ' ଚାଲିଥାଏ। ସୁଲି ଆଉ ଦୂତୀର ସିନ୍ ପଡ଼ିଥାଏ। ଦୂତୀର ଭୁଲ ପାଇ ସୁଲି ମାରିବାର ଅଭିନୟ କରବ। ଅଭିନୟ କରୁକରୁ ସୁଲି ଏମିତି ମାଇଲାଯେ, ଦୂତୀର ଦେହରେ ଦାଗ ପଡ଼ିଗଲା। ହେଲେ ସୁଲି ଦୁଲ୍ କରି ଡାଏସ୍ ଉପରେ ପଡ଼ିଗଲାତ ଅଚେତ ହେଇଗଲା। ସବୁ କଷ୍ଟ ଭୂଲି ଦୂତୀ ନିଜ ଫ୍ରକ୍‌କୁ ଚିରି ସୁଲିର କ୍ଷତରେ ବାନ୍ଧିଲାତ... ଦର୍ଶକଙ୍କୁ ମାଗିଲା ପାଣି। ''ଏ ବାବୁ, ପାଣି ବୋତଲ ଦିଅନା, ମୋ' ମାଆର ମୁଣ୍ଡ ଫାଟି ଗଲା ଆଉ ଚେତା ହରେଇଛି ପରା। ସତ କଥାଟାକୁ ଅଭିନୟ ବୋଲି ଭାବିଲେ ଦର୍ଶକେ। କିନ୍ତୁ କୌତୂହଳରେ ପାଣି ବୋତଲ ବଢ଼େଇ ଦେଲେ। ସୁଲି ମୁହଁରେ ମୁହଁ ରଖି ଫୁ ଫୁ କଲା ଦୂତୀ। ସାଷ୍ଟାଙ୍ଗ ହେଇ ସୁଲି ଦେଖିଲା, ଦୂତୀ ଚାନ୍ଦ ଦାନ୍ତ ନିକୁଟେଉଚି।

ଏଥର ଦୂତୀର ହସ ତାକୁ ପୂର୍ଣ୍ଣିମା ଜହ୍ନର ହସ ପରି ଲାଗିଲା। ଜାବୁଡ଼ି ଧରିଲା ତାକୁ। ମୋ' ଝିଅ ମୋ' ଝିଅ କହି ଏମିତି ଗେଲ କଲାଯେ, ଦର୍ଶକଙ୍କର ହାତ ସବୁ ତାଳି ମାରିମାରି ଥକିଗଲା। କିଏ କହିଲା ମୋ' ଝିଅ କାଳି! ସେ ତ ପୂନେଇଁର ଜହ୍ନ ପରି ତୋଫା। କିଏ କୁହେ ଦ୍ୱିତୀୟା ଜହ୍ନ ପରି ଦାନ୍ତ ନିକୁଟାଏ ଦୂତୀ। ସେ ତ ହସେ ଠିକ୍ କଇଁଫୁଲ ପରି, ମଲ୍ଲୀଫୁଲ ପରି। ସାଥୀ କଳାକାର ଭାବୁଥିଲେ, ଏମିତି ସଂଳାପ ତ ନାଟ୍ୟକାର ଲେଖି ନ ଥିଲେ! ଶୁଣାଯାଏ, ସୁଲି ବାହାଘର ଆଗରୁ ଆକାଶ ସହ ସର୍ତ୍ତ ରଖିଲା, ମୋର ଆଉ ମାଆ ହେବାର ନାହିଁ। କାହିଁକିନା ଏଇ ଦୂତୀ ମୋର ଜହ୍ନ, ସୂରୁଯ ସବୁ କିଛି। ଏଥକୁ ଆମେ କ'ଣ ତାଳି ମାରିବାନି? କାରଣ ଦୂତୀର ପରା ମାଆ ଦରକାର ଥିଲା, ଆଉ ମିଳିଗଲା ବି...।

ମୋ: ୯୩୪୮୮୯୩୭୫୨

## କବିତା

### ଏବେଏବେ

ପ୍ରମୀଳା ଶତପଥୀ

ଏବେଏବେ
ମୁଁ
ନୂତନ ଭାବରେ ଗଢ଼ିଛି ନିଜକୁ,
ବିନା ଖାଦରେ,
ଅତି ଯତ୍ନରେ,
ନିଜକୁ ବି ଆରୂଢ଼ କରିଛି
ନିର୍ମାୟାର ବେଦିରେ
ମହୁଗୋଳା ମୁହୂର୍ତ୍ତରେ।

ଏବେ
ମୋର ପ୍ରତ୍ୟାହାରର ବେଳ।

ନିଜକୁ ମୁକୁଳେଇ ଆଣିଛି
ସନ୍ତାପର ସନ୍ତରଣରୁ,
ସବୁଜ ଶବ୍ଦର ହସ୍ତରୁ,
ପାଣିର ପିପାସାରୁ,
କୁହୁଡ଼ିର ମୋହାଚ୍ଛନ୍ନତାରୁ,
ଲୁହର ମୁହାଣରୁ,
ବିଷାଦର ଶୋଷଣରୁ,
ନିୟମର ଜଠରରୁ,
ଭୋକର ଅଧରରୁ,
ନିଶାର୍ଦ୍ଧର ଆମିଷାଶୀ ପଣତରୁ।

ଗୀତକୁ ଶୀତର ଖୋଳପାରେ ରଖି
କଳ୍ପନାର କଳାପଟାରୁ
ଲିଭେଇ ଦେଇଛି
ଚିତ୍ରିତ ନିୟମର ବିକାରମାନଙ୍କୁ।

ସମସ୍ତେ କହୁଛନ୍ତି
'ମୁଁ ପାଇଯାଇଛି ମୋ ନିଜକୁ'।

ସତରେ କ'ଣ
ମୁଁ ଫେରେଇ ଦେଇଛି
ମୋ' ଥିବାର ଆଭାକୁ!
ପାଇଯାଇଛି ଆରମ୍ଭର ମଂଜି,
ନିବେଦନର ଅଞ୍ଜୁଳିରୁ
ପୋଛି ଦେଇଛି
ତାରକାଙ୍କ ସ୍ୱପ୍ନିଳ ଶୈଶବ,
ଆଶାର ଆଖିରୁ ଧୋଇଦେଇଛି
ଧୂଳିଝଡ଼ର ମାଂସାଶୀ ଆଗ୍ରହ,

ନିରାହାରୀ ଅଳଙ୍କାରମାନଙ୍କୁ
ସଜେଇ ଦେଇଛି
ମନର ଥାକରେ,
ଅନ୍ଧାରର ବସ୍ତ୍ରମାନଙ୍କୁ
ଭସେଇ ଦେଇଛି
ସମୟ ନଈରେ।

ହଁ,
ମୁଁ ପ୍ରତ୍ୟାହାର କର୍ମରେ
ବ୍ୟସ୍ତ ଅଛି।

ମୋର ପ୍ରତିଟି ଉଚ୍ଚାରଣରୁ
ଝରିପଡୁଛି କାକରର ମୋତି,
ସମସ୍ତେ କହୁଛନ୍ତି
ମୁଁ ବଦଳିଯାଇଛି,
ସତରେ କ'ଣ ମୁଁ
ନିଜକୁ ପାଇଯାଇଛି!

ମୋ: ୯୪୩୭୨୯୫୬୪୮

### ଦ୍ରବ: ଦରଜ

ଅୟସ୍‌କାନ୍ତ

ସାପ ଓ ଅଭିଶାପର
କାହାଣୀ ଚିରଦିନ
ପୁରୁଣା ଘା' ପରି ରହେ
ବେଳେବେଳେ
ସ୍ମୃତିର ଫରୁଆରୁ ବାହାରି
ଦଂଶିଥାଏ।

ସେମାନଙ୍କୁ ମୋ'ର
ଡର ନାହିଁ ଅବଶ୍ୟ
କିନ୍ତୁ, ତା' ଭିତରେ ଯେ
ତମ ଦଂଶନ!
ତମ ପ୍ରେମ ଅପେକ୍ଷା
ଦଂଶନ ଭାରି ଭୟାନକ।

ସେ ଘା' ମରମ ତଳୁ
ଜିଇ ଉଠିଲେ, ମୁଁ ପୁଣି ତାକୁ
ଧୋ'ରେ ବାୟା ଗୀତ ଗାଇ
ଶୁଆଇଦିଏ, ଠିକ୍ କରେ ନା?

ମୋ: ୮୭୬୩୩୯୩୧୧୬

### ଗୀତ-ଝଙ୍କାର

### ବାଦେଇ ନଈ

ଧନଞ୍ଜୟ ସ୍ୱାଇଁ

ଥିଲେ ଥାଅ ଦୂରେ ପ୍ରେମରେ ତୁମ ମୋ'
ଅନ୍ତର ଜମା ଦି' ହାତ
ତୁମ ଲାଗି ପାଦ କଣ୍ଟାରେ ଚିରି ମୁଁ
ଅବାଟକୁ ମଣେ ବାଟ ॥୦॥

ତୁମ ଗାଁ ଆମ ଗାଁ ଦୋ'ସମାଳିରେ
ବହୁଅଛି ଯେଉଁ ନଈ
ତୁମ ଲାଗି କେବେ ଲାଗେ ସେ ନିଜର
କେବେ ସେ ଲାଗେ ବାଦେଇ
ଆମ ଗାଁ ପାଖରୁ ପହଁରାଏ ଜମା
ତୁମ ଗାଁ ଶିଉଳିଘାଟ
ଅନ୍ତର ଜମା ଦି' ହାତ... ॥୧॥

ତୁମ ଗାଁ ନଈରେ ପହଁରଇ ଯେଉଁ
ରୁପା ମାଛ ପରି ଜହ୍ନ
ସେଇ ଜହ୍ନଠାରୁ ଆହୁରି ସୁନ୍ଦର
ସୁକୁମାରୀ ତୁମ ମନ
ତୁମକୁ ଏକ୍ଲା ଦେଖି କଥାହୁଏ
ନଈର ନିରୋଳା ତୁଠ
ଅନ୍ତର ଜମା ଦି' ହାତ... ॥୨॥

ମୋ: ୯୪୩୭୦୦୦୬୩୬



## ଦାତା

ଦେବେନ୍ଦ୍ର କର

ଅଣୁଗଳ୍ପ

ପ୍ରାୟ ସମୟରେ ବୁଢ଼ୀଟା ବଜାର ଉପରେ ଛିଡ଼ା ହୋଇଥାଏ। ବୟସ ସତୁରି ପଞ୍ଚସ୍ତରି ପାଖାପାଖି ହେବ। ପତଳା ଧୁଡୁଧୁଡୁ ଚେହେରା, ମୁଣ୍ଡରେ ଧୋବ ଫରଫର ଚୁଟି। ଚପଲବିହୀନ ଦୁଇ ପାଦ। ଦେହରେ ଅସିଆମସିଆ ସାତସିଆଁ ଲୁଗାଟେ। ଚବିଶ ଘଣ୍ଟା କାଖରେ ଖଣ୍ଡେ ଛିଣ୍ଡା କମ୍ବଳ ଜାକିଥାଏ। ବୁଢ଼ୀ ଯୁଆଡ଼େ ଯାଏ ତା'ପଛେପଛେ ସେ କାଳିଆ କୁକୁରଟା ଧାଉଁଥାଏ। ଯିବାଆସିବା ଲୋକ କେତେବେଳେ କେମିତି ବୁଢ଼ୀ ହାତରେ ରେଜାପଇସା, ବିସ୍କୁଟ୍, ଛଣାଛଣି ଜିନିଷ ଗୁଞ୍ଜି ଦିଅନ୍ତି। ଛଣାଛଣି ଜିନିଷ ପାଇଥିଲେ ବୁଢ଼ୀ ଖଣ୍ଡିଏ ଖାଏ, ବାକିତକ କାଳିଆ କୁକୁରକୁ ଖୁଆଇଦିଏ। ରେଜାପଇସା ପାଇଥିଲେ ବୁଢ଼ୀ ଦେଇଆସେ ମଙ୍ଗଳାମନ୍ଦିର ପାଖ ସେ ଅନ୍ଧୁଣୀ ଭିକାରୁଣୀକୁ। ଗଲା ଦୁଇଦିନ ହେବ ହାଡ଼ଭଙ୍ଗା ଶୀତ ପଡ଼ିଛି। ପଅରଦିନ ସନ୍ଧ୍ୟାରୁ ବୁଢ଼ୀର ଆଉ ଦେଖାଦର୍ଶନ ନାହିଁ। ସମସ୍ତେ କହୁଥିଲେ ଏ ଥଣ୍ଡାକୁ ଭେଣ୍ଡାଭେଣ୍ଡା ଟୋକା ସହି ପାରୁନାହାନ୍ତି, ବୁଢ଼ାବୁଢ଼ୀ କ'ଣ ଆଉ ସହିବେ! ଜଣେ କିଏ ଆସି ଖବର ଦେଲା ବୁଢ଼ୀର ଶବ ପଡ଼ିଛି ରେଳଲାଇନ୍ କଡ଼ରେ। ପୋଲିସ ପହଞ୍ଚି ଆରମ୍ଭ କରିଦେଲା ତନାଘନା। ପବନ ବେଗରେ ଏ କଥା ଚାରିଆଡ଼େ ଫଇଲିଗଲା। ଛକ ଉପର ଗ୍ୟାରେଜ ପଛପଟରୁ ବୁଢ଼ୀର କମ୍ବଳଟା ମିଳିଲା। କମ୍ବଳ ଉପରେ ସେ କାଳିଆ କୁକୁରଟା ଜାକିଜୁକି ଶୋଇଥାଏ। ଜଣେ ଜୋର୍ ଦେଇ କହୁଥାଏ, ଦାତା ତ ଅନେକ ଦେଖିଛି ହେଲେ ଏଭଳି ନୁହେଁ। କାଲୁଆ ପବନରେ ଦେହହାତ ଥରି ଉଠୁଥାଏ।

ମୋ: ୯୯୩୭୯୬୩୯୧୦

## ପୁସ୍ତକ ପରିଚୟ

### ଶିଶୁନ୍ ଏକ୍‌କା ଗରହାଜିର ଅଛି

**ଲେଖକ:** ରଜନୀକାନ୍ତ ମହାନ୍ତି
**ପ୍ରକାଶକ:** ଇଭେଣ୍ଟ୍ସ ପବ୍ଲିକେଶନ୍, ଭୁବନେଶ୍ୱର-୭
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ. ୨୦୦/-




ଆଲୋଚ୍ୟ ଉପନ୍ୟାସଟି ଏପରି ଏକ ଉପନ୍ୟାସ, ଯହିଁରେ ସାମ୍ପ୍ରତିକ ସମୟ ଓ ସମାଜର ସ୍ପନ୍ଦନକୁ ବହିର ପ୍ରଥମ ଧାଡ଼ିରୁ ବାରିହୁଏ। ଶିଶୁନ୍, ତା'ର ବାପା ସାରୁଲ ଓ ମାଆ ଅନିଭାଙ୍କ ଜୀବନକୁ ନେଇ ଗତିଶୀଳ ଉପନ୍ୟାସଟି। ସାରୁଲ୍‌ର ପରିବାର ଏକ ଶ୍ରମଜୀବୀ ପରିବାର। ଘର ତିଆରି କାମ ପାଇଁ ଏଠୁ ସେଠିକି, ପୁଣି ସେଠୁ ଆଉ କୋଉଠିକି ଯିବାକୁ ପଡ଼େ। ଏପରି ପରିବାରର ଶିଶୁଙ୍କ ପାଇଁ ଶିକ୍ଷା ଏକ ସ୍ୱପ୍ନ। ବଣପାଟଣା ଭଳି ପାହାଡ଼ୀ ଗାଁଟିଏ ଶିଳ୍ପାୟିତ ହୋଇଛି। ବିସ୍ଥାପିତ ହେଇଛନ୍ତି ଲୋକେ ନିଜ ଭିଟାମାଟିରୁ। ନୂଆ ବଣପାଟଣାକୁ ମାନି ନେଇ ନ ପାରି ଆନ୍ଦୋଳନ ହେଉଛି। ଲଢ଼େଇରେ ଜୀବନ ଯାଉଛି, ଶିଳ୍ପର ଶିକାର ହୋଇଛି ପ୍ରକୃତି ଓ ବିସ୍ଥାପନର ଶିକାର ଜନତା। ଏହି ବୃହତ୍ ବୃତ୍ତର ଛୋଟଛୋଟ ହସକାନ୍ଦ, ହାନିଲାଭକୁ ଔପନ୍ୟାସିକ ଏକ ଅସରା ଜୀବନ-କାହାଣୀରେ ତୋଳି ଧରିଛନ୍ତି। ଉପନ୍ୟାସର ଭାଷା ସରଳ ଓ ଖୁବ୍ ଦୂରଗାମୀ ତା'ର ଆବେଦନ। ମଝିରେମଝିରେ ସଭ୍ୟତାର ବିଡ଼ମ୍ବନା ଓ ମାନବୀୟ ସମ୍ବେଦନାର କ୍ରମବିଲୁପ୍ତିକୁ ଲେଖକ ବିଶ୍ଳେଷଣ କରୁଛନ୍ତି। ଦୀନ, ନିପୀଡ଼ିତ, ପ୍ରାନ୍ତୀୟ ମଣିଷର ବିଶ୍ୱସ୍ତ ଆତ୍ମଲିପି ଏ ଉପନ୍ୟାସଟି। ପ୍ରେମ ଓ ବିପ୍ଳବର ଯୁଗଳବନ୍ଦୀ, ଯେତିକି କରୁଣ, ସେତିକି ଜିଅନ୍ତା ଏହାର ପରିଚ୍ଛେଦ ସକଳ। ଏକା ବୈଠକୀରେ ପଢ଼ି ନେବାକୁ ବହିଟି ନାଚାର କରେ ପାଠକକୁ।

### ଗୋପଯାତ୍ରା

**କବି:** ସେନାପତି ପ୍ରଦ୍ୟୁମ୍ନ କେଶରୀ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍ଲିନ୍, ୟୁଏସ୍‌ଏ
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୧୮୦/-




ବହିଟିରେ ଅଛି ୫୦ଟି କବିତା। ଗ୍ରନ୍ଥାରମ୍ଭରେ 'କବିତାର କଥା' ଶୀର୍ଷକ ଏକ ସୁକୁମାର ଗଦ୍ୟଲେଖରେ କବି କହିଛନ୍ତି ଏହି ମର୍ମରେ ଯେ ପ୍ରତ୍ୟେକଟି ଉତ୍ତୀର୍ଣ୍ଣ କବିତା ଭିତରେ ନିହିତ ଥାଏ 'ଏକ ନିର୍ଭୀକ ଗୋପଯାତ୍ରାର ଆହ୍ୱାନ'। କବି ସେଇ ନିର୍ଯାତିତ ପିତା ବସୁଦେବ ଏବଂ କବିତା ହେଉଛି 'ଶିଶୁକୃଷ୍ଣ', ବର୍ଷା ଅନ୍ଧାର ରାତିରେ ଗୋପନଗ୍ରକୁ ଯାତ୍ରା ହେଉଛି ତା'ର ଅଭୀଷ୍ଟ। ଅର୍ଥାତ୍ କବିତା ହେଉଛି ସବୁ ମନ୍ଦ, ମର୍ମଦାହ, ଅଧର୍ମ ଓ ଅବିଚାର ବିପକ୍ଷରେ ଛିଡ଼ା ହେବାର ଏକ ଶାବ୍ଦିକ ସାମର୍ଥ୍ୟ। ବହିଟିର ପ୍ରାୟ କବିତାରେ କବି କବିତାର ଏହି ସଂଗ୍ରାମୀ-ସତ୍ତାକୁ ଉଜାଗର କରିବାକୁ ଚାହିଁଛନ୍ତି ଏବଂ ସଫଳ ବି ହୋଇଛନ୍ତି। 'କେଳା', 'ପାର୍ସଲ ବୋମା', 'ଟ୍ରାଫିକ୍ ଜାମ୍', 'ଜାରଜ', 'ମରଣର ମାଆ ରୂପ', 'ଦି' ଭାଗ ଜୀବନ', 'ବାପା', 'ବିସ୍ଥାପିତ', 'ପାଳଛାଞ୍ଚ', 'ମଧ୍ୟବିତ୍ତ', 'ମୃତ୍ୟୁ ସହ ଲୁଚକାଳି', 'ଘର ତୋଳିବାର ସ୍ୱପ୍ନ', 'ଆକାଶରେ ମେଘ ନାହିଁ', 'ନିଷାଦର ଫାଶ', 'ପୁରୀ', 'ଜହ୍ନରାତି', 'ମେଲଣ', 'ଭଂଗା ବାକ୍ସ' ଓ 'ଗୋପଯାତ୍ରା' (ଶେଷ କବିତା) ଆଦି ପାଠକଲେ କବିତାର ମେହେରାମିରେ ପାଠକର ମନ ପୂରିଯାଏ। ଯେମିତି ବିଷୟକୁ ସେମିତି ଭାଷା। ଛୋଟଛୋଟ ଧାଡ଼ିରେ ଅନୁଭବର ନିପୁଣ କାରିଗରି। ସବୁଠି ପବନକୁ ଫାନ୍ଦ ପାତି ଧରିବାର ଚେଷ୍ଟା- ଏପରି କବିତ୍ୱର ଟେର୍ ମିଳେ ପ୍ରଦ୍ୟୁମ୍ନଙ୍କ ସମକାଳୀନ କ୍ୱଚିତ୍ କବିତାରେ। 'ହୃଦୟର ନବଜନ୍ମ' କବିତାରେ କବି କହନ୍ତି: ''ବେଳେବେଳେ ଭାବେ/ କାହିଁକି ମୁଁ ପାଖୁଡ଼ାଏ ହସ ନ ହେଲି?/ ନ ହେଲେ/ କୋଉ ତୃଷାର୍ତ୍ତ ହରିଣର ଦି'ଟୋପା ଲୁହ!/ ଅବା କୋଉ ବଦନାମ୍ ଗଳିର/ ରାତିଅଧ ଦଲକାଏ ପବନ!'' (ପୃ: ୭୫)। ସାଦାସାଦା ଧାଡ଼ିରେ ଥମ୍ କରିଦେଲା ପରି ସୃଜନ-ଦ୍ୟୁତି, ଯଥା: ''କେଳା ଓ ସାପର ସମ୍ପର୍କ ଦେଖିଲେ/ ଈଶ୍ୱର ବି ଚାହିଁ ରହନ୍ତି ଘଡ଼ିଏ।'' ('କେଳା', ପୃ: ୧୬)। ହାତରୁ ହାତ ହେଇ ଢେର୍‌ଢେର୍ ହାତକୁ ଅବଶ୍ୟ ଯିବ ଏ ବହିଟି।

## କାଳକାଳକୁ

''ପୁସ୍ତକ ପଠନ ଆମକୁ ଦିଏ ବିଜନ-ଉପଲବ୍ଧିର ଏକ ଅଭ୍ୟାସ ଏବଂ ଏହା ହିଁ ପ୍ରକୃତ ଆନନ୍ଦ।''

- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍



**ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍**ଙ୍କ ଜନ୍ମ ୫ ସେପ୍ଟେମ୍ବର ୧୮୮୮ରେ, ତାମିଲନାଡୁର ଥିରୁତ୍ତାନିରେ ଓ ପରଲୋକ ୧୭ ଏପ୍ରିଲ ୧୯୭୫ରେ। ସେ ଥିଲେ ଏକାଧାରରେ ଶିକ୍ଷାବିତ୍, ରାଜନୀତିଜ୍ଞ, ଐତିହାସିକ, କୂଟନୀତି ବିଶାରଦ ଓ ଦାର୍ଶନିକ। ଥିଲେ ଭାରତର ପ୍ରଥମ ଉପରାଷ୍ଟ୍ରପତି (୧୯୫୨-୧୯୬୨) ଓ ଦ୍ୱିତୀୟ ରାଷ୍ଟ୍ରପତି (୧୯୬୨-୧୯୬୭)। 'ତୁଳନାତ୍ମକ ଧର୍ମ ଓ ଦର୍ଶନ'ରେ ସେ ଥିଲେ ଦେଶରେ ବିଂଶ ଶତାବ୍ଦୀର ସବୁଠୁ ବଡ଼ ବିଦ୍ୱାନ୍। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଥିଲେ 'ପ୍ରାଚ୍ୟ ଧର୍ମ ଓ ନୀତିଶାସ୍ତ୍ର'ର ପ୍ରଥମ ଭାରତୀୟ ପ୍ରଫେସର। ରାଜନୀତି, ଦର୍ଶନ ଓ ଶିକ୍ଷା କ୍ଷେତ୍ରକୁ ନିଜର ଅମୂଲ୍ୟ ଅବଦାନ ପାଇଁ ତାଙ୍କୁ ମିଳିଥିଲା 'ନାଇଟ୍‌ହୁଡ୍ ସମ୍ମାନ' (୧୯୩୧) ଓ 'ଭାରତରତ୍ନ' (୧୯୫୪)।



# ହଲିଉଡ୍‌ରେ ହୁମା

**ହୁ**ମା କ୍ୟୁରେସିଙ୍କ ପାଦ ଏବେ ତଳେ ଲାଗୁନି। କାରଣ ବଲିଉଡ୍‌ରେ ବେଶ୍ କେତୋଟି ସିନେମାର ଅଭିନୟ କରିବା ପରେ ଏବେ ସେ ହଲିଉଡ୍‌ରେ ନିଜର ଡେବ୍ୟୁ କରିବାକୁ ଯାଉଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ଆର୍ମି ଅଫ ଦ ଡେଡ୍'। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ଜ୍ୟାକ୍ ସ୍ନାଇଡର। ନିଜର ହଲିଉଡ୍ ଏଣ୍ଟ୍ରି ବିଷୟରେ ହୁମା କହନ୍ତି, 'କିଛି ମାସ ପୂର୍ବରୁ ମୁଁ ଆମେରିକା ଯାଇଥିଲି। ଜ୍ୟାକ୍ ମୋତେ ପ୍ରଥମେ ଅଡିସନ୍ ଦେବାକୁ କହିଥିଲେ। ଅଡିସନ ଦେବା ପରେ ଏଥିରେ ସଫଳ ହେବି ବୋଲି ମୋର ବିଶ୍ୱାସ ଥିଲା। ବାସ୍ କିଛି ଦିନ ପରେ ମୋତେ ଏହି ଖୁସି ଖବର ମିଳିଥିଲା। ଯେତେବେଳେ ଏହି ଫିଲ୍ମର ନିର୍ଦ୍ଦେଶକ ମୋତେ ଏହାର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ କହିଲେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ସତ କଥା କହିବାକୁ ଗଲେ ମୋର ଦୀର୍ଘ ଦିନର ସ୍ୱପ୍ନ ସତରେ ପରିଣତ ହୋଇଛି। ହଲିଉଡ୍‌ରେ କେବେ ସୁଯୋଗ ମିଳିବ ସେ ନେଇ ମୁଁ କେବଳ ଦିନ ଗଣୁଥିଲି। ନିକଟରେ ଏହାର ଶୁଟିଂ ଶେଷ ହେବା ସହ ଫିଲ୍ମର ପ୍ରଥମ ଟ୍ରେଲର ରିଲିଜ ହୋଇଛି, ଯାହା ୟୁଟ୍ୟୁବରେ ବେଶ୍ ଭାଇରାଲ ହୋଇଛି। ଏହି ସିନେମା ଆସନ୍ତା ମାସ ୨୧ରେ ନେଟଫ୍ଲିକ୍ସରେ ରିଲିଜ ହେବାର ଯୋଜନା ରହିଛି।

ନୂଆ ସିନେମା

# ଫୁଲ୍ ବାଲୁଙ୍ଗା

**ବା**ଲୁଙ୍ଗାକୁ ନେଇ ବେଶ୍ କେତୋଟି ଓଡ଼ିଆ ସିନେମା ନିର୍ମିତ ହୋଇଛି। ସେଗୁଡ଼ିକ ହେଲା 'ଦଣ୍ଡା ବାଲୁଙ୍ଗା' (ଉତ୍ତମ ମହାନ୍ତି), 'ବାଲୁଙ୍ଗା ଟୋକା (ଅନୁଭବ ମହାନ୍ତି) ଏବଂ 'ଡାହା ବାଲୁଙ୍ଗା (ବାବୁସାନ୍)। ଖୁବ୍ ଶୀଘ୍ର ଏହି ତାଲିକାରେ ଆଉ ଏକ ଶୀର୍ଷକ ଯୋଡ଼ି ହେବାକୁ ଯାଉଛି ତାହା ହେଉଛି 'ଫୁଲ୍ ବାଲୁଙ୍ଗା'। ଅଭିନେତା-କମ୍-ପ୍ରଯୋଜକ ପୁପିନ୍ଦର ଏହାର ପ୍ରଯୋଜନା ଦାୟିତ୍ୱ ତୁଲାଇବା ସହ ଟାଇଟଲ ଭୂମିକାରେ ଅଭିନୟ କରିବେ। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଅନୁଭା ଶୌର୍ଯ୍ୟା। ଚିତ୍ରଟିର ନିର୍ଦ୍ଦେଶନା ଦେବେ 'ଯୋଗୀ' ଫେମ୍ ନିରଞ୍ଜନ ବେହେରା। ଏହି ଫିଲ୍ମର କାହାଣୀରେ କମେଡ଼ି ଭରି ରହିଛି। ତା'ସହ ଲଭ୍, ଆକ୍ସନର ମସଲା ମଧ୍ୟ ଅଛି। ଏହାର ଶୁଟିଂ ମେ' ୩ ତାରିଖରୁ କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ଆରମ୍ଭ ହେବାର ଯୋଜନା ରହିଛି ବୋଲି କହନ୍ତି ନିରଞ୍ଜନ। ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏଥିରେ ପିଣ୍ଟୁ ନନ୍ଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ।



ପୁପିନ୍ଦର

# ବଲିଉଡ୍ ହାଲ୍‌ଚାଲ୍

➔ନିର୍ମିତ ହେବାକୁ ଯାଉଥିବା ହିନ୍ଦୀ ସିନେମା 'ଯୋଦ୍ଧା'ରେ ଶାହୀଦ କପୁର ନାୟକ ସାଜିବେ ବୋଲି ସୂଚନା ଦେଇଛନ୍ତି ଏହାର ନିର୍ଦ୍ଦେଶକ ଶଶାଙ୍କ ଖୈତାନ। କୌଣସି କାରଣରୁ ଶାହୀଦ ଏହି ପ୍ରୋଜେକ୍ଟରୁ ଓହରି ଯାଇଛନ୍ତି ବୋଲି ଯାହା ଆଲୋଚନା ହେଉଛି ତାହା ମିଛ ବୋଲି କହିଛନ୍ତି ସେ।

➔ଅଜୟ ଦେବଗନ୍ ଖୁବ୍ ଶୀଘ୍ର ଡିଜିଟାଲ ପ୍ଲାଟଫର୍ମରେ ପାଦ ଦେଉଛନ୍ତି। ନିର୍ମାଣାଧୀନ କ୍ରାଇମ ଡ୍ରାମା ୱେବ ସିରିଜ୍ 'ରୁଦ୍ର ଦ ଏଜ୍ ଅଫ ଡାର୍କନେସ୍'ର ଟାଇଟଲ ଭୂମିକାରେ ସେ ଅଭିନୟ କରୁଛନ୍ତି।



ଅଜୟ ଦେବଗନ୍

➔ପରିଣିତି ଚୋପ୍ରା ଏବେ ତୁର୍କୀରେ ଡେରା ପକାଇଛନ୍ତି। କାରଣ ସେ ଅଭିନୟ କରୁଥିବା ରିବୁ ସେନଗୁପ୍ତାଙ୍କ ଆକ୍ସନ ଥ୍ରୀଲର ସିନେମାର ଶୁଟିଂ ସେଠାରେ ଚାଲୁ ରହିଛି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର ନାୟକ ସାଜିଛନ୍ତି ହାର୍ଡି ସାନ୍ଧୁ।

➔ରଣବୀର କପୁର ଖୁବ୍ ଶୀଘ୍ର ଏକ ନୂଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଏହାର ଟାଇଟଲ ରହିଛି 'ଆନିମଲ୍'। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ସନ୍ଦୀନ ରେଡ୍ଡି ଭାଙ୍ଗା। ଚିତ୍ରଟିର ଶୁଟିଂ ଆସନ୍ତା ମାସ ପ୍ରଥମ ସପ୍ତାହରେ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।

➔ବିଶିଷ୍ଟ ଅଭିନେତା କବୀର ବେଦୀଙ୍କ ଆତ୍ମଜୀବନୀ 'ଷ୍ଟୋରିଜ ଆଇ ମଷ୍ଟ ଟେଲ୍ : ଦ ଇମୋଶନାଲ ଲାଇଫ ଅଫ୍ ଆନ୍ ଆକ୍ଟର' ନିକଟରେ ଭର୍ଚୁଆଲ୍ ମୋଡ୍‌ରେ ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରିୟଙ୍କା ଚୋପ୍ରା ଉପସ୍ଥିତ ଥିଲେ।

## ମାନୁନାହାନ୍ତି ତାରା

**ତା**ରା ସୁଟାରିଆଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ସେ କୁଆଡେ ତାଙ୍କର ପାରିଶ୍ରମିତ ଦୁଇ ଗୁଣା କରିଦେଇଛନ୍ତି। କଥା କ'ଣ କି ସେ ସାଇନ୍ କରିଥିବା ଏକ ସିନେମାରେ କେତୋଟି ଗରମାଗରମ ସିନ୍ ପାଇଁ ଶଟ୍ ଦେବାକୁ ପଡ଼ିବ। ପ୍ରଥମେ ଏ ନେଇ ତାରା ଅମଙ୍ଗ ହେଉଥିଲେ। ହେଲେ ତା'ପରେ ସଂପୃକ୍ତ ପ୍ରଯୋଜକ ତାଙ୍କ କାନରେ କି ମନ୍ତ୍ର ଫୁଙ୍କିଲେ କେଜାଣି, ଅଳ୍ପ ସମୟ ପରେ ତାରା ଏ ନେଇ ନିଜର ସମ୍ମତି ଜଣାଇଥିଲେ। ଶୁଣିବାକୁ ମିଳୁଛି ଯେ, କେବଳ ଏପରି ସିନ୍ ପାଇଁ ତାଙ୍କୁ ଅଧିକ ପାରିଶ୍ରମିକ ମିଳୁଛି। ଏ ସମ୍ପର୍କରେ ତାରା କହନ୍ତି, 'ଏହି ନୂଆ ସିନେମାରେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। ପ୍ରଥମେ ମୁଁ ଏନେଇ ରାଜି ହୋଇ ନ ଥିଲି। ହେଲେ ପରେ ଏହାର କାହାଣୀ ସହ ସଂଯୋଗ ଅଛି ବୋଲି ଜାଣିପାରିଥିଲି। ଆଉ ଏହି ନୂଆ ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ଦୁଇ ଗୁଣା ନେଉଛି ବୋଲି ଯାହା ଶୁଣାଯାଉଛି ତାହା ସମ୍ପୂର୍ଣ୍ଣ ମିଛ।'

# ଦିନ ଗଣୁଛନ୍ତି ରାଜବୀର



ଏଲିନା-ରାଜବୀର

**ଓ**ଡ଼ିଆ ସିନେମାରେ ଦମଦାର ଏଣ୍ଟ୍ରି କରିବାକୁ ଯାଉଛନ୍ତି ଜଣେ ନବାଗତ। ପୁଣି କେବଳ ନିଜର ପ୍ରଥମ ସିନେମା ନୁହେଁ, ଏଥିରେ ତାଙ୍କୁ ମିଳିଥିବା ଭୂମିକାକୁ ନେଇ ସେ ବେଶ୍ ଆଶାବାଦୀ। ସେ ହେଲେ ରାଜବୀର। ଆଉ ଚଳଚ୍ଚିତ୍ରଟି ହେଲା 'ଅରୁନ୍ଧତୀ'। ଏହାର କାହାଣୀରେ କେବଳ ଲଭ୍ ଇମୋଶନ ନୁହେଁ, ଆକ୍ସନ ଏବଂ କମେଡି ମଧ୍ୟ ରହିଛି। ରମେଶ ବାରିକଙ୍କ ପ୍ରଯୋଜନାରେ ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ନିଜ ଭୂମିକା ସମ୍ପର୍କରେ ରାଜବୀର କହନ୍ତି, 'କଥାରେ ଅଛି ଖୋଜିଲା ଚିଜ ମିଳିଗଲା। ଯେଉଁଭଳି ଭୂମିକାରେ ମୁଁ ବଡ଼ ପରଦାରେ ଏଣ୍ଟ୍ରି କରିବାକୁ ଚାହୁଁଥିଲି ତାହା ଯେ ମୋତେ ଏତେ ଶୀଘ୍ର ମିଳିଯିବ ମୁଁ ବିଶ୍ୱାସ କରିପାରୁନାହିଁ। ଏହାର କାହାଣୀକୁ କିପରି ଠିକ୍ ଭାବରେ ପିକ୍ଚରାଇଜେଶନ କରାଯାଇପାରିବ ସେ ନେଇ ଶତ ପ୍ରତିଶତ ଧ୍ୟାନ ଦିଆଯାଇଛି।' ଉକ୍ତ ସିନେମାରେ ରାଜବୀରଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ଏଲିନା ପ୍ରିୟଦର୍ଶିନୀ। ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ।

# ଅନନ୍ୟାଙ୍କ ରୋଲ୍ ମଡେଲ

**ନ**ବାଗତା ତଥା ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପରେ ଏଥିରେ ନିଜ କ୍ୟାରିୟରକୁ ନେଇ କେତେ ସ୍ୱପ୍ନ ଦେଖିଛନ୍ତି। ହେଲେ ଅଭିନୟ କ୍ଷେତ୍ରରେ ସେ କାହାକୁ ରୋଲ୍ ମଡେଲ ଭାବରେ ଗ୍ରହଣ କରିଛନ୍ତି ଜାଣନ୍ତି ? ମହେଶ ତନୟା ଆଲିୟା ଭଟ୍ଟଙ୍କୁ। ଏ ନେଇ ଅନନ୍ୟା କହନ୍ତି, 'ସତ କଥା କହିବାକୁ ଗଲେ ଆଲିୟାଙ୍କ ଅଭିନୟ ମୋତେ ବେଶ୍ ପ୍ରଭାବିତ କରିଛି। ମୁଁ ତାଙ୍କର ଜଣେ ବଡ଼ ପ୍ରଶଂସକ। ଯଦି ତାଙ୍କୁ ଉପଯୁକ୍ତ ସୁଯୋଗ ମିଳେ ତେବେ ସେ ନାୟିକା ଦୌଡର ଶୀର୍ଷ ସ୍ଥାନରେ ପହଞ୍ଚି ପାରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ମୋ ଆକ୍ଟିଂ କ୍ୟାରିୟରରେ ସେ ହିଁ ହେଉଛନ୍ତି ମୋର ରୋଲ୍ ମଡେଲ୍।' ଅନନ୍ୟାଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ ସିନେମା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ। କିନ୍ତୁ ଏହି ସିନେମାର ନାୟିକା ଭୂମିକା ପାଇଁ ପ୍ରଥମେ ଦିଶା ପଟାନି ଏବଂ ସାରା ଅଲ୍ଲୀ ଖାଁଙ୍କ ନାମକୁ ବିଚାରକୁ ନିଆଯାଇଥିଲା। କିନ୍ତୁ ଶେଷରେ ଅନନ୍ୟା ବାଜି ମାରିନେଇଥିଲେ।



# ରିସ୍କ ପାଇଁ ତୟାର

## 'ଆଖି ଖୋଲିଲେ ତୁ ହି ତୁ'ରୁ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିବା ନମ୍ରତା ସିଂଦେଓ ନିଜ ସମ୍ପର୍କରେ ଯାହା କହନ୍ତି....

ପାଞ୍ଚ ବର୍ଷ ଭିତରେ ଯେଉଁ କେତୋଟି ସିନେମାରେ ସେ ଅଭିନୟ କରିଛନ୍ତି ତାହା ତାଙ୍କର ଆତ୍ମବିଶ୍ୱାସକୁ ଦୃଢ଼ କରିଛି। ଓଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ସେ ବେଶ୍ ସଚେତନ ଆଉ ଯେ କୌଣସି ଭୂମିକା ତୁଲାଇବାକୁ ନିଜର ଦକ୍ଷତା ରହିଛି ବୋଲି କହନ୍ତି ନବାଗତା ନମ୍ରତା ସିଂଦେଓ। ଓଡ଼ିଆ ସିନେମାର ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ରିୟାଲିଟି ଶୋ 'ମିଠା ମିଠା ଯୋଡ଼ି' ପରେ ମୋତେ ବ୍ରେକ୍ ମିଳିଥିଲା 'ଓଡ଼ିଆ ସିନେମା 'ଆଖି ଖୋଲିଲେ ତୁ ହି ତୁ'ରେ। ମୋ ଡେବ୍ୟୁ ସିନେମାରୁ ଅନେକ କିଛି ଶିଖିଛି। ତା'ପରେ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ 'ତୋ ପାଇଁ ଫେରିବି ବସୁଧା ଚିରି'ରେ ଆକ୍ଟିଂ କରିଛି। ଏହାବ୍ୟତୀତ ରିଲିଜ ଅପେକ୍ଷାରେ ଥିବା 'ମନେ ମନେ ମନ ଖୋଜୁଥିଲା' ଏବଂ 'ବାଟବଣା ବାଟୋଇ' ପରେ ଏବେ ନିର୍ମାଣାଧୀନ 'ମୋ ଜୀବନ ତୁ'ରେ ଅଭିନୟ କରୁଛି। କେବଳ ଗୋଟିଏ ପ୍ରକାର ଭୂମିକାରେ ମୁଁ ନିଜକୁ ସୀମିତ ରଖିବାକୁ ଚାହେଁନା। ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଆଶା ରଖିଛି। ସେ ନେଇ ରିସ୍କ ଉଠାଇବାକୁ ମଧ୍ୟ ତୟାର। ବାକି ସବୁ ସମୟ ଉପରେ ନିର୍ଭର କରେ।' ତେବେ ଓଡ଼ିଆ ସିନେମାରେ ନିଜକୁ ନାୟିକା ଦୌଡରେ ସାମିଲ କରିବାକୁ ଆଶା ରଖିଥିବା ନମ୍ରତା ନିଜର ସ୍ୱପ୍ନକୁ କେତେ ସାକାର କରୁଛନ୍ତି ତାହା ଆଗକୁ ଜଣାପଡିବ।

### ସଂକ୍ଷେପରେ ନମ୍ରତା

**ସମ୍ପୂର୍ଣ୍ଣ ନାମ :** ନମ୍ରତା ସିଂଦେଓ
**ଡାକ ନାମ :** ରୁକି
**ଜନ୍ମ ସ୍ଥାନ :** ଢେଙ୍କାନାଳ
**ଶିକ୍ଷାଗତ ଯୋଗ୍ୟତା :** ଏମ୍‌ବିଏ
**ପ୍ରିୟ ଖାଦ୍ୟ :** ଚିକେନ୍, ଚକୋଲେଟ୍
**ଦର୍ଶନୀୟ ସ୍ଥାନ :** ହିଲ୍ ଷ୍ଟେଶନ
**ପ୍ରିୟ ଅଭିନେତା :** ସିଦ୍ଧାନ୍ତ-ରଚନା ସଲମାନ-ମାଧୁରୀ
**ଅଭିନୀତ ଚଳଚ୍ଚିତ୍ର :** 'ଆଖି ଖୋଲିଲେ ତୁ' (ଦୀପକ), 'ତୋ ପାଇଁ ଫେରିବି ବସୁଧା ଚିରି' (ଚନ୍ଦନ), 'ମନେ ମନେ ମନ ଖୋଜୁଥିଲା' (ଓଁକାର), 'ବାଟବଣା ବାଟୋଇ' (ଦେବ) ଏବଂ 'ମୋ ଜୀବନ ତୁ' (ପ୍ରଦୀପ ଦତ୍ତା)।



# ପିଶାଚ

**'ପି**ଶାଚ' ଶୀର୍ଷକକୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଏହାର କାହାଣୀରେ ସସପେନ୍ସ ଥ୍ରୀଲର ଭରି ରହିଥିବ। ହେଲେ ଏକ ରହସ୍ୟମୟ ଘଟଣାକୁ ଆଧାର କରି ପ୍ରସ୍ତୁତ ଏହି ମ୍ୟୁଜିକ ଭିଡିଓରେ ଲଭ୍ ଏବଂ ରୋମାନ୍ସ ମଧ୍ୟ ରହିଛି। ଏ ସମ୍ପର୍କରେ ଏହାର ସ୍ୱର ସଂଯୋଜକ ଜ୍ଞାନ ବେହେରା କହନ୍ତି, ଏଥିରୁ ଦର୍ଶକ ଏକ ଡିଫରେଣ୍ଟ ଚାର୍ମ ପାଇବେ। ଏହାକୁ ଭିଜୁଆଲ ପାଇଁ ନିର୍ଦ୍ଦେଶକ ସ୍ୱାଗତ ପାତ୍ର ଏବଂ ଏଭଳି ପରିକଳ୍ପନା ପାଇଁ ପ୍ରଯୋଜକ ଏସ. ଆର. ବର୍ଷାନୀ ଏବଂ କେ. ପଟ୍ଟନାୟକଙ୍କୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ।' ଏସ. ଆର ଟ୍ୟୁନ୍ସ ବ୍ୟାନରରେ 'ପିଶାଚ' ଟାଇଟଲବିଶିଷ୍ଟ ଏହି ମ୍ୟୁଜିକ ଭିଡିଓର ଗୀତଗୁଡ଼ିକ ପାଇଁ ସ୍ୱର ଦେଇଛନ୍ତି ଆଗଧାଡ଼ିର କଣ୍ଠଶିଳ୍ପୀ ହ୍ୟୁମାନ ସାଗର। ଏହି ଆଲବମ୍‌ରେ ଅଭିନୟ କରିଛନ୍ତି ସୌମ୍ୟରଞ୍ଜନ ଜୁନିୟର ସିଦ୍ଧାନ୍ତ ଏବଂ ରିୟାଲିଟି ଶୋ' ରଜ କୁଇନ୍ ଫାଇନାଲିଷ୍ଟ ଶୁଭଶ୍ରୀ।



ସୌମ୍ୟରଞ୍ଜନ-ଶୁଭଶ୍ରୀ

## ଅତୀତରୁ..

➤'ସୀମାହୀନ ଦରିଆ ସାଥୀ ବିନା ଦୁନିଆ' ଗୀତଟି ସେ ସମୟରେ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଓଡ଼ିଆ ଚଳଚ୍ଚିତ୍ର 'ବତିଘର'ରେ ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ପ୍ରଣବ ପଟ୍ଟନାୟକ।

➤ପ୍ରଥମ ରଙ୍ଗିନ ଓଡ଼ିଆ ସିନେମା 'ଗପ ହେଲେ ବି ସତ'ର ଗୀତଗୁଡ଼ିକୁ ରଚନା କରିଥିଲେ ଗୁରୁକୃଷ୍ଣ ଗୋସ୍ୱାମୀ। ସ୍ୱାତୀ ଫିଲ୍ମସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଥିଲେ ସୁବିମଳ ମଲ୍ଲିକ। ନଗେନ ରାୟ ନିର୍ଦ୍ଦେଶନା ଦେଇଥିବା ବେଳେ ଚିତ୍ର ଉତ୍ତୋଳନ କରିଥିଲେ ସୁରେନ୍ଦ୍ର ସାହୁ। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ହରିଶ ମହାପାତ୍ର, ସୁରେଶ ମିଶ୍ର, ବନଜା ମହାନ୍ତି ଅଭିନୟ କରିଥିଲେ।

➤'ସଜନୀରେ କାହିଁ ଗଲେ ଶ୍ୟାମ' ଗୀତଟିର ସ୍ୱର ସଂଯୋଜକ ଥିଲେ ସେ ସମୟର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଯୋଡି ଭୁବନ-ହରି। ଚିତ୍ରଟି ଥିଲା 'ସମୟ'। ଏହାର ବିଭିନ୍ନ ଭୂମିକାରେ ଶ୍ରୀରାମ ପଣ୍ଡା, ତ୍ରିପୁରା ମିଶ୍ର, ପ୍ରଶାନ୍ତ ନନ୍ଦ, ଧୀର ବିଶ୍ୱାଳ, ଭାନୁମତୀ ଅଭିନୟ କରିଥିଲେ।

➤ଥରେ ମନେ ପକାନ୍ତୁ ନା 'ରେ ଆତ୍ମନ ନିଦ୍ରା ପରିହରି, ଆରେ ମିତ ଆ ସଙ୍ଗାତ ବେଳ ଗଲାଣି, ଶ୍ୟାମକୁ ଜୁହାର ତା'ର ପ୍ରେମକୁ ଜୁହାର, ଦେଖି ବଣ ମଲ୍ଲୀ ରାଧା ହେଲେ ବାତୁଳି, ହେ ଫଗୁଣ କାନ୍ଦନାରେ' ଗୀତଗୁଡ଼ିକୁ। ଆଜି ବି ଅନେକ ଶ୍ରୋତା ଏହି ଗୀତଗୁଡିକୁ ଗୁଣୁଗୁଣେଇ ହୋଇଥାଆନ୍ତି। ଏସବୁ ଗୀତଗୁଡିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର। ଆଉ ଚଳଚ୍ଚିତ୍ରଟି ଥିଲା 'ମମତା'। ପ୍ରଶାନ୍ତ ନନ୍ଦ, ସୁରେଶ, ବ୍ୟୋମକେଶ ତ୍ରିପାଠୀ, ଟିମା, ସୁଜାତା ଆଦି କଳାକାର ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

# ସନ୍‌ରାଇଜର୍ସଙ୍କ ପ୍ରଥମ ବିଜୟ




ଉଇକେଟ ହାସଲ ପରେ ଉଲ୍ଲସିତ ଖଲିଲ ଅହମଦ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜନି ବେୟାରଷ୍ଟୋ।

**ଚେନ୍ନାଇ, ୨୧।୪**

କ୍ରମାଗତ ୩ ପରାଜୟ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଚଳିତ ସଂସ୍କରଣରେ ବୁଧବାର ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଡେଭିଡ ୱାର୍ନରଙ୍କ ଦଳ ଲୋକେଶ ରାହୁଲଙ୍କ ପଞ୍ଜାବ କିଙ୍ଗ୍ସକୁ ୯ ଉଇକେଟରେ ପରାସ୍ତ କରିଛି। ପ୍ରଥମ ବିଜୟ ସହ ସନ୍‌ରାଇଜର୍ସ ଉନ୍ନତ ରନ୍ ହାର ଯୋଗୁ ପଏଣ୍ଟ ଟେବୁଲରେ ପଞ୍ଜାବକୁ ମଧ୍ୟ ପଛରେ ପକାଇ ଦେଇଛି। ପଞ୍ଜାବ ସର୍ବନିମ୍ନ ସ୍ଥାନକୁ ଖସି ଆସିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ପଞ୍ଜାବ ୧୯.୪ ଓଭରରେ ୧୨୦ ରନକରି ଅଲଆଉଟ ହୋଇଯାଇଥିବାବେଳେ ହାଇଦ୍ରାବାଦ ୧୮.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅଧିନାୟକ ଡେଭିଡ ୱାର୍ନର ଓ ଜନି ବେୟାରଷ୍ଟୋ ଓପନିଂ ଯୋଡ଼ିରେ ୬୧ ବଲ୍‌ରୁ ୭୩ ରନ ସଂଗ୍ରହ କରି ବିଜୟ ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୱାର୍ନର ୩୭ ବଲ୍‌ରୁ ୩୭ ରନ କରିଥିବାବେଳେ ଫାବିଆନ ଆଲେନଙ୍କ ବଲ୍‌ରେ ମୟଙ୍କ ଅଗ୍ରୱାଲଙ୍କୁ ଡିପ୍ ମିଡ୍ ଉଇକେଟରେ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ପିଚ୍ କ୍ରମେ ସ୍ଲୋ ହୋଇଥିବାରୁ ରନ ସଂଗ୍ରହ ସହଜ ହୋଇ ନ ଥିଲେ ହେଁ ଜନି ବେୟାରଷ୍ଟୋ ଓ କେନ୍ ୱିଲିୟମସନ ଆଉ କୌଣସି କ୍ଷତି ହେବାକୁ ନ ଦେଇ ୮ଟି ବଲ୍ ବାକିଥାଇ ବିଜୟରେ ମୁଣ୍ଡି ମାରିଥିଲେ। ୫୬ ବଲ୍‌ରୁ ୬୩* (୩ ଚୌକା ଓ ୩ ଛକା) ରନ କରି ବେୟାରଷ୍ଟୋ ସନ୍‌ରାଇଜର୍ସ ବିଜୟରେ ଅଗ୍ରଣୀ ଭୂମିକା ନେଇଥିବାବେଳେ ଚଳିତ ସଂସ୍କରଣରେ ପ୍ରଥମଥର ପାଇଁ ଖେଳିବାକୁ ସୁଯୋଗ ପାଇଥିବା ୱିଲିୟମସନ ୧୯ ବଲ୍‌ରୁ ୧୬ ରନରେ ଅପରାଜିତ ରହିଥିଲେ।




ଅସମାପ୍ତ ଦ୍ୱିତୀୟ ଉଇକେଟରେ ଏ ଦୁହେଁ ୫୨ ବଲ୍‌ରୁ ୪୮ ରନ ସଂଗ୍ରହ କରିଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ବେୟାରଷ୍ଟୋ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ପଞ୍ଜାବର ବ୍ୟାଟିଂ ବିଫଳତା**

ଟସ୍ ଜିତି ପଞ୍ଜାବର ବ୍ୟାଟିଂ ନିଷ୍ପତ୍ତି ବୁମେରାଂ ସଦୃଶ ହୋଇଥିଲା। କୌଣସି ବ୍ୟାଟ୍ସମ୍ୟାନ ପ୍ରତିପକ୍ଷ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଫଳରେ କୌଣସି ଉଇକେଟ ଯୋଡ଼ିରେ ୨୫ ରନ ମଧ୍ୟ ସଂଗ୍ରହ ହୋଇପାରି ନ ଥିଲା। ମୟଙ୍କ ଅଗ୍ରୱାଲ ଓ ଶାହରୁଖ ଖାଁ ସର୍ବାଧିକ ୨୨ ରନ ଲେଖାଏ କରିବାକୁ ସକ୍ଷମ ହୋଇଥିଲେ। ଅଧିନାୟକ ରାହୁଲ (୪), ଦୁର୍ଦ୍ଧର୍ଷ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍ (୧୫), ନିକୋଲସ ପୁରନ (୦), ଦୀପକ ହୁଡା (୧୩), ମୋଇସେସ ହେନରିକ୍ସ (୧୪), ଫାବିଆନ ଆଲେନ (୬), ମୁରୁଗାନ ଅଶ୍ୱିନ (୯) ଓ ମହମ୍ମଦ ସାମି (୩) ଫେଲ୍ ମାରିଥିଲେ। ସନ୍‌ରାଇଜର୍ସ ପକ୍ଷରୁ ଖଲିଲ ଅହମଦ ୨୧ ରନ ଦେଇ ସର୍ବାଧିକ ୩ଟି ଏବଂ ଅଭିଷେକ ଶର୍ମା ୨୪ ରନରେ ୨ଟି ଉଇକେଟ ନେଇଥିଲେ। ଭୁବନେଶ୍ୱର କୁମାର, ସିଦ୍ଧାର୍ଥ କୌଲ ଓ ୪ ଓଭରରେ ମାତ୍ର ୧୭ ରନ ବ୍ୟୟ କରିଥିବା ରଶିଦ ଖାଁଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଏହି ମ୍ୟାଚ ପାଇଁ ଉଭୟ ଦଳ ୩ଟି ଲେଖାଏ ପରିବର୍ତ୍ତନ କରି ପଡ଼ିଆକୁ ଓହ୍ଲାଇଥିଲେ। ପଞ୍ଜାବ ରିଲେ ମେରେଡିଥ୍, ଝେ ରିଚାର୍ଡ଼ସନ ଓ ଜଲଜ ସକ୍ସେନାଙ୍କୁ ବାଦ୍ ଦେଇ ଫାବିଆନ ଆଲେନ, ମୋଇସେସ ହେନରିକ୍ସ ଓ ମୁରୁଗାନ ଅଶ୍ୱିନଙ୍କୁ ଖେଳାଇଥିଲା। ସେହିପରି ସନ୍‌ରାଇଜର୍ସ ମନୀଷ ପାଣ୍ଡେ, ମୁଜିବ-ଉର୍-ରହମନ ଓ ଅବଦୁଲ ସମଦଙ୍କୁ ବାଦ୍ ଦେଇ କେନ୍ ୱିଲିୟମସନ, କେଦାର ଯାଦବ ଓ ସିଦ୍ଧାର୍ଥ କୌଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୧୯.୪ ଓଭରରେ ୧୨୦/ଅଲଆଉଟ(ମୟଙ୍କ ଅଗ୍ରୱାଲ-୨୨, ଶାହରୁଖ ଖାଁ-୨୨, ଖଲିଲ ଅହମଦ-୩/୨୧, ଅଭିଷେକ ଶର୍ମା-୨/୨୪, ଭୁବନେଶ୍ୱର କୁମାର-୧/୧୬, ସିଦ୍ଧାର୍ଥ କୌଲ-୧/୨୭, ରଶିଦ ଖାଁ-୧/୧୭)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୪ ଓଭରରେ ୧୨୧/୧(ଜନି ବେୟାରଷ୍ଟୋ-୬୩*, ଡେଭିଡ ୱାର୍ନର-୩୭, କେନ୍ ୱିଲିୟମସନ-୧୬*, ଫାବିଆନ ଆଲେନ-୧/୨୨)।

# ଶୀର୍ଷକୁ ଉଠିଲା ଚେନ୍ନାଇ

**ମୁମ୍ବାଇ, ୨୧।୪**

ପ୍ୟାଟ୍ କୁମିନ୍ସ, ଆନ୍ଦ୍ରେ ରସେଲ ଓ ଦୀନେଶ କାର୍ତ୍ତିକଙ୍କ ବିସ୍ଫୋରକ ବ୍ୟାଟିଂ ପର୍ଯ୍ୟାପ୍ତ ହେଲାନି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବୁଧବାର ଅନୁଷ୍ଠିତ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୧୮ ରନରେ ଚେନ୍ନାଇ ସୁପରକିଙ୍ଗ୍ସ ନିକଟରୁ ହାର୍ ମାନିଲା। ଫଳରେ ଚେନ୍ନାଇ ୪ ମ୍ୟାଚରୁ ହ୍ୟାଟ୍ରିକ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହେଲା। ଋତୁରାଜ ଗାଏକ୍ୱାଡ ଓ ଫାଫ୍ ଡୁପ୍ଲେସିଙ୍କ ଶତକୀୟ ଓପନିଂ ଭାଗୀଦାରି ବଳରେ ଚେନ୍ନାଇ ୨୦ ଓଭରରେ ୩ ଉଇକେଟ ହରାଇ ୨୨୦ ରନ କରିଥିଲା। ଜବାବରେ କୋଲକାତା ମାତ୍ର ୩୧ ରନରେ ୫ ଉଇକେଟ ହରାଇଥିଲେ ହେଁ କୁମିନ୍ସ, ରସେଲ ଓ କାର୍ତ୍ତିକଙ୍କ ଧୂଆଁଧାର ପ୍ରଦର୍ଶନ ବଳରେ ମ୍ୟାଚକୁ ରୋମାଞ୍ଚକ କରିଥିଲେ ହେଁ ୧୯.୧ ଓଭରରେ ୨୦୨ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ରସେଲ ମାତ୍ର ୨୨ ବଲ୍‌ରୁ ୩ ଚୌକା ଓ ୬ ଛକା ସହାୟତାରେ ୫୪ ରନ କରିଥିବାବେଳେ ସାମ୍ କୁରାନଙ୍କ ଲେଗ୍ ଷ୍ଟମ୍ପ ବାହାରର ବଲ୍‌କୁ ଛାଡ଼ିବା ମହଙ୍ଗା ପଡ଼ିଥିଲା। ବଲ୍ ଇନ୍ ସୁଇଂ ହୋଇ ସିଧା ଷ୍ଟମ୍ପରେ ବାଜିଥିଲା। କାର୍ତ୍ତିକ ୨୪ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୦ ରନ କରିଥିବାବେଳେ ଲୁନ୍‌ଗି ଏନଗିଡିଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାସତ୍ତ୍ୱେ କୁମିନ୍ସ ଏକାକୀ ଲଢ଼ି ଦଳପାଇଁ ବିଜୟ ସୁଯୋଗ ସୃଷ୍ଟି କରିଥିଲେ। ସେ ୩୪ ବଲ୍‌ରୁ ୪ ଚୌକା ଓ ୬ ଛକା ସହାୟତାରେ ୬୬ ରନ କରି ଅପରାଜିତ ରହିଥିବାବେଳେ ବରୁଣ ଚକ୍ରବର୍ତ୍ତୀ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ରନ୍‌ଆଉଟ ଯୋଗୁ କୋଲକାତା ୫ଟି ବଲ୍ ବାକିଥାଇ ବିଜୟଠାରୁ ଦୂରରେ ରହିଯାଇଥିଲା। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଦୀପକ ଚହର ୪ଟି, ଲୁନ୍‌ଗି ଏନ୍‌ଗିଡି ୩ଟି ଏବଂ ସାମ୍ କୁରାନ ଗୋଟିଏ ଉଇକେଟ ନେଇଥିଲେ।

**ଋତୁରାଜ-ଡୁପ୍ଲେସିଙ୍କ ଶତକୀୟ ଭାଗୀଦାରି**

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ଡୁପ୍ଲେସି ଓ ଋତୁରାଜଙ୍କ ଓପନିଂ ଯୋଡ଼ିରେ ୭୪ ବଲ୍‌ରୁ ଦ୍ରୁତ ୧୧୫ ରନ କରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ଯୁବ ବ୍ୟାଟ୍ସମ୍ୟାନ ଋତୁରାଜ ପ୍ରଥମ ୩ଟି ମ୍ୟାଚରେ ଫ୍ଲପ୍ ହୋଇଥିଲେ ହେଁ ଏଠାରେ ଚମତ୍କାର ବ୍ୟାଟିଂ କରି ୪୨ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୬୪ ରନ କରିଥିଲେ। ୧୩ତମ ଓଭରର ଦ୍ୱିତୀୟ ବଲ୍‌ରେ ତାଙ୍କୁ ଆଉଟ କରି ବରୁଣ ଚକ୍ରବର୍ତ୍ତୀ କୋଲକାତାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ପରେ ଡୁପ୍ଲେସି ମୋଇନ୍ ଅଲୀଙ୍କ ସହ ୨ୟ ଉଇକେଟରେ ୨୭ ବଲ୍‌ରୁ ୫୦, ୩ୟ ଉଇକେଟରେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସହ ୧୯ ବଲ୍‌ରୁ ୨୬ ଏବଂ ଅସମାପ୍ତ ୪ର୍ଥ ଉଇକେଟରେ ରବୀନ୍ଦ୍ର ଜାଡେଜାଙ୍କ ସହ ୬ ବଲ୍‌ରୁ ୧୯ ରନ ଯୋଗ କରିଥିଲେ। ମୋଇନ ୧୨ ବଲ୍‌ରୁ ୨୫(୨ ଚୌକା, ୨ ଛକା) ଓ ଧୋନୀ ୧୭(୮ ବଲ, ୨ ଚୌକା, ୧ ଛକା) ରନ କରି ଆଉଟ ହୋଇଥିବାବେଳେ ଡୁପ୍ଲେସି ୬୦ ବଲ୍‌ରୁ ୯ ଚୌକା ଓ ୪ ଛକା ସହ ୯୫ ଏବଂ ଜାଡେଜା ଗୋଟିଏ ଛକା ସହ ୬ ରନରେ ଅପରାଜିତ ରହିଥିଲେ। କୋଲକାତା ବୋଲରଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ, ସୁନୀଲ ନାରିନ ଓ ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶତକୀୟ ଓପନିଂ ଭାଗୀଦାରି ଅବସରରେ ଋତୁରାଜ ଓ ଡୁପ୍ଲେସି।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୨୨୦/୩(ଫାଫ୍ ଡୁପ୍ଲେସି-୯୫*, ଋତୁରାଜ ଗାଏକ୍ୱାର୍ଡ-୬୪, ମୋଇନ ଅଲୀ-୨୫, ବରୁଣ ଚକ୍ରବର୍ତ୍ତୀ-୧/୨୭, ସୁନୀଲ ନାରିନ-୧/୩୪, ଆନ୍ଦ୍ରେ ରସେଲ-୧/୨୭)। କୋଲକାତା ନାଇଟ ରାଇଡର୍ସ ୧୯.୧ ଓଭରରେ ୨୦୨/ଅଲଆଉଟ( ପ୍ୟାଟ୍ କୁମିନ୍ସ-୬୬*, ଆନ୍ଦ୍ରେ ରସେଲ-୫୪, ଦୀନେଶ କାର୍ତ୍ତିକ-୪୦, ଦୀପକ ଚହର-୪/୨୯, ଲୁନ୍‌ଗି ଏନ୍‌ଗିଡି-୩/୨୮, ସାମ୍ କୁରାନ-୧/୫୮)।

▶ଫାଫ୍ ଡୁପ୍ଲେସି ପ୍ଲେୟର୍ ଅଫ୍ ଦ ମ୍ୟାଚ୍

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୪ | ୩ | ୧ | ୬ | +୧.୧୪୨ |
| ରୟାଲ ଚ୍ୟାଲେଞ୍ଜର୍ସ | ୩ | ୩ | ୦ | ୬ | +୦.୭୫୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୩ | ୧ | ୬ | +୦.୪୨୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୨ | ୨ | ୪ | +୦.୧୮୭ |
| ସନ୍‌ରାଇଜର୍ସ | ୪ | ୧ | ୩ | ୨ | -୦.୨୨୮ |
| ନାଇଟ ରାଇଡର୍ସ | ୪ | ୧ | ୩ | ୨ | -୦.୭୦୦ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୦.୭୧୯ |
| ପଞ୍ଜାବ କିଙ୍ଗ୍ସ | ୪ | ୧ | ୩ | ୨ | -୦.୮୨୪ |

## ପ୍ରଥମ ଟି୨୦ ଜିତିଲା ପାକିସ୍ତାନ

**ହରାରେ, ୨୧।୪:** ହରାରେ ସ୍ପୋର୍ଟ୍ସ କ୍ଲବରେ ବୁଧବାର ଅନୁଷ୍ଠିତ ପ୍ରଥମ ଟି୨୦ କ୍ରିକେଟ ମ୍ୟାଚରେ ପାକିସ୍ତାନ ୧୧ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ମହମ୍ମଦ ରିଜୱାନଙ୍କ ଦ୍ରୁତ ୮୨(୬୧ ବଲ, ୧୦ ଚୌକା, ୧ ଛକା) ସତ୍ତ୍ୱେ ୨୦ ଓଭରରେ ୭ ଉଇକେଟ ହରାଇ ୧୪୯ ରନ କରିଥିଲା। ବିପକ୍ଷ ବୋଲରଙ୍କ ମଧ୍ୟରେ ଲ୍ୟୁକ୍ ଜଙ୍ଗୱି ଓ ୱେସଲି ମାଧଭେରେ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଜିମ୍ବାୱେ ୨୦ ଓଭରରେ ୧୩୮/୭ରେ ସୀମିତ ରହିଥିଲା।

## ରୋହିତଙ୍କୁ ୧୨ ଲକ୍ଷ ଜରିମାନା

**ଚେନ୍ନାଇ, ୨୧।୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ମଙ୍ଗଳବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ସ୍ଲୋ ଓଭରରେଟ୍ ବୋଲିଂ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଏହି ମ୍ୟାଚରେ ମୁମ୍ବାଇ ୯ ଉଇକେଟ ହରାଇ ମାତ୍ର ୧୩୭ ରନ କରିଥିବାବେଳେ ଦିଲ୍ଲୀ ନିକଟରୁ ପରାଜିତ ହୋଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଥର ପାଇଁ ସ୍ଲୋ ଓଭରରେଟ୍ ବୋଲିଂ କରିଥିବାରୁ ଆଇପିଏଲ ଆଚରଣ ସଂହିତା ଅନୁସାରେ ଅଧିନାୟକଙ୍କୁ ୧୨ ଲକ୍ଷ ଟଙ୍କାରେ ଦଣ୍ଡିତ କରାଯାଇଥିବା ଆଇପିଏଲ ପକ୍ଷରୁ ଏକ ବିବୃତିରେ ପ୍ରକାଶ କରାଯାଇଛି।



## ୟୁଏଇ କ୍ରିକେଟର କାଦିର ଖାଁ ୫ ବର୍ଷ ବାସନ୍ଦ

**ଦୁବାଇ,୨୧।୪(ପି.ଟି.):** ଦୁର୍ନୀତି ଅଭିଯୋଗରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) କ୍ରିକେଟର କାଦିର ଖାଁ ସବୁ ପ୍ରକାର କ୍ରିକେଟରୁ ବାସନ୍ଦ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ତାଙ୍କୁ ୫ ବର୍ଷ ପାଇଁ ବାସନ୍ଦ କରିଛି। ଦୁର୍ନୀତି ଆଚରଣବିଧି ଉଲ୍ଲଂଘନ କରିବା ନେଇ ସେ ସ୍ୱୀକାର କରିବା ପରେ ଆଇସିସି ଏହି ନିଷ୍ପତ୍ତି ନେଇଛି ବୋଲି ଘୋଷଣା କରିଛି। ଏଥିସହିତ ୟୁଏଇର ଆଜମାନରେ ଘରୋଇ କ୍ରିକେଟ ଖେଳିଥିବା ମେହେରଦୀପ ଛାୟାକାରଙ୍କ ବିରୋଧରେ ଦୁର୍ନୀତି ନେଇ ୬ଟି ଅଭିଯୋଗ ଅଣାଯାଇଛି। ୨୦୧୯ରେ କାଦିରଙ୍କ ବିରୋଧରେ ଅଭିଯୋଗ ଆଗତ କରାଯାଇଥିଲା। କାଦିର ୬ଟି ନିୟମର ଉଲ୍ଲଂଘନ କରିବା କଥା ସ୍ୱୀକାର କରିଛନ୍ତି। ୨୦୧୯ରେ ଜିମ୍ବାୱେ- ୟୁଏଇ ସିରିଜରେ ଦୁର୍ନୀତି ପାଇଁ ବିଭିନ୍ନ ପ୍ରସ୍ତାବ ପାଇଥିଲା ଓ ସେ ଏଗୁଡିକ ସାର୍ବଜନୀନ କରି ନ ଥିଲେ। ଏହି ସିରିଜ ସମ୍ପର୍କରେ ସେ ୬ଟି ନିୟମ ଉଲ୍ଲଂଘନ କରିଥିବା ସ୍ୱୀକାର କରିଛନ୍ତି। ଆଇସିସି ଦୁର୍ନୀତି ନିବାରଣ ବିଭାଗ (ଏସିୟୁ)କୁ ସେ ଏ ନେଇ କିଛି ସୂଚନା ଦେଇ ନ ଥିଲେ।

# ଲଢ଼େଇ କରି ହାରିଲା ଗୋଆ

**ମାର୍ଗାଓ,୨୧।୪(ପି.ଟି.):** ଏଠାରେ ଚାଲିଥିବା ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ଚାମ୍ପିୟନ୍ସ ଲିଗ୍‌ରେ ଭାରତୀୟ କ୍ଲବ ଏଫ୍‌ସି ଗୋଆ ପ୍ରଭାବୀ ପ୍ରଦର୍ଶନ କରିଛି। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଗୋଆ ଲଢ଼େଇ କରି ୧-୨ ଗୋଲରେ ଗ୍ରୁପ 'ଇ' ଶୀର୍ଷରେ ଥିବା ପେର୍ସେପଲିସ୍ ପରାସ୍ତ ହୋଇଛି। ୧୪ତମ ମିନିଟ୍‌ରେ ଏଡୁ ବେଡିଆ ଗୋଲ ଦେଇ ଗୋଆକୁ ଅଗ୍ରଣୀ କରାଇଥିଲେ। ଗୋଲ ଦେବାରେ ବେଡିଆଙ୍କୁ ବ୍ରାଣ୍ଡନ ଫର୍ନାଣ୍ଡିଜ୍ ସହାୟତା ପ୍ରଦାନ କରିଥିଲେ। ଭାରତର ଏହି ଖୁସି ବେଶି ସମୟ ତିଷ୍ଠି ପାରି ନ ଥିଲା। ପେର୍ସେପଲିସ୍ ଏହାପରେ ଦୃଢ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ଦେଇ ମ୍ୟାଚ୍ ହାତେଇଥିଲା। ଦଳ ତରଫରୁ ୧୮ତମ ମିନିଟ୍‌ରେ ମେହଦି ତୋରାବି ପେନାଲ୍ଟି ଜରିଆରେ ୧୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଏହାର ଠିକ୍ ୫ ମିନିଟ୍ ପରେ ୨୪ତମ ମିନିଟ୍‌ରେ ଜଲାଲ ହୋସେଇନି ଗୋଲ ଦେଇ ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହାପରେ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। କୋଟୋଟି ସୁଯୋଗ ପାଇଥିଲେ ମଧ୍ୟ ଗୋଲ ସମ୍ଭବ ହୋଇପାରି ନ ଥିଲା। ଫଳରେ ଭାରତୀୟ କ୍ଲବ୍‌କୁ ପରାଜୟ ବରଣ କରିବାକୁ ହୋଇଥିଲା। ଗତ ସଂସ୍କରଣରେ ପେର୍ସେପଲିସ୍ ରନର୍ସଅପ୍ ବିବେଚିତ ହୋଇଥିଲା। ଇଞ୍ଜୁରି କାରଣରୁ ଗୋଆ ଆଦିଲ ଖାଁଙ୍କ ବଦଳରେ ଅମରଜିତ ସିଂଙ୍କୁ ୨୯ ତମ ମିନିଟ୍‌ରେ ସାମିଲ କରାଯାଇଥିଲା। ଏଥିସହିତ ଗ୍ରୁପ୍ ପର୍ଯ୍ୟାୟରେ ଗୋଆ ପ୍ରଥମ ପରାଜୟ ବରଣ କରିଛି। ଅନ୍ୟପଟେ ପେର୍ସେପଲିସ୍ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ପ୍ରଥମଥର ପାଇଁ ଗୋଆ ଏହି କଣ୍ଟିନେଣ୍ଟାଲ ଟପ୍ ଟାୟର ଲିଗ୍‌ରେ ଅଂଶଗ୍ରହଣ କରିଛି। ଗୋଆ ତୃତୀୟ ସ୍ଥାନରେ ରହିଛି। ପରାସ୍ତ ହୋଇଥିଲେ ମଧ୍ୟ ଗୋଆର ପ୍ରଦର୍ଶନ ପ୍ରଶଂସନୀୟ ଥିଲା।



ମ୍ୟାଚ୍ ଅବସରରେ ଏଡୁ ବେଡିଆ।

## ଅଲିମ୍ପିକ୍ସ ଫୁଟ୍‌ବଲ ଡ୍ର: ଗ୍ରୁପ୍ 'ଡି'ରେ ବ୍ରାଜିଲ

**ଜୁରିଚ୍, ୨୧।୪(ଏ.ପି.):** ଚଳିତ ବର୍ଷ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସର ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଡ୍ର' ଉଠାଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ୍ର' ଅନୁସାରେ ଗତଥରର ପୁରୁଷ ବିଭାଗ ଚାମ୍ପିୟନ ବ୍ରାଜିଲ ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ଜର୍ମାନୀ, ଆଇଭରି କୋଷ୍ଟ ଓ ସୌଦୀ ଆରବ। ଗ୍ରୁପ୍ 'ଏ'ରେ ଜାପାନ, ଦକ୍ଷିଣ ଆଫ୍ରିକା, ମେକ୍ସିକୋ ଓ ଫ୍ରାନ୍ସ, ଗ୍ରୁପ୍ 'ବି'ରେ ନ୍ୟୁଜିଲାଣ୍ଡ, ଦକ୍ଷିଣ କୋରିଆ, ହଣ୍ଡୁରାସ ଓ ରୋମାନିଆ ଏବଂ ଗ୍ରୁପ୍ 'ସି'ରେ ଇଜିପ୍ଟ, ସ୍ପେନ, ଆର୍ଜେଣ୍ଟିନା ଓ ଅଷ୍ଟ୍ରେଲିଆ ସ୍ଥାନ ପାଇଛି। ମହିଳା ବିଭାଗରେ ଗ୍ରୁପ୍ 'ଇ'ରେ ଜାପାନ, କାନାଡ଼ା, ବ୍ରିଟେନ, ଚିଲି, ଗ୍ରୁପ୍ 'ଏଫ୍'ରେ ଚାଇନା, ବ୍ରାଜିଲ, ଜାମ୍ବିଆ, ନେଦରଲାଣ୍ଡ୍ସ ଏବଂ ଗ୍ରୁପ୍ 'ଜି'ରେ ସ୍ୱିଡେନ, ଆମେରିକା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ସ୍ଥାନ ପାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ନନ୍ଦିନୀ ଶତପଥୀ କେନ୍ଦ୍ରୀୟ ଫିଲ୍ମ ପ୍ରମାଣନ ବୋର୍ଡର ସଦସ୍ୟା ମନୋନୀତ

**ସାଲେପୁର, ୨୧।୪(ଡି.ଏନ୍.ଏ.):** ସାଲେପୁର ବ୍ଲକ୍‌ର ସପନପୁର ଗ୍ରାମର ବାସିନ୍ଦା ତଥା ରାଜ୍ୟ ଭାଜପା ନେତ୍ରୀ, ସୁଗାୟିକା, କବି, ସାମାଜିକ କର୍ମୀ ନନ୍ଦିନୀ ଶତପଥୀଙ୍କୁ କେନ୍ଦ୍ରୀୟ ଫିଲ୍ମ ପ୍ରମାଣନ ବୋର୍ଡର ଉପଦେଷ୍ଟା ମଣ୍ଡଳୀର ସଦସ୍ୟା ଭାବେ ମନୋନୀତ କରାଯାଇଛି। ଏହି



ନିଯୁକ୍ତି ପାଇବା ପରେ ତାଙ୍କର ଜନ୍ମମାଟି ସାଲେପୁରର ବହୁ ଲୋକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତ ସରକାରଙ୍କର ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରଣାଳୟର ବିଜ୍ଞପ୍ତିକୁ ଆଧାର କରି କେନ୍ଦ୍ରୀୟ ଫିଲ୍ମ ପ୍ରମାଣନ ବୋର୍ଡ କଟକ ଆଞ୍ଚଳିକ ଅଧିକାରୀ ଗୋପାଳକୃଷ୍ଣ ମହାପାତ୍ର ଶତପଥୀଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଛନ୍ତି। ନାରୀନେତ୍ରୀ ଶତପଥୀ ଆଗାମୀ ୨ବର୍ଷ ପର୍ଯ୍ୟନ୍ତ ଏହି ପଦରେ ରହିବେ। ତାଙ୍କର ଏହି ନିଯୁକ୍ତି ନେଇ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ, ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ଭାଜପା ରାଜ୍ୟ ସମ୍ପାଦକ ମାନସ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ/ଚୌଦ୍ୱାର/ ଆଠଗଡ଼,୨୧।୪(ଡି.ଏନ୍.ଏ./ସ୍ୱ.ପ୍ର.):** କଟକ ନଗର କଂଗ୍ରେସ କମିଟି ପକ୍ଷରୁ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଜାନକୀ ବଲ୍ଲଭଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ସେହିପରି ଚାନ୍ଦିନୀଚୌକସ୍ଥିତ କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିର, ଚୌଦ୍ୱାର ଗାନ୍ଧୀଛକସ୍ଥିତ କାର୍ଯ୍ୟାଳୟ ପରିସର ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଜାନକୀ ବଲ୍ଲଭଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଥିଲା। ଆଠଗଡ କଂଗ୍ରେସ କାର୍ଯ୍ୟାଳୟଠାରେ ଜାନକୀବଲ୍ଲଭଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ଦ୍ୱାରା ଆୟୋଜିତ ସଭାରେ ସାହିତ୍ୟିକ ଡ. ନାରାୟଣ ପଣ୍ଡାଙ୍କ ସମେତ ଆଠଗଡ଼ ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା, କର୍ମୀମାନେ ଯୋଗଦେଇଥିଲେ।

### କୋଭିଡ୍ କଟକଣାରେ ଶ୍ରୀରାମ ନବମୀ ପାଳିତ

**ଖୁଣ୍ଟୁଣୀ, ୨୧।୪(ଡି.ଏନ.ଏ.):** ଖୁଣ୍ଟୁଣୀ ଅଞ୍ଚଳରେ ନିରାଡମ୍ବର ଭାବେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ମନ୍ଦିରରେ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଠାକୁରଙ୍କ ସମସ୍ତ ନୀତିକାନ୍ତି ହୋଇଥିଲା। ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷାକରି ସତର୍କତା ଅବଲମ୍ବନ କରିଥିଲେ।

### କୋଭିଡ୍ ଔଷଧ କଳାବଜାର ରୋକିବାକୁ ରାଜ୍ୟବ୍ୟାପୀ ଚଢ଼ାଉ

**ଭୁବନେଶ୍ୱର (ବ୍ୟୁରୋ)/କଟକ ଅଫିସ,୨୧।୪:** କରୋନା ଔଷଧ ଓ ଉପକରଣ କଳାବଜାର ରୋକିବାକୁ ଗଠିତ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ରାଜ୍ୟବ୍ୟାପୀ ଜୋର୍‌ଦାର ଚଢ଼ାଉ କରାଯାଇଛି। ବୁଧବାର ମିଳିତ ଟିମ୍ ଭୁବନେଶ୍ୱର-କଟକ ସମେତ ବାରିପଦାର ୪ ଔଷଧ ଡିପୋରେ ଚଢ଼ାଉ କରିଥିଲା। ସେହିପରି ପୁରୀ, ଯାଜପୁର, ଅନୁଗୋଳ ସମେତ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ସହ ଯାଞ୍ଚ କରାଯାଇଛି। ଏହାସହ କୋଭିଡ୍-୧୯ର ଔଷଧ ବଣ୍ଟନ ବ୍ୟବସ୍ଥା ସଂକ୍ରାନ୍ତରେ ପ୍ରତିଦିନ ଅପ୍‌ଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାରିପଦାର ଏକ ଔଷଧ ଡିପୋ, କଟକର ପୁରୁଣା କଲେଜ ଲେନ୍‌ରେ ଥିବା ଡ୍ରଗ୍ସ ଫାର୍ମ, ଭୁବନେଶ୍ୱରର ଦୁଇଟି ହସ୍ପିଟାଲର ସମସ୍ତ ରେକର୍ଡପତ୍ର ଅନୁଧ୍ୟାନ କରିବା ସହ ବିଭିନ୍ନ ହସ୍ପିଟାଲ ଓ ଅନ୍ୟାନ୍ୟ ସଂସ୍ଥାକୁ ବଣ୍ଟନ କରାଯାଉଥିବା ଔଷଧ ଏବଂ ଷ୍ଟକ୍ ଏଣ୍ଟ୍ରି ଆଦିକୁ ସ୍କ୍ୱାଡ୍ ଅଧିକାରୀମାନେ ଟିକିନିଖି ଯାଞ୍ଚ କରିଥିଲେ। ଏହି ଟିମ୍‌ରେ ଡ୍ରଗ୍ସ ଇନ୍ସପେକ୍ଟର, ସ୍ପେଶାଲ ଟାସ୍କ ଫୋର୍ସ, କ୍ରାଇମବ୍ରାଞ୍ଚ ଓ ସ୍ଥାନୀୟ ପୋଲିସ ସାମିଲ୍ ଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ କରୋନା ଔଷଧର କଳାବଜାର ହେଉଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ୨୨ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। କଟକ ଓ ଭୁବନେଶ୍ୱରରେ ୭ଟି ଏବଂ ରାଜ୍ୟର ଅନ୍ୟ ସ୍ଥାନ ପାଇଁ ୧୫ ଟିମ୍ ଗଠିତ ହୋଇଛି।

# ଜେଲରେ ହେବ ଅଚାନକ ଚଢ଼ାଉ

**କଡ଼ା ଆଭିମୁଖ୍ୟ ଆପଣାଇଲା ଜେଲ ବିଭାଗ**
- ଗୋପନରେ ସ୍କ୍ୱାଡ୍ ଗଠନ ନିର୍ଦ୍ଦେଶ
- କର୍ମଚାରୀଙ୍କୁ ମୋବାଇଲ ମନା
- ଦୁର୍ନୀତିଗ୍ରସ୍ତଙ୍କୁ ବାଧତାମୂଳକ ଅବସର

**ଭୁବନେଶ୍ୱର,୨୧।୪ (ବ୍ୟୁରୋ)**

ଜେଲ୍‌ରେ ଚାଲୁଛି ନିଶାଦ୍ରବ୍ୟ କାରବାର। ଏଥିସହ ଜେଲ୍‌ରୁ ହେଉଛି ଅପରାଧ ନିୟନ୍ତ୍ରଣ। ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ସମ୍ବଲପୁର ଜେଲ୍‌ର ୱାର୍ଡର ଶିବ ନାରାୟଣ ନନ୍ଦଙ୍କ ଫୋନ୍‌ରୁ ବିଭିନ୍ନ ବ୍ୟକ୍ତିଙ୍କ ସହ କଥା ହୋଇଥିବା ତଦନ୍ତରୁ ଜଣାପଡିବା ପରେ କଡ଼ା ଆଭିମୁଖ୍ୟ ଆପଣାଇଛି ଜେଲ ବିଭାଗ। ଗୋପନରେ ସ୍କ୍ୱାଡ୍ ଗଠନ ସହ ଅଚାନକ ଚଢ଼ାଉ ପାଇଁ ଜେଲ ବିଭାଗ ନିର୍ଦ୍ଦେଶକ ସନ୍ତୋଷ ଉପାଧ୍ୟାୟ ସମସ୍ତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି କୌଣସି କର୍ମଚାରୀ ଜେଲ ଭିତରକୁ ମୋବାଇଲ ଫୋନ୍, ଟଙ୍କା ଅବା ଅନ୍ୟ କୌଣସି ସାମଗ୍ରୀ ନେଇ ଯିବାକୁ ବାରଣ କରାଯାଇଛି। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଜେଲ ଭିତରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜେଲରେ ଲାଗିଥିବା ସିସିଟିଭି ଉପରେ ସବୁଦିନ ନଜର ରଖିବାକୁ କୁହାଯାଇଛି। ଆତ୍ମହତ୍ୟା ଅବା ଆକ୍ରମଣ କରିବାରେ ସହାୟକ ହେଉଥିବା କୌଣସି ଜିନିଷ ଜେଲ ଭିତରକୁ ନେବାକୁ ମନା କରାଯାଇଛି। ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲରମାନେ ନିଜର ଗୋଇନ୍ଦା ସୂଚନାକୁ ମଜଭୁତ କରିବା ସହ ଚଢ଼ାଉ କରିବେ। ହାଇ ସୁରକ୍ଷା ୱାର୍ଡ ଏବଂ ଅଭ୍ୟାସଗତ ଅପରାଧୀଙ୍କ ଉପରେ ତୀକ୍ଷଣ ନଜର ରଖିବାକୁ ସବୁ ଜେଲକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଜେଲ କର୍ମଚାରୀ ନିଶା କାରବାରରେ ସମ୍ପୃକ୍ତ ରହିଲେ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକସ୍ଥଳେ ଦୁର୍ନୀତିଗ୍ରସ୍ତ ଅଫିସର ଅବା କର୍ମଚାରୀଙ୍କୁ ବାଧତାମୂଳକ ଅବସର ଦିଆଯିବ। ତେବେ ପ୍ରତି ସପ୍ତାହରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲରମାନେ ଚଢ଼ାଉ ଏବଂ ସୁରକ୍ଷା ସଂକ୍ରାନ୍ତ ରିପୋର୍ଟ ସର୍କଲ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଠାଇବାକୁ କୁହାଯାଇଛି। ସର୍କଲ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଉକ୍ତ ରିପୋର୍ଟ ଯାଞ୍ଚ କରିବା ପରେ ତାହାକୁ ଜେଲ ଡିଆଇଜିଙ୍କୁ ଦେବେ। ଏହାଛଡା ବଡ ବଡ ଅପରାଧୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନିୟମିତ ଯାଞ୍ଚ କରାଯିବ। ଯଦି ସେମାନେ ମେଡିକାଲ ଅବା କୋର୍ଟ ଯାଉଛନ୍ତି ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ। ସେମାନଙ୍କୁ ନେବା ଆଣିବା ସମୟରେ ଜେଲ ବିଭାଗର ପ୍ରୋଟୋକଲ ଅନୁଯାୟୀ ସମସ୍ତ ନିୟମାବଳୀ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜେଲ ବିଭାଗ ନିର୍ଦ୍ଦେଶକ ଉପାଧ୍ୟାୟ।




ଧରିତ୍ରୀ ଦିବସ ଉପଲକ୍ଷେ ବୁଧବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ସଚେତନତାଧର୍ମୀ ବାଲୁକା କଳା।

## ଷ୍ଟେଶନରେ କୋଭିଡ୍ ପରୀକ୍ଷା: ୪ ପଜିଟିଭ ଚିହ୍ନଟ

**କଟକ ଅଫିସ,୨୧।୪**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ରେଳଷ୍ଟେଶନ ପରିସରରେ ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀମାନଙ୍କ କୋଭିଡ୍ ପରୀକ୍ଷା କରାଯାଉଛି। ତେବେ ବୁଧବାର ରେଳଷ୍ଟେଶନରୁ ୪ଜଣ ପଜିଟିଭ ଚିହ୍ନଟ ହୋଇଛି। ସେମାନଙ୍କୁ ନିକଟସ୍ଥ କୋଭିଡ୍ କେୟାର ସେଣ୍ଟରରେ ରଖି ଚିକିତ୍ସା କରାଯାଉଛି ବୋଲି ସିଏମ୍‌ସି ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସହରରେ ମୋଟ ୧୭,୯୭୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୬,୮୬୮ ଜଣ ସୁସ୍ଥ ହୋଇଥିବା ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସହରରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ମଙ୍ଗଳବାରଠାରୁ କଟକ ରେଳଷ୍ଟେଶନରେ ଯାତ୍ରୀଙ୍କୁ କଡ଼ାକଡ଼ି ଭାବରେ ଯାଞ୍ଚ କରାଯାଉଛି। ବିଶେଷକରି କୁମ୍ଭମେଳା ଫେରନ୍ତାଙ୍କ ଉପରେ ନଜର ରଖାଯାଇଛି। ଟ୍ରେନ୍‌ରୁ ଓହ୍ଲାଇବା ପରେ ସେମାନଙ୍କ ନାମ ପଞ୍ଜୀକରଣ ସହ କୋଭିଡ୍ ପରୀକ୍ଷା କରାଯାଉଛି। ସମସ୍ତ ଯାତ୍ରୀଙ୍କୁ ଅସ୍ଥାୟୀ ଆଇସୋଲେସନ ରୁମ୍‌ରେ ରଖାଯାଉଛି। ସେହିପରି ଜିଲା ବାହାରୁ ଆସୁଥିବା ସମସ୍ତ ଯାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇ ସହର ମଧ୍ୟକୁ ଛଡାଯାଉଛି।

## ରାସ୍ତା ଉପରେ ଜଳ ତୁଳସୀ ପାଇଲେ ଶ୍ରଦ୍ଧାଳୁ

**ଶ୍ରୀରଘୁନାଥ ଜୀଉ ମନ୍ଦିରରେ ୧୪୪ ଧାରା**

**ନିଶ୍ଚିନ୍ତକୋଇଲି,୨୧।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳୋ ପଞ୍ଚାୟତ ମଲ୍ଲୀପୁରସ୍ଥିତ ଅସୁରେଶ୍ୱର ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିରରେ ରାମନବମୀ ଅବସରରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଫଳରେ ବୁଧବାର ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ପୁରପଲ୍ଲୀରୁ ଆସିଥିବା ଶ୍ରଦ୍ଧାଳୁମାନେ ୧୦୦ ମିଟର ଦୂରରେ ରାସ୍ତାରେ ହୋଇଥିବା ବ୍ୟାରିକେଟ ନିକଟରେ ଜଳ ତୁଳସୀ ପାଇ ନୈବେଦ୍ୟ କରି ଫେରିଥିଲେ। ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେବାୟତମାନେ ବାଲଧୂପ, ମଧ୍ୟାହ୍ନ ଧୂପ ଦେବା ପରେ ଠିକ୍ ୧୨ଟାରେ ପ୍ରଭୁ ଶ୍ରୀରାମଙ୍କର ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ରାତ୍ରି ୧୦ଟାରେ ମହାପ୍ରଭୁଙ୍କୁ ସେବାୟତମାନେ ବିମାନ ଆରୂଢ଼ କରାଇଥିଲେ। ଶୋଭାଯାତ୍ରାରେ ବିମାନ ଅସୁରେଶ୍ୱର ପଞ୍ଚାୟତ ଦଧିବାମନଙ୍କ ନିକଟକୁ ଯାତ୍ରା କରିଥିଲେ। ଯାତ୍ରା ସମୟରେ ବିମାନର ୧୦୦ଫୁଟ ଦୂରରେ ମାନସିକ ଦାଣ୍ଡଭୋଗ କରାଯାଇଥିଲା। ବିମାନ ଚତୁଃପାର୍ଶ୍ୱ କଡା ସୁରକ୍ଷା ବଳୟରେ ରହିଥିଲା। ସେହିପରି ନିଶ୍ଚିନ୍ତକୋଇଲି ବ୍ଲକର କୋଲଣପୁର ପଞ୍ଚାୟତ କୁଳିଆ ମଠ, ବନ୍ଧୁପୁର ପଞ୍ଚାୟତର ରଘୁନାଥ ମନ୍ଦିର, ନିଶ୍ଚିନ୍ତକୋଇଲି ପଞ୍ଚାୟତର ମଦନମୋହନ ପୀଠ ଓ ନକୁଳାବାବାଙ୍କ ପୀଠରେ ରାମ ନବମୀ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି।



ରାସ୍ତା ଉପରେ କରାଯାଇଥିବା ବ୍ୟାରିକେଡ୍‌ଠାରେ ଶ୍ରଦ୍ଧାଳୁମାନେ ଭୋଗ କରୁଛନ୍ତି।

## ମଦ ଜବତ, ଜଣେ ଗିରଫ

**ଆଠଗଡ଼,୨୧।୪ (ସ୍ୱ.ପ୍ର.)**

ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ବୁଧବାର ତିଗିରିଆ ଥାନା ନୂଆସଡ଼କ ଛକଠାରେ ନୂଆପାଟଣା ଅଞ୍ଚଳକୁ ଚୋରା ଦେଶୀ ମଦ ଚାଲାଣ ହେବାକୁ ଥିବା ଏକ ସ୍କୁଟି ସହ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ତିଗିରିଆ ଥାନା ଜେମାଦେଈପୁର ଅଞ୍ଚଳର ରବୀନ୍ଦ୍ର କୁମାର ଜେନା। ସେ ଭିରୁଡାରୁ ସ୍କୁଟିରେ ୪୦ ଲିଟର ଦେଶୀ ମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ହାତରେ ଧରା ପଡିଥିଲେ। ଗିରଫ ରବୀନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

## କରୋନା ପାଇଁ ୨ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଲା

**କଟକ ସଦର,୨୧।୪(ଡି.ଏନ.ଏ.)**

କରୋନା ମୁକାବିଲା ପାଇଁ କଟକ ସଦର ବ୍ଲକ ଅଞ୍ଚଳର ଖାରକଟା ଓ ଯଶପଡା ପଞ୍ଚାୟତରେ ଦୁଇଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି) ମଙ୍ଗଳବାର ଖୋଲାଯାଇଛି। ପ୍ରବାସୀ ଓଡ଼ିଆମାନେ ସଦର ଅଞ୍ଚଳକୁ ଫେରିଲେ ହୋମ୍ କ୍ୱାରେଣ୍ଟାଇନ ସୁବିଧା ନ ଥିଲେ ଏଠାରେ ରହିପାରିବେ ବୋଲି ବିଡିଓ ରାଜୀବ ଲୋଚନ ପରିଡା ସୂଚନା ଦେଇଛନ୍ତି। ଏହାଛଡା ଉକ୍ତ ବ୍ଲକର ୪ଟି ଜିଲା ପରିଷଦ ଜୋନ୍‌ରେ ଗୋଟିଏ ଲେଖାଏ ଟିଏମ୍‌ସି ଖୋଲିବା ପାଇଁ ଦାବି ହେଉଛି। ମାତ୍ର ଗୋଟିଏ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଦୁଇଟି ଟିଏମ୍‌ସି ଖୋଲିବା ପାଇଁ ନିର୍ଦ୍ଦେଶ ଆସିଛି ବୋଲି ବିଡିଓ ପରିଡା କହିଛନ୍ତି।

# ସହର ବୁଲି ସତର୍କ କଲେ ଡିସିପି

- ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ହସ୍ପିଟାଲରେ ଶଯ୍ୟା ସଂଖ୍ୟା ବୃଦ୍ଧି
- ଏ ପର୍ଯ୍ୟନ୍ତ ଦିଆଯାଇଛି ୩.୬୧ ଲକ୍ଷରୁ ଊର୍ଦ୍ଧ୍ୱ ଡୋଜ୍ ଟିକା

**କଟକ ଅଫିସ,୨୧।୪**

ସହରରେ କରୋନା ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କରୋନା କବଳରୁ ରକ୍ଷା ପାଇବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି। କରୋନା ନିୟମ ଉଲ୍ଲଂଘନ କଲେ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ କଟକ ଡିସିପି ପ୍ରତୀକ୍ ସିଂ ସମସ୍ତ ଏସିପି, ଆଇଆଇସି ଓ ଥାନା କର୍ମଚାରୀଙ୍କୁ ନେଇ ମାଲଗୋଦାମ, ଛତ୍ରବଜାର, ବାଦାମବାଡି, ଦୋଳମୁଣ୍ଡାଇ, ହରିପୁର, ଜେଲ୍‌ରୋଡ, ଚୌଧୁରୀବଜାର, ନୟାସଡ଼କ, ଚାନ୍ଦିନୀଚୌକ ଓ ଚଣ୍ଡୀମନ୍ଦିର ଛକ ଅଞ୍ଚଳ ବୁଲି କରୋନା ନିୟମ ପାଳନ ହେଉଛି କି ନାହିଁ ତାହାର ତଦାରଖ କରିଥିଲେ। ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧିବା ପାଇଁ ଦୋକାନୀ ଓ ଲୋକମାନଙ୍କୁ ଚେତାଇଥିଲେ। ଦୋକାନୀମାନେ ଯଦି ଦୋକାନରେ ସାମାଜିକ ଦୂରତା ରକ୍ଷା ନ କରିବେ ଓ ମାସ୍କ ନ ପିନ୍ଧିବେ ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଥିଲେ।

ସହରବାସୀଙ୍କୁ କରୋନା କବଳରୁ ଦୂରେଇ ରଖିବା ପାଇଁ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ ବିଭିନ୍ନ ପ୍ରୟାସ ଜାରି ରଖିଛି। ପ୍ରଶାସନ ପକ୍ଷରୁ ସହରରେ ରାତ୍ରିକାଳୀନ କର୍ଫ୍ୟୁ ଲଗାଯିବା ସହ ସପ୍ତାହାନ୍ତ ଶଟ୍‌ଡାଉନ୍ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ବାହାରୁ ଆସୁଥିବା ଲୋକମାନଙ୍କ ଆଣ୍ଟିଜେନ୍ ଓ ଆର୍‌ଟି-ପିସିଆର ପରୀକ୍ଷା କରାଯାଉଛି। ରିପୋର୍ଟ ପଜିଟିଭ୍ ଆସିଲେ ସେମାନଙ୍କୁ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରଖାଯିବା ସହ ପ୍ରବାସୀଙ୍କୁ ୭ ଦିନ ନିଜ ଘରେ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଉଛି।

କରୋନା ଆକ୍ରାନ୍ତଙ୍କ ପାଇଁ ଏସ୍‌ସିବିରେ ୫୦୦ ଶଯ୍ୟା ବ୍ୟବସ୍ଥା କରାଯାଇଥିବାବେଳେ ଓ ୬୩ଟି ଆଇସିୟୁ ଶଯ୍ୟା ରହିଛି। ସେହିପରି ଅଶ୍ୱିନୀ ହସ୍ପିଟାଲରେ ୭୫ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି। ସହରରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଆଗକୁ ଏହାକୁ ୧୨୫ ଶଯ୍ୟା ବିଶିଷ୍ଟ କରାଯିବ। ସଦ୍‌ଗୁରୁ ହସ୍ପିଟାଲରେ ୧୭୮ ଓ ସୃଷ୍ଟି ହସ୍ପିଟାଲରେ ୯୩ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି।

ଜାନୁୟାରୀ ୧୬ରୁ କଟକ ଜିଲାର ୭୯ଟି ସେଣ୍ଟରରେ ଟିକାକରଣ ଆରମ୍ଭ ହୋଇଛି। ଏ ପର୍ଯ୍ୟନ୍ତ ୩ ଲକ୍ଷ ୬୧ ହଜାରରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଲୋକମାନଙ୍କୁ ଦିଆଯାଇଛି। ତେବେ ବୁଧବାର ସରକାରୀ ଓ ବେସରକାରୀ ୯୪ଟି ସେଣ୍ଟରରେ ୮୮୦୫ ଡୋଜ୍ ଟିକା ଦିଆଯାଇଥିବା ଜିଲା ଡାଟା ମ୍ୟାନେଜର ଲୋକନାଥ ମହାପାତ୍ର ସୂଚନା ଦେଇଛନ୍ତି।



ଡିସିପି ପ୍ରତୀକ୍ ସିଂ ମାଲଗୋଦାମ ଅଞ୍ଚଳ ପରିଦର୍ଶନ କରୁଛନ୍ତି।



ରାମନବମୀ ଅବସରରେ ବୁଧବାର କଟକ ଚହଟାସ୍ଥିତ ଶ୍ରୀରାମ ନିଗମେଶ୍ୱର ମନ୍ଦିରରେ ଠାକୁରଙ୍କ ପୂଜାର୍ଚ୍ଚନା।

## ଦୋକାନରୁ ଚୋରି: ଅଭିଯୁକ୍ତ ଗିରଫ

**ଚୌଦ୍ୱାର,୨୧।୪(ଡି.ଏନ.ଏ.)**

ଦୋକାନରୁ ଚୋରି କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ସ୍ଥାନୀୟ ନୂଆସାହି ଅଞ୍ଚଳର ଛବି ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ଚୋରି ହୋଇଥିବା ୩୦୦୦ ଟଙ୍କା ଜବତ କରାଯାଇଛି। ଗତ ୧୫ ତାରିଖରେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ନଂ. ୱାର୍ଡରେ ଥିବା ସନ୍ତୋଷ କୁମାର ବଡ଼ିଆଙ୍କ ଭେରାଇଟି ଷ୍ଟୋରରୁ ୫୦୦୦ ଟଙ୍କା ଓ ଅନ୍ୟ ସାମଗ୍ରୀ ଏବଂ ଗୌତମ ସାହୁଙ୍କ ଗ୍ରୋସରି ଦୋକାନରୁ ୧୦,୦୦୦ ଟଙ୍କା ସମେତ ଅନ୍ୟ ଜିନିଷ ଚୋରିହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୬୭/୨୧) ରୁଜୁ କରିଥିଲା।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଆର୍ଥିକ ସହାୟତା



**କଟକ ଅଫିସ, ୨୧।୪**

ଖବରକାଗଜ ବିକ୍ରେତା କ୍ଷୀରୋଦ ସାହୁଙ୍କ ମହାନ୍ତିପଡ଼ାସ୍ଥିତ ତାଙ୍କ ବାସଭବନରେ ଗତ ୧୨ ତାରିଖରେ ପରଲୋକ ହୋଇଥିଲା। ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତାମାନେ ବୁଧବାର ସାହୁଙ୍କ ବାସଭବନରେ ପହଞ୍ଚିଥିଲେ। ସେଠାରେ ସଂଘ ପକ୍ଷରୁ ସାହୁଙ୍କ ସାନଭାଇ ପ୍ରଦୀପଙ୍କୁ ୫୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା।

**e-RFP**

**Office of the D.G. & I.G. of Police, Odisha, Cuttack**

No.D-10:-

1. e-RFP are invited from reputed bidders in respect of the "e-RFP" (Request for Proposal) for Selection of System Implementation Partner (SIP) for conducting Computer Based Recruitment Examinations (CBRE) & Practical Skill Test (Computer) for recruitment of Junior Clerks in DPO Cadre of Odisha Police during the current financial year, 2021-22.

**The details schedule of the e-RFP is as follows:-**

| | |
|---|---|
| Date of Publication of RFP in the Website of MSTC | 22.4.2021, 10.00 hrs. |
| Last date & time to accept pre-bid queries through email (aighdqrs@gmail.com) | 28.4.2021, 17.00 hrs. |
| *Virtual / Pre-bid Meeting (is to be communicated to interested bidders) | 3.5.2021, 11.00 hrs. |
| Publication of corrigendum to RFP (if any) in the website of Odisha Police | 7.5.2021 |
| Last date & time of submission of bid on MSTC | 13.5.2021, 17.00 hrs. |
| Date of opening of general & technical bid | 13.5.2021, 17.30 hrs. |
| Technical presentation by the bidders | 19.5.2021, 11.00 hrs. |
| Date of opening of commercial/ financial bid | 22.5.2021 |
| Venue | State Police Headquarters, Cuttack, Buxi Bazar, Odisha |
| Earnest Money Deposit (EMD) (Refundable) | There shall be no provision for earnest money deposit. However, the bidder will have to execute the bid security declaration in lieu of bid security with stipulation that if they withdraw, remodify their bills during the period of validity, they will be suspended for 2 years. |

The details of the e-RFP may be seen from the website of MSTC Limited (www.mstcecommerce.com/eproc and Odisha Police website.
Interested bidders are requested to register on above MSTC Portal www.mstcecommerce.com/eproc for details of e-RFP and participation. Any change to the above schedule shall be notified on the MSTC website i.e. (www.mstcecommerce.com/eproc.

**Sd./- A.I.G. of Police (Prov.), Odisha, Cuttack**
OIPR-12018/11/0001/2122 **Tender Calling Authority**

**Office of the District Manager**
**Odisha State Civil Supplies Corporation Ltd., Nayagarh**
**Phone: 06753-253942, District Website: www.nayagarh.nic.in**
Tender No.: 1763 Dt.19.04.21

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of Level-1 Transport Contractor for transportation of foodgrains from FSD, FCI to RRCs |
| 2 | Availability of bid document in the portal | From 22.04.2021 |
| 3 | Last date/ time for receipt of bids in the portal | 03.05.2021 upto 01.00 P.M. |
| 4 | Date / time of opening of technical bid | 06.05.2021 at 11.00 A.M. |
| 5 | Date/ time of opening of financial bid | 10.05.2021 at 11.00 A.M. |
| 6 | Name and address of the officer inviting tender | C.S.O.-cum-District Manager, O.S.C.S.C. Ltd., Nayagarh |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation / retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**

## ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା

ନିରାକାରପୁର,(ଡି.ଏନ୍.ଏ.):ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତରେ ଥିବା ଶ୍ରୀ ଶ୍ରୀ କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା କରୋନା କଟକଣା ମଧ୍ୟରେ ପାଳିତ ହୋଇଛି। ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ରଥକୁ ଗୁଣ୍ଡିଚା ମନ୍ଦିର ନିକଟକୁ ନ ନିଆଯାଇ ରଥ ୫୦ ମିଟର ଗଡ଼ି ରହିଥିଲା। ଅଶୋକାଷ୍ଟମୀ ରାତି ଓ ବୁଧବାର ଦିନତମାମ ଜୀଉମାନେ ରଥ ଉପରେ ଆସୀନ ହୋଇଥିଲେ। ବୁଧବାର ଅପରାହ୍ନ ସାଢ଼େ ୫ଟାରେ ଜୀଉମାନେ ରଥରୁ ୨ଟି ବିମାନ ଯୋଗେ ଆସି ବେଦବାଡିଠାରେ ପହଞ୍ଚିଥିଲେ। ସେଠାରେ ପଣା ଭୋଗ ହେବାପରେ ଜୀଉମାନେ କିଛି ସମୟ ବିଶ୍ରାମ ନେବା ପରେ ଶ୍ରୀ ଶ୍ରୀ ରାଧାକାନ୍ତ ଦେବଙ୍କ ମନ୍ଦିର(ଗୁଣ୍ଡିଚା ମନ୍ଦିର)କୁ ସନ୍ଧ୍ୟା ୮ଟାରେ ଆଗମନ ହୋଇଛନ୍ତି।

# ଆମ୍ବୁଲାନ୍ସ ନ ପାଇ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

**ଜଟଣୀ, ୨୧।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ କରୋନା ସଂକ୍ରମିତ ଠିକ ସମୟରେ ଆମ୍ବୁଲାନ୍ସ ନ ପାଇବାରୁ ବୁଧବାର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୮ନଂ ୱାର୍ଡର ମହାବୀର କଲୋନୀରେ ରହୁଥିବା ଜଣେ ଯୁବକ ଭୁବନେଶ୍ୱରର ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ଦେହ ଅସୁସ୍ଥ ହେବାରୁ ଗତ ୭ ଦିନ ପୂର୍ବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କରୋନା ପରୀକ୍ଷା କରାଇବାରୁ ରିପୋର୍ଟ ପଜିଟିଭ ଆସିଥିଲା। ଡାକ୍ତର ତାଙ୍କୁ ଘରେ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଇଥିଲେ। ତେବେ ସୋମବାରଠାରୁ ତାଙ୍କ ଦେହ ଅଧିକ ଦୁର୍ବଳ ହୋଇପଡ଼ିଥିବା ବେଳେ ବୁଧବାର ସକାଳେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହୋଇଥିଲା। ଘରଲୋକେ ମେଡିକାଲ ନେବାପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ ଫୋନ ଧରିଥିବା କର୍ମଚାରୀ ଜଣକ ୧୦୮ରେ କରୋନା ରୋଗୀ ନିଆଯିବାକୁ ନିର୍ଦ୍ଦେଶ ନ ଥିବା କହିଥିଲେ। ଏପରିକି ଜଟଣୀ ପୌରପରିଷଦରେ ଥିବା ଆମ୍ବୁଲାନ୍ସ ପାଇଁ ଫୋନ କରାଯାଇଥିଲା। ସେଥିରେ ମଧ୍ୟ ପରିବାର ଲୋକେ ନିରାଶ ହୋଇଥିଲେ। ଶେଷରେ ଭୁବନେଶ୍ୱରର ପରୀକ୍ଷା କରିଥିବା ଉକ୍ତ ଘରୋଇ ହସ୍ପିଟାଲକୁ ଫୋନ କରିବାରୁ ଆମ୍ବୁଲାନ୍ସ ପଠାଇଥିଲେ। ହେଲେ ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ବାଟରେ ମୃତ୍ୟୁ ହୋଇଯାଇଥିଲା ବୋଲି ପରିବାର ପକ୍ଷରୁ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ରାଜ୍ୟ ସରକାର କରୋନା ମୁକାବିଲା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଆମ୍ବୁଲାନ୍ସଟିଏ ନ ଆସିବାରୁ ଅକାଳରେ ଜଣେ ବ୍ୟକ୍ତିଙ୍କ ଜୀବନ ଚାଲିଗଲା। ଏ ସମ୍ପର୍କରେ ପୌରପ୍ରଶାସକ ତଥା ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି, ଉକ୍ତ ବ୍ୟକ୍ତିଙ୍କ ପରିବାର ପକ୍ଷରୁ ସ୍ଥାନୀୟ ପ୍ରଶାସନକୁ ସଂକ୍ରମିତ ନେଇ କୌଣସି ସୂଚନା ଦେଇ ନ ଥିଲେ। ସଂକ୍ରମିତ ନିଜ ତଥ୍ୟ ଲୁଚାଉଛନ୍ତି। ତଥ୍ୟ ଗୋପନ ରଖିବା କାରଣରୁ ସେ ଉଚିତ୍ ଚିକିତ୍ସା ପାଇପାରିଲେ ନାହିଁ। ଯାହା ଏକ ଦୁଃଖଦ ଘଟଣା। ଆମ୍ବୁଲାନ୍ସ ନିମନ୍ତେ ୯.୧୫ମିନିଟ୍‌ରେ ଫୋନ କରିଥିଲେ। ସେତେବେଳେ ଆମ୍ବୁଲାନ୍ସ ଅନ୍ୟ ରୋଗୀ କାମରେ ଯାଇଥିଲା । ଏବଂ ୧୦୮ କରୋନା ସଂକ୍ରମିତଙ୍କୁ ନେବାର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ନାହିଁ । ପୂର୍ବରୁ ଯଦି ସଂକ୍ରମିତ ନିଜ ତଥ୍ୟ ସ୍ଥାନୀୟ ପ୍ରଶାସନକୁ ଜଣାଇଥାନ୍ତେ, ତେବେ ପ୍ରଶାସନ ସମସ୍ତ ଔଷଧଠାରୁ ଆରମ୍ଭକରି ପ୍ରତିକ୍ଷଣ ମନିଟରିଂ କରି ରୋଗୀଙ୍କୁ ରକ୍ଷା କରିପାରିଥାନ୍ତା । ତେଣୁ ସମସ୍ତେ ତଥ୍ୟ ସ୍ଥାନୀୟ ପ୍ରଶାସନକୁ ଜଣାଇବା ପାଇଁ ଅନୁରୋଧ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଲେ ଜାଗୁଲାଇ



**ଜଟଣୀ,୨୧।୪(ଡି.ଏନ୍.ଏ.):**ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ଗ୍ରାମର ମା'ଜାଗୁଲାଈଙ୍କ ପୀଠରେ ଗତ ୧୨ତାରିଖରୁ ଆରମ୍ଭ ହୋଇଥିବା ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ କରୋନା କଟକଣା ମଧ୍ୟରେ ପାଳିତ ହେଉଛି। ଏହି ନବରାତ୍ର ସମୟରେ ମା' ପ୍ରତିଦିନ ବିଭିନ୍ନ ବେଶରେ ଭକ୍ତଗଣଙ୍କୁ ଦର୍ଶନ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ମା' ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଇଥିଲେ । ବୁଧବାର ନବମ ଦିବସରେ ପ୍ରାତଃସମୟରୁ ସୂର୍ଯ୍ୟପୂଜା, ଚଣ୍ଡୀପାଠ ଓ ସନ୍ଧ୍ୟାରେ ମହାସ୍ନାନ ପରେ ମା'ସିଦ୍ଧିଦାତ୍ରୀ ବେଶରେ ଚତୁଃଭୂଜା, ଶଙ୍ଖ, ଚକ୍ର, ଗଦା ଓ ପଦ୍ମଧାରଣ କରି ଦର୍ଶନ ଦେଇଥିଲେ। ନବମୀ ପୂଜାରେ ମା'ଙ୍କ କୁମାରୀ ପୂଜା ବେଶ ଆକର୍ଷଣୀୟ ହୋଇଥିଲା । ୯ ଜଣ କୁମାରୀ କନ୍ୟାଙ୍କୁ ମା'ଙ୍କ ୯ଟି ରୂପରେ ବେଶ କରାଯାଇ ଯଜ୍ଞ ମଣ୍ଡପରେ ପୂଜା କରାଯାଇଥିଲା। କର୍ତ୍ତା ଅଭିରାମ କର ସପତ୍ନୀକ ପ୍ରଥମେ ବନ୍ଦପନା କରିବା ପରେ ଅନ୍ୟ ବ୍ରତଧାରୀମାନେ ବନ୍ଦାପନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ସଭାପତି ରାଧାମୋହନ ପଟ୍ଟନାୟକ, ଉପ-ସଭାପତି ଅଶୋକ ଦାସ, ସହ-ସମ୍ପାଦକ ଶଶିକାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହାଣୀ, ଚକ୍ରଧର ଦାସ, ସରୋଜ ପାଇକରାୟ, କୃତିବାସ ପୃଷ୍ଟି, ଭାଗୀରଥି ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### 'ରାମାୟଣ ମାନବୀୟ ମୂଲ୍ୟବୋଧ ସହ ଜଡ଼ିତ'

**ଖୋର୍ଦ୍ଧା ଅଫିସ,୨୧।୪:** ଶ୍ରୀଚୈତନ୍ୟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଚୈତନ୍ୟ ବିହାର ପରିସରରେ ବୁଧବାର ଶ୍ରୀରାମଚନ୍ଦ୍ରଙ୍କ ଜନ୍ମାଭିଷେକ ନୀତି ନିରାଡମ୍ବରରେ ଭାବେ ପାଳିତ ହୋଇଛି। ଏହି ଅବସରରେ ଶ୍ରୀରାମଚରିତ ମାନସରୁ ଶ୍ରୀରାମଙ୍କ ଜନ୍ମ ପ୍ରସଙ୍ଗ ଏବଂ ଓଡ଼ିଆ ଭାଗବତ ନବମ ସ୍କନ୍ଧ ଦଶମ ଅଧ୍ୟାୟରୁ ଶ୍ରୀରାମଲୀଳା ପ୍ରସଙ୍ଗ ପାରାୟଣ କରାଯାଇଥିଲା। ବୋଧାୟନ ମହାରାଜ, ବ୍ରଜ ବାବା, ଅନନ୍ତକର ଦାସ ବାବାଜୀ, ଗୋପବନ୍ଧୁ ପଣ୍ଡା, ଯୋଗେଶ୍ୱର ସିଂ, ଶିଶିର ରାଉତ, ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ରାମାୟଣ ମାନବୀୟ ମୂଲ୍ୟବୋଧ ସହିତ ଜଡିତ ବୋଲି ମତ ପ୍ରକାଶ ପାଇଥିଲା। ଜୟ ନାରାୟଣ ପଟ୍ଟନାୟକ ପରିଚାଳନା କାର୍ଯ୍ୟକ୍ରମ କରିଥିଲେ।

### ୮ହଜାର ଜରିମାନା, ୩ ଚାଳକଙ୍କ ଡିଏଲ ରଦ୍ଦ

**ନିରାକାରପୁର, ୨୧।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପୋଲିସ ପକ୍ଷରୁ ବୁଧବାର ଥାନା ସମ୍ମୁଖରେ ଥିବା ନୂଆ ଜଗନ୍ନାଥ ସଡ଼କ ଉପରେ ହେଲମେଟ, ମାସ୍କ ଚେକିଂ କରାଯାଉଥିଲା। ଏହି ସମୟରେ କେତେଜଣ ଅମାନିଆ କରୋନା ନିୟମକୁ ନ ମାନି ବିନା ମାସ୍କ ଓ ହେଲ୍‌ମେଟ ଗାଡ଼ି ଚଳାଉଥିବାରୁ ଧରାପଡ଼ିଥିଲେ। ହେଲମେଟ୍ ପିନ୍ଧି ନ ଥିବା ବାବଦକୁ ୬ହଜାର ଟଙ୍କା, ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ୧୮ଶହ ଟଙ୍କା ଆଦାୟ କରିଥିବା ବେଳେ ହେଲମେଟ ପିନ୍ଧି ନ ଥିବା ତିନିଜଣ ଲୋକଙ୍କର ଲାଇସେନ୍ସ ରଦ୍ଦ କରାଯାଇଛି। ଏ ନେଇ ଚେକିଂ ଦାୟିତ୍ୱରେ ଥିବା ଏସ୍‌ଆଇ ବିଚିତ୍ରାନନ୍ଦ ପରିଡ଼ା କୁହନ୍ତି, ଲୋକମାନଙ୍କୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ କେତେଜଣ ଅମାନିଆ ନିୟମ ମାନୁ ନାହାନ୍ତି। ତେଣୁ ସେମାନଙ୍କଠାରୁ ଜୋରଦାର ଫାଇନ ଆଦାୟ କରାଯିବା ସହ ଡିଏଲ୍ ରଦ୍ଦ କରାଯାଇ ସଚେତନ ମଧ୍ୟ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।



ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଷଷ୍ଠ ଶ୍ରାଦ୍ଧ ଉତ୍ସବ ବୁଧବାର ଜାନକୀବଲ୍ଲଭ ଉଦ୍ୟାନ ପରିସରରେ ଜାନକୀ ବଲ୍ଲଭ ସ୍ମୃତି କମିଟି ପକ୍ଷରୁ ବିଧାୟକ ଓ କମିଟି ସଦସ୍ୟମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିଚାରଣ

**ଖୋର୍ଦ୍ଧା ଅଫିସ,୨୧।୪**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଷଷ୍ଠତମ ଶ୍ରାଦ୍ଧ ଉତ୍ସବ ବୁଧବାର ଜାନକୀ ବଲ୍ଲଭ ଉଦ୍ୟାନ ପରିସରରେ ଜାନକୀ ବଲ୍ଲଭ ସ୍ମୃତି କମିଟି ପକ୍ଷରୁ ପାଳିତ ହୋଇଯାଇଛି। ସମ୍ପାଦକ ସଞ୍ଜୀବ ପଟ୍ଟନାୟକଙ୍କ ସଂଯୋଜନରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଶିକ୍ଷାବିତ୍ କ୍ଷୀରେଦ ଚନ୍ଦ୍ର ମହାନ୍ତି, ଆଇନଜୀବୀ ବିଚିତ୍ର ବଡଜେନା, ଗୁରୁଚରଣ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଜାନକୀ ବଲ୍ଲଭଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ପ୍ଲାବନ ପଟ୍ଟନାୟକ, ଅମିତ ମହାନ୍ତି, ଶିଳାଦିତ୍ୟ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁଧାର ଗୃହରୁ ୫ ବଙ୍ଗୀୟ ରୂପଜୀବୀ ଫେରାର

**ଯାଁଳା,୨୧।୪(ଡି.ଏନ୍.ଏ.)**

**ପୂର୍ବରୁ ୨ ଫେରାର ହୋଇଯାଇଥିଲେ**

ଯାଁଳା ଫାଣ୍ଡି ଅଧୀନ ଓଗାଳପଡା ଗ୍ରାମରେ ଥିବା ଏକ ସୁଧାର ଗୃହରୁ ୫ଜଣ ବଙ୍ଗୀୟ ରୂପଜୀବୀ ୧୫ତାରିଖରେ ଫେରାର ହୋଇଯାଇଛନ୍ତି। ଏ ନେଇ ଗୃହର ସୁପରିଣ୍ଟେଣ୍ଡେଣ୍ଟ ବିଷ୍ଣୁପ୍ରିୟା ମହାନ୍ତି ଯାଁଳା ଫାଣ୍ଡିରେ ୧୬ତାରିଖରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ବିଭିନ୍ନ ସ୍ଥାନରେ ଛାନଭିନ ଆରମ୍ଭ କରିଛି। ସୂଚନାଯୋଗ୍ୟ, ୨୦୨୦ରେ ଲିଙ୍ଗରାଜ ଥାନା ଅଞ୍ଚଳରେ ଏସ୍‌ଟିଏଫ ଏକ ସେକ୍ସ ର୍‍ୟାକେଟ ଠାବ କରି ୭ଜଣ ବଙ୍ଗୀୟ ରୂପଜୀବୀଙ୍କୁ ଉଦ୍ଧାର କରିଥିଲା। ପରେ ସେମାନଙ୍କୁ ଯାଁଳାସ୍ଥିତ ସୁଧାର ଗୃହରେ ରଖିଥିଲେ। ସେଠାରେ ରହିବା ପରେ ମଧ୍ୟ ଏହି ରୂପଜୀବୀମାନେ ଫେରାର ହେବା ପାଇଁ ଯୋଜନା କରିଆସୁଥିଲେ। ଏହି ଯୋଜାନରେ ପୂର୍ବରୁ ୨ ଜଣ ଖସିଯିବାରେ ସଫଳ ହୋଇଥିଲେ। ତେବେ ଗତ ୧୫ ତାରିଖ ବିଳମ୍ବିତ ରାତିରେ ସମସ୍ତେ ଶୋଇଥିବାବେଳେ ଗୃହର ଗ୍ରୀଲ ତାଡ଼ି ୫ଜଣ ରୂପଜୀବୀ ଖସିଯାଇଥିଲେ। ସକାଳୁ ସୁପରିଣ୍ଟେଣ୍ଡେଣ୍ଟ ଚେକିଂ ପାଇଁ ଆସିଥିବାବେଳେ ସେମାନଙ୍କୁ ନ ଥିବା ଦେଖି ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ଗ୍ରୀଲ ତାଡ଼ି ହୋଇଥିବା ଦେଖିବା ସହ ଫେରାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ବାୟାପଲ୍ଲୀ, ବିଶ୍ୱନାଥପୁର ଗ୍ରାମ ହେଲା ସାନିଟାଇଜ




**ବୋଲଗଡ,୨୧।୪(ଡି.ଏନ୍.ଏ.)**

ରାଜ୍ୟରେ କରୋନାର ୨ୟ ଲହର ସଂକ୍ରମଣ ବଢ଼ିଚାଲିଥିବା ବେଳେ ବୋଲଗଡ ବ୍ଲକ ଅଞ୍ଚଳରେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇ ୩୩ ହେଲେଣି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ସଂକ୍ରମଣକୁ ଦୃଷ୍ଟିରେ ରଖି ବୁଧବାର ବ୍ଲକର ସାନପଦର ପଞ୍ଚାୟତର ବାୟାପଲ୍ଲୀ ଏବଂ ବିଶ୍ୱନାଥପୁର ଗ୍ରାମକୁ ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ ପଞ୍ଚାୟତ ପକ୍ଷରୁ ସରପଞ୍ଚ ରେଣୁବାଳା ସାହୁଙ୍କ ପରାମର୍ଶରେ ସାନିଟାଇଜ କରାଯାଇଛି। ଉଲ୍ଲେଖ ଥାଉ କି, କରୋନା ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ ପ୍ରଶାସନ ପକ୍ଷରୁ କୋଭିଡ୍ କଟକଣା ନିୟମ ଲାଗୁ କରାଯାଇଥିବା ବେଳେ ମାସ୍କ ଚେକିଂକୁ କଡ଼ାକଡ଼ି କରାଯାଉଛି। ସେହିପରି କରୋନା ଟିକାକରଣ କାର୍ଯ୍ୟକ୍ରମ ମଧ୍ୟ ଚାଲୁରହିଛି ।

# ଚୋରା କରତକଳରେ ବନ ବିଭାଗର ଚଢ଼ାଉ



ବନ ବିଭାଗ କର୍ମଚାରୀମାନେ ଏକ କରତକଳ ଉପରେ ଚଢ଼ାଉ କରୁଛନ୍ତି।

**ନିରାକାରପୁର, ୨୧।୪(ଡି.ଏନ୍.ଏ.)**

**ଟ୍ରାକ୍ଟର ନେଇ ମାଫିଆ ଫେରାର**

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ନାକତଳେ ଦୀର୍ଘବର୍ଷ ହେବ ଅନେକ ଚୋରା କରତକଳ ଚାଲୁ ରହିଛି। ବିଶେଷସୂତ୍ରରୁ ଖବରପାଇ ଭୁଷଣ୍ଡପୁର ଫରେଷ୍ଟର ସଦଳବଳ ଘଟଣାସ୍ଥଳରେ ବୁଧବାର ଚଢ଼ାଉ କରି ଗୋଟିଏ କରତ କଳକୁ ଜବତ କରିଛନ୍ତି। ସୂଚନା ଅନୁଯାୟୀ, ଟାଙ୍ଗୀ ବନାଞ୍ଚଳ ଅଧୀନ ସୁନ୍ଦରପୁର ପଞ୍ଚାୟତ ଭଜାଗଡ଼ ନିକଟରେ ଦୀର୍ଘ ବର୍ଷ ହେବ ଏକ ବିରାଟ ଚୋରା କରତକଳ ମାଫିଆମାନେ ଚଳାଇ ଆସୁଥିଲେ। ଖବରପାଇ ଭୁଷଣ୍ଡପୁର ଫରେଷ୍ଟରଙ୍କ ସମେତ କର୍ମଚାରୀମାନେ ବୁଧବାର ସେଠାରେ ପହଞ୍ଚି ବହୁ ପରିମାଣରେ ଦାମୀ କାଠ ସହ କରତକଳକୁ ଜବତ କରିଥିଲେ। କିନ୍ତୁ ଏହି କାର୍ଯ୍ୟ ଚଳାଉଥିବା ମାଫିଆମାନେ ବନ ବିଭାଗ ଆସିବାର ସୁରାକ ପାଇ ଏଥିରେ ବ୍ୟବହୃତ ଟ୍ରାକ୍ଟରରେ ଲାଗିରହିଥିବା ଜେନେରଟର ମେଶିନକୁ ନେଇ ଫେରାର ହୋଇଯାଇଥିଲେ। ଫଳରେ ବନ କର୍ମଚାରୀମାନେ ଚଢ଼ାଉ କରିବା ସତ୍ତ୍ୱେ କାହାକୁ ଗିରଫ କରି ନ ପାରି ନିରାଶ ହୋଇ ଫେରିଛନ୍ତି। କେବଳ କରତକଳରୁ ବହୁ ଦାମୀ କାଠ ଓ ଅନ୍ୟାନ୍ୟ ଜବତ ଜିନିଷକୁ ଟାଙ୍ଗୀ ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇଛି ବୋଲି ଫରେଷ୍ଟର ସିଦ୍ଧୁ ଚରଣ ସିଂ ସୂଚନା ଦେଇଛନ୍ତି।




ବସ୍ତି ସ୍ୱଚ୍ଛତା ପାଇଁ ଲୋକମାନେ ଶପଥ ନେଉଛନ୍ତି।

## 'ଆମ ବସ୍ତି ସୁରକ୍ଷା ଆମ ହାତରେ'

**ଖୋର୍ଦ୍ଧା ଅଫିସ, ୨୧।୪**

**ସ୍ୱଚ୍ଛତା ପାଇଁ ସଂକଳ୍ପ ନେଲେ ମହିଳା**

ଖୋର୍ଦ୍ଧା ସହରରେ କୋଭିଡ ପରିଚାଳନା ଲାଗି ପ୍ରତ୍ୟେକ ସାହି ବସ୍ତିରେ କମିଟି ଗଠନ ହୋଇଛି। ଏହି କମିଟି ନିଜ ବସ୍ତିରେ ନିୟମିତ କୋଭିଡ ସ୍ଥିତି ସମୀକ୍ଷା କରୁଛନ୍ତି। ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ଏବଂ ପୌରନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ 'ଆମ ବସ୍ତି ସୁରକ୍ଷା ଆମ ହାତରେ' ଅଭିଯାନ ଆରମ୍ଭ ହୋଇଛି। ବସ୍ତିରେ ମହିଳାମାନେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହ ହାତରେ ପ୍ଲା କାର୍ଡ ଧରି ସାହି ବାସିନ୍ଦାଙ୍କୁ ସଚେତନ କରୁଛନ୍ତି। ମାସ୍କ ପିନ୍ଧିବା, ସାନିଟାଇଜେଶନ କରିବା ସହ ସାମାଜିକ ଦୂରତା ରକ୍ଷା ପାଇଁ ବୁଝାଉଛନ୍ତି।

ବସ୍ତିରୁ କରୋନା ଦୂରେଇବା ପାଇଁ ଉପଜିଲାପାଳ ଘରଧୁଆ ଅଭିଯାନ ଲାଗି ମହିଳାଙ୍କୁ ଆହ୍ୱାନ କରିଥିଲେ। ବୁଧବାର ଖୋର୍ଦ୍ଧା ପୌରାଞ୍ଚଳର ୨୪ଟି ବସ୍ତିରେ ମହିଳାମାନେ ନିଜ ଘରର ଆବର୍ଜନା ସଫା କରିବା ସହ ଘରଦାଣ୍ଡ ଲିପାପୋଛା କରିଥିଲେ। ପୌର ପ୍ରଶାସନ ପକ୍ଷରୁ ବ୍ଲିଚିଂ ପାଉଡର ଯୋଗାଇ ଦିଆଯାଇଥିଲା। ମହିଳାମାନେ ନିଜ ଘର ଓ ପରିବେଶକୁ ସଫା ରଖିବା ଲାଗି ସଂକଳ୍ପ ନେଇଛନ୍ତି। ଉପଜିଲାପାଳ ଓ ପୌର ନିର୍ବାହୀ ଅଧିକାରୀ ବସ୍ତି ବୁଲି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ପୌର ନିର୍ବାହୀ ଅଧିକାରୀ କହିଛନ୍ତି, ବସ୍ତି ଅଞ୍ଚଳକୁ କୋଭିଡ ମୁକ୍ତ କରିବା ଲାଗି ଏହି ଅଭିଯାନ ଆରମ୍ଭ ହୋଇଛି। ଆଗକୁ ଏହାକୁ ବ୍ୟାପକ କରାଯିବ।

## ଫିକା ପଡ଼ିଲା ରାମ ନବମୀ

**ଯାଁଳା,୨୧।୪(ଡି.ଏନ୍.ଏ.)**

କୋଭିଡ୍ କଟକଣା ପାଇଁ ଜଟଣୀ ବ୍ଲକ ମୁଣ୍ଡମୁହାଣ ଶ୍ରୀ ରଘୁନାଥ ଦେବଙ୍କ ପୀଠରେ ଆୟୋଜିତ ରାମ ନବମୀ ଫିକା ପଡ଼ିଛି। କରୋନା ପାଇଁ ଚଳିତବର୍ଷ ବି କଟକଣା ମଧ୍ୟରେ ନିରାଡ଼ମ୍ବରରେ ପାଳନ ହେଉଛି ପ୍ରଭୁ ଶ୍ରୀରାମଙ୍କ ଜନ୍ମଦିନ। ରାମ ନବମୀଠାରୁ ମୁଣ୍ଡମୁହାଣସ୍ଥିତ ଶ୍ରୀରଘୁନାଥ ମନ୍ଦିର ପରିସରରେ ୧୫ଦିନ ବ୍ୟାପୀ ରାମଲୀଳା ନାଟକ ପରିବେଷଣ ହୁଏ। ଏହି ରାମଲୀଳା ନାଟକ ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୁଏ। କିନ୍ତୁ କରୋନା ପାଇଁ ବିନା ଭକ୍ତରେ ଶ୍ରୀରାମଙ୍କ ଜନ୍ମଦିନ ଓ ରାମଲୀଳା ପାଳିବାକୁ ନାଟ୍ୟ ସଂସଦ ପକ୍ଷରୁ କୁହାଯାଇଛି। ଏହି ଦିନ ଭକ୍ତମାନେ ମଧ୍ୟ ବାହାରେ ରହି ଠାକୁରଙ୍କ ପୂଜାର୍ଚ୍ଚନା କରି ଫେରିଥିଲେ।

**e-RFP**

**Office of the D.G. & I.G. of Police, Odisha, Cuttack**

No.D-10:-

1. e-RFP are invited from reputed bidders in respect of the "e-RFP" (Request for Proposal) for Selection of System Implementation Partner (SIP) for conducting Computer Based Recruitment Examinations (CBRE) & Practical Skill Test (Computer) for recruitment of Junior Clerks in DPO Cadre of Odisha Police during the current financial year, 2021-22.

**The details schedule of the e-RFP is as follows:-**

| | |
|---|---|
| Date of Publication of RFP in the Website of MSTC | 22.4.2021, 10.00 hrs. |
| Last date & time to accept pre-bid queries through email (aighdqrs@gmail.com) | 28.4.2021, 17.00 hrs. |
| *Virtual / Pre-bid Meeting (is to be communicated to interested bidders) | 3.5.2021, 11.00 hrs. |
| Publication of corrigendum to RFP (if any) in the website of Odisha Police | 7.5.2021 |
| Last date & time of submission of bid on MSTC | 13.5.2021, 17.00 hrs. |
| Date of opening of general & technical bid | 13.5.2021, 17.30 hrs. |
| Technical presentation by the bidders | 19.5.2021, 11.00 hrs. |
| Date of opening of commercial/ financial bid | 22.5.2021 |
| Venue | State Police Headquarters, Cuttack, Buxi Bazar, Odisha |
| Earnest Money Deposit (EMD) (Refundable) | There shall be no provision for earnest money deposit. However, the bidder will have to execute the bid security declaration in lieu of bid security with stipulation that if they withdraw, remodify their bills during the period of validity, they will be suspended for 2 years. |

The details of the e-RFP may be seen from the website of MSTC Limited (www.mstcecommerce.com/eproc and Odisha Police website.
Interested bidders are requested to register on above MSTC Portal www.mstcecommerce.com/eproc for details of e-RFP and participation.
Any change to the above schedule shall be notified on the MSTC website i.e. (www.mstcecommerce.com/eproc.

**Sd./- A.I.G. of Police (Prov.), Odisha, Cuttack**
OIPR-12018/11/0001/2122 **Tender Calling Authority**

**Office of the District Manager**
**Odisha State Civil Supplies Corporation Ltd., Nayagarh**
**Phone: 06753-253942, District Website: www.nayagarh.nic.in**
Tender No.: 1763 Dt.19.04.21

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of Level-1 Transport Contractor for transportation of foodgrains from FSD, FCI to RRCs |
| 2 | Availability of bid document in the portal | From 22.04.2021 |
| 3 | Last date/ time for receipt of bids in the portal | 03.05.2021 upto 01.00 P.M. |
| 4 | Date / time of opening of technical bid | 06.05.2021 at 11.00 A.M. |
| 5 | Date/ time of opening of financial bid | 10.05.2021 at 11.00 A.M. |
| 6 | Name and address of the officer inviting tender | C.S.O.-cum-District Manager, O.S.C.S.C. Ltd., Nayagarh |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation / retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**

# ସଂକ୍ରମଣ ବଢୁଛି, ଟିକାକରଣ କମୁଛି

**ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସପ୍ତାହରେ ୨୬୨ ସଂକ୍ରମିତ**

**ଖୋର୍ଦ୍ଧା ଅଫିସ,୨୧।୪**

ରାଜଧାନୀ ଭୁବନେଶ୍ୱର ସହିତ ତାଳ ଦେଇ ଖୋର୍ଦ୍ଧା ଗ୍ରାମାଞ୍ଚଳରେ କୋଭିଡ୍ ସଂକ୍ରମଣ ହାର କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ୬୮ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସପ୍ତାହକ ମଧ୍ୟରେ ୨୬୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୁଧବାର ଆକ୍ରାନ୍ତଙ୍କୁ ମିଶାଇ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୩୮୫୧ ଜଣ ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୫୩୦ ସୁସ୍ଥ ହୋଇଥିବା ବେଳେ ୨୬୪ଜଣ ସକ୍ରିୟ ରହିଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଛି।

କରୋନା ନିୟନ୍ତ୍ରଣ ଲାଗି ସରକାର ଟିକାକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଆବଶ୍ୟକ ସଂଖ୍ୟକ ଟିକା ଅଭାବରୁ ଟିକାକରଣ ହାର କମିବାରେ ଲାଗିଛି। ଏପରି କି ଟିକାକରଣ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଦୈନିକ ୯ଶହରୁ ଊର୍ଦ୍ଧ୍ୱ କୋଭିଡ ପରୀକ୍ଷା କରାଯାଉଛି। ଆଗକୁ କୋଭିଡ ପରୀକ୍ଷା ବୃଦ୍ଧି କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବୁଧବାର ଖୋର୍ଦ୍ଧା ଗ୍ରାମାଞ୍ଚଳର ୧୦ ବ୍ଲକରେ ୯୨୪ଜଣଙ୍କ କୋଭିଡ ପରୀକ୍ଷା କରାଯାଇଛି। ସେଥିମଧ୍ୟରେ ୩୨୦ ଜଣ ଆର୍‌ଟି-ପିସିଆର ଓ ୬୦୪ଜଣ ଆଣ୍ଟିଜେନ ରହିଛନ୍ତି। ଜିଲାପାଳ ସନତ ମହାନ୍ତି କହିଛନ୍ତି, ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସଂକ୍ରମଣ ନିୟନ୍ତ୍ରଣ ଲାଗି ବିଭିନ୍ନ ପଦକ୍ଷେପ ନିଆଯାଇଛି। ଆର୍‌ଆର୍‌ଟି ଟିମ୍ ପ୍ରତି ବ୍ଲକରେ ହୋମ ଆଇସୋଲେଶନରେ ରହିଥିବା ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି। ସହରରେ ସାହି, ବସ୍ତିରେ କମିଟି ଗଠନ କରାଯାଇ ନିୟମିତ ସମୀକ୍ଷା ଚାଲିଛି। ପଞ୍ଚାୟତସ୍ତରରେ ସରପଞ୍ଚମାନଙ୍କୁ ନିଜ ପଞ୍ଚାୟତର ସ୍ଥିତି ସମୀକ୍ଷା ସହ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଲାଗି କୁହାଯାଇଛି। ସେହିପରି ବ୍ଲକସ୍ତରରେ ବିଡିଓ, ତହସିଲଦାରମାନେ ନିଜ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରିବେ। ଖୋର୍ଦ୍ଧା ଓ ଭୁବନେଶ୍ୱର ଉପଜିଲାପାଳ ନିଜ ଉପଖଣ୍ଡ ଅଞ୍ଚଳରେ ଥିବା ପୌରାଞ୍ଚଳ, ଏନ୍‌ଏସି ଓ ବ୍ଲକରେ ସ୍ଥିତି ସମୀକ୍ଷା କରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁରକ୍ଷିତ ରଖିବା ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମେଡିକାଲ ପରିସରରେ ଅଯଥା ଗହଳି ହଟାଇବା ଲାଗି କୁହାଯାଇଛି। ଓପିଡି ସଂଖ୍ୟା ହ୍ରାସ ଲାଗି ଟେଲି ମେଡିସିନ ସୁବିଧା ଖୁବଶୀଘ୍ର ଆରମ୍ଭ କରାଯିବ।

## ଚିନ୍ତା ବଢ଼ାଇବେ ପ୍ରବାସୀ

ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଛତିଶଗଡ ପ୍ରଭୃତି ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଆରମ୍ଭ ହୋଇଛି। ଦିଲ୍ଲୀରେ ଲକଡାଉନ ସ୍ଥିତି ଫେରିଛି। ଫଳରେ ବାହାର ରାଜ୍ୟରେ କାମ କରୁଥିବା ପ୍ରବାସୀ ଶ୍ରମିକମାନେ ବର୍ତ୍ତମାନ ଘରମୁହାଁ ହେବାରେ ଲାଗିଛନ୍ତି। ପ୍ରବାସୀ ଓଡ଼ିଆ ଫେରିବା ପରେ ପୁଣି ଚିନ୍ତା ବଢ଼ାଇପାରନ୍ତି। କରୋନା ସଂକ୍ରମଣଙ୍କ ଚିକିତ୍ସା ଲାଗି ପର୍ଯ୍ୟାପ୍ତ ଚିକିତ୍ସାଳୟ, ଶଯ୍ୟା, ଆଇସିୟୁ, ଅକ୍ସିଜେନ୍ ଅଭାବ ରହିଛି। ଏଭଳି ସ୍ଥିତିରେ ଓଡ଼ିଶାମୁହାଁ ପ୍ରବାସୀଙ୍କ ସଂକ୍ରମଣକୁ ଏଡ଼ାଇ ଦିଆଯାଇ ନ ପାରେ। ଗତ ବର୍ଷ କରୋନା ସମୟରେ ଖୋର୍ଦ୍ଧା ଗ୍ରାମାଞ୍ଚଳକୁ ୨୫ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଫେରିଥିଲେ। ସେମାନଙ୍କ ମଧ୍ୟରେ ଚିଲିକା, ବାଣପୁର ଓ ଟାଙ୍ଗୀ ଅଞ୍ଚଳର ବହୁ ଶ୍ରମିକ ରହିଥିଲେ। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ପ୍ରଶାସନ ଆଗୁଆ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## କୋଭିଡ୍ ସ୍ଥିତି ପରଖିଲେ ଏସ୍‌ପି

ନିମାପଡ଼ା,(ଡି.ଏନ୍.ଏ.): ପୁରୀ ଏସ୍‌ପି କନୱର ବିଶାଳ ସିଂ ବୁଧବାର ସନ୍ଧ୍ୟାରେ ଅଚାନକ ନିମାପଡ଼ା ଥାନା ପରିଦର୍ଶନ କରିଛନ୍ତି। ଏସ୍‌ପି ସିଂ ନିମାପଡ଼ା ଅଞ୍ଚଳରେ କରୋନା ସ୍ଥିତି, ନାଇଟ କର୍ଫ୍ୟୁ ବ୍ୟବସ୍ଥା, ମାସ୍କ ଚେକିଂ, ପୋଲିସ କର୍ମଚାରୀମାନେ କୋଭିଡ ଟିକା ନେବା, ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ। ମାସ୍କ ଚେକିଂ ସହ ନାଇଟ କର୍ଫ୍ୟୁ କଡ଼ାକଡ଼ି କରିବା ପାଇଁ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ସିଂ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଏସ୍‌ଡିପିଓ ପ୍ରଦୀପ କୁମାର ଦଳେଇ, ଆଇଆଇସି ଜନାର୍ଦ୍ଦନ ପାଢ଼ୀଙ୍କ ସମେତ ଥାନାର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୪୯ଜଣଙ୍କ ନାଁରେ ମାମଲା, ଗାଁ ପୁରୁଷଶୂନ୍ୟ ଜନ୍ତାଳ ଭୋଗକୁ ନେଇ ବୋମାମାଡ଼ ଘଟଣା

ବ୍ରହ୍ମଗିରି,୨୧।୪(ଡି.ଏନ୍.ଏ.): ଜନ୍ତାଳ ଭୋଗକୁ କେନ୍ଦ୍ର କରି ବ୍ରହ୍ମଗିରି ଥାନା ଅନ୍ତର୍ଗତ ବଡବନ୍ଧକେରା ଗ୍ରାମରେ ମଙ୍ଗଳବାର ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ଏ ନେଇ ଥାନାରେ ୨ଟି ପୃଥକ ଅଭିଯୋଗ ହୋଇଛି। ୨ଟି ଅଭିଯୋଗକୁ ଭିତ୍ତିକରି ପୋଲିସ ୪୯ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଭୟରେ ଗାଁ ଏବେ ପୁରୁଷଶୂନ୍ୟ ହୋଇପଡିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ଗ୍ରାମ ଠାକୁରାଣୀ ବିଞ୍ଝେଶ୍ୱରୀଙ୍କ ନିକଟରେ ମଙ୍ଗଳବାର ଜନ୍ତାଳ ଭୋଗକୁ କେନ୍ଦ୍ର କରି ଉକ୍ତ ଗ୍ରାମର ୨ଗୋଷ୍ଠୀଙ୍କ ମଧ୍ୟରେ ବଚସାରୁ ଆରମ୍ଭ ହୋଇ ଶେଷରେ ବୋମାମାଡ଼ ପର୍ଯ୍ୟନ୍ତ ଯାଇଥିଲା। ବୋମାମାଡ଼ରେ ଉଭୟ ଗୋଷ୍ଠୀର ମନୋଜ ପାଣିଙ୍କ ହାତ କଟିଯିବା ସହ ଅନ୍ୟଜଣେ ଗୁରୁତର ହୋଇଥିଲେ। ଏ ନେଇ ୨ଗୋଷ୍ଠୀ ପକ୍ଷରୁ କୁମାରୀ ପାଣି ଓ ସୁଲୋଚନା ପରିଡ଼ା ପୃଥକ ଭାବେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । କୁମାରୀଙ୍କ ଅଭିଯୋଗରେ ୧୮ଜଣ ଏବଂ ସୁଲୋଚନାଙ୍କ ଅଭିଯୋଗରେ ୩୧ ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରି ଗାଁକୁ ଜଗି ରହିଛି। ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବା ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ ଶତପଥୀ କହିଛନ୍ତି।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲା ପରିବାର**

ପୁରୀ ଅଫିସ, ୨୧।୪: ପୁରୀ ସିଦ୍ଧମହାବୀର ହୁଲୁହୁଲିଆ ପୋଲ ପାଖ ରେଳଧାରଣାରୁ ବୁଧବାର ଜଣେ ଯୁବକଙ୍କ ମୃତଦେହକୁ ଆର୍‌ପିଏଫ୍ ଜବତ କରିଛି। ମୃତକ ହେଉଛନ୍ତି ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରରାମଚନ୍ଦ୍ରପୁର ପଞ୍ଚାୟତ କବିରାଜ ଗ୍ରାମର ମୁରଲୀଧର ପଣ୍ଡାଙ୍କ ପୁଅ ମନମୋହନ ପଣ୍ଡା(୨୭)। ସେ ଭୁବନେଶ୍ୱରରେ ମେଡିସିନ୍ ରିପ୍ରେଜେଣ୍ଟେଟିଭ ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୧) ରୁଜୁ କରିଛି। ପୁରୀ-କଟକ ଶଟଲ ଟ୍ରେନ ଯିବାବେଳେ ମନମୋହନଙ୍କୁ ଧକ୍କା ଦେଇଥାଇପାରେ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ମନମୋହନ ଟ୍ରେନ୍‌ରୁ ଖସିପଡ଼ିଥିବା ପରିବାରବର୍ଗ କହିବା ସହ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କୁ କେହି ଟ୍ରେନ୍‌ରୁ ଠେଲିଦେଇଥିବା ସେମାନେ ଅଭିଯୋଗ ଆଣି ତଦନ୍ତ ଦାବି କରିଛନ୍ତି। ତେବେ ଏ ନେଇ ଆର୍‌ପିଏଫ୍ ଥାନା ଅଧିକାରୀ ଅନିଲ କୁମାର ସିଂ କହିଛନ୍ତି, ଆମେ ପୂର୍ବାହ୍ନ ୯ଟାରେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲୁ। ମନମୋହନ ଟ୍ରେନ୍ ଲାଇନ୍ ପାରି ହେବାବେଳେ ଟ୍ରେନ୍‌ରେ କଟି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ତଦନ୍ତ ଜାରି ରହିଛି। ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

### ଟିକା ବିଳମ୍ବରେ ଆସିବାରୁ ଲୋକେ ଅସନ୍ତୁଷ୍ଟ

ନିମାପଡ଼ା,୨୧।୪(ଡି.ଏନ୍.ଏ.): ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ସକାଳ ୬ଟାରୁ ପ୍ରାୟ ୩ଶହ ଲୋକ ଟିକା ନେବା ପାଇଁ ଆସି ଲମ୍ବାଧାଡ଼ିରେ ଛିଡ଼ା ହୋଇଥିଲେ। ୪/୫ଘଣ୍ଟା ଅପେକ୍ଷା କରି ଟିକା ଆସି ନ ଥିବା ଜାଣି ବିରକ୍ତ ହୋଇ ହୋହଲ୍ଲା କରିଥିଲେ। ପ୍ରାୟ ୫ ଘଣ୍ଟା ପରେ ପୁରୀରୁ ଟିକା ପହଞ୍ଚିଥିଲା। ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପର୍ଯ୍ୟାପ୍ତ ପରିମାଣର ଟିକା ଯୋଗାଇବାକୁ ଲେକେ ଦାବି କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଅଧିକାରୀ ଡା. କ୍ଷମାନିଧି ସେଠୀ କହିଛନ୍ତି, କୌଣସି କାରଣରୁ ପୁରୀରୁ ଟିକା ଆସିବା ବିଳମ୍ବ ହୋଇଥିଲା। ନ ହେଲେ ପୂର୍ବରୁ ଠିକ ସମୟରେ ଟିକା ଆସିଯାଉଥିଲା।

### ଆକ୍ରମଣରେ ୨ ଗୁରୁତର

ପୁରୀ ଅଫିସ, ୨୧।୪: ମଦ୍ୟପାନକୁ ବିରୋଧ କରିବାରୁ ପୁରୀ ଟାଉନ ଥାନା ଅନ୍ତର୍ଗତ ମୋଚିସାହି ଛକ ନିକଟରେ ବୁଧବାର ଜଣେ ଚା' ଦୋକାନୀ ଓ ତାଙ୍କ ପରିବାର ଉପରେ ଆକ୍ରମଣ ହୋଇଛି। ଆକ୍ରମଣରେ ମଙ୍ଗୁଲି ଦୋରା ଓ ତାଙ୍କ ମା' ଉର୍ମିଳା ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ଲାଗି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ

**ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ**

ପୁରୀ ଅଫିସ, ୨୧।୪

ପବିତ୍ର ରାମନବମୀରେ ବୁଧବାର ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ ହୋଇଛି। ଏଥିସହ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସାହିଯାତ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ଭୋର ୫ଟା ୪୫ରେ ଦ୍ୱାର ଫିଟାଯାଇ ଭିତରଶୋଧ, ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ ସହ ବିଭିନ୍ନ ନୀତି ବଢି ଅପରାହ୍ନ ୨.୪୦ରେ ଯାତ୍ରାଙ୍ଗୀ ମହାସ୍ନାନ ସହ ମହାପ୍ରଭୁଙ୍କ ଘଣ୍ଟଛତାଳ ସର୍ବାଙ୍ଗ ସମ୍ପନ୍ନ କରାଯାଇଥିଲା। ମହାପ୍ରଭୁଙ୍କୁ ଛ'ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ବେଶ କରାଯାଇଥିଲା। ମଧ୍ୟାହ୍ନ ଧୂପ ଓ ଧୋ ପଖାଳ ପରେ ଶ୍ରୀରାମ ଜନ୍ମ ନୀତି ଆରମ୍ଭ ହୋଇଥିଲା। ଏହା ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟ ବିଜୟ ଦ୍ୱାର ବନ୍ଦ ରହିଥିଲା। ପୂଜାପଣ୍ଡା ସାମନ୍ତ ପଞ୍ଚମୁରୁଜରେ ଜନ୍ମମଣ୍ଡଳ କାଟିଥିଲେ। ବରୁଣ ପୂଜା, ଦକ୍ଷିଣ ଘର ଭୋଗ ପରେ ରାମଚନ୍ଦ୍ର ପ୍ରତିମାଙ୍କୁ ମହାଜନ ସେବକ ରତ୍ନ ସିଂହାସନକୁ ବିଜେ କରାଇଥିଲେ। ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗି କରିବା ପରେ ପ୍ରସାଦ ଉଲାଗି ହୋଇ ରାମଚନ୍ଦ୍ରଙ୍କୁ


ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ କରି କାଳିକାଦେବୀ ସାହିରୁ ଆସିଥିବା ବେଶଧାରୀମାନେ।

ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ରାମଚନ୍ଦ୍ରଙ୍କ ପ୍ରତିମାକୁ ଜନ୍ମମଣ୍ଡଳ ଉପରେ ବିଜେ କରାଯାଇଥିଲା। ମହାଜନ ସେବାୟତଙ୍କ ମଧ୍ୟରୁ ଜଣେ ଦଶରଥ ଓ ଜଣେ କୌଶଲ୍ୟା ଭାବେ ଖଣ୍ଡୁଆ ଘୋଡ଼ାଇ ହୋଇ ଜନ୍ମବିଧି ନୀତି ସମ୍ପନ୍ନ କରିଥିଲେ। କର୍ପୂର ଆଳତି ବନ୍ଦାପନା ନୀତି ସମ୍ପାଦନ ପରେ ମହାସୁଆର ସେବକ ଠାକୁରଙ୍କୁ ଗଣ୍ଡୁଷ ମସଲା ଓ କ୍ଷୀର ମଣୋହି କରାଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ଜନ୍ମବିଧି, ଶୀତଳ ଭୋଗ ମଣୋହି ନୀତି କରିଥିଲେ। ମହାସୁଆର ସେବାୟତ ଚରୁଭାତ ମଣୋହି କରିବା ପରେ ଠାକୁର ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ। ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ସହ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସମରକଳା ନୃତ୍ୟ ସାହିଯାତ ଆରମ୍ଭ ହୋଇଛି। ଦକ୍ଷିଣକାଳୀ ଷ୍ଟେଟ୍ କାଳିକା ଦେବୀ ସାହି ପକ୍ଷରୁ ପ୍ରଥମ ଦିନ ସାହିଯାତ ନୀତି ଆଗତ କରାଯାଇଛି। ଶ୍ରୀରାମଙ୍କ ଭୂମିକାରେ ରାଜ କୁମାର ପ୍ରତିହାରୀ, ଲକ୍ଷ୍ମଣ ଚରିତ୍ରରେ ରାହୁଲ ଲାଲ, ଭରତ ଭାବେ ନରେନ୍ଦ୍ର ଲାଲ, ଶତ୍ରୁଘ୍ନ ଚରିତ୍ରରେ ସୌମ୍ୟରଞ୍ଜନ ବାରିକ ଏବଂ ଋଷିଶୃଙ୍ଗ ଭୂମିକାରେ ମାନସ ଦାଶ ନୀତି ସମ୍ପାଦନ କରିଥିଲେ। ସମସ୍ତେ ସାହିର ଆଖଡ଼ା ନିକଟରୁ ବାହାରି ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ଶ୍ରୀମନ୍ଦିର ଭିତରେ ନୀତି ସମ୍ପାଦନ ପରେ ରାଜନଅର ଯାଇ ଗଜପତି ମହାରାଜଙ୍କୁ ଭେଟିଥିଲେ। ଶେଷରେ ମା' ଦକ୍ଷିଣକାଳୀଙ୍କ ମନ୍ଦିର ଯାଇ ଦର୍ଶନ କରିଥିଲେ। ମା' ଦକ୍ଷିଣକାଳୀ ଷ୍ଟେଟ୍ ଏବଂ କାଳୀକା ଦେବୀ ସାହିର ସଭାପତି ଲକ୍ଷ୍ମୀକାନ୍ତ ରଥ, ସହସମ୍ପାଦକ ବିଶ୍ୱଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଧରିତ୍ରୀ ଦିବସ ଉପଲକ୍ଷେ ବୁଧବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ସଚେତନତାଧର୍ମୀ ବାଲୁକା କଳା।

# ସେବାୟତଙ୍କ ପାଇଁ ଖୋଲିଲା କୋଭିଡ୍ କେୟାର ସେଣ୍ଟର

**ରଥ କାର୍ଯ୍ୟରେ ନିୟୋଜିତ ସେବାୟତଙ୍କୁ ଟିକା ଦିଆଯିବ**

ପୁରୀ ଅଫିସ,୨୧।୪

ଶ୍ରୀମନ୍ଦିର ସେବାୟତଙ୍କ ପାଇଁ ପ୍ରଶାସନ ପକ୍ଷରୁ ନୀଳାଚଳ ଭକ୍ତନିବାସରେ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଛି। ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଏବଂ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କ ଉପସ୍ଥିତିରେ ଏହି ସେଣ୍ଟର ଉଦ୍‌ଘାଟିତ ହୋଇଛି। ଏଠାରେ ୪୦ଟି ଶଯ୍ୟା, ଅକ୍ସିଜେନ, ଆମ୍ବୁଲାନ୍ସ ଆଦି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ରହିଛି। ଜରୁରିକାଳୀନ ସ୍ଥିତିରେ ସ୍ୱାସ୍ଥ୍ୟସେବା ପାଇଁ ଏକ ଆମ୍ବୁଲାନ୍ସ ଓ ମୋବାଇଲ ୟୁନିଟକୁ ୨୪ ଘଣ୍ଟିଆ ଦାୟିତ୍ୱରେ ରଖାଯାଇଛି। ସେହିଭଳି ସେବାୟତଙ୍କ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ନିଯୋଗ ସହ ବୈଠକ କରି ମେ' ୧ରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ସେବାୟତମାନେ ଟିକାକରଣ ପ୍ରକ୍ରିୟାରେ ସାମିଲ ହେବାକୁ କୁହାଯାଇଛି। ରଥଯାତ୍ରା ଓ ରଥକାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଭୋଇସେବକ, ଦରଜି ଓ ଚିତ୍ରକାରଙ୍କ ସମେତ ସମସ୍ତ ସେବାୟତଙ୍କୁ ଟିକା ଦିଆଯିବ। ସେବାୟତ ପରିବାରବର୍ଗଙ୍କର ମଧ୍ୟ କୋଭିଡ୍ ଟେଷ୍ଟ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ଏନେଇ ସଚେତନ କରାଇବ। ଏବେ ସୁଦ୍ଧା କୁମ୍ଭମେଳାରୁ ଫେରିଥିବା ୩୨ ସେବାୟତଙ୍କ ମଧ୍ୟରୁ ଜଣେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେବାୟତମାନଙ୍କୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହେଉଥିବା ହୋମିଓପାଥିକ୍ ଓ ଆୟୁର୍ବେଦିକ ଔଷଧ ବଣ୍ଟନ କରାଯିବ। ହୋମିଓପାଥିକ ଔଷଧ ବଣ୍ଟନର ଏକ କ୍ୟାମ୍ପ ସରିଛି। ଆସନ୍ତା ଜୁନ୍‌ରେ ଆୟୁର୍ବେଦ ଔଷଧ ବଣ୍ଟନ କ୍ୟାମ୍ପ ହେବ। କେଉଁ କେଉଁ ସେବାୟତଙ୍କର ଟେଷ୍ଟ ଓ ଭ୍ୟାକ୍ସିନେଶନ୍ ସରିଛି, କେଉଁମାନେ ଏଯାବତ୍ ଟେଷ୍ଟ କିମ୍ବା ଭ୍ୟାକ୍ସିନେଶନ୍ କରାଇନାହାନ୍ତି ତାହା ଜାଣିବା ଲାଗି ସେବାୟତ ନିଯୋଗ ସହ ଆଲୋଚନା କରାଯିବ। ଏହାପରେ ସମ୍ପୃକ୍ତ ସେବାୟତମାନଙ୍କୁ ଚିହ୍ନଟ କରି ଟିକାକରଣ ଓ ଟେଷ୍ଟ କରାଯିବ। ଏଥିପାଇଁ ୭ଜଣିଆ ସେବାୟତ କମିଟି ଗଠନ ହୋଇଛି। ଓଡ଼ିଶାର ବିଭିନ୍ନ ଜିଲାରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀମନ୍ଦିରରେ କଟକଣା ବଢ଼ାଇବା ନେଇ ମଧ୍ୟ ପ୍ରସ୍ତାବ ଆସୁଛି। ଏ ସଂକ୍ରାନ୍ତରେ ଆସନ୍ତା ଶନିବାର ହେବାକୁ ଥିବା ବୈଠକରେ ଆଲୋଚନା ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି। ଏକ କୋଭିଡ୍ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଏହି ରଥ ବୁଲି ବୁଲି ଲୋକଙ୍କୁ ସଚେତନ କରାଇବ ବୋଲି ସୂଚନା ଦିଆଯାଇଛି। ଶ୍ରୀମନ୍ଦିର କୋଭିଡ୍ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଉଭୟ ପକ୍ଷରୁ ୨ ମାମଲା ରୁଜୁ

**ପିଡିଏସ୍ ଚାଉଳକୁ ନେଇ ଉତ୍ତେଜନା ଘଟଣା**

ପିପିଲି,୨୧।୪ (ସ୍ୱ.ପ୍ର.)

ପିପିଲି ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଟିଗିରିଆ ଗ୍ରାମରେ ପିଡିଏସ୍ ଚାଉଳକୁ ନେଇ ଉତ୍ତେଜନା ଘଟଣାରେ ବୁଧବାର ଉଭୟ ପକ୍ଷରୁ ୨ଟି ପୃଥକ ମାମଲା ରୁଜୁ ହୋଇଛି। ନୂତନ ଏସ୍‌ଏଚ୍‌ଜି ମାଧ୍ୟମରେ ଚାଉଳ ବଣ୍ଟାକୁ କେନ୍ଦ୍ରକରି ବିବାଦ ଘଟିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମକୁ ପିଡିଏସ୍ ଚାଉଳ ବୋଝେଇ ଗାଡ଼ି ଆସିଥିବା ବେଳେ ଏହାକୁ ବେଆଇନ ଦର୍ଶାଇ ଏକ ମହିଳା ଗୋଷ୍ଠୀ ଅଟକାଇ ଥିଲେ। ଫଳରେ କଥା କଟାକଟି ହୋଇ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। କୌଶଲ୍ୟାଗଙ୍ଗ ଫାଣ୍ଡି ପୋଲିସ ପହଞ୍ଚି ଉକ୍ତ ଚାଉଳ ଗାଡ଼ିକୁ ଉଦ୍ଧାର କରିଥିଲା। ପରେ ବିଡିଓ ରଶ୍ମିତା ନାଥଙ୍କ ଅନୁମତି କ୍ରମେ କଣ୍ଟ୍ରାକ୍ଟର ଚାଉଳ ଗାଡିକୁ ଫେରାଇ ନେଇଥିଲେ। ଏନେଇ ପିପିଲି ଥାନାରେ ଉଭୟ ମହିଳା ଗୋଷ୍ଠୀ ପକ୍ଷରୁ ପୃଥକ ଏତଲା ଦିଆଯାଇଛି। କେସ ନଂ. ୧୯୯/୨୧ ଓ ୨୦୦/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଚାଉଳ ଡିଲରଶିପ ପାଇଁ ୫ ଏସ୍‌ଏଚଜି ଆବେଦନ କରିଥିଲେ। କିନ୍ତୁ ଏବେ ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ନୂତନ ଗୋଷ୍ଠୀ ଚାଉଳ ବାଣ୍ଟିପାରିବେ ନାହିଁ ବୋଲି ଏକ ବୈଠକରେ ବିଡିଓ କହିଥିଲେ। କିନ୍ତୁ ସେହି ଦିନ ରାତିରେ ଏକ ନିର୍ଦ୍ଦିଷ୍ଟ ଦଳର ମହାବୀର ମହିଳା ଗୋଷ୍ଠୀଙ୍କୁ ଚାଉଳ ବାଣ୍ଟିବା ଅନୁମତି ଦିଆଯାଇଥିଲା ବୋଲି ସରପଞ୍ଚ ଶୁଭାଶିଷ ରଥ ଅଭିଯୋଗ କରିଛନ୍ତି। ଏ ନେଇ ତାଙ୍କ ସମେତ ମହିଳା ଗୋଷ୍ଠୀ ପକ୍ଷରୁ ଜିଲାପାଳ ଏବଂ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ଚାଉଳ ବାଣ୍ଟିବାକୁ ବିରୋଧ କରିବାରୁ ଆକ୍ରମଣ ସହ ଜାତିଆଣ ଆକ୍ଷେପ କରାଯାଇଥିବା ରୀନା ବେହେରା ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ମହାବୀର ମହିଳା ଗୋଷ୍ଠୀକୁ ଡିଲରଶିପ ସ୍ୱୀକୃତି ଦିଆଯାଇଥିଲା। ରାତିରେ ଚାଉଳ ଗାଡ଼ିକୁ ଅଟକାଇ ଆକ୍ରମଣ କରାଯାଇଥିବା ସମ୍ପାଦିକା ରଶ୍ମିତା ବିଶ୍ୱାଳ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ତେବେ ବିଡିଓ ରଶ୍ମିତା ନାଥ ନିଜେ ଏହାର ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଭେଣ୍ଡିଂ ଜୋନ୍ ହଟିବ, ବ୍ୟାରିକେଡ୍ ଲାଗିବ

ପୁରୀ ଅଫିସ, ୨୧।୪

- ସ୍ୱର୍ଗଦ୍ୱାର ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପୂର୍ତ୍ତ ସଚିବ
- ୧୦ ଦିନ ଭିତରେ କାମ ସରିବ କହିଲେ ଜିଲାପାଳ

ସ୍ୱର୍ଗଦ୍ୱାର ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ବୁଧବାର ପୂର୍ତ୍ତ ବିଭାଗ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଏହି ସମୀକ୍ଷା କରିଛନ୍ତି। ଆସନ୍ତା ୭ରୁ ୧୦ ଦିନ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ବିଦ୍ୟୁତୀକରଣ, ଶବଦାହ ପିଣ୍ଡି, ପାନୀୟଜଳ, ଲକର ଓ ଶୌଚାଳୟ ବ୍ୟବସ୍ଥାର ସମୀକ୍ଷା ହୋଇଛି। ଦିନେ ଦୁଇଦିନ ଭିତରେ ଏସବୁ କାର୍ଯ୍ୟର ଡ୍ରାଏ ରନ୍ କରାଯିବ। ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଠିକ୍ ଥିବା ନିଶ୍ଚିତ ହେବା ପରେ ଏହାକୁ ଲୋକଙ୍କ ବ୍ୟବହାର ପାଇଁ କାର୍ଯ୍ୟକାରୀ କରାଯିବ। ବେଳାଭୂମି ସମ୍ମୁଖ ରାସ୍ତା ସ୍ୱର୍ଗଦ୍ୱାର


ପୂର୍ତ୍ତ ସଚିବ ଏବଂ ପୁରୀ ଜିଲାପାଳ ସ୍ୱର୍ଗଦ୍ୱାର ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

ଯୋଗୁ ଅଣଓସାରିଆ ହୋଇ ପଡୁଥିବାରୁ ଏଠାରେ ଟ୍ରାଫିକ୍ ବ୍ୟବସ୍ଥାକୁ ସରଳ କରାଯିବ ବୋଲି ଜିଲାପାଳ କହିଛନ୍ତି। ସ୍ୱର୍ଗଦ୍ୱାର ଉଭୟ ପାର୍ଶ୍ୱରେ ପ୍ଲାଣ୍ଟର ବକ୍ସ ନିର୍ମାଣ ସହ ଦକ୍ଷିଣ-ପଶ୍ଚିମ ଭାଗରେ ଥିବା ଟ୍ରାନ୍ସଫର୍ମରକୁ ହଟାଇବା ପାଇଁ ପୂର୍ତ୍ତ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱର୍ଗଦ୍ୱାର ପଶ୍ଚିମ ପାର୍ଶ୍ୱ କାନ୍ଥକୁ ମରାମତି କରାଯିବ। ଉତ୍ତର ପାର୍ଶ୍ୱରେ ବ୍ୟାରିକେଡ୍ ହେବ। ପାହାଚ ନିର୍ମାଣ ସହ ଶବଦାହ ପ୍ରକ୍ରିୟାର ସରଳୀକରଣ ପାଇଁ ର୍ୟାମ୍ପ କରାଯିବ। ପୂର୍ବ ପାର୍ଶ୍ୱ ଅନ୍ଧାରୁଆ ରହୁଥିବାରୁ ଅତିରିକ୍ତ ଆଲୋକ ବ୍ୟବସ୍ଥା କରାଯିବ। ସ୍ୱର୍ଗଦ୍ୱାରରୁ ଅପରପାର୍ଶ୍ୱ ଫୁଟପାଥ୍ ପର୍ଯ୍ୟନ୍ତ ଏକ ଟେବୁଲ ଟପ୍‌ରୋଡ୍ କ୍ରସିଂ ବ୍ୟବସ୍ଥା ରହିବ। ଯାତ୍ରୀଙ୍କ ଉଦ୍ଦେଶ୍ୟରେ ବେଳାଭୂମି ରାସ୍ତାରେ ଅଧିକ ସାଙ୍କେତିକ ବୋର୍ଡ ଲଗାଯିବ। ନୂଆ ସ୍ୱର୍ଗଦ୍ୱାର ସମ୍ମୁଖ ଭେଣ୍ଡିଂ ଜୋନ୍‌କୁ ହଟାଯିବ। ଲାଇଟ ପୋଲ୍ ପେଣ୍ଟିଂ କରାଯିବା ସହ ଅତିରିକ୍ତ ଆଲୋକ ବ୍ୟବସ୍ଥା ହେବ। ସ୍ୱର୍ଗଦ୍ୱାର ସାମ୍ନାକୁ ନୋ ପାର୍କିଂ ଜୋନ୍‌ରେ ପରିଣତ କରାଯିବାକୁ ନିଷ୍ପତ୍ତି ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଏସବୁ କାମ ସାରିବାକୁ ପୂର୍ତ୍ତ ସଚିବ ନିର୍ଦ୍ଦେଶ ଦେଇଛନ୍ତି।


ପୁରୀ ସହରସ୍ଥ ରାମ ମନ୍ଦିରରେ ବୁଧବାର ଠାକୁରଙ୍କୁ ଫୁଲରେ ସଜାଯାଇଛି।

# ଆମ୍ବୁଲାନ୍ସ ଧକ୍କାରେ ବ୍ୟବସାୟୀଙ୍କ ମୃତ୍ୟୁ

ନିମାପଡ଼ା,୨୧।୪(ଡି.ଏନ୍.ଏ.)

- ଗାଡ଼ି ଜବତ, ଡ୍ରାଇଭର ଫେରାର
- କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ନିମାପଡ଼ା ଥାନା ଅଧୀନ ବାମନାଳ ମେଡିକାଲ ଛକରେ ବୁଧବାର ସକାଳେ ଏକ ୧୦୮ ଆମ୍ବୁଲାନ୍ସ ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ସାନ ଆଳୋଇ ଗ୍ରାମର ଦେବେନ୍ଦ୍ର ମହାନ୍ତି(୬୦)। ଦୁର୍ଘଟଣା ପରେ ଗାଡ଼ି ଛାଡ଼ି ଆମ୍ବୁଲାନ୍ସ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ଶତାଧିକ ସ୍ଥାନୀୟ ଲୋକେ ମୃତବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ, ଆମ୍ବୁଲାନ୍ସ ଚାଳକଙ୍କୁ ତୁରନ୍ତ ଗିରଫ କରିବା ସହ ତାଙ୍କୁ ଚାକିରିରୁ ବହିଷ୍କାର କରିବା ଦାବିରେ ବାମନାଳ ମେଡିକାଲ ଛକରେ ରାସ୍ତାରୋକୋ କରିଥିଲେ। ଖବରପାଇ ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରାଜସ୍ୱ ବିଭାଗ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ଶବଦାହ ପାଇଁ ୧୦ହଜାର ଟଙ୍କା ଦିଆଯିବା ପରେ ରାସ୍ତାରୁ ହଟିଥିଲେ। ପରେ ପୋଲିସ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ(ନଂ.ଓଡି ୦୨ ବିଏନ୍ ୫୩୩୮)କୁ ଜବତ କରିଛି। ସୂଚନାଯୋଗ୍ୟ, ଦେବେନ୍ଦ୍ର ସକାଳେ କୌଣସି କାରଣରୁ ବାମନାଳ ମେଡିକାଲ ଛକକୁ ଆସିଥିଲେ। ବଡ଼ନିମଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଏକ ୧୦୮ ଆମ୍ବୁଲାନ୍ସ ନିମାପଡ଼ା ଆଡ଼କୁ ଦ୍ରୁତ ଗତିରେ ଆସୁଥିବାବେଳେ ପଛପଟୁ ଦେବେନ୍ଦ୍ରଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ଅନ୍ୟ ଏକ ଆମ୍ବୁଲାନ୍ସରେ ଗୁରୁତର ଅବସ୍ଥାରେ ଦେବେନ୍ଦ୍ରଙ୍କୁ ନିମାପଡ଼ା ମେଡିକାଲକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପରିବାର ଲୋକେ ଓ ପୋଲିସ ଆସି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏ ସମ୍ପର୍କରେ ମୃତ ଦେବେନ୍ଦ୍ରଙ୍କ ପୁତୁରା କାଳୁଚରଣ ମହାନ୍ତି ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ.୧୪୫/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି।


## e-RFP

### Office of the D.G. & I.G. of Police, Odisha, Cuttack

No.D-10:-

1. e-RFP are invited from reputed bidders in respect of the "e-RFP" (Request for Proposal) for Selection of System Implementation Partner (SIP) for conducting Computer Based Recruitment Examinations (CBRE) & Practical Skill Test (Computer) for recruitment of Junior Clerks in DPO Cadre of Odisha Police during the current financial year, 2021-22.

**The details schedule of the e-RFP is as follows:-**

| | |
|---|---|
| Date of Publication of RFP in the Website of MSTC | 22.4.2021, 10.00 hrs. |
| Last date & time to accept pre-bid queries through email (aighdqrs@gmail.com) | 28.4.2021, 17.00 hrs. |
| *Virtual / Pre-bid Meeting (is to be communicated to interested bidders) | 3.5.2021, 11.00 hrs. |
| Publication of corrigendum to RFP (if any) in the website of Odisha Police | 7.5.2021 |
| Last date & time of submission of bid on MSTC | 13.5.2021, 17.00 hrs. |
| Date of opening of general & technical bid | 13.5.2021, 17.30 hrs. |
| Technical presentation by the bidders | 19.5.2021, 11.00 hrs. |
| Date of opening of commercial/ financial bid | 22.5.2021 |
| Venue | State Police Headquarters, Cuttack, Buxi Bazar, Odisha |
| Earnest Money Deposit (EMD) (Refundable) | There shall be no provision for earnest money deposit. However, the bidder will have to execute the bid security declaration in lieu of bid security with stipulation that if they withdraw, remodify their bills during the period of validity, they will be suspended for 2 years. |

The details of the e-RFP may be seen from the website of MSTC Limited (www.mstcecommerce.com/eproc and Odisha Police website.
Interested bidders are requested to register on above MSTC Portal www.mstcecommerce.com/eproc for details of e-RFP and participation.
Any change to the above schedule shall be notified on the MSTC website i.e. (www.mstcecommerce.com/eproc.

**Sd./- A.I.G. of Police (Prov.), Odisha, Cuttack**
OIPR-12018/11/0001/2122 **Tender Calling Authority**

## Office of the District Manager
## Odisha State Civil Supplies Corporation Ltd., Nayagarh

**Phone: 06753-253942, District Website: www.nayagarh.nic.in**
Tender No.: 1763 Dt.19.04.21

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of Level-1 Transport Contractor for transportation of foodgrains from FSD, FCI to RRCs |
| 2 | Availability of bid document in the portal | From 22.04.2021 |
| 3 | Last date/ time for receipt of bids in the portal | 03.05.2021 upto 01.00 P.M. |
| 4 | Date / time of opening of technical bid | 06.05.2021 at 11.00 A.M. |
| 5 | Date/ time of opening of financial bid | 10.05.2021 at 11.00 A.M. |
| 6 | Name and address of the officer inviting tender | C.S.O.-cum-District Manager, O.S.C.S.C. Ltd., Nayagarh |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation / retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**